# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୩/୨୦୨୧ (୧୬ ପୃଷ୍ଠା) | Balasore, Friday, September 3/2021 | ★★★★

୪୭ଶ ଭାଗ ୨୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


## ଅଭିନେତା ସିଦ୍ଧାର୍ଥ ଶୁକ୍ଳାଙ୍କ ପରଲୋକ



ମୁମ୍ବାଇ, ୨।୯: ଲୋକପ୍ରିୟ ଟିଭି ଅଭିନେତା ତଥା ବିଗ୍ ବସ୍-୧୩ର ବିଜେତା ସିଦ୍ଧାର୍ଥ ଶୁକ୍ଳାଙ୍କ ଗୁରୁବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ମାତ୍ର ୪୦ ବର୍ଷ ହୋଇଥିଲା। ସକାଳେ ନିଦରୁ ନ ଉଠିବାରୁ ତାଙ୍କୁ ଅଚେତ ଅବସ୍ଥାରେ ମୁମ୍ବାଇର କପର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସକାଳ ପ୍ରାୟ ସାଢ଼େ ୧୦ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାକୁ ଅଣାଯିବା ବେଳକୁ ସିଦ୍ଧାର୍ଥଙ୍କ ମୃତ୍ୟୁ ଘଟିସାରିଥିଲା ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ତାଙ୍କ ଶରୀରରେ କୌଣସି କ୍ଷତଚିହ୍ନ ନ ଥିବା ମୁମ୍ବାଇ ପୋଲିସ ସ୍ପଷ୍ଟ କରିଛି। ବୁଧବାର ରାତିରେ ଶୋଇବା ପୂର୍ବରୁ ସେ କିଛି ମେଡିସିନ୍ ଖାଇଥିଲେ ବୋଲି କୁହାଯାଉଛି। ତେବେ ସେ କୌଣସି ମାନସିକ ଚାପଗ୍ରସ୍ତ ନ ଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ତାଙ୍କର ୨ ଭଉଣୀ ଓ ମା' ରହିଛନ୍ତି। ପୋଷ୍ଟ ମର୍ଟମ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ଶୁକ୍ରବାର ତାଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାଯାଇଛି। ଫିଟ୍‌ନେସ୍‌କୁ ସବୁବେଳେ ଗୁରୁତ୍ୱ ଦେଉଥିବା ସିଦ୍ଧାର୍ଥଙ୍କ ଏତେ କମ୍ ବୟସରେ ଆକସ୍ମିକ ଦେହାନ୍ତ ବଲିଉଡ୍ ସମେତ ତାଙ୍କର ସମସ୍ତ ଫ୍ୟାନ୍‌ଙ୍କୁ ସ୍ତବ୍ଧ କରିଦେଇଛି। ତାଙ୍କ ମୃତ୍ୟୁରେ ବଲିଉଡ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ଆଇସିସି ଓ ପରିବେଶଗତ ଅପରାଧ

# ପ୍ରତାପଙ୍କୁ ବହିଷ୍କାର କରାଯାଉ

*ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଗୁରୁବାର ବିଧାନସଭା ଅଧିବେଶନ ଧୋଇ ହୋଇଯାଇଛି। ଭାଜପା ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଅଭିଯୋଗ ଆଣି ତାଙ୍କ ବହିଷ୍କାର ଦାବି କରିଥିବାବେଳେ କଂଗ୍ରେସ ମରୁଡ଼ି ଏବଂ ଚାଷୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଠାରୁ କୈଫିୟତ ତଲବ କରିଥିଲା। ଉଭୟେ ଗୃହକୁ ଏକ ପ୍ରକାର ଅଚଳ କରିଦେଇଥିଲେ। ଫଳରେ ବାଚସ୍ପତି ଶୁକ୍ରବାର ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଛନ୍ତି।*

**ମାହାଙ୍ଗା ଡବଲ ମର୍ଡର ଘଟଣାକୁ ନେଇ ଗୃହ ହୁଲ୍‌ସ୍ଥୁଲ୍**



ବିଧାନସଭାରେ ଭାଜପା ଓ କଂଗ୍ରେସ ସଦସ୍ୟମାନଙ୍କ ପକ୍ଷରୁ ଗୁରୁବାର ହୋହଲ୍ଲା କରାଯାଉଛି।

ଭୁବନେଶ୍ୱର,୨।୯(ବ୍ୟୁରୋ)

କଟକ ଜିଲା ମାହାଙ୍ଗା ଡବଲ୍ ମର୍ଡର ଘଟଣାକୁ ନେଇ ବିଧାନସଭା ହୁଲ୍‌ସ୍ଥୁଲ୍। ଆଇନ୍ ମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଦାବି କରି ଭାଜପା ସଦସ୍ୟମାନେ ଗୁରୁବାର ବିଧାନସଭାକୁ ଅଚଳ କରି ଦେଇଛନ୍ତି। ମାହାଙ୍ଗାର ଭାଜପା ନେତା କୁଳମଣି ବରାଳ ଏବଂ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳ ହତ୍ୟା ଘଟଣାରେ ପ୍ରତାପଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ରୁଜୁ କରିଥିବା ମାମଲାରେ ମନ୍ତ୍ରୀ ଜେନାଙ୍କ ନାମ ଅଭିଯୁକ୍ତ ତାଲିକାର ୧୩ନମ୍ବରରେ ରହିଥିଲା। ମାତ୍ର ପରେ ତାଙ୍କ ନାମକୁ ଚାର୍ଜଶିଟରୁ ହଟାଇ ଦିଆଯାଇଥିଲା। ଏହାକୁ ବିରୋଧ କରି ମୃତ କୁଳମଣିଙ୍କ ପୁଅ ରମାକାନ୍ତ ହତ୍ୟାକାଣ୍ଡରେ ମନ୍ତ୍ରୀ ପ୍ରତାପଙ୍କ ସମ୍ପୃକ୍ତି ଥିବା ଓ ତାଙ୍କ ବିରୋଧରେ ସାନି ତଦନ୍ତ କରିବାକୁ ସାଲେପୁର ଜେଏମ୍ଏଫ୍‌ସି କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଖଲ କରିଥିଲେ। ଏହାର ଶୁଣାଣିକରିଅଗଷ୍ଟ ୨୬ତାରିଖରେଜେଏମ୍ଏଫ୍‌ସି ଜେନାଙ୍କ ବିରୋଧରେ ସାନି ତଦନ୍ତ କରାଯାଇ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ମାହାଙ୍ଗା ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ତଦନ୍ତ ଜାରି ରହିଛି। କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ

- ବିରୋଧୀଙ୍କ ହଟ୍ଟଗୋଳ
- ଗୃହ ମୁଲତବୀ
- ଫେଲ୍ ମାରିଲା ସର୍ବଦଳୀୟ ବୈଠକ

ମାହାଙ୍ଗା ଡବଲ ମର୍ଡର ଘଟଣା ପୁଣି ସରଗରମ ହୋଇଛି। ବିଧାନସଭାରେ ଓ ବାହାରେ ଏହାକୁ ପ୍ରସଙ୍ଗ କରି ଭାଜପା ଆଇନ ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଛି। ଅନ୍ୟପକ୍ଷରେ ମରୁଡ଼ି ଏବଂ ଚାଷୀ ପ୍ରସଙ୍ଗରେ କଂଗ୍ରେସ ସରକାରଙ୍କଠାରୁ କୈଫିୟତ ତଲବ କରି ହଟ୍ଟଗୋଳ କରିଛନ୍ତି। ଉଭୟ ଦଳର ସଦସ୍ୟମାନେ ଗୁରୁବାର ନିଜ ନିଜର ଦାବି ନେଇ ବିଧାନସଭାର ମଧ୍ୟଭାଗରେ ପ୍ରବଳ ହଟ୍ଟଗୋଳ କରିବାରୁ ଗୃହ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନାହିଁ। କଂଗ୍ରେସ ସଦସ୍ୟମାନେ ଅପରାହ୍ନରେ ଶାନ୍ତ ପଡ଼ିଯାଇଥିବାବେଳେ ଭାଜପା ସଦସ୍ୟମାନେ ଆଇନ ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଦିନ ତମାମ ଗୃହରେ ହଙ୍ଗାମା କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କେବଳ ୩ଟି ବିଲ୍ ପାରିତ କରିବା ପରେ ବିଧାନସଭାକୁ ଶୁକ୍ରବାର ସକାଳ ୧୦ ଟା ଯାଏ ମୁଲତବୀ ଘୋଷଣା କରିଛନ୍ତି।

ଗୁରୁବାର ଗୃହକାର୍ଯ୍ୟ ୧୦ଟା ୩୦ ମିନିଟ୍‌ରେ ବାଚସ୍ପତି ପ୍ରଶ୍ନୋତ୍ତର ଆରମ୍ଭ କରିବା କ୍ଷଣି ଉଭୟ ଭାଜପା ଓ କଂଗ୍ରେସର ☞ପୃଷ୍ଠା-୪






# ମାନବବାଦ ସଙ୍ଗଠନ ମୁଖ୍ୟ ମାନସ, ପୁଅ ମନୋରଞ୍ଜନ ଗିରଫ

ଖୋର୍ଦ୍ଧା ଅଫିସ, ୨।୯

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଅଭିମାନପୁର ସତ୍ୟବ୍ରତ ନାୟକ ହତ୍ୟା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଆତ୍ମଘୋଷିତ ଗୁରୁଜୀ ତଥା ମାନସ ଦାସଙ୍କୁ ତାଙ୍କ ଭୁବନେଶ୍ୱର ଶହୀଦନଗରସ୍ଥିତ ବାସଭବନରୁ ପୋଲିସ ଗୁରୁବାର ଗିରଫ କରିଛି। ମାନସଙ୍କୁ ଗିରଫ କରିବାର କିଛି ସମୟ ପରେ ତାଙ୍କ ପୁଅ ମନୋରଞ୍ଜନଙ୍କୁ ମଧ୍ୟ ଗିରଫ କରାଯାଇଛି। ବେଗୁନିଆ ଥାନା କଢ଼ବ ଗ୍ରାମର ବାପପୁଅ ମାଗୁଣୀ ନାଏକ ଏବଂ ଆନନ୍ଦଙ୍କୁ ବନ୍ଦ କୋଠରିରେ ମାନବବାଦ ସଙ୍ଗଠନର କର୍ମକର୍ତ୍ତା ମାଡ଼ ମାରିବା ଘଟଣାରେ ମନୋରଞ୍ଜନଙ୍କୁ ପୋଲିସ ଗିରଫ କରିଛି। ଉଭୟ ମାନସ ଓ ମନୋରଞ୍ଜନଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଖୋର୍ଦ୍ଧା କୋର୍ଟରେ ହାଜର କରାଯାଇଛି। ମାନସଙ୍କ ବିରୋଧରେ ଅପହରଣ, ଆପରାଧିକ ଷଡ଼ଯନ୍ତ୍ର, ହତ୍ୟା, ହତ୍ୟା ଉଦ୍ୟମ, ପ୍ରମାଣ ନଷ୍ଟ ଏବଂ ଧମକ ଭଳି ଏକାଧିକ ମାମଲା ରହିଥିବା କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ସୂଚନା ଦେଇଛନ୍ତି।

ଅଗଷ୍ଟ ୨ତାରିଖରେ ଅଭିମାନପୁରର ସତ୍ୟବ୍ରତଙ୍କୁ ହତ୍ୟା କରାଯାଇଥିଲା। ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ତାଙ୍କ ମୃତଦେହକୁ ପୋଡ଼ି ଦିଆଯାଇଥିଲା। ମାନବବାଦ ସଙ୍ଗଠନ ମୁଖ୍ୟ ମାନସଙ୍କ ନିର୍ଦ୍ଦେଶରେ ଏହି ହତ୍ୟାକାଣ୍ଡ ଘଟିଥିବା ଅଗଷ୍ଟ ୩ରେ ସତ୍ୟବ୍ରତଙ୍କ ପୁତୁରା ବସନ୍ତ ନାୟକ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଆଇପିସି ଦଫା ୩୬୩, ୩୬୪, ୩୦୨, ☞ପୃଷ୍ଠା-୪

**ଏସ୍‌ପି ଅଫିସ ଘେରିଲେ ସମର୍ଥକ**

**ପୋଲିସ ଛାଉଣୀ, ସମର୍ଥକ ଓ ପୋଲିସ ମୁହାଁମୁହିଁ**



ମାନବବାଦ ସଂଗଠନ ମୁଖ୍ୟ ମାନସ ଦାସଙ୍କୁ ପୋଲିସ ଗିରଫ କରି ନେଉଛି।





ଯୋଗ୍ୟ ପଲିସୀଙ୍କ ପାଇଁ ଲେଟ୍ ଫୀରେ ରିହାତି*

| ମୋଟ ପ୍ରାପ୍ୟ ପ୍ରିମିଅମ | ଲେଟ୍ ଫୀ ରିହାତି % | ସର୍ବାଧିକ ରିହାତି ସୀମା |
|---|---|---|
| ₹1,00,000 ପର୍ଯ୍ୟନ୍ତ | 20% | ₹2,000 |
| ₹1,00,001 ରୁ ₹3,00,000 ପର୍ଯ୍ୟନ୍ତ | 25% | ₹2,500 |
| ₹3,00,001 ଓ ଅଧିକ | 30% | ₹3,000 |

*ଟର୍ମ ଆସ୍ୟୋରାନ୍ସ, ମଲ୍‌ଟିପଲ୍ ରିସ୍କ ପଲିସୀଜ୍ ଇତ୍ୟାଦି ପରି ଉଚ୍ଚ ଆପଦଯୁକ୍ତ ପ୍ଲାନ ପାଇଁ ପ୍ରଯୁଜ୍ୟ ନୁହେଁ ।
**ଫର୍ଷ୍ଟ ଅନ୍‌ପେଡ୍ ପ୍ରିମିଅମର ଦିନାଙ୍କ ଠାରୁ 5 ବର୍ଷ ଭିତରେ ପଲିସୀକୁ ସଚଳ କରିହୁଏ ।

ଅଧିକ ସୂଚନା ପାଇଁ ନିଜର ଏଜେଣ୍ଟ/ନିକଟତମ ଶାଖା ସହିତ ଯୋଗାଯୋଗ କରନ୍ତୁ କିମ୍ବା www.licindia.in ଦେଖନ୍ତୁ

ନିଜ ସହରର ନାମ SMS କରନ୍ତୁ 56767474କୁ | କଲ୍ ସେଣ୍ଟର ସେବା (022) 68276827 | ଡାଉନଲୋଡ୍ କରନ୍ତୁ ଏଲ୍ଆଇସି ମୋବାଇଲ୍ ଆପ୍ "MyLIC"

LIC India Forever | IRDAI Regn No.: 512

ଭ୍ରମାତ୍ମକ ଫୋନ୍ କଲ୍ ଏବଂ ମିଛ/ଠକାମିମୂଳକ ଅଫର୍‌ଗୁଡ଼ିକ ପ୍ରତି ସାବଧାନ:
ଆଇଆର୍‌ଡିଏଆଇ ବୀମା ପଲିସି ବିକ୍ରୟ କରିବା କିମ୍ବା ବୋନସ୍ ଘୋଷଣା କରିବା କିମ୍ବା ପ୍ରିମିୟମ୍ ନିବେଶ ଭଳି ଗତିବିଧିରେ ସଂଶ୍ଳିଷ୍ଟ ନୁହେଁ । ଏପରି ଫୋନ୍ କଲ୍ ପ୍ରାପ୍ତ କରୁଥିବା ଜନସାଧାରଣଙ୍କୁ ପୋଲିସରେ ଅଭିଯୋଗ ଦାଏର କରିବା ଲାଗି ଅନୁରୋଧ କରାଯାଉଛି । ଆଶଙ୍କାଗତ କାରକ, ନିୟମ ଓ ସର୍ତ୍ତାବଳୀ ସମ୍ପର୍କରେ ଅଧିକ ସୂଚନା ପାଇଁ, ଦୟାକରି ବିକ୍ରି ଚୂଡ଼ାନ୍ତ କରିବା ପୂର୍ବରୁ ସୂଚନା ପୁସ୍ତିକାକୁ ଧ୍ୟାନପୂର୍ବକ ପଢ଼ିନିଅନ୍ତୁ ।

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେସନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ଜିନ୍ଦଗି କେ ସାଥ ଭି । ଜିନ୍ଦଗି କେ ବାଦ ଭି ।

LIC / MUD / 2021 -22 / 25 / Ori


# ବିଦ୍ୟାଭାରତୀଙ୍କୁ ମାରାଥନ ଜେରା

**ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା**

କପ୍ତିପଦା,୨।୯(ଡି.ଏନ.ଏ)

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ଗୁରୁବାର କ୍ରାଇମ୍‌ବ୍ରାଞ୍ଚ ଟିମ୍ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡାଙ୍କୁ ମାରାଥନ ଜେରା କରିଛି। ଅପରାହ୍ନ ୧ଟା ୫୦ରେ ଡିଏସ୍‌ପି ଜ୍ଞାନରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ବିଦ୍ୟାଙ୍କ ବାପଘର ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅନ୍ତର୍ଗତ ଗୌଡ଼ଗାଁରେ ପହଞ୍ଚି ସାଢ଼େ ୬ ଘଣ୍ଟା ଧରି ଜେରା କରିଥିଲେ। ଡିଏସ୍‌ପି ମିଶ୍ରଙ୍କ ସହିତ କ୍ରାଇମ୍ ଏଗେନଷ୍ଟ ଓମେନ୍ ୱିଙ୍ଗର ଦୁଇ ମହିଳା ଅଧିକାରୀ ସ୍ୱତନ୍ତ୍ର ପ୍ରଶ୍ନବାଣରେ ବିଦ୍ୟାଙ୍କଠାରୁ ସତ ଓଗାଳିବାକୁ ଚେଷ୍ଟା କରିଥିଲେ। କ୍ରାଇମ୍‌ବ୍ରାଞ୍ଚ ଟିମ୍ ବିଦ୍ୟାଭାରତୀଙ୍କ ବୟାନ ରେକର୍ଡ କରିବା ସହ ତାଙ୍କ ମା' ଓ ବାପାଙ୍କୁ ମଧ୍ୟ ଜେରା କରିଥିଲା। ଜବତ ହୋଇଥିବା ଉଭୟଙ୍କ ମୋବାଇଲର କଲ ଡିଟେଲ୍ସ, ଫଟୋ, ଚାଟିଂ ଇତ୍ୟାଦି ଉପରେ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ଜବତ ଚିଠି, ଭାଇରାଲ୍ ଅଡିଓ, ☞ପୃଷ୍ଠା-୪



ତଦନ୍ତ ପାଇଁ ଆସିଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍।

**ଆଫଗାନ ସଙ୍କଟ ନେଇ ଇୟୁ ବୈଠକ**

ଆଫଗାନିସ୍ତାନରେ ଭବିଷ୍ୟତରେ ଉପୁଜିବାକୁ ଥିବା ସଙ୍କଟ ଓ ଏହାର ସମାଧାନ ପାଇଁ ଗୁରୁବାର ୨୭ ସଦସ୍ୟ ବିଶିଷ୍ଟ ୟୁରୋପୀୟ ସଂଘ (ଇୟୁ)ର ଅଧିକାରୀମାନେ ଆଲୋଚନା କରିଛନ୍ତି। ୟୁରୋପୀୟ ଦେଶଗୁଡ଼ିକର ପ୍ରତିରକ୍ଷା ଓ ବହିର୍ବ୍ୟାପାର ମନ୍ତ୍ରୀଙ୍କ ସମେତ ନର୍ଥ ଆଣ୍ଟଲାଟିକ୍ ଟ୍ରିଟି ଅର୍ଗାନାଇଜେଶନ(ନାଟୋ) ଏବଂ ଜାତିସଂଘ ଅଧିକାରୀମାନେ ସ୍ଲୋଭାନିଆରେ ଏକତ୍ର ହୋଇ ଏ ବିଷୟରେ ଚର୍ଚ୍ଚା କରିଛନ୍ତି।

## ସଂକ୍ଷେପରେ

### ଟିକା ପ୍ରତିରୋଧୀ ନୂଆ ଭାରିଆଣ୍ଟ ମ୍ୟୁ



**ଜେନେଭା, ୨।୯:** କରୋନା ଭୂତାଣୁର ଆଉ ଏକ ନୂଆ ଭାରିଆଣ୍ଟ 'ମ୍ୟୁ' ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁଧାନ କରୁଛି। ଗତ ଜାନୁୟାରୀରେ ପ୍ରଥମେ ଏହି ଭାରିଆଣ୍ଟ କଲମ୍ବିଆରେ ଚିହ୍ନଟ ହୋଇଥିଲା। ଏବେ ଦକ୍ଷିଣ ଆମେରିକା ଏବଂ ୟୁରୋପରେ କେତେକ ଦେଶରେ ଏହି ଭାରିଆଣ୍ଟ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଟିକା ପ୍ରତିରୋଧୀ କୁହାଯାଉଥିବା ଏହି ଭାରିଆଣ୍ଟକୁ ଡବ୍ଲ୍ୟୁଏଚ୍‌ଓ ଭାରିଆଣ୍ଟ ଅଫ୍ ଇଣ୍ଟେରେଷ୍ଟ (ଭିଓଆଇ) ବର୍ଗରେ ରଖିଛି। ଏହାର ବୈଜ୍ଞାନିକ ନାମ ବି.୧.୬୨୧। ମ୍ୟୁ ଭାରିଆଣ୍ଟ ଉପରେ ଅଧିକ ଅନୁଧାନର ଆବଶ୍ୟକତା ରହିଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ବିଶ୍ୱରେ ପୁଣିଥରେ ସଂକ୍ରମଣ ଉପରମୁହାଁ ହୋଇଥିବାରୁ କରୋନା ଭୂତାଣୁର ନୂଆ ରୂପ ଅଧିକ ସଂକ୍ରାମକ ହୋଇଥିବା କୁହାଯାଉଛି। ଟିକା ନେଇ ନ ଥିବା ଏବଂ କୋଭିଡ୍ କଟକଣା କୋହଳ କରାଯାଇଥିବା ଅଞ୍ଚଳରେ ଡେଲ୍ଟା ଭାରିଆଣ୍ଟ ଅଧିକ ସଂକ୍ରମିତ ହେଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି।

### ବିବାହ ଭୋଜି ଖାଇ ୧୩୦ ଅସୁସ୍ଥ

**ଜୟପୁର, ୨।୯:** ରାଜସ୍ଥାନର ଚୁରୁ ଜିଲା ଅନ୍ତର୍ଗତ ସର୍ଦାରସହର ଅଞ୍ଚଳରେ ବୁଧବାର ରାତିରେ ଅନୁଷ୍ଠିତ ଏକ ବିବାହ ଉତ୍ସବରେ ଭୋଜି ଖାଇ ୧୩୦ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ଏକ ଯୌଥ ପରିବାରରେ ୪ ଜଣଙ୍କର ବିବାହ ଅନୁଷ୍ଠିତ ହେଉଥିବାବେଳେ ଲାଡନୁନ୍, ଯୋଧପୁର ଏବଂ ବିଦାସରରୁ ବରଯାତ୍ରୀ ଆସିଥିଲେ। ଭୋଜି ଖାଇବା ପରେ ଶତାଧିକ ସର୍ଦାର ସହର ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ସୁସ୍ଥ ହୋଇ ଫେରିଛନ୍ତି।

### ୟେମେନ୍ ସଂଘର୍ଷରେ ୨୮ ନିହତ

**ସନା, ୨।୯:** ୟେମେନ୍‌ର ମାରିବ୍ ପ୍ରଦେଶରେ ସୁରକ୍ଷାବଳ ଏବଂ ହାଇତି ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଘଟି ଗତ ୨୪ ଘଣ୍ଟାରେ ୨୮ ଜଣ ନିହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ ଅଧିକାଂଶ ଇରାନ୍ ସମର୍ଥିତ ବିଦ୍ରୋହୀ ଗୋଷ୍ଠୀ ସଦସ୍ୟ ରହିଥିବା ୟେମେନ୍ ସରକାରଙ୍କ ପକ୍ଷରୁ କୁହାଯାଇଛି। ମାରିବ୍‌କୁ କବ୍‌ଜା କରିବାକୁ ବିଦ୍ରୋହୀମାନେ ଉଦ୍ୟମ କରୁଥିବାବେଳେ ସୁରକ୍ଷାବଳ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

### ବସ୍ ଦୁର୍ଘଟଣାରେ ୧୬ ମୃତ

**ତେହେରାନ୍, ୨।୯:** ଇରାନ୍‌ର କୁର୍ଦ୍ଦିଶ ପ୍ରଦେଶରେ ଏକ ବସ୍ ଗୁରୁବାର ଏକ ଘାଟିରୁ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ଇରାନ୍‌ରେ କେବଳ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବର୍ଷକୁ ୧୭ ହଜାରରୁ ଊର୍ଦ୍ଧ୍ୱ ରହିଛି। ବିଶ୍ୱର ସବୁଠାରୁ ଖରାପ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥାରେ ଇରାନ୍‌ର ରେକର୍ଡ ରହିଛି।

# ଦୋହାରେ ଡିପ୍ଲୋମାସି



ଦୋହାସ୍ଥିତ ତାଲିବାନ୍‌ର ପଲିଟିକାଲ ଅଫିସ୍।

**ପଶ୍ଚିମ ଏସୀୟ ରାଷ୍ଟ୍ର କାତାରକୁ ସାମୁଦ୍ରିକ ଆକ୍ରମଣ ଓ ବିପତ୍ତିରୁ ରକ୍ଷା କରିବା ପାଇଁ ପାରସ୍ୟ ଉପସାଗର ଉପକୂଳରେ ଦୁଇହାତ ପ୍ରସାରିଛି ଦୋହା। ଆରବୀ ଶବ୍ଦ 'ଦୋହାତ୍'ରୁ ରାଜଧାନୀ ଦୋହାର ନାମକରଣ ହୋଇଛି, ଯାହାର ତାତ୍ପର୍ଯ୍ୟ ହେଉଛି ଉପକୂଳ ଅଞ୍ଚଳକୁ ଦୁଇପଟୁ ଘେରିରହିବା। ୧୯୭୧ ସେପ୍ଟେମ୍ବର ୩ରେ ବ୍ରିଟିଶ୍ ଶାସକଙ୍କଠାରୁ ସ୍ୱାଧୀନତା ଲାଭ କରିଥିବା କାତାର ଏବଂ ଏହାର ରାଜନୈତିକ ତଥା ଆର୍ଥିକ ରାଜଧାନୀ ଦୋହା ଏବେ ଚର୍ଚ୍ଚାରେ। କାରଣ ତାଲିବାନ୍ ସହ ବିଶ୍ୱ ସମୁଦାୟ ପାଇଁ କୂଟନୈତିକ ଯୋଗସୂତ୍ରର ମାଧ୍ୟମ ପାଲଟିଛି ଏହି ସହର।**

**ଦୋହା/କାବୁଲ,୨।୯**

୨୦୨୦ ଫେବୃୟାରୀ ୨୯ରେ ଆମେରିକାର ତତ୍କାଳୀନ ଟ୍ରମ୍ପ୍ ପ୍ରଶାସନ ଓ ଆଫଗାନିସ୍ତାନର ଆତଙ୍କବାଦୀ ସଙ୍ଗଠନ ତାଲିବାନ୍ ମଧ୍ୟରେ ଦୋହାରେ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଏହି ସହର ଶିରୋନାମା ସାଉଁଟିଥିଲା। ରାଜିନାମା ଅନୁସାରେ ଆମେରିକା ୧୪ ମାସ ମଧ୍ୟରେ ଆଫଗାନିସ୍ତାନରେ ନିଜର ସବୁଠୁ ଲମ୍ବା ଯୁଦ୍ଧ ଶେଷ କରି ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କରିବ ବୋଲି ଘୋଷଣା କରିଥିଲା। ଉଦ୍ଦେଶ୍ୟ ଥିଲା ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନକୁ ଶାନ୍ତି ଫେରାଇ ଆଣିବା। ତେବେ ଶାନ୍ତି ଆଲୋଚନା ଚାଲିଥିବାବେଳେ ବିଦେଶୀ ବଳ ନ ହଟିବା ଯାଏ କୌଣସି ସମ୍ମିଳନୀରେ ଭାଗ ନେବ ନାହିଁ ବୋଲି ତାଲିବାନ ରୋକ୍‌ଠୋକ୍ ଶୁଣାଇଥିଲା। ଶେଷରେ କଥା ଛିଣ୍ଡିଥିଲା ସେପ୍ଟେମ୍ବର ପୂର୍ବରୁ ଆମେରିକା ନେତୃତ୍ୱାଧୀନ ନାଟୋ ସାମରିକ ବଳ ନିଜ ନିଜ ଦେଶକୁ ଫେରିଯିବେ। ଅଗଷ୍ଟ ୩୧ ଡେଡ୍‌ଲାଇନ ପୂର୍ବରୁ ଆମେରିକା ୧,୨୩,୦୦୦ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ସହ ନିଜର ଶେଷ ୬,୦୦୦ ସୈନ୍ୟଙ୍କୁ ଫେରାଇ ନେଇଥିଲା। ଏହାର ୧୫ ଦିନ ପୂର୍ବରୁ ତାଲିବାନ୍ ଆଫଗାନିସ୍ତାନକୁ ଦଖଲ କରିସାରିଥିଲା। ଏବେ ମଧ୍ୟ ଆଫଗାନିସ୍ତାନରେ ହଜାର ହଜାର ବିଦେଶୀ ଫସିରହିଛନ୍ତି। ସେଠାରେ ଥିବା ଆମେରିକାର ୨୦୦ ନାଗରିକଙ୍କ ମଧ୍ୟରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଅନୁବାଦକ ମଧ୍ୟ ଅଛନ୍ତି। ସେମାନଙ୍କୁ ଫେରାଇ ନେବା ଲାଗି ଆମେରିକା ଦୋହା ଜରିଆରେ କୂଟନୈତିକ ଉଦ୍ୟମ ଚଳାଇଛି। କାବୁଲ ଦୂତାବାସକୁ ମଧ୍ୟ ଦୋହାକୁ ସ୍ଥାନାନ୍ତର କରିବାକୁ ଯାଉଛି। ଦୋହାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଦୀପକ ମିତ୍ତଲ ମଙ୍ଗଳବାର ତାଲିବାନ୍ ନେତା ଶେର ମହମ୍ମଦ ଅବାସ ଷ୍ଟାନେକ୍‌ଜାଇଙ୍କୁ ଭେଟିଥିଲେ। ଆଫଗାନିସ୍ତାନ ମାଟିକୁ ତାଲିବାନ୍ ଆତଙ୍କବାଦ ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବା ଅନୁଚିତ ବୋଲି କହିଥିଲେ। ଦୋହାସ୍ଥିତ ତାଲିବାନ୍‌ର ରାଜନୈତିକ ଅଫିସ ମୁଖ୍ୟ ଷ୍ଟାନେକ୍‌ଜାଇ ମିତ୍ତଲଙ୍କୁ ସମାଧାନର ପ୍ରତିଶ୍ରୁତି ଦେଇଥିଲେ।

## କାତାରରେ ବ୍ରିଟେନ ବହିର୍ବ୍ୟାପାର ସଚିବ

ବ୍ରିଟେନ ବହିର୍ବ୍ୟାପାର ସଚିବ ଡୋମିନିକ୍ ରାବ୍ ଗୁରୁବାର ଦୋହାରେ ପହଞ୍ଚିଛନ୍ତି। ସେ କାତାର ପ୍ରତିପକ୍ଷ ଶେଖ୍ ମହମ୍ମଦ ବିନ୍ ଅବଦୁଲରହମାନଙ୍କ ସହ ଆଫଗାନିସ୍ତାନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବ୍ରିଟେନ ନାଗରିକମାନଙ୍କୁ ଆଫଗାନିସ୍ତାନରୁ କିପରି ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯିବ ସେନେଇ ମଧ୍ୟ ଦୁଇ କୂଟନୀତିଜ୍ଞଙ୍କ ମଧ୍ୟରେ ଆଲୋଚନା ହୋଇଛି। ରାବ୍ କାତାର ଏମିର ଶେଖ୍ ତମିମ୍ ବିନ୍ ହମାଦ୍ ଅଲ୍-ଥାନିଙ୍କୁ ମଧ୍ୟ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି। ତାଲିବାନ ମଧ୍ୟ ଅନ୍ତର୍ଜାତୀୟ ସ୍ୱୀକୃତି ଓ ଆର୍ଥିକ ସହାୟତା ଆଶାରେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ କୂଟନୈତିକ ସମ୍ପର୍କ ଆରମ୍ଭ କରିଛି। ଏନେଇ ତାଲିବାନ୍‌ର ଏକ ପ୍ରତିନିଧି ଦଳ ନେଦରଲାଣ୍ଡସ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହ ଆଲୋଚନା କରିଛନ୍ତି।



"ଆଫଗାନିସ୍ତାନ ପ୍ରସଙ୍ଗରେ ତାଲିବାନ୍ ସହ ଆଲୋଚନା କରିବା ଆବଶ୍ୟକତା ରହିଛି। କିନ୍ତୁ ତାଲିବାନ୍ ସରକାରକୁ ଏତେ ଶୀଘ୍ର ସ୍ୱୀକୃତି ଦେବା ପାଇଁ ବ୍ରିଟେନର ଯୋଜନା ନାହିଁ। ସଙ୍ଗଠନର କଥାରେ ନ ଆସି ଏହାର କାମକୁ ଦେଖିବୁ।

**-ଡୋମିନିକ୍ ରାବ୍, ବ୍ରିଟେନ୍ ବହିର୍ବ୍ୟାପାର ସଚିବ**

"କାବୁଲ ବିମାନବନ୍ଦରକୁ ଯଥାଶୀଘ୍ର ସମ୍ଭବ ଖୋଲିବା ପାଇଁ ତାଲିବାନ୍ ସହ ଆଲୋଚନା ଚାଲିଛି। ଏଥିଲାଗି ତୁର୍କୀଠାରୁ ମଧ୍ୟ ବୈଷୟିକ ସହାୟତା ନିଆଯାଉଛି। ବିମାନବନ୍ଦରକୁ ଖୁବ୍‌ଶୀଘ୍ର ପୁନଃ କାର୍ଯ୍ୟକ୍ଷମ କରାଯିବ ବୋଲି ଆଶା।

**-ଶେଖ୍ ମହମ୍ମଦ ବିନ୍ ଅବଦୁଲରହମାନ, କାତାର ବହିର୍ବ୍ୟାପାର ମନ୍ତ୍ରୀ**



# ଆଜି ସରକାର ଗଢ଼ିବ ତାଲିବାନ୍

**କାବୁଲ,୨।୯**

ଆଫଗାନିସ୍ତାନ ଦଖଲର ଦୁଇ ସପ୍ତାହ ପରେ କ୍ଷମତା ଦଖଲ କରିବାକୁ ଯାଉଛି ତାଲିବାନ୍। ଶୁକ୍ରବାର ନମାଜ ପାଠ ପରେ ଦେଶରେ ଦ୍ୱିତୀୟ ଥର ପାଇଁ ସରକାର ଗଢ଼ିବେ ଇସ୍‌ଲାମୀୟ ଆତଙ୍କବାଦୀ। ତାଲିବାନ୍ ସରକାର ୨.୦ ଗଠନ ପ୍ରକ୍ରିୟା ଚୂଡ଼ାନ୍ତ ହୋଇଥିବାବେଳେ ସଙ୍ଗଠନ ମୁଖ୍ୟ ହିବାତୁଲ୍ଲା ଅଖୁନ୍ଦଜାଦା କାନ୍ଦାହାରରୁ କାବୁଲରେ ପହଞ୍ଚି ମାରାଥନ୍ ବୈଠକ କରୁଛନ୍ତି। ଯେକୌଣସି ସମୟରେ ନୂଆ କ୍ୟାବିନେଟ୍ ଗଠନ ସମ୍ପର୍କରେ ସେ ଘୋଷଣା କରିପାରନ୍ତି। ବରିଷ୍ଠ ତାଲିବାନ୍ ନେତା ଅନସ୍ ହକ୍କାନି ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସବୁ ବର୍ଗର ଲୋକଙ୍କୁ ନେଇ ଏକ ସମାବେଶୀ ସରକାର ଗଠନ କରାଯିବ। ମାନବାଧିକାର ଓ ମହିଳାଙ୍କ ସ୍ୱାଧୀନତାକୁ ଇସ୍‌ଲାମିକ୍ ଆଇନ ଅନୁସାରେ ସମ୍ମାନ ଦିଆଯିବ ବୋଲି ପୂର୍ବରୁ ତାଲିବାନ ଘୋଷଣା କରିଛି। ଏହାସହ ଉକ୍ତ ସରକାରରେ ମହିଳାମାନଙ୍କ ମଧ୍ୟ ସୀମିତ ଭୂମିକା ରହିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଆମେରିକୀୟ ସୈନ୍ୟ ଫେରିଯିବା ପରେ ଆଫଗାନ୍ ଓ ସେଠାରେ ଫସିରହିଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକର ନାଗରିକମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଦେଶବାସୀଙ୍କ ମନରୁ ଅସୁରକ୍ଷା ଭାବନାକୁ ଦୂର କରି ଆଫଗାନିସ୍ତାନକୁ ଦାରିଦ୍ର୍ୟମୁକ୍ତ କରିବା ତାଲିବାନ୍ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି। ଇସ୍‌ଲାମିକ୍ ଏମିରେଟ୍ସ ଅଫ୍ ଆଫଗାନିସ୍ତାନ ପାଇଁ ଅନ୍ତର୍ଜାତୀୟ ସ୍ୱୀକୃତି ଓ ସହଯୋଗ ଆଣି ଆର୍ଥିକ ତଥା ମାନବିକ ସଙ୍କଟରୁ ମୁକୁଳାଇବା ଆହ୍ୱାନ ମଧ୍ୟ ତାଲିବାନ୍ ଶୀର୍ଷ ନେତୃତ୍ୱଙ୍କ ଆଗରେ ରହିଛି।



**କାବୁଲରେ ସୁପ୍ରିମ ଲିଡର ହିବାତୁଲ୍ଲା ଅଖୁନ୍ଦଜାଦା**

## ଅଧିକାର ମାଗିଲେ ଆଫଗାନ୍ ମହିଳା

**କାବୁଲ, ୨।୯:** ଆଫଗାନିସ୍ତାନରେ ତାଲିବାନ୍ ସରକାର ଗଢ଼ିବାକୁ ଯାଉଥିବାବେଳେ ହେରାତ୍ ପ୍ରଦେଶର ଗଭର୍ନର ହାଉସ୍ ସମ୍ମୁଖରେ ମହିଳାମାନେ ଗୁରୁବାର ରାଲି ଆୟୋଜନ କରିଛନ୍ତି। ବହୁ ସଂଖ୍ୟାରେ ମହିଳା ଏଥିରେ ଭାଗନେଇ ତାଲିବାନ୍ ସେମାନଙ୍କୁ ସରକାରରେ ସାମିଲ କରୁ ବୋଲି ଦାବି କରିଛନ୍ତି। ଶୋଭାଯାତ୍ରାର ନେତୃତ୍ୱ ନେଉଥିବା ମହିଳା ଫ୍ରିବା କାବ୍ରଜାନି କହିଛନ୍ତି, ତାଲିବାନ୍ ସରକାର ଗଢ଼ିଲେ ମହିଳାଙ୍କୁ ମଧ୍ୟ କ୍ୟାବିନେଟ୍ ସମେତ ଲୋୟା ଜିର୍‌ଗା ଏବଂ ହାଉସ୍ ଅଫ୍ ଏଲ୍ଡର୍ସରେ ସ୍ଥାନ ମିଳିବା ଉଚିତ। ଏବେ ସେମାନଙ୍କ ପାଖରେ ଯାହା କିଛି ଅଛି, ସେସବୁକୁ ହାସଲ କରିବାକୁ ଗତ ୨୦ ବର୍ଷ ଭିତରେ ଅନେକ ତ୍ୟାଗ କରିବାକୁ ପଡ଼ିଛି। ସେମାନଙ୍କ କଥା ବିଶ୍ୱ ଶୁଣୁ ବୋଲି ସେ ଚାହୁଁଥିବା କାବ୍ରଜାନି କହିଛନ୍ତି।



ଆମେରିକା ସୈନ୍ୟ ଚାଲିଯିବା ପରେ କାବୁଲ ଏୟାରପୋର୍ଟରେ ଏକ ବିମାନ।

## ଚମନ୍ କ୍ରସିଂ ପଏଣ୍ଟ ବନ୍ଦ କଲା ପାକିସ୍ତାନ

**ଇସ୍‌ଲାମାବାଦ, ୨।୯**

ପାକିସ୍ତାନ ମୁହାଁ ଶରଣାର୍ଥୀଙ୍କୁ ରୋକିବାକୁ ଆଫଗାନିସ୍ତାନ ସୀମା ସଂଲଗ୍ନ ଦ୍ୱିତୀୟ ବୃହତ୍ତମ କମର୍ସିଆଲ ବର୍ଡର କ୍ରସିଂ ପଏଣ୍ଟକୁ ଇସ୍‌ଲାମାବାଦ ଅସ୍ଥାୟୀ ଭାବେ ବନ୍ଦ କରିଛି। ସୁରକ୍ଷା ବ୍ୟବସ୍ଥା ପ୍ରତି ବିପଦ ଥିବାରୁ ଖାଇବର ପାଖତୁନଖ୍ୱା ସହର ସ୍ଥିତ ଏହି କ୍ରସିଂ ପଏଣ୍ଟକୁ କିଛି ଦିନ ପାଇଁ ବନ୍ଦ ରଖାଯିବ ବୋଲି ପାକିସ୍ତାନ ଆଭ୍ୟନ୍ତରୀଣ ମନ୍ତ୍ରୀ ଶେଖ୍ ରସିଦ୍ କହିଥିଲେ। ଏହି କ୍ରସିଂ ପଏଣ୍ଟ ପାକିସ୍ତାନର ସୀମାନ୍ତ ସହର ଚମନକୁ ଆଫଗାନିସ୍ତାନ କାନ୍ଦାହାରର ସ୍ପିନ୍ ବୋଲଡାକ୍ ସହିତ ସଂଯୋଗ କରେ। ଏହି ବାଟରେ ଆଫଗାନିସ୍ତାନ ଓ ପାକିସ୍ତାନ ପରସ୍ପର ମଧ୍ୟରେ ବାଣିଜ୍ୟ କାରବାର କରିଥାନ୍ତି।

## ରାଜ ପରିବାର ବାହାରେ ବିବାହ କରିବେ ଜାପାନ ରାଜକନ୍ୟା

**୧.୨ ନିୟୁତ ଡଲାରକୁ ପ୍ରତ୍ୟାଖ୍ୟାନ**

**ଟୋକିଓ, ୨।୯**



ଜାପାନ ସମ୍ରାଟ୍ ନରୁହିତୋଙ୍କ ଝିଆରୀ ତଥା କ୍ରାଉନ୍ ପ୍ରିନ୍ସଙ୍କ ଝିଅ ମାକୋ ରାଜ ପରିବାର ବାହାରେ ଏକ ସାଧାରଣ ପରିବାରରେ ବିବାହ କରିବାକୁ ଯାଉଛନ୍ତି। ସେ ବିବାହ ପରେ ଆମେରିକା ଚାଲିଯିବେ। କେଇ କୋମୁରୋଙ୍କ ସହ ତାଙ୍କର ଦୀର୍ଘଦିନର ପ୍ରେମ ସମ୍ପର୍କ ରହିଥିଲା। ବିବାହ ଯୋଜନାକୁ ଦୀର୍ଘଦିନ ଲୁଚାଇ ରଖିବା ପରେ ସେମାନେ ସର୍ବସାଧାରଣରେ ଏହା ପ୍ରକାଶ କରିଛନ୍ତି। ବିନା ପାରମ୍ପରିକ ଉତ୍ସବରେ ବିବାହ କରିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ରାଜ ପରିବାରକୁ ମିଳିବାକୁ ଥିବା ୧.୨ ନିୟୁତ ଡଲାରକୁ ମାକୋ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ସାଧାରଣ ପରିବାରରେ ବିବାହ ପରେ ୨୯ ବର୍ଷୀୟା ମାକୋ ଜାପାନ ରାଜପରିବାର ଉତ୍ତରାଧିକାର ନିୟମାବଳୀ ଅନୁଯାୟୀ ନିଜର ପଦବୀ ହରାଇବେ।

# ନିଜ ମୃତ୍ୟୁ ନାଟକ ରଚିଥିବା ଅଭିଯୁକ୍ତ ଗିରଫ

**ଲକ୍ଷ୍ନୌ, ୨।୯**

**ସ୍ତ୍ରୀ ଓ ୨ ପିଲାଙ୍କୁ ମାରି ପୋତି ଦେଇଥିଲେ**

ଏକ ସମ୍ବେଦନଶୀଳ ମାମଲାର ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶ କାଶଗଞ୍ଜ ଜିଲା ପୋଲିସ ଗିରଫ କରିଛି। ୨୦୧୮ରେ ଅଭିଯୁକ୍ତ ନିଜ ସ୍ତ୍ରୀ ଓ ୨ ପିଲାଙ୍କୁ ହତ୍ୟା କରି ମୃତଦେହ ଘରେ ପୋତି ଦେଇଥିଲେ। ପରେ ସେ ନିଜର ମୃତ୍ୟୁ ନାଟକ ରଚି ଫେରାର ହୋଇଯାଇଥିଲେ। ଗ୍ରେଟର ନୋଇଡାର ଏକ ଘରୋଇ ଲାବରେଟୋରିରେ ପାଥୋଲୋଜିଷ୍ଟ ଭାବେ କାର୍ଯ୍ୟ କରୁଥିବା ରାକେଶ(୩୪)ଙ୍କର ଜଣେ ମହିଳା ପୋଲିସଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଏହି ପରକୀୟା ପ୍ରୀତିରୁ ହତ୍ୟାକାଣ୍ଡ ଘଟିଥିଲା। ରାକେଶ ଫେରାର ହୋଇଯିବାର କିଛିଦିନ ପରେ ପୋଲିସ ହାବୁଡ଼ରୁ ବର୍ତ୍ତିବା ପାଇଁ ଅନ୍ୟ ଜଣଙ୍କୁ ହତ୍ୟା କରି ମୁଣ୍ଡ କାଟିନେଇ ଅନ୍ୟତ୍ର ପୋଡ଼ିଦେଇଥିଲେ। ଏହା ପରେ ସେ ମୃତଦେହରେ ନିଜ ପୋଷାକ ପିନ୍ଧାଇବା ସହ ପରିଚୟ ପତ୍ର ରଖି ଏହାକୁ ତାଙ୍କ ମୃତଦେହ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଥିଲେ। ଏହି ମାମଲାରେ ଅଭିଯୁକ୍ତଙ୍କ ପରିବାରର ୩ ଜଣ ସଦସ୍ୟ ଓ ବାନ୍ଧବୀ ଜଣଙ୍କୁ ଗିରଫ କରାଯାଇଛି।

# ମୋଦିଙ୍କ ବାସଭବନ ଆଗରେ ମହିଳା କଂଗ୍ରେସର ବିକ୍ଷୋଭ

**ନୂଆଦିଲ୍ଲୀ, ୨।୯(ପି.ଟି.)**

**ଦରଦାମ୍ ବୃଦ୍ଧିର ପ୍ରତିବାଦ**

ଆକାଶଛୁଆଁ ଦରଦାମ୍ ବୃଦ୍ଧି ପ୍ରତିବାଦରେ ମହିଳା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନ ବାହାରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କାର୍ଯ୍ୟକାରୀ ଅଧ୍ୟକ୍ଷା ନେଟ୍ଟା ଡି'ସୁଜାଙ୍କ ନେତୃତ୍ୱରେ କର୍ମୀମାନେ ବିକ୍ଷୋଭରେ ସାମିଲ ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ କେନ୍ଦ୍ର ବିରୋଧରେ ସ୍ଲୋଗାନ ଦେଇଥିଲେ। ସୁରକ୍ଷା କର୍ମୀମାନେ ମହିଳା କଂଗ୍ରେସ କର୍ମୀମାନଙ୍କୁ ଚାରିପଟୁ ଘେରି ରହିଥିଲେ। ପୋଲିସ ମହିଳା କଂଗ୍ରେସର କାର୍ଯ୍ୟକାରୀ ଅଧ୍ୟକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଅଟକ ରଖିଥିବା ଅଭିଯୋଗ ହୋଇଛି। ବୁଧବାର ଏଲ୍‌ପିଜି ଦର ସିଲିଣ୍ଡର ପିଛା ୨୫ ଟଙ୍କା ଲେଖାଏଁ ବଢ଼ାଯାଇଛି। ଦୁଇମାସରୁ କମ୍ ସମୟ ମଧ୍ୟରେ ତୃତୀୟ ଥର ପାଇଁ ରନ୍ଧନ ଗ୍ୟାସ ଦର ବୃଦ୍ଧି ପାଇଛି। ଏବେ ଦିଲ୍ଲୀରେ ସବ୍‌ସିଡିଯୁକ୍ତ ଏଲ୍‌ପିଜି ଏବଂ ଅଣସବ୍‌ସିଡି ଏଲ୍‌ପିଜି ଦାମ୍ ୮୮୪ ଟଙ୍କା ୫୦ ପଇସାରେ ବିକ୍ରି ହେଉଛି।

# ଚନ୍ଦନ ମିତ୍ରଙ୍କ ପରଲୋକ

**ନୂଆଦିଲ୍ଲୀ, ୨।୯(ପି.ଟି.)**



ବର୍ଷୀୟାନ ଖବରଦାତା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଚନ୍ଦନ ମିତ୍ରଙ୍କର ବୁଧବାର ବିଳମ୍ବିତ ରାତିରେ ତାଙ୍କ ଦକ୍ଷିଣ ଦିଲ୍ଲୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ସେ ଟାଇମ୍ସ ଅଫ୍ ଇଣ୍ଡିଆ ଏବଂ ହିନ୍ଦୁସ୍ତାନ ଟାଇମ୍ସରେ ଦୀର୍ଘଦିନ କାର୍ଯ୍ୟ କରିବା ପରେ ପାଓନିଅରର ସମ୍ପାଦକ ହୋଇଥିଲେ। ତାଙ୍କ ସ୍ତ୍ରୀ ଶୋବୋରି ଗାଙ୍ଗୁଲି ଏବଂ ଦୁଇ ପୁଅ କୁଶନ ଓ ଶାକ୍ୟ ଅଛନ୍ତି। ମିତ୍ରଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ବିଚକ୍ଷଣ ବୁଦ୍ଧିମତ୍ତା ଏବଂ ଅନ୍ତର୍ଦୃଷ୍ଟି ପାଇଁ ସେ ସବୁବେଳେ ମନେରହିବେ। ଗଣମାଧ୍ୟମ ଏବଂ ରାଜନୀତି ଜଗତରେ ସେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ତାଙ୍କ ପରଲୋକରେ ମର୍ମାହତ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଟିଏମ୍‌ସି ଅଧ୍ୟକ୍ଷ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସ୍ୱପନ ଦାଶଗୁପ୍ତା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ମିତ୍ର ଭାଜପା ସଦସ୍ୟ ଭାବେ ଦୁଇ ଥର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ସେ ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ଘନିଷ୍ଠ ଭାବେ ଜଣାଶୁଣା ଥିଲେ। ୨୦୧୮ରେ ସେ ଭାଜପାରୁ ଇସ୍ତଫା ଦେଇ ତୃଣମୂଳ କଂଗ୍ରେସରେ ଯୋଗଦେଇଥିଲେ ମଧ୍ୟ ସକ୍ରିୟ ରାଜନୀତିଠାରୁ ଦୂରେଇ ରହିଥିଲେ। କିଛିଦିନ ପୂର୍ବରୁ ସେ ପାଓନିଅରର ସମ୍ପାଦକ ପଦରୁ ଇସ୍ତଫା ଦେଇଥିଲେ।

# ନ୍ୟୁୟର୍କରେ ବନ୍ୟା: ୯ ମୃତ

- ବିପତ୍ତି ଆଣିଲା ଘୂର୍ଣ୍ଣିଝଡ଼ ଇଦା
- ଏମର୍ଜେନ୍ସି ଜାରି

**ନ୍ୟୁୟର୍କ, ୨।୯**

ଘୂର୍ଣ୍ଣିଝଡ଼ 'ଇଦା' ପ୍ରଭାବରେ ଆମେରିକାର ନ୍ୟୁୟର୍କ ଓ ନ୍ୟୁଜର୍ସି ସହରରେ ବର୍ଷା ରେକର୍ଡ ଭାଙ୍ଗିଛି। ଏଥିଯୋଗୁ ସେଠାରେ ବନ୍ୟା ପରିସ୍ଥିତି ଉପୁଜିଛି। ରାସ୍ତାଘାଟ ଭାସି ଯାଇଥିବାବେଳେ ସାଧାରଣ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ନ୍ୟୁୟର୍କ ମେୟର ବିଲ୍ ଡେ ବ୍ଲାସିଓ ପ୍ରଥମ ଥର ଲାଗି ଆକସ୍ମିକ ବନ୍ୟାଜନିତ ଜରୁରିକାଳୀନ ସ୍ଥିତି ଘୋଷଣା କରିଛନ୍ତି। ବନ୍ୟାରେ ନ୍ୟୁୟର୍କ ଓ ନ୍ୟୁଜର୍ସିରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୨ ଜଣ ଶିଶୁ ରହିଛନ୍ତି। ଫସିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏଥିସହ ଜନସାଧାରଣ ବାହାରକୁ ନ ବାହାରି ନିରାପଦ ସ୍ଥାନରେ ସୁରକ୍ଷିତ ଭାବେ ରହିବା ପାଇଁ ପରାମର୍ଶ ଦିଆଯାଇଛି। କେବଳ ଏମର୍ଜେନ୍ସି ଗାଡ଼ିଗୁଡ଼ିକୁ ଛାଡ଼ିଦେଲେ ଅନ୍ୟ ଯାନବାହନ ଚଳାଚଳ ବନ୍ଦ ରହିଛି। ରାସ୍ତାରେ ଛିଡ଼ା ହୋଇଥିବା ବସ୍, କାର୍ ଆଦି ଅନେକ ଗାଡ଼ି ବନ୍ୟାପାଣିରେ ସମ୍ପୂର୍ଣ୍ଣ ବୁଡ଼ି ଯାଇଛି। ରେଳଷ୍ଟେଶନ ସମେତ ସବ୍‌ୱେ ପ୍ଲାଟଫର୍ମ ଜଳମଗ୍ନ ହୋଇଛି। ନ୍ୟୁୟର୍କ ଏବଂ ନ୍ୟୁଜର୍ସିରେ ଥିବା ବିମାନବନ୍ଦରଗୁଡ଼ିକରେ ସମସ୍ତ ଫ୍ଲାଇଟ୍ ବାତିଲ କରାଯାଇଛି। ଅନେକଙ୍କ ଘରେ ପାଣି ପଶିଯାଇଥିବାରୁ ଲୋକେ ସମସ୍ୟାରେ ପଡ଼ିଛନ୍ତି। ପାୱାର ଗ୍ରୀଡ଼କୁ କ୍ଷତିରୁ ବଞ୍ଚାଇବା ପାଇଁ ଉଦ୍ୟମ ଚାଲିଛି। ପ୍ରାୟ ୫,୫୦୦ ଗ୍ରାହକ ବିଦ୍ୟୁତ ପାଇବାରୁ ବଞ୍ଚିତ ହୋଇଛନ୍ତି।



ନ୍ୟୁୟର୍କର ଏକ ରାସ୍ତାରେ ବନ୍ୟା ପାଣି।

## ସମୁଦ୍ରକୁ ଭାସିଗଲା କାର୍

**ଅଲକାନାର, ୨।୯:** ସ୍ପେନ୍‌ର ଉତ୍ତରପୂର୍ବ ସହର ଅଲକାନାର୍‌ରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜିଛି। ଏଥିରେ ଅନେକ ଘରଦ୍ୱାର କ୍ଷତିଗ୍ରସ୍ତ ହେବା ସହ କାରବାର ଠପ୍ ହୋଇଯାଇଛି। ମଙ୍ଗଳବାର ମଧ୍ୟ ରାତିରୁ ବୁଧବାର ସକାଳ ୬ଟା ପର୍ଯ୍ୟନ୍ତ ପ୍ରତି ବର୍ଗମିଟର ଜାଗାରେ ପ୍ରାୟ ୨୫୦ ଲିଟର ବର୍ଷା ପାଣି ଜମିରହିଛି। ଆକସ୍ମିକ ବନ୍ୟା ଯୋଗୁ ଅନେକ କାର୍ ଭୂମଧ୍ୟ ସାଗରକୁ ଭାସିଯାଇଛି। ଘରଗୁଡ଼ିକରେ ପାଣି ସହ ଅଳିଆ ଆବର୍ଜନା ଭର୍ତ୍ତି ହୋଇଯାଇଛି। ସ୍ପେନ୍‌ର କେନ୍ଦ୍ରାଞ୍ଚଳରେ ମଧ୍ୟ ବନ୍ୟା ହୋଇଛି।



ଅଲକାନର୍ ସହରରୁ ବନ୍ୟା ପାଣିରେ ଭାସି ଯାଇଥିବା କାର୍‌ଗୁଡ଼ିକ ସମୁଦ୍ର କୂଳରେ ଲାଗିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୯୬,୦୯,୯୩୦ | ୪୫,୫୦,୧୦୪ | ୧୯,୬୩,୮୪,୭୦୭ |
| ଭାରତ | ୩,୨୯,୦୧,୪୧୪ | ୪,୩୯,୮୯୦ | ୩,୨୦,୫୪,୯୪୦ |
| ଓଡ଼ିଶା | ୧୦,୦୯,୨୨୩ | ୮୦୨୮(+୫୩) | ୯,୯୪,୬୩୯ |

ଗୁରୁବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ୬ରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୬ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ବଢ଼ିପାରେ। ଏ ନେଇ ଗୁରୁବାର ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇ କହିଛନ୍ତି, ଏହି ଲଘୁଚାପ କ୍ଷେତ୍ରଟି ସୃଷ୍ଟି ହେବା ପରେ ୭ ତାରିଖ ବେଳକୁ ଓଡ଼ିଶା ଆଡ଼କୁ ମୁହାଁଇବ। ଏଥିଯୋଗୁ ସାରା ରାଜ୍ୟରେ ବର୍ଷା ହେବ। ବିଶେଷକରି ଦକ୍ଷିଣ-ପଶ୍ଚିମ ଜିଲାଗୁଡ଼ିକରେ ଅଧିକ ବର୍ଷା ହେବା ସମ୍ଭାବନା ରହିଥିବାବେଳେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ୬ ତାରିଖ ସନ୍ଧ୍ୟାରୁ ବର୍ଷା ପରିମାଣ ବଢ଼ିବା ସହ ୭ ତାରିଖ ପର୍ଯ୍ୟନ୍ତ ଜୋର୍‌ରେ ବର୍ଷିବ। ୮ ତାରିଖରେ ମଧ୍ୟ କିଛି ପରିମାଣରେ ବର୍ଷା ହୋଇପାରେ। ଏହା ପରେ ଲଘୁଚାପ ପ୍ରଭାବ କମିବାକୁ ଲାଗିବ। ଓଡ଼ିଶା ଉପକୂଳ ଅତିକ୍ରମ କରିବା ପରେ ଲଘୁଚାପ ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରେ ଗତି କରିବ। ତେଣୁ ସାଧାରଣତଃ ୨ ଦିନ ପାଇଁ ଓଡ଼ିଶାରେ ଏହାର ପ୍ରଭାବ ରହିବ। ଅଗଷ୍ଟରେ ଓଡ଼ିଶାରେ ବହୁତ କମ୍ ପରିମାଣରେ ବର୍ଷା ହୋଇଛି। ତେବେ ସେପ୍ଟେମ୍ବରରେ ଏହା ସାମାନ୍ୟରୁ ସାମାନ୍ୟ ଅଧିକ ରହିବ ବୋଲି ଆକଳନ କରାଯାଇଥିବା ଆଇଏମ୍‌ଡି ଡିଜି ମହାପାତ୍ର କହିଛନ୍ତି।ଅପରପକ୍ଷେ ରାଜ୍ୟରେ ଶୁକ୍ରବାରଠାରୁ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଶୁକ୍ରବାର ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ଶନିବାର କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେହିପରି ରବିବାର ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଏବଂ ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୋଳ, ଢେଙ୍କାନାଳ, ସୋନପୁର ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେଣୁ ଏ ସବୁ ଜିଲାରେ ୟେଲୋ ୱାର୍ନିଂ ଜାରି କରାଯାଇଛି।

**ଦକ୍ଷିଣ, ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷିବ**






**୨୦୨୧ ସେପ୍ଟେମ୍ବର ୨ ଗୁରୁବାର ଧରିତ୍ରୀ'ର ପୃଷ୍ଠା ୩ରେ 'ଜେ. ବି. ମହାପାତ୍ର ସିବିଡିଟି ଅଧକ୍ଷ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏଥିରେ ଭୁଲ୍‌ବଶତଃ ନବନିଯୁକ୍ତ ସିବିଡିଟି ଅଧକ୍ଷ ଜଗନ୍ନାଥ ବିଦ୍ୟାଧର ମହାପାତ୍ରଙ୍କ ସ୍ଥାନରେ ବିଦାୟୀ ଅଧକ୍ଷ ପି. ସି. ମୋଦିଙ୍କ ଫଟୋ ପ୍ରକାଶ ପାଇଥିଲା। ଜେ. ବି. ମହାପାତ୍ରଙ୍କ ଫଟୋ ଏଠାରେ ସ୍ଥାନିତ କରାଗଲା।**



ଜଗନ୍ନାଥ ବିଦ୍ୟାଧର ମହାପାତ୍ର

# ଚାଟାର୍ଡ ଆକାଉଣ୍ଟାଣ୍ଟ ସମେତ ୨ ଗିରଫ

**କଟକ ଅଫିସ,୨।୯**

**୫୮.୧୪ କୋଟିର ଜିଏସ୍‌ଟି ଠକେଇ ଧରାପଡ଼ିଲା**

ରାଜ୍ୟ ଜିଏସ୍‌ଟି ଏନଫୋର୍ସମେଣ୍ଟ ୱିଙ୍ଗ ୧୮୧୯ କୋଟିର ଜାଲ ବିଲ୍ ର୍ୟାକେଟକୁ ଧରିଛି। ଏଥିସହ ସମ୍ପୃକ୍ତ ୨ଜଣ ମାଷ୍ଟରମାଇଣ୍ଡ୍‌ଙ୍କୁ ଗୁରୁବାର ଗିରଫ କରିଛି। ଚାଟାର୍ଡ ଆକାଉଣ୍ଟାଣ୍ଟ ଅମିତ କୁମାର ଅଗ୍ରୱାଲଙ୍କୁ ଝାରସୁଗୁଡାରୁ ଓ ସତୀନ୍ଦ୍ର କୁମାର ଯାଦବଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଛି। ଏହି ଜାଲ ବିଲ୍ ବଳରେ ସେମାନେ ୩୨୩ କୋଟିର ଇନ୍‌ପୁଟ ଟାକ୍ସ କ୍ରେଡିଟ(ଆଇଟିସି) ହାତେଇବା ସହ ମୋଟ ୫୮.୧୪ କୋଟି ଟଙ୍କାର ଜିଏସ୍‌ଟି ଠକେଇ କରିଛନ୍ତି। କଟକସ୍ଥିତ ବାଣିଜ୍ୟ କର ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଆଣ୍ଡ୍ ଜିଏସ୍‌ଟି କମିଶନର ସୁଶିଲ କୁମାର ଲୋହାନୀ ଏନେଇ ସୂଚନା ଦେଇଛନ୍ତି। ସମ୍ପୃକ୍ତ ୨ ଅଭିଯୁକ୍ତ ଅନ୍ୟମାନଙ୍କ ସହ ଦେଶର ବିଭିନ୍ନ ରାଜ୍ୟରେ ୧୩ଟି ଜାଲ୍ ବ୍ୟାବସାୟିକ ସଂସ୍ଥା ଖୋଲିଥିଲେ। ଏହା ମାଧ୍ୟମରେ ଜାଲ କ୍ରୟ ବିକ୍ରୟ ବିଲ୍ ପ୍ରସ୍ତୁତ କରି ଉକ୍ତ ଆଇଟିସି ହାତେଇଥିବାବେଳେ ତାହାକୁ ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀଙ୍କୁ ହସ୍ତାନ୍ତର କରି ରାଜ୍ୟ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି କରିଛନ୍ତି। ଅଳ୍ପ ଦିନର ବ୍ୟବଧାନ ମଧ୍ୟରେ ସେମାନେ ଏହି ଜାଲ୍ କିଣା ବିଲ ଯୋଗାଡ କରିଥିବା ଜଣାପଡିଛି।

ଜାଲ୍ ବିଲ୍ ସମ୍ପର୍କରେ ସୂଚନା ମିଳିବା ପରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ଜାଲ୍ କାଗଜପତ୍ର ଓ କାରବାର ଧରାପଡିଥିଲା। ଅଭିଯୁକ୍ତମାନେ ଚାକିରି ଲୋଭ ଦେଖାଇ କୋଲକାତାରେ ରହୁଥିବା ଝୋଟକଳ ଶ୍ରମିକ, ଝାଡୁଦାର ଆଦି ଲୋକଙ୍କ ଫଟୋ ସହ ପରିଚୟ ପତ୍ର, ବ୍ୟାଙ୍କ ପାସବୁକ ଆଦି ହାସଲ କରିଥିଲେ। ସେଗୁଡିକୁ ବ୍ୟବହାର କରି ଜିଏସ୍‌ଟି ପଞ୍ଜୀକରଣ କରିବା ସହ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଜାଲ୍ କମ୍ପାନୀ ପ୍ରସ୍ତୁତ କରିଥିଲେ। କୌଣସି ଦ୍ରବ୍ୟର କିଣାବିକା ବିନା ଜାଲ ବିଲ୍ ବ୍ୟବସାୟରେ ଲିପ୍ତ ରହିଥିଲେ। ୧୩ଟି ଜାଲ କମ୍ପାନୀ ମଧ୍ୟରୁ ୩ଟିର ପ୍ରୋପ୍ରାଇଟର ପଶ୍ଚିମବଙ୍ଗ ଦେଲହାଉସୀ ଝୋଟ କଳ ଶ୍ରମିକ ଓ ଝାଡୁଦାର ହୋଇଥିବା ଜିଏସ୍‌ଟି କମିଶନର ଲୋହାନୀ ସୂଚନା ଦେଇଛନ୍ତି। ଏପରିକି ଝାରସୁଗୁଡ଼ାର ଏକ ପଡ଼ିଆକୁ ମଧ୍ୟ କମ୍ପାନୀର ଠିକଣା ଭାବେ ଉଲ୍ଲେଖ କରାଯାଇଥିବା ସେ କହିଛନ୍ତି।








**ଆଜିର ମନ୍ତବ୍ୟ**

"ଏମ୍‌ପିମାନେ ପାର୍ଲାମେଣ୍ଟର ମର୍ଯ୍ୟାଦା ବଜାୟ ରଖିବା ଉଚିତ। ଗୃହର ଅଧ୍ୟକ୍ଷ ହେଡ୍‌ମାଷ୍ଟର ଭଳି ବିଶୃଙ୍ଖଳିତ ସଦସ୍ୟଙ୍କୁ ଦଣ୍ଡିତ କରିବାକୁ ଚାହାନ୍ତି ନାହିଁ।

– ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି


## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:...............................

ଜନ୍ମ ତାରିଖ: ...............................



ହିମାଂଶୁ ଶେଖର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯାହା କହିଥିଲେ, ତାହା ହିଁ କଲେ କୁଲସିକା

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ରାଜ୍ୟ କଂଗ୍ରେସ ଭବନରୁ ଖୋଲାଖୋଲି ସମାଲୋଚନା କରିଥିବା ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ କୈଳାସ କୁଲସିକା ପ୍ରଦେଶ କଂଗ୍ରେସ କମିଟି (ପିସିସି)କୁ ଦେଇଥିବା ନୋଟିସ ଉତ୍ତରରେ ଦୁଃଖ ପ୍ରକାଶ କରିଛନ୍ତି। ଭବିଷ୍ୟତରେ ଏପରି କାର୍ଯ୍ୟ କରିବେ ନାହିଁ ଏବଂ ଦଳକୁ ଶକ୍ତିଶାଳୀ କରିବା ଲାଗି ସମସ୍ତ ସହଯୋଗ କରିବେ ବୋଲି କୁଲସିକା ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। ତେବେ ବାହିନୀପତିଙ୍କୁ ସମାଲୋଚନା ବେଳେ ଠିକ୍ ଏମିତି ଢଙ୍ଗରେ କ୍ଷମା ମାଗିବା କଥା କହିଥିଲେ କୁଲସିକା। ସେ କହିଥିଲେ, ଯଦି ଜଣେ ଭୁଲ୍ କରି କ୍ଷମା ମାଗିଦେବ ଏବଂ ତାଙ୍କୁ କ୍ଷମା କରିଦିଆଯିବ, ତେବେ ସେ ମଧ୍ୟ ଭୁଲ୍ କରି କ୍ଷମା ମାଗିଦେବେ। ଏବେ ନୋଟିସର ଉତ୍ତରରେ କୁଲସିକା ଠିକ୍ ତାହା ହିଁ କରିଛନ୍ତି।

ସୂଚନାଯୋଗ୍ୟ, ୨ ଦିନ ତଳେ ପୂର୍ବତନ ବିଧାୟକ କୁଲସିକା ରାଜ୍ୟ କଂଗ୍ରେସ ପ୍ରଭାରୀ ଏ. ଚେଲାକୁମାରଙ୍କ ସହ କଥା ହୋଇ ଫେରିବା ପରେ ଜୟପୁର ବିଧାୟକ ବାହିନୀପତିଙ୍କ ଉପରେ ବର୍ଷିଥିଲେ। କଂଗ୍ରେସ ଭବନରେ ଠିଆ ହୋଇ ଗଣମାଧ୍ୟମ ସମ୍ମୁଖରେ ସେ ବାହିନୀପତି ଓ ତାରାଙ୍କ ସ୍ତ୍ରୀ ତଥା କୋରାପୁଟ ଜିଲା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତିଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ତାରା କୋରାପୁଟରେ ବିଜେଡି ପାଇଁ କାମ କରନ୍ତି। କୋରାପୁଟ କିଙ୍ଗ୍ ହେବାକୁ ଚାହୁଁଛନ୍ତି। ସେଥିଲାଗି ଦଳିତ ଓ ଆଦିବାସୀ ନେତାଙ୍କୁ ବିରୋଧ କରୁଛନ୍ତି। ଦଳୀୟ ମୁଖ୍ୟାଳୟରୁ ନିଜ ଦଳର ଜଣେ ବିଧାୟକଙ୍କୁ କୁଲସିକାଙ୍କ ଏପରି କଡ଼ା ସମାଲୋଚନା ରାଜ୍ୟରେ ଚର୍ଚ୍ଚାର ବିଷୟ ହେବା ସହ କୋରାପୁଟ କଂଗ୍ରେସ ରାଜନୀତିରେ କିଛି ଠିକ୍ ଚାଲି ନ ଥିବା ସ୍ପଷ୍ଟ କରିଥିଲା। ଏହାପରେ କୁଲସିକାଙ୍କ ବିରୋଧରେ ପିସିସି ପକ୍ଷରୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିଲା। ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପଚରାଯାଇଥିଲା। ପରେ କୁଲସିକା ପିସିସିକୁ ନୋଟିସର ଉତ୍ତର ପ୍ରଦାନ କରିବା ସହ ନିଜ ମନ୍ତବ୍ୟ ପାଇଁ ଦୁଃଖପ୍ରକାଶ କରିଛନ୍ତି।

## ପ୍ରତାପଙ୍କୁ ବହିଷ୍କାର...

ପ୍ରଥମ ପୃଷ୍ଠାରୁ...

ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ଭାଜପା ସଦସ୍ୟ ବିଷ୍ଣୁ ଚରଣ ସେଠୀ, ମୋହନ ଚରଣ ମାଝି, କୁସୁମ ଟେଟେ, ନାଉରି ନାୟକ, ଗଣେଶ ରାମ ସିଂହ ଖୁଣ୍ଟିଆଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନେ ହାତରେ ବ୍ୟାନର ଧରି ଆଇନ ମନ୍ତ୍ରୀଙ୍କ ବହିଷ୍କାର ଦାବି ନେଇ ସ୍ଲୋଗାନ ଦେଇଥିଲେ। ଆଇନ ମନ୍ତ୍ରୀଙ୍କୁ ସୁରକ୍ଷା ଦେବା ବନ୍ଦ କର.. ବନ୍ଦ କର.., ଆଇନ ମନ୍ତ୍ରୀ ଇସ୍ତଫା ଆମର ଦାବି..ଆମର ଦାବି..ସ୍ଲୋଗାନ ଦେଇ ହୋହଲ୍ଲା କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ଦଳର ସଦସ୍ୟ ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ରମେଶ ଜେନାଙ୍କ ସମେତ ଅନ୍ୟମାନେ ଗୃହର ମଧ୍ୟଭାଗକୁ ଆସି ମରୁଡ଼ି ପରିସ୍ଥିତି ନେଇ ସରକାର କି ପଦକ୍ଷେପ ନେଇଛନ୍ତି ଗୃହରେ ବିବୃତି ଦିଅନ୍ତୁ, ପ୍ରଶ୍ନକାଳ ବାତିଲ କରାଯାଉ, ତୁରନ୍ତ ଏହି ପ୍ରସଙ୍ଗରେ ଆଲୋଚନା କରାଯାଉ ବୋଲି ଦାବି କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବା ଲାଗି ବାଚସ୍ପତି ବିରୋଧୀ ଦଳ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ମାତ୍ର ଏହାର କୌଣସି ପ୍ରଭାବ ସଦସ୍ୟଙ୍କ ଉପରେ ପଡ଼ି ନ ଥିଲା। ବାଚସ୍ପତି ୧୦ଟା ୩୨ରୁ ୧୧ଟା ୩୦ ଯାଏ ଗୃହ ମୁଲତବୀ ଘୋଷଣା କରିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ। ୧୧ଟା ୩୦ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଉଭୟ ବିରୋଧୀ ଦଳ ପୁଣି ହଙ୍ଗାମା କରିଥିଲେ। ବାଚସ୍ପତି କହିଥିଲେ ଯେ, ମରୁଡ଼ି ଉପରେ ଆଲୋଚନା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଆପଣମାନେ ନିଜ ନିଜ ସ୍ଥାନରେ ବସନ୍ତୁ। ମାତ୍ର ବାଚସ୍ପତିଙ୍କ ଅନୁରୋଧକୁ ବିରୋଧୀ ସଦସ୍ୟମାନେ ଖାତିର ନ କରି ଗୃହରେ ହୋହଲ୍ଲା ଜାରି ରଖିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ଗୃହକୁ ୧୧ଟା୩୪ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ତେବେ ଅପରାହ୍ନରେ ମଧ୍ୟ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। କଂଗ୍ରେସ ସଦସ୍ୟମାନେ ଶାନ୍ତ ହୋଇଯାଇଥିଲେ ମଧ୍ୟ ମାହାଙ୍ଗା ଡବଲ ମର୍ଡରକୁ ନେଇ ଭାଜପା ପୁଣି ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଇସ୍ତଫା ଦାବି କରି ହଙ୍ଗାମା କରିଥିଲା। ଏଥିପାଇଁ ଗୃହକୁ ବାଚସ୍ପତି ବାରମ୍ବାର ମୁଲତବୀ ଘୋଷଣା କରିଥିଲେ। ଅପରପକ୍ଷରେ ବିରୋଧୀଙ୍କ ହଙ୍ଗାମା ସତ୍ତ୍ୱେ ବିଧାନସଭାରେ ଓଡ଼ିଶା ବସ୍ତିବାସିନ୍ଦା ଭୂମି ଅଧିକାର(ସଂଶୋଧନ) ବିଲ୍-୨୦୨୧, ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ(ସଂଶୋଧନ) ବିଲ୍-୨୦୨୧ ଏବଂ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱ ବିଦ୍ୟାଳୟ ବିଲ୍-୨୦୨୧କୁ ଏକ ପାଖିଆ ଅନୁମୋଦନ କରାଯାଇଛି। ହଙ୍ଗାମା ନ ଥମିବାରୁ ବାଚସ୍ପତି ଗୃହକୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

## ଅଭିନେତା ସିଦ୍ଧାର୍ଥ...

କଳାକାରମାନେ ଶୋକବ୍ୟକ୍ତ କରିଛନ୍ତି। ବି ଟାଉନ୍‌ର ମନୋଜ ବାଜପେୟୀ, ଅନିଲ କପୁର, ରବି କିଷନ୍, ସଲମାନ ଖାନ, ସୁନୀଲ ସେଟ୍ଟୀ, ରବିନା ଟଣ୍ଡନ, ଅଜୟ ଦେବଗନ, ହଂସଲ ମେହତା, ହିତେନ୍ ତେଜୱାନୀ, ରାଜକୁମାର ରାଓ, ପତ୍ରଲେଖା, କପିଲ ଶର୍ମା ଆଦି ପ୍ରମୁଖ କଳାକାରଙ୍କ ସମେତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଶୋକ ପ୍ରକାଶ କରିଛନ୍ତି। ମଡେଲିଂରୁ କ୍ୟାରିୟର ଆରମ୍ଭ କରିଥିବା ସିଦ୍ଧାର୍ଥ କମ୍ ସମୟ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିଥିଲେ। ଫିଅର ଫାକ୍ଟର: ଖତ୍‌ରୋଁ କା ଖିଲାଡି-୭ର ବିଜେତା ହେବା ସହ ରିଅଲିଟି ଶୋ ବିଗ୍ ବସ୍ ସିଜନ୍-୧୩ ଟାଇଟଲ ଜିତିବା ପରେ ତାଙ୍କୁ ଚାରିଆଡ୍ରୁ ଅଫର ମିଳିବା ଆରମ୍ଭ ହୋଇଯାଇଥିଲା। ୨୦୧୪ରେ ବଲିଉଡ୍‌ରେ ଡେବ୍ୟୁ କରି ରୋମାଣ୍ଟିକ୍ କମେଡି ମୁଭି 'ହମ୍ପ୍ଟି ଶର୍ମା କି ଦୁଲ୍‌ହନିଆ'ରେ ସେ ସପୋର୍ଟିଂ ଆକ୍ଟର ଭାବେ କାମ କରିଥିଲେ। ୨୦୨୧ରେ ସେ ଓଟିଟି ପ୍ଲାଟଫର୍ମରେ ମଧ୍ୟ ଡେବ୍ୟୁ କରିଥିଲେ। ନିକଟରେ ତାଙ୍କ ରୋମାନ୍ସ ୱେବସିରିଜ୍ 'ବ୍ରୋକେନ ବଟ୍ ବିୟୁଟିଫୁଲ୍' ଏଲ୍‌ଟିବାଲାଜୀ ଏବଂ ଏମ୍‌ଏକ୍ସ ପ୍ଲେୟରରେ ଷ୍ଟ୍ରିମିଂ ହୋଇଥିଲା।

## ବିଦ୍ୟାଭାରତୀଙ୍କୁ ମାରାଥନ...

ଏଗ୍ରିମେଣ୍ଟ ପେପର, ବ୍ୟାଚଲର ପାର୍ଟି ଓ ସୌମ୍ୟଙ୍କ ଡାଏରୀରେ ଥିବା ତଥ୍ୟ ଉପରେ ପଚରାଉଚୁରା କରିଥିବା ଜଣାପଡ଼ିଛି। ଏତଦ୍‌ବ୍ୟତୀତ ସୌମ୍ୟଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଉଥିବା ବେଳେ ରାସ୍ତାରେ କ'ଣ କ'ଣ ଘଟଣା ଘଟିଥିଲା ସେ ସମ୍ପର୍କରେ ଜେରା କରିବା ସହିତ କେତେକ ସ୍ୱତନ୍ତ୍ର ପ୍ରଶ୍ନ ପଚାରିଥିଲେ। ଉଦଳା ଏସ୍‌ଡିପିଓ ଏବଂ କପ୍ତିପଦା ଥାନା ପୋଲିସ ଜେରା ଲାଗି କ୍ରାଇମ୍‌ବ୍ରାଞ୍ଚ ଟିମ୍‌କୁ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୧୨ ତାରିଖରେ ଏସିଏଫ୍ ସୌମ୍ୟ ରଞ୍ଜନ ପୋଡ଼ି ହୋଇ ଯାଇଥିଲେ। ୧୩ତାରିଖରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ବାପା ଅଭିରାମ ମହାପାତ୍ର ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରୁଥିବା ପାରଳାଖେମୁଣ୍ଡି ଥାନା ପୋଲିସ ପୂର୍ବରୁ ବିଦ୍ୟାଭାରତୀଙ୍କୁ ଜେରା କରିଥିଲା। କିନ୍ତୁ ଏହି ଘଟଣାରେ ତାଙ୍କର ସମ୍ପୃକ୍ତି ଅଛି କି ନାହିଁ ତାହା ସ୍ପଷ୍ଟ କରି ନ ଥିଲା। ତେବେ ଆବଶ୍ୟକ ପଡ଼ିଲେ ପୁଣି ଥରେ ବିଦ୍ୟାଭାରତୀଙ୍କୁ ଜେରା କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଟିମ୍ ସୂଚନା ଦେଇଛି।

## ମାନବବାଦ ସଙ୍ଗଠନ ମୁଖ୍ୟ...

୩୬୯, ୫୦୬, ୧୦୯, ୧୨୦(ବି)ରେ ଏକ ମାମଲା(୧୪୯/୨୦୨୧) ରୁଜୁ କରିଥିଲା। ପୂର୍ବରୁ ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ମାନସଙ୍କ ସିଧାସଳଖ ସମ୍ପୃକ୍ତି ରହି ନ ଥିଲେ ମଧ୍ୟ ପରୋକ୍ଷରେ ହତ୍ୟା ଷଡ଼ଯନ୍ତ୍ର ଏବଂ ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ଶବ ପୋଡ଼ି ଏବଂ ବସନ୍ତଙ୍କୁ ଧମକଚମକ ଦେବା ଘଟଣାରେ ତାଙ୍କର ସମ୍ପୃକ୍ତି ଥିବା ତଦନ୍ତ ସମୟରେ ଜଣାପଡ଼ିଛି। ସେହିପରି କଡ଼ବ ଗ୍ରାମର ମାଗୁଣୀ ଏବଂ ଆନନ୍ଦଙ୍କୁ ବନ୍ଦ କୋଠରିରେ ମାନବବାଦ ସଙ୍ଗଠନର କର୍ମକର୍ତ୍ତା ମାଡ଼ ମାରିବା ଘଟଣାରେ ବେଗୁନିଆ ଥାନାରେ ୧୬୬/୨୧ରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ମାନସଙ୍କ ପୁଅ ମନୋରଞ୍ଜନଙ୍କ ସମ୍ପୃକ୍ତି ପ୍ରମାଣିତ ହେବାପରେ ତାଙ୍କୁ ଗିରଫ କରାଯାଇଛି। ଏନେଇ ତାଙ୍କ ବିରୋଧରେ ଆଇପିସି ଦଫା ୩୬୩, ୩୨୩, ୩୨୫, ୩୦୭, ୨୯୪, ୫୦୬,୩୪ରେ ମାମଲା ରହିଛି। ଅପରପକ୍ଷରେ ନିଜିଗଡ଼ ତାପଙ୍ଗ ଝିଙ୍କିଖାରୀ ଗ୍ରାମର ସୁବାଶିଷ ବେହେରା ହତ୍ୟା ଧମକ ଦେବା ଅଭିଯୋଗରେ ଗୁରୁବାର ମାନସଙ୍କ ବିରୋଧରେ ଏକ ଅଭିଯୋଗ ଆଣିଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ଖୋର୍ଦ୍ଧା ସଦର ଥାନାରେ ଗୁରୁବାର ଏକ ମାମଲା(୧୨୭/୨୧) ରୁଜୁ ହୋଇଛି। ଏହାର ତଦନ୍ତ କରାଯିବ। ମାନସଙ୍କ ବିରୋଧରେ କୌଣସି ଲୋକଙ୍କ ଯଦି କିଛି ଅଭିଯୋଗ ଥାଏ, ସେମାନେ ନିର୍ଭୟରେ ଆସି ଥାନାରେ ଅଭିଯୋଗ କରିପାରିବେ। ସମସ୍ତ ଅଭିଯୋଗକାରୀଙ୍କୁ ସୁରକ୍ଷା ଦିଆଯିବା ସହ ଅଭିଯୋଗର ନିରପେକ୍ଷ ତଦନ୍ତ କରାଯିବ ବୋଲି ଖୋର୍ଦ୍ଧା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଆଇଜି ଭୋଳ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା ଉପସ୍ଥିତ ଥିଲେ।

ପ୍ରକାଶ ଯେ, ମାନବବାଦ ସଂଗଠନ ନାମରେ ମାନସ ଓରଫ ଗୁରୁଜୀ ଏକ ସଂସ୍ଥା ଚଳାଇ ଆସୁଛନ୍ତି। ସେ ପେସାରେ ଜଣେ ଆଇନଜୀବୀ। ଗ୍ରାମାଞ୍ଚଳର ନିରୀହ ଲୋକଙ୍କୁ ତାଙ୍କ ସଂଗଠନରେ ମିଶିବାକୁ ସେ ବାଧ୍ୟ କରୁଥିଲେ। ଯିଏ ନ ମିଶୁଥିଲା ତାଙ୍କୁ ସଂଗଠନର କର୍ମକର୍ତ୍ତା ଅମାନବୀୟ ଅତ୍ୟାଚାର କରୁଥିଲେ। ଆକ୍ରମଣ କରାଯାଉଥିବାର ଏକ ଭିଡିଓ ଭାଇରାଲ ହେବା ପରେ ମାନସଙ୍କ ବିରୋଧରେ ଏକାଧିକ ଅଭିଯୋଗ ହେଉଛି। ଅନ୍ୟପଟେ ମାନସ ଗିରଫ ହୋଇଥିବା ଜଣାପଡ଼ିବା ପରେ ତାଙ୍କ ସମର୍ଥକମାନେ ଏସ୍‌ପି ଅଫିସ୍ ଘେରାଉ କରିଥିଲେ। ରାତି ବଢ଼ିବା ସହିତ ସମର୍ଥକଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ଏସ୍‌ପି ଅଫିସ ଆଗରେ ୫ ପ୍ଲାଟୁନ ଫୋର୍ସ ମୁତୟନ ଅଛନ୍ତି। ସମର୍ଥକମାନେ ଗୁରୁଜୀଙ୍କ ସପକ୍ଷରେ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ମାନବବାଦ ସଙ୍ଗଠନ ମୁଖ୍ୟ ଗୁରୁଜୀଙ୍କ ଦ୍ୱାରା ନିର୍ଯାତିତ ପରିବାର ଖୁସି ବ୍ୟକ୍ତ କରିଛନ୍ତି। ଦୀର୍ଘଦିନ ପରେ ସେମାନଙ୍କୁ ନ୍ୟାୟ ମିଳିଛି ବୋଲି ଗଣମାଧ୍ୟମକୁ କହିଛନ୍ତି। ମାନବବାଦ ସଙ୍ଗଠନ ଦ୍ୱାରା ନିର୍ଯାତିତ, ନିଷ୍ପେଷିତ ହୋଇ ଆତଙ୍କିତ ଅବସ୍ଥାରେ ରହିଥିବା ପରିବାର ଏବେ ଆଶ୍ୱସ୍ତି ଅନୁଭବ କରୁଛନ୍ତି।

# ୟୁଜିସି ଗାଇଡ୍‌ଲାଇନ ପାଳନ କରୁନାହାନ୍ତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅରୁଣ

**ପିଜି ନାମଲେଖା ଲାଗି ମାର୍କଶିଟ୍ ଦାଖଲ ଅବଧି ବଢ଼ାଯାଉ**

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

ସ୍ନାତକ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ରେଜଲ୍ଟ ଶୀଘ୍ର ବାହାର କରିବା ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିବା ପରେ ଏହାର ଉତ୍ତର ରଖିଛନ୍ତି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ। ଗୁରୁବାର ମନ୍ତ୍ରୀ ସାହୁ କେନ୍ଦ୍ର ମନ୍ତ୍ରୀଙ୍କୁ ଚିଠି ଲେଖି କହିଛନ୍ତି ଯେ, ଜୁଲାଇ ମାସରେ ୟୁଜିସି ଗାଇଡ୍‌ଲାଇନ ଅନୁଯାୟୀ ଅଗଷ୍ଟ ୩୧ ସୁଦ୍ଧା ସ୍ନାତକ ପରୀକ୍ଷା ଶେଷ କରିବା ପାଇଁ କୁହାଯାଇଥିଲା। ସେହିପରି ସେପ୍ଟେମ୍ବର ୩୦ ସୁଦ୍ଧା ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖା ଶେଷ ଏବଂ ଅକ୍ଟୋବର ୧ ସୁଦ୍ଧା ପାଠପଢ଼ା ଆରମ୍ଭ ହେବାକୁ ନିର୍ଦ୍ଦେଶ ଥିଲା। ଏହି ଅନୁସାରେ ରାଜ୍ୟର ସମସ୍ତ ସ୍ନାତକ ଶେଷ ବର୍ଷ ପରୀକ୍ଷା ଗତ ୩୧ ତାରିଖ ସୁଦ୍ଧା ଶେଷ ହୋଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଫଳ ପ୍ରକାଶ ପାଇବ। ଏହା ଭିତରେ କେତେକ କଲେଜରେ ପରୀକ୍ଷା ଫଳ ବାହାରିଛି। କିନ୍ତୁ ଅନେକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ୟୁଜିସିର ଧାର୍ଯ୍ୟ ତାରିଖକୁ ପାଳନ କରିନାହାନ୍ତି। ରେଜଲ୍ଟ ପ୍ରକାଶ କରିବା ସହିତ ପିଜି ନାମଲେଖା ସାରିଦେଲେଣି। ଫଳରେ ଓଡ଼ିଶାର ଛାତ୍ରୀଛାତ୍ରମାନେ ସ୍ନାତକ ଶେଷବର୍ଷ ମାର୍କସିଟ୍ ଦାଖଲ ନ କରିପାରିବାରୁ ନାମଲେଖାରୁ ବଞ୍ଚିତ ହୋଇଛନ୍ତି। ତେଣୁ ୟୁଜିସି ଗାଇଡ୍‌ଲାଇନ ଆଧାରରେ ପିଜି ନାମ ଲେଖା ଲାଗି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସେପ୍ଟେମ୍ବର ୩୦ ଯାଏ ସ୍ନାତକ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ମାର୍କସିଟ୍ ଏବଂ ରେଜଲ୍ଟ ଦାଖଲ କରିବା ଅବଧି ବଢ଼ାଯାଉ ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଅନୁରୋଧ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବନ୍ଧୁଙ୍କ ସହ ଯୋଜନାରମ୍ଭ ସମ୍ବନ୍ଧୀୟ ଆଲୋଚନା କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଦୂରଯାତ୍ରା ଓ ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି ବିଷୟରେ ଯୋଜନା କରିବେ। ରୋଗୀର ଆରୋଗ୍ୟ ସକାଶେ, ଋଣ ପରିଶୋଧ ପାଇଁ ମାନସିକ ସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବ। ପିଲାଙ୍କ ଅସୁବିଧା ସମ୍ପର୍କରେ, ବନ୍ଧୁଙ୍କ ସହ ନୂତନ କାର୍ଯ୍ୟପନ୍ଥା ଗ୍ରହଣ କରିବା ଭଲ।

**ବୃଷ** – ପରିବାରର ଆକସ୍ମିକ ଖର୍ଚ୍ଚଭାର ବୃଦ୍ଧି କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ନିର୍ମାଣାଧୀନ କାର୍ଯ୍ୟ, ଜମିଜମା ଆଲୋଚନା, ବନ୍ଧୁ ସମ୍ପର୍କରେ କିଛିଟା ଝଟ୍‌କା ଲାଗିପାରେ।

**ମିଥୁନ** – ଦୀର୍ଘଦିନ ହେଲା ଯାହା ଭାବୁଛନ୍ତି ଆଜି ତାହା ହିଁ ହେବ। ପାରିବାରିକ କ୍ଷେତ୍ରରେ କୁହୁଳୁଥିବା ନିଆଁ ପ୍ରତି ସାବଧାନ ରହିବା ବିଧେୟ। ଉଚ୍ଚପଦାଧିକାରୀଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଅନିମନ୍ତ୍ରିତ ଭାବରେ ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହେବାର ଆଶଙ୍କାକୁ ଏଡି ହେବନାହିଁ।

**କର୍କଟ** – ପାରିବାରିକ ସମସ୍ୟାର କେତେକ ଅକୁହା କଥାକୁ ବିଶ୍ଳେଷଣ କରି ଅବସାଦ ଉତ୍ପନ୍ନ କରିବେ। କର୍ମକ୍ଷେତ୍ରରେ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ହିତୈଷୀଙ୍କ ପ୍ରଶଂସା ମନୋବଳ ବଢ଼ାଇବ। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାଳରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ସିଂହ** – ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ସହକର୍ମୀ ଫାଇଦା ଉଠାଇବାକୁ ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ମାଲିମକଦ୍ଦମାର ଆପୋସ ସମାଧାନ ହୋଇଯିବ। ମହିଳାମାନଙ୍କ ପାରିବାରିକ ସ୍ଥିତି ସୁଦୃଢ଼ ରହିବ।

**କନ୍ୟା** – ଆଜି ଯେ କୌଣସି କ୍ଷେତ୍ରରେ ତରବରିଆ କାମ କରିବା ଭଲ ହେବନାହିଁ। ପାରିପାର୍ଶ୍ୱିକ କେତେକ ବ୍ୟତିକ୍ରମଜନିତ ଉନ୍ନୟନ କାମ ବାଧାପ୍ରାପ୍ତ ହୋଇପାରେ। ଆଲୋଚନାରେ ଭାବ ପ୍ରବଣତା ପରିହାର ପୂର୍ବକ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଗୁରୁପାକ ଦ୍ରବ୍ୟ ଭୋଜନରୁ ସ୍ୱାସ୍ଥ୍ୟ ଖରାପ ହୋଇପାରେ।

**ତୁଳା** – ଆଜି କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିରେ ପଡ଼ି ଅଣନିଃଶ୍ୱସୀ ହୋଇପାରନ୍ତି। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। କୌଣସି ଭଦ୍ରମହିଳାଙ୍କ ଅନୁକମ୍ପାମୂଳକ ସାହାଯ୍ୟ ଦ୍ୱାରା ଉପକୃତ ହୋଇପାରନ୍ତି। ବନ୍ଧୁମାନେ ସହଯୋଗ କାରଣରୁ ଶତ୍ରୁମାନେ କିଛି କ୍ଷତି କରିପାରିବେ ନାହିଁ।

**ବିଛା** – ଅବସାଦଗ୍ରସ୍ତ ମନରେ ବନ୍ଧୁମାନଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ଆଜିର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ଆବଶ୍ୟକତା ଅନୁଯାୟୀ କୌଣସି ମୂଲ୍ୟବାନ ଜିନିଷ ଘରକୁ ଆଣିପାରନ୍ତି।

**ଧନୁ** – ଯେଉଁ କାମ ହାତକୁ ନେଇଛନ୍ତି ତାହା ବଢ଼ାଇ ନିଅନ୍ତୁ, କିଛି ଅସୁବିଧା ହେବନି। ସକାଳୁ ସକାଳୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ଆଇନ ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ।

**ମକର** – ଲାଗିରହିଥିବା ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ଲାଘବ ହେବ। କର୍ମକ୍ଷେତ୍ରରେ ସତର୍କତାର ସହ କାମ ନ କଲେ ଅସୁବିଧାରେ ପଡ଼ିପାରନ୍ତି। ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହୋଇ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବେ, ଯାହା କି ଆପଣଙ୍କ ସକାଶେ ହିତକର ହେବ।

**କୁମ୍ଭ** – ସହକର୍ମୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂଆ ପଦକ୍ଷେପ ଗ୍ରହଣ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ତରଫରୁ ସମସ୍ୟା ଆସିପାରେ। ଆଜିର ଭ୍ରମଣ ବେଶ୍ ଆନନ୍ଦ ଦାୟକ ହେବ ଏବଂ ଯାହା ଚିନ୍ତା କରୁଛନ୍ତି ଅବଶ୍ୟ ପାଇପାରିବେ।

**ମୀନ** – ପୂର୍ବର ବିବାଦୀୟ ବିଷୟ ଚିନ୍ତା କରି ନିକଟ ସମ୍ପର୍କୀୟମାନେ ମଧ୍ୟ ପାଖ ମାଡିବେ ନାହିଁ। ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ସମସ୍ୟା ମଧ୍ୟରେ ଚଳିବା ହେତୁ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ଚନ୍ଦକାରେ BCCST College ପାଖରେ ରୋଡ୍, Electricity, Water ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 7735922768, 7326820978. D-70897

ପାହାଳ, ନଖରା, ତମାଣ୍ଡୋରେ electri ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି ଘର କରନ୍ତୁ। 9776866520. D-70896

ଭୁବନେଶ୍ୱର ଚନ୍ଦକାରେ **Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542.** D-70889

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ Commercial Hub Grand Bazar ସମ୍ମୁଖରୁ 1 K.M. ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249310759.** D-70893

Land Owner plot for sale Patrapada CV Raman College yellowzone, Price-999/-. 9437335686, 7008487006. D-21504

**ଭୁବନେଶ୍ୱର Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ boundary, electricity, gated societyରେ plot କିଣି immediate ଘର କରନ୍ତୁ। 9437005434.** D-70898

Duplex house for sale at Gadakana, Bhubaneswar. Contact Owner: 9348695941. D-21520

**2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254.** D-70886

**2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989.** D-70890

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାରି ଜାଗା ବିକ୍ରିହେବ। (Single Owner). ଷ୍ଟାର ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। ଯୋଗାଯୋଗ-8917413036. D-71141




**Construct your home with branded material. We provide plan approval, boring, vastu. 7789824989, 9040744989.** D-70891

**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




4000sqft. Godown with office space for rent at BJB Nagar. Contact: 9937095445. D-70478




Newly open therapy centre offer @ 799/-, positively health benefits. 7381172169. D-71410

Refreshments rejuvenation body massage therapy with experience therapists, Bhubaneswar. 9668374480. D-71143

Swarna SPA newly open positively health benefits with expert therapist. 9556978408. D-71139

Newly open Saikrupa Panchakarma Spa positively health benefits with Expert. 8984068077. D-21451

Refreshing your mind, your body with tha best therapy at Lotus SPA. 8018891951. D-70474




Join bhubaneswar massage club ladies and gents earn regular income contact- 7978441326. D-21489

**LOST**

I Mrs. Shantilata Samal, W/o- Late Narahari Samal, resident at B1-89, Lingaraj Vihar, Pokhariput, PS-Airport, Aerodrome Area, Bhubaneswar Dist- Khurda. I purchased Vacant Land vide Plot no.-89/4143/10226, Khata no.-801/2639, Area-Ac0.050 decimals at Mouza- Daruthenga, Tahasil-Bhubaneswar, Dist-Khurda. I have lost original ROR (Patta) at my Pokhariput house. Therefore notice is hereby given to general public anybody has got any right, title, interest over the property on the missing document they have to claim before within 15 days of publication. contact details:- Mrs. Shantilata Samal, Contact number- 9556666106. D-21519

**AFFIDAVIT**

By affidavit before Notary Public, Kendrapara, CF No.- 55AA 461505 dtd-19.8.21 I have been changed name from Dilip to Dillip, At/Po- Gogua, PS.- Pattamundai, Dist- Kendrapara. Insted of Dilip Kumar Bal, I have been recognized, identified & known as Dillip Kumar Bal for all purposes. D-21523

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**8th Happy Birthday**



**Himansu Sekhar Sahoo**
(Raja Bazar, Jatni)
May you continue to improve as a person with each passing year wishing you a very Happy Birthday. Lots of love... From Father: Udayasankar Sahoo and Suchitra Sahoo (Mother). D-71145

# ୬୦ରୁ ୬କୁ ଖସିଲା କରୋନା ମୃତ୍ୟୁ

- ଆଉ ୭୫୪ ପଜିଟିଭ୍ ଚିହ୍ନଟ
- ପୁଣି ୧୦୮ ପିଲା ସଂକ୍ରମିତ

ଭୁବନେଶ୍ୱର, ୨।୯(ବ୍ୟୁରୋ)

ରାଜ୍ୟରେ ହଠାତ୍ କମିଗଲା କରୋନା ମୃତ୍ୟୁ। ଗତ କିଛିଦିନ ହେବ ଦୈନିକ ମୃତ୍ୟୁ ରିପୋର୍ଟ ୬୦ ପାଖାପାଖି କିମ୍ବା ଏହାଠାରୁ ଅଧିକ ରହୁଥିଲା। ହେଲେ ଗତ ୨୪ ଘଣ୍ଟାରେ ମାତ୍ର ୬ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଥିବା ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଖୋର୍ଦ୍ଧାରୁ ୪ଜଣ ଥିବାବେଳେ ଯାଜପୁର ଓ କଟକରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ମୃତ୍ୟୁ ସଂଖ୍ୟା ୧୦ ତଳକୁ ଖସିଯିବା ଖବର ଆଶ୍ୱସ୍ତି ଦେଇଥିଲେ ମଧ୍ୟ ଏହାକୁ ନେଇ ନାନା ଚର୍ଚ୍ଚା ବି ଆରମ୍ଭ ହୋଇଛି। ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାନୁସାରେ, ପୁରୁଣା ମୃତ୍ୟୁର ହିସାବ ଶେଷ ହୋଇଛି। ଏବେ ଯେଉଁ ମୃତ୍ୟୁ ସଂଖ୍ୟା ଆସିବ ତାହା ପ୍ରକାଶ କରାଯିବ। କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ପ୍ରତିଦିନ ପରି ଗୁରୁବାର ବି ଟୁଇଟ୍ କରି ସ୍ପଷ୍ଟ କରିଛି ଯେ, ଏହି ୬ଜଣଙ୍କ ମୃତ୍ୟୁ ଗୋଟିଏ ଦିନରେ ହୋଇ ନାହିଁ। ଅଡିଟ୍ ପରେ ଏମାନଙ୍କର କରୋନାରେ ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ତଥ୍ୟ ଦିଆଯାଇଛି।

ସୂଚନାଯୋଗ୍ୟ, ଜୁଲାଇ ପ୍ରଥମ ସପ୍ତାହରେ ରାଜ୍ୟ ସରକାର ପୁରୁଣା କୋଭିଡ୍ ମୃତ୍ୟୁର ଅଡିଟ୍ କରିବା ସହ ତଥ୍ୟ ଦେବା ଆରମ୍ଭ ହୋଇଥିଲା। ଦୈନିକ ୩୦ରୁ ୪୦ ଭିତରେ ସୀମିତ ରହୁଥିବା କୋଭିଡ୍ ମୃତ୍ୟୁ ସଂଖ୍ୟା ହଠାତ୍ ୬୦ ପାର କରିଥିଲା। ଫଳରେ ଜୁଲାଇରେ ୬୬,୯୬୭ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧,୨୬୪ ଜଣଙ୍କ ମୃତ୍ୟୁ ତଥ୍ୟ ଦେଇଥିଲା ସ୍ୱାସ୍ଥ୍ୟ ବିଭାଗ। ସେହିପରି ଅଗଷ୍ଟରେ ୨୮,୭୩୨ ଆକ୍ରାନ୍ତ ହୋଇଥିଲେ ଓ ୨ହଜାର ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା। ସେପ୍ଟେମ୍ବର ୧ରେ ୬ଜଣଙ୍କ ମୃତ୍ୟୁ ପରେ ଏବେ ରାଜ୍ୟରେ କରୋନାଜନିତ ମୃତ୍ୟୁ ୮,୦୨୮କୁ ବୃଦ୍ଧି ପାଇଛି।



ଅପରପକ୍ଷରେ ରାଜ୍ୟରେ ପୁଣି ୧୦୮ ପିଲା କରୋନାରେ ସଂକ୍ରମିତ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ୬୬,୬୮୩ ନମୁନା ପରୀକ୍ଷା ହୋଇଥିବାବେଳେ ୭୫୪ ଜଣଙ୍କ ରିପୋର୍ଟ ପଜିଟିଭ୍ ବାହାରିଛି ଓ ସଂକ୍ରମଣ ହାର ୧.୧୩% ହୋଇଛି। ଏମାନଙ୍କ ମଧ୍ୟରୁ ୪୩୮ଜଣ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୩୧୬ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୨୬୧ ଥିବାବେଳେ କଟକରୁ ୧୧୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ୍ ସଂକ୍ରମିତ ସଂଖ୍ୟା ୧୦,୦୯,୨୨୩କୁ ବୃଦ୍ଧି ପାଇଛି। ସେହିଭଳି ମୋଟ ୯,୯୪,୬୩୯ଜଣ ଆରୋଗ୍ୟ ହୋଇଥିବାବେଳେ ୬,୫୦୩ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ଜଣେ ଶିଶୁ ସଂକ୍ରମିତ ହେଲେ ବି ଗୁରୁତ୍ୱପୂର୍ଣ୍ଣ: ଡିଏମ୍ଇଟି

ରାଜ୍ୟରେ କରୋନା ସ୍ଥିତି ନେଇ ଡିଏମ୍ଇଟି ଡା. ସିବିକେ ମହାନ୍ତି କହିଛନ୍ତି, କେରଳରେ ସଂକ୍ରମଣ ବଢ଼ୁଛି। ତା' ତୁଳନାରେ ଅନ୍ୟ ରାଜ୍ୟରେ ସଂକ୍ରମଣର ପ୍ରଭାବ କମ୍ ରହିଛି। ଆମ ରାଜ୍ୟରେ ପ୍ରଥମ ଓ ଦ୍ୱିତୀୟ ଲହରରେ ବି ୧୨ ପ୍ରତିଶତ ଶିଶୁ ସଂକ୍ରମିତ ହୋଇଛନ୍ତି। ବର୍ତ୍ତମାନ ସମୟରେ ୧୨ରୁ ୧୫ ପ୍ରତିଶତ ଶିଶୁ ସଂକ୍ରମିତ ହେଉଛନ୍ତି। ଶିଶୁମାନେ କମ୍ ସୁରକ୍ଷିତ। ଅନ୍ୟ ବୟସର ଲୋକ ଟିକା ନେଇ ସାରିଥିବାରୁ ସେମାନଙ୍କ ଦେହରେ ଆଣ୍ଟିବଡି ସୃଷ୍ଟି ହୋଇସାରିଛି। ସେହି ତୁଳନାରେ ଶିଶୁଙ୍କ ପ୍ରତି ଅଧିକ ଭୟ ରହିଛି। ଜଣେ ଶିଶୁ ସଂକ୍ରମିତ ହେଲେ ବି ଏହା ଗୁରୁତ୍ୱପୂର୍ଣ୍ଣ। ଏହା ଆମ ପାଇଁ ଚିନ୍ତାଜନକ। ଶିଶୁଙ୍କ ସୁରକ୍ଷା ଲାଗି ଅଭିଭାବକ ଓ ସରକାରଙ୍କ ଦାୟିତ୍ୱ ରହିଛି। ସ୍କୁଲକୁ ଯାଉଥିବା ପିଲାଙ୍କ ଦାୟିତ୍ୱ ଶିକ୍ଷକଙ୍କ ହାତରେ ରହିଛି। ଶିଶୁଙ୍କୁ ସୁରକ୍ଷାମୂଳକ ବାତାବରଣ ଯୋଗାଇଦେବା ଆବଶ୍ୟକ। ବର୍ତ୍ତମାନ ସ୍ଥିତିରେ ଭୁତାଣୁର ଉତ୍ସକୁ ନିୟନ୍ତ୍ରଣ ରଖିବା ହେଉଛି ଆମର ମୂଳ ଲକ୍ଷ୍ୟ ବୋଲି ଡିଏମ୍ଇଟି ସୂଚନା ଦେଇଛି।

# ଆଇନର ଆଶ୍ରୟ ନେଲେ ଦୂତୀ

ଭୁବନେଶ୍ୱର, ୨।୯
(କ୍ରୀଡ଼ା ପ୍ରତିନିଧି)



ଖବରଦାତା ସମ୍ମିଳନୀ ଅବସରରେ ଦୂତୀ ଚାନ୍ଦ।

୨୦୧୬ ରିଓ ଏବଂ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାଗ ନେବା ସହ ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିବା ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଏବେ ନିଜକୁ ଅସହଜ ମନେକରୁଛନ୍ତି। ତାଙ୍କ ପାରିବାରିକ କନ୍ଦଳକୁ ଢାଲ କରି ଏକ ୱେବ୍ ଚ୍ୟାନେଲ ତାଙ୍କ ଚରିତ୍ର ସଂହାର କରିବା ସହ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ସେ ଆଇନର ଆଶ୍ରୟ ନେଇଛନ୍ତି। ''ମୁଁ ଖେଳରେ ଏକାଗ୍ର ରହି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିବାକୁ ଚେଷ୍ଟା କରୁଛି। ମାତ୍ର ମୋ ନାମକୁ ନେଇ ନକାରାତ୍ମକ ଖବର ପରିବେଷଣ ଏବଂ ବ୍ଲାକ୍‌ମେଲ କରାଯିବା ମୋତେ ଖୁବ୍ ମର୍ମାହତ କରିଛି ଏବଂ ଏହା ମୋ ଖେଳ ଉପରେ ପ୍ରଭାବ ପକାଇଛି'' ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଦୂତୀ ପ୍ରକାଶ କରିଛନ୍ତି। ଦୂତୀ ୱେବ୍ ଚ୍ୟାନେଲର ନାମ ନେଇ ନ ଥିଲେ, ମାତ୍ର ୩ ଜଣଙ୍କ ନାମ ନେଇଥିଲେ। ଏମାନେ ମୋ ଗାଁକୁ ଯାଇ ବିଭିନ୍ନ ପ୍ରଲୋଭନ ଦେଖାଇ ମୋ ବିରୋଧରେ ମା' ବାପାଙ୍କ ନିକଟରୁ କିଛି ତଥ୍ୟ ସଂଗ୍ରହ କଲେ। ମୁଁ ଟୋକିଓରେ ଥିବା ସମୟରେ ସେମାନେ ମୋ ନିକଟକୁ ଭିଡିଓ ପଠାଇ ଦେଖିବାକୁ କହିଲେ। ଯେହେତୁ ମୋ ମା' ଓ ବାପା ମୋ ବିରୋଧରେ କିଛି କଥା କହିଥିଲେ ତାକୁ ପ୍ରକାଶନ କରିବାକୁ ଧମକ ଦେଇ ମୋ ନିକଟରୁ ଅର୍ଥ ଦାବି କଲେ। ମୁଁ ରାଜି ନ ହେବାରୁ ଗୋଟିଏ ପରେ ଗୋଟିଏ ଭିଡିଓ ପଠାଇ ମୋତେ ମାନସିକ ସ୍ତରରେ ଚାପଗ୍ରସ୍ତ କଲେ। ମୋ ଚରିତ୍ର ସଂହାର କରି ସୋସିଆଲ ମିଡିଆରେ ମୋତେ ବଦନାମ କରିଥିବାରୁ ମୁଁ ବାଧ୍ୟହୋଇ ସେମାନଙ୍କ ନାମରେ ଭୁବନେଶ୍ୱର ମହିଳା ଥାନାରେ ଏକ ଫୌଜଦାରି ମକଦ୍ଦମା କରିଛି। ଏହାଛଡ଼ା ମୋ ମାନସମ୍ମାନ ହାନି ଘଟିଥିବାରୁ ଉପରୋକ୍ତ ୩ ଜଣଙ୍କ ବିରୋଧରେ ୫ କୋଟି ଟଙ୍କାର ମାନହାନି ମକଦ୍ଦମା ମଧ୍ୟ ରୁଜ୍ଜୁ କରିଛି ବୋଲି ୧୦୦ ମିଟର ରେସ୍‌ରେ ଜାତୀୟ ରେକର୍ଡର ଅଧିକାରିଣୀ ଦୂତୀ କହିଛନ୍ତି। ଆଇନ ଉପରେ ମୋର ବିଶ୍ୱାସ ଅଛି। ନିଶ୍ଚିତଭାବେ ମୋତେ ନ୍ୟାୟ ମିଳିବ ବୋଲି ଆଶା ରଖିଛି। ରାଜ୍ୟ ସରକାର ମୋତେ ଆଜି ପର୍ଯ୍ୟନ୍ତ ସବୁଥିରେ ସମର୍ଥନ କରି ଆସିଛନ୍ତି। ଏଥିରେ ମଧ୍ୟ ମୋତେ ସମର୍ଥନ ମିଳିବ ବୋଲି ଦୃଢ଼ ବିଶ୍ୱାସ ରହିଛି। ଯଦି ଆକ୍ରୋଶମୂଳକ ଭାବେ ମୋ ବ୍ୟକ୍ତିଗତ ଜୀବନକୁ ନେଇ ନକାରାତ୍ମକ ଖବର ପରିବେଷଣ କରାଯାଏ ତେବେ ମୁଁ ଖେଳ ଜାରି ରଖିବା ଅସମ୍ଭବ ହୋଇପଡ଼ିବ। ତେଣୁ ବାଧ୍ୟ ହୋଇ ମୁଁ ଖେଳ ଛାଡ଼ିବା ସମ୍ପର୍କରେ ଚିନ୍ତା କରିବି ବୋଲି ଦୁଃଖର ସହ ଦୂତୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଦୂତୀଙ୍କ ଆଇନଗତ ପରାମର୍ଶଦାତା ନର୍ମଦା ନନ୍ଦା ଓ କୋଚ ଶିବ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।

# ଦେଶକୁ ଶକ୍ତିଶାଳୀ କରୁଛି ଆୟକର



ଆୟକର ଭବନଠାରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଅତିଥିଙ୍କ ସହ ବିଭାଗୀୟ କର୍ମଚାରୀ।

**ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ୬ ସମ୍ବର୍ଦ୍ଧିତ**

ଭୁବନେଶ୍ୱର, ୨।୯

ଦେଶ ଗଠନରେ ଆୟକର ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆର୍ଥିକ ଦୃଷ୍ଟିକୋଣରୁ ପ୍ରତ୍ୟକ୍ଷ କର ଦେଶକୁ ଶକ୍ତିଶାଳୀ କରିବାରେ ନିରନ୍ତର ଯୋଗଦାନ ରଖୁଛି। ସ୍ୱେଚ୍ଛାକୃତ ଭାବେ ଟିକସ ପ୍ରଦାନ ସହ ଦେଶର ବିକାଶରେ ଲୋକମାନେ ଯୋଗଦାନ ରଖିବା ଆବଶ୍ୟକତା ରହିଛି। ଏଥିଲାଗି ଲୋକଙ୍କୁ ସଚେତନ କରିବା ଦିଗରେ ବିଭାଗ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ସ୍ୱେଚ୍ଛାକୃତ ଭାବେ ଟିକସ ପ୍ରଦାନ ଲାଗି ଟିକସଦାତାଙ୍କୁ ଉତ୍ସାହିତ କରାଯାଉଛି। ସେହିଭଳି ଟିକସ ଠକେଇ ବିରୋଧରେ ଜିରୋ ଟଲରାନ୍ସ ନୀତି ଅବଲମ୍ବନ କରିବା ଏବଂ ଟିକସ ଫାଙ୍କୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଭୁବନେଶ୍ୱର ଆୟକର କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ପାଳନ ହେଉଥିବା 'ଆଜାଦି କା ଅମୃତ ମହୋତ୍ସବ' କାର୍ଯ୍ୟକ୍ରମରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ରଖିଥିବା ୬ ଜଣଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)ର ପୂର୍ବତନ ସଦସ୍ୟ ଅମରେନ୍ଦ୍ର ନାଥ ମିଶ୍ର, ଆୟକର ବିଭାଗର ଅବସରପ୍ରାପ୍ତ ମୁଖ୍ୟ ଆୟୁକ୍ତ ପ୍ରଦୋଷ ଚନ୍ଦ୍ର ମହାନ୍ତି, ରାଜ୍ୟର ଶୀର୍ଷ ପ୍ରତ୍ୟକ୍ଷ ଟିକସଦାତା ଏସ୍.ଏନ୍.ମହାନ୍ତି କମ୍ପାନୀର ପରିଚାଳନା ପାର୍ଟନର ପ୍ରବୋଧ ମହାନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ପର୍ଶ ହସ୍ପିଟାଲର ଡ. ମାଧୁରୀ ପଟ୍ଟନାୟକ, ଚିତ୍ରଶିଳ୍ପୀ ବଳଦେବ ମହାରଥା ଏବଂ ଚେସ୍ ଗ୍ରାଣ୍ଡ ମାଷ୍ଟର ସ୍ୱୟମ୍ଭ ମିଶ୍ର ରହିଛନ୍ତି।

କାର୍ଯ୍ୟକ୍ରମରେ ସିବିଡିଟିର ପୂର୍ବତନ ସଦସ୍ୟ ମିଶ୍ର କହିଛନ୍ତି, ବର୍ତ୍ତମାନ ଦେଶର ମୋଟ ଟିକସ ଆଦାୟ କ୍ଷେତ୍ରରେ ପ୍ରତ୍ୟକ୍ଷ ଟିକସର ଏକ ପ୍ରମୁଖ ଅଂଶ ରହୁଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ୫.୪ କୋଟି ଲୋକ ଆୟକର ରିଟର୍ନ ଫାଇଲ କରିଥିବା ବେଳେ ୧.୪୬ କୋଟି ଲୋକ ପ୍ରକୃତ ଟିକସଦାତା ରହିଛନ୍ତି। ଦେଶର ମୋଟ ଜନସଂଖ୍ୟା ମଧ୍ୟରୁ ଆୟକର ପ୍ରଦାନ କରୁଥିବା ଲୋକଙ୍କ ସଂଖ୍ୟା ନଗଣ୍ୟ ରହିଲେ ମଧ୍ୟ ଦେଶର ମୋଟ ଟିକସ କ୍ଷେତ୍ରକୁ ଏମାନଙ୍କ ଯୋଗଦାନ ବେଶ୍ ଉଲ୍ଲେଖନୀୟ। ଆୟକର ଅଧିକାରୀମାନେ ଠିକ୍ ଭାବେ କାର୍ଯ୍ୟକରି ଏହି ଧାରାକୁ ଆଗକୁ ବଢ଼ାଇବାକୁ ସେ ଆହ୍ୱାନ ଜଣାଇଛନ୍ତି। ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇଥିଲେ। ଅତିରିକ୍ତ ଆୟକର ଆୟୁକ୍ତ ଦିପି ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ପଡ଼ିଆ, ୨।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡ଼ିଆ ଥାନା ଅଧୀନ କାମାରଗୁଡ଼ା ଗାଁ ପୋଖରୀରେ ବୁଡ଼ି ଗୁରୁବାର ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ଦୁହେଁ ହେଲେ ଗାଁର ଅନୀତା ମାଡକାମି(୫) ଏବଂ ଆୟୁଷ କବାସି(୫)। ସୂଚନା ଅନୁଯାୟୀ, ପରିବାର ଲୋକେ ଚାଷ କାମରେ ବ୍ୟସ୍ତ ଥିବାବେଳେ ଦୁଇ ଶିଶୁ ଖେଳୁଥିଲେ। ଏହି ସମୟରେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଦୀର୍ଘ ସମୟ ଧରି ଦୁଇ ଶିଶୁଙ୍କୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ନିକଟସ୍ଥ ପୋଖରୀରେ ଦୁହିଁଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପଡ଼ିଆ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପୋଖରୀରେ ବତକ ପହଁରୁଥିବା ଦେଖି ସେମାନଙ୍କୁ ଧରିବାକୁ ଦୁଇ ଶିଶୁ ପାଣି ମଧ୍ୟକୁ ଚାଲିଯାଇଥିବା ଅନୁମାନ କରାଯାଉଛି।


ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର Bank of Maharashtra
ଜୋନାଲ କାର୍ଯ୍ୟାଳୟ: ପାଟନା, ୨ୟ ମହଲା, ଏନ୍.ପି. ଟାୱାର, ମେନ୍ ରୋଡ୍, ନିଉ କଲୋନୀ ମୋଡ଼, କଙ୍କରବାଗ, ପାଟନା

**ଭଡ଼ା ସୂତ୍ରରେ ଗୃହ ଆବଶ୍ୟକ**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏହାର ଶାଖାଗୁଡ଼ିକର ବ୍ୟବସାୟିକ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ଗୃହ ପରିସର ପାଇଁ ସ୍ଥାନୀୟ/ସରକାରୀ କର୍ତ୍ତୃପକ୍ଷଙ୍କ ଅନୁମତି ସହିତ ଗୃହ ମାଲିକ/ପାୱାର ଅଫ୍ ଆଟର୍ଣ୍ଣି ହୋଲ୍ଡରମାନଙ୍କ ଠାରୁ ପ୍ରସ୍ତାବ ମାନ ଆହ୍ୱାନ କରୁଛନ୍ତି।

| ଗୃହ ପରିସରଗୁଡ଼ିକର କାର୍ପେଟ ଏରିଆ | ସ୍ଥାନ |
| --- | --- |
| ଗୃହ ପରିସର କ୍ର. ନଂ.୧, ୨ ଏବଂ ୩ ନିମନ୍ତେ ଆବଶ୍ୟକୀୟ ସର୍ବାଧିକ କାର୍ପେଟ ଏରିଆ: ୧୦୦୦ ବର୍ଗଫୁଟ ଏବଂ ଗୃହ ପରିସର କ୍ର. ନଂ.୪ ନିମନ୍ତେ ଆବଶ୍ୟକୀୟ ସର୍ବାଧିକ କାର୍ପେଟ ଏରିଆ: ୧୩୦୦ ବର୍ଗଫୁଟ | ଓଡ଼ିଶା ରାଜ୍ୟର: ୧. କୋରାପୁଟ, ୨. ଅନୁଗୁଳ, ୩. ଟିଟିଲାଗଡ଼, ୪. ଶହୀଦ ନଗର, ଭୁବନେଶ୍ୱର |

ନୂତନ ଶାଖା ସହ ଏଟିଏମ୍ ଖୋଲିବା ନିମନ୍ତେ ଲିଜ୍ ଭଡ଼ା ଭିତ୍ତିରେ ପ୍ରସ୍ତାବିତ ଗୃହଗୁଡ଼ିକ ପୃଥକ ଏଣ୍ଟ୍ରାନ୍ସ ସହିତ ଏବଂ ମୁଖ୍ୟତଃ ତଳ ମହଲାରେ (ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ସହିତ) ଅଧିକ ପସନ୍ଦଯୋଗ୍ୟ। ବ୍ୟାଙ୍କର ଆବଶ୍ୟକତା ଏବଂ ନିର୍ଦ୍ଦିଷ୍ଟତା ଅନୁଯାୟୀ ପରିସରଗୁଡ଼ିକରେ ପର୍ଯ୍ୟାପ୍ତ ବିଦ୍ୟୁତ୍ ସରବରାହ ଏବଂ ଅନ୍ୟାନ୍ୟ ଇନ୍‌ଫ୍ରାଷ୍ଟ୍ରକଚରାଲ (ଭିତ୍ତିଭୂମି) ବ୍ୟବସ୍ଥା ଥିବା ଆବଶ୍ୟକ। ବ୍ୟାଙ୍କର ଆବଶ୍ୟକତା ଅନୁଯାୟୀ ପରିସରଗୁଡ଼ିକ ଦଖଲ ନିମନ୍ତେ ପ୍ରସ୍ତୁତ ଥିବା / ୧୦-୧୫ ଦିନ ମଧ୍ୟରେ ଦଖଲ ନେବା ପାଇଁ ପ୍ରସ୍ତୁତ ହୋଇପାରୁଥିବା ଆବଶ୍ୟକ। ଆଗ୍ରହୀ ପକ୍ଷ/ବ୍ୟକ୍ତିମାନେ ବ୍ୟାଙ୍କର ଧାର୍ଯ୍ୟ ଫର୍ମାଟ ଅନୁଯାୟୀ ଦୁଇଟି ପୃଥକ୍ ମୁଦ ଲଫାପାରେ ଗୋଟିକରେ "ବୈଷୟିକ ବିଡ୍" ଏବଂ ଅନ୍ୟ ଗୋଟିକରେ "ଆର୍ଥିକ ବିଡ୍" ଉଲ୍ଲେଖ କରି ତା.୦୯.୦୯.୨୦୨୧ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଜୋନାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଜୋନାଲ କାର୍ଯ୍ୟାଳୟ, ୨ୟ ମହଲା, ଏନ୍.ପି. ଟାୱାର, ମେନ୍ ରୋଡ୍, ନିଉ କଲୋନୀ ମୋଡ଼, କଙ୍କରବାଗ, ପାଟନା-୨୦ଠାରେ ସେମାନଙ୍କର ପ୍ରସ୍ତାବ ଦାଖଲ କରିପାରିବେ। ବିଡ୍ ଫର୍ମାଟ ବ୍ୟକ୍ତିଗତଭାବେ ଉପରୋକ୍ତ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିପାରିବେ ଏବଂ ବ୍ୟାଙ୍କର ୱେବସାଇଟ୍ www.bankofmaharashtra.in ଅନ୍ତର୍ଗତ ଟେଣ୍ଡର ବିଭାଗରୁ ଏହି ଟେଣ୍ଡର ବିଜ୍ଞାପନ ସହିତ ବିଡ୍ ଫର୍ମାଟ ଡାଉନଲୋଡ୍ କରିପାରିବେ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ଉଦାଖାରଜ କରିବାର ଅଧିକାର ସଂରକ୍ଷିତ ରଖିଅଛି। କୌଣସି ଦଲାଲ/ମଧ୍ୟସ୍ଥିଙ୍କୁ ପାଉଣା ଦିଆଯିବ ନାହିଁ। ଅସମ୍ପୂର୍ଣ୍ଣ ଏବଂ ବିଳମ୍ବିତ ପ୍ରସ୍ତାବଗୁଡ଼ିକ ବିଚାରକୁ ନିଆଯିବ ନାହିଁ। ସବିଶେଷ ବିବରଣୀ ନିମନ୍ତେ ଇ-ମେଲ୍ ଆଇଡି: gad_pat@mahabank.co.in, ଟେଲିଫୋନ୍ ନଂ.: ୦୬୧୨-୨୩୮୫୦୨୦, ମୋ.: ୮୫୩୦୨୫୪୩୩୪ / ୯୧୬୩୮୯୮୨୮୧ରେ ଯୋଗାଯୋଗ କରିପାରିବେ।

ତାରିଖ: ୦୨.୦୯.୨୦୨୧, ସ୍ଥାନ: ପାଟନା — କ୍ଷମତାପ୍ରାପ୍ତ ଅଧିକାରୀ, ଜୋନାଲ ମ୍ୟାନେଜର, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର


# ଜାଲି ଭାଙ୍ଗି ଡେଇଁଲା ମହାବଳ

- ଇଞ୍ଜେକ୍ସନ ଦେବାବେଳେ ଅଘଟଣ
- ଅଳ୍ପକେ ବର୍ତ୍ତିଲେ ୭ କର୍ମଚାରୀ

ବାରଙ୍ଗ, ୨।୯(ଡି.ଏନ୍.ଏ.)

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଗୁରୁବାର ଏକ ଅଘଟଣ ଘଟିଛି। ବାଘ ସଫାରିରେ ଥିବା ବାଘ ରାଜେଶ ଦୀର୍ଘଦିନ ହେବ ଅସୁସ୍ଥ ଥିବାରୁ କର୍ମଚାରୀମାନେ ଇଞ୍ଜେକ୍ସନ ଦେବାକୁ ଆସିଥିଲେ। ହେଲେ ଇଞ୍ଜେକ୍ସନ ଦେବା ସମୟରେ ବାଘ ରାଜେଶ ଚମକି ପଡ଼ି ଜାଲି ଭାଙ୍ଗି ବାହାରକୁ ଆସିଯାଇଥିଲା। ଫଳରେ କର୍ମଚାରୀମାନେ ଭୟଭୀତ ହୋଇପଡ଼ିଥିବାବେଳେ କିଛିସମୟ ପାଇଁ ଆତଙ୍କ ଖେଳି ଯାଇଥିଲା। ପରବର୍ତ୍ତୀ ସମୟରେ ବାଘଟି ଏଣେତେଣେ ବୁଲି ପୁଣି ଜଙ୍ଗଲ ମଧ୍ୟକୁ ଆପେ ଫେରିଆସିଛି। ଫଳରେ ଏକ ବଡ଼ ଦୁର୍ଘଟଣାରୁ ନନ୍ଦନକାନନ ବର୍ତ୍ତିଯାଇଥିବା ବେଳେ ୭ଜଣ କର୍ମଚାରୀ ସୌଭାଗ୍ୟବଶତଃ ବଞ୍ଚିଯାଇଛନ୍ତି।



ଖବର ଅନୁଯାୟୀ, ଗତ କିଛିଦିନ ହେବ ବାଘ ସଫାରିର ଶୋଭାବର୍ଦ୍ଧନ କରୁଥିବା ବାଘ ରାଜେଶର ଏକ ଘା' ହୋଇଥିବାରୁ ଅସୁସ୍ଥ ହୋଇପଡ଼ିଥିଲା। ଡ୍ରେସିଂ କରିବା ପାଇଁ ଡାକ୍ତରଖାନାରୁ ୪ଜଣ କର୍ମଚାରୀ ସଫାରି ଏନକ୍ଲୋଜରର ୩ଜଣ କର୍ମଚାରୀଙ୍କୁ ନେଇ ଏନକ୍ଲୋଜରକୁ ଗୁରୁବାର ସକାଳେ ଯାଇଥିଲେ। ରାଜେଶକୁ ଫିଡିଂଚାମ୍ବର ଓ ପର୍ଯ୍ୟଟକମାନଙ୍କ ପାଇଁ ହୋଇଥିବା ସୁରକ୍ଷା ଜାଲି ଶେଷ ଆଡ଼କୁ ଉଭୟ ଜାଲି ମଧ୍ୟରେ ଥିବା ଅଳ୍ପ ଜାଗାରେ ରଖାଯାଇ ହୋଇଥିବା ଘାକୁ ଇଞ୍ଜେକ୍ସନ ଦେଇଥିଲେ। ଏହି ସମୟରେ ରାଜେଶ ପାଖାପାଖି ୫ଫୁଟ ଉଚ୍ଚର ହୋଇଥିବା ତାରଜାଲିକୁ ଲମ୍ଫ ମାରି କଣାକରି ଫିଡିଂ ଚାମ୍ବର ଓ ଗେଟ୍‌କିପର ଘରପାଖ ଖୋଲା ଜାଗା ପାଖକୁ ପଳାଇଆସିଥିଲା। ରାଜେଶର ଏଭଳି ଆଚରଣକୁ ଦେଖି ୭ଜଣ କର୍ମଚାରୀ ଗେଟ୍‌କିପର ରହିବା ପାଇଁ ହୋଇଥିବା ଘରେ ପଶିଯାଇଥିଲେ। ରାଜେଶ ସେଠାରୁ ବାହାରକୁ ଆସିଥିଲେ ପର୍ଯ୍ୟଟକଙ୍କ ସହ ସାମ୍ନା ହୋଇଥାନ୍ତା। ସୌଭାଗ୍ୟବଶତଃ ନନ୍ଦନକାନନ ମୁଖ୍ୟରାସ୍ତା ଉପରକୁ ନ ଆସି ସେଠାରେ ବସି ରହିଥିଲା। ପାଖାପାଖି ୧୦ମିନିଟ ବସି ରହିବାରୁ କର୍ମଚାରୀମାନେ ଗେଟ୍‌କିପର ଘରୁ ବାହାରି ବାଡି ଯୋଗାଡକରି ହୋହଲ୍ଲା କରି ରାଜେଶକୁ ଘଉଡାଇବାକୁ ଚେଷ୍ଟା ଆରମ୍ଭ କରିଥିଲେ। ଏହାପରେ ରାଜେଶ ପୁଣି ଲମ୍ଫମାରି ତାରଜାଲି କଣାକରି ସଫାରି ଜଙ୍ଗଲ ମଧ୍ୟକୁ ପ୍ରବେଶ କରିଥିଲା। ଖବରପାଇ ଜନ୍ତୁ ବିଭାଗର ପଦାଧିକାରୀମାନେ ଘଟଣାସ୍ଥଳକୁ ଆସିଥିଲେ। ସଙ୍ଗେସଙ୍ଗେ କଣା ହୋଇଥବା ତାରଜାଲିକୁ ଅନ୍ୟ ଜାଲି ସାହାଯ୍ୟରେ ଆବଦ୍ଧ କରାଯାଇଥିଲା।




କୃତଜ୍ଞତାର ଶୁଦ୍ଧ ଆଲୋକ ସର୍ବଦା ଆମ୍ଭମାନଙ୍କ ହୃଦୟରେ ପ୍ରଜ୍ଜ୍ୱଳିତ ରହିବା ଉଚିତ। ସେହି ଆଲୋକର ଉଷ୍ମତାରେ, ମାଧୁର୍ଯ୍ୟରେ ଓ ଉଜ୍ଜ୍ୱଳତାରେ ସବୁ ଅହଂକାର ଓ ଅଜ୍ଞାନ ମିଳେଇଯିବ। -ଶ୍ରୀମା



# ଆଇସିସି ଓ ପରିବେଶଗତ ଅପରାଧ




କାଟେ ମ୍ୟାକିନ୍‌ଟୋସ
ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଅଫ୍ ଦି ପ୍ରମିସ ଇନ୍‌ଷ୍ଟିଚ୍ୟୁଟ ଫର୍ ହ୍ୟୁମ୍ୟାନ ରାଇଟସ୍, ୟୁନିଭର୍ସିଟି ଅଫ୍ କାଲିଫର୍ନିଆ

ଜୋଜୋ ମେହେଟା
କୋ ଫାଉଣ୍ଡର ଆଣ୍ଡ୍ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଅଫ୍ ଷ୍ଟପ୍ ଇକୋସାଇଡ ଇଣ୍ଟରନ୍ୟାଶନାଲ

ବନ୍ୟା, ବନାଗ୍ନି, ଅତ୍ୟଧିକ ତାପମାତ୍ରା ବୃଦ୍ଧି ଏବଂ ଜୀବବାହିତ ସଂକ୍ରାମକ ରୋଗ ମୁଖ୍ୟତଃ ଜଳବାୟୁ ଏବଂ ଜୈବମଣ୍ଡଳୀୟ ସଙ୍କଟ ସୃଷ୍ଟି କରୁଛି। ଏଭଳି ସଙ୍କଟକୁ ଅଣଦେଖା କରିବା ଉଚିତ ନୁହେଁ। ଆମ ପରିବେଶର ଗୁରୁତର କ୍ଷତି ହେଉଛି ବୋଲି ବିଶ୍ୱ ଏକମତ ହୋଇ ପଦକ୍ଷେପ ନେବା ଲାଗି ଅଗ୍ରସର ହେଉଛି। ନିଶ୍ଚିତ ଭାବେ ଏଭଳି ପଦକ୍ଷେପ ପରିବେଶ ତଥା ଲୋକଙ୍କ ପାଇଁ ଆମେ କରୁଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ବୁଝାମଣା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱ ଏବେ ପରିବେଶକୁ କ୍ଷତି କରୁଥିବା କାର୍ଯ୍ୟକୁ ଏକ ଅନ୍ତର୍ଜାତୀୟ ଅପରାଧ ଭାବେ ବିବେଚନା କରିବାର ସମ୍ଭାବନା ସୃଷ୍ଟିହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏକ ନୂଆ ଅନ୍ତର୍ଜାତୀୟ ଅପରାଧିକ ଅଭିଯୋଗର ଫର୍ଦ୍ଦ ଆରମ୍ଭ କରାଯାଇଥିଲା। ଦି ନୁରେମ୍ବର୍ଗ ଆଣ୍ଡ୍ ଟୋକିଓ ଘୋଷଣାନାମା ପୂର୍ବରୁ ରହିଥିବା ଯୁଦ୍ଧ ଅପରାଧ ଓ ଶାନ୍ତି ବିରୋଧୀ ଅପରାଧ (ଆକ୍ରମଣ ବା ବଳପ୍ରୟୋଗ) ସହ ମାନବତା ବିରୋଧୀ ଅପରାଧକୁ ଯୋଡିଥିଲା। ଏଥିରେ ସମାହିତ ସିଦ୍ଧାନ୍ତ ସୂଚିତ କରେ, କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଅତ୍ୟନ୍ତ ଖରାପ ଓ କ୍ଷତିକାରକ। ଯେ କେହି ଏହାର ଶିକାର ହୋଇପାରନ୍ତି ଓ ସେମାନେ ଆମକୁ ଚିନ୍ତାରେ ପକାଇ ଦିଅନ୍ତି। ଏଣୁ ଏହାକୁ ଅପରାଧ ଭାବେ ଦେଖାଯାଇଥିଲା। ୧୯୪୮ ପରେ ପରେ ଏକ ନୂଆ ବୁଝାମଣାରେ ମାନବତା ବିରୋଧରେ ଏକ ସ୍ୱତନ୍ତ୍ର ଅପରାଧ 'ଜିନୋସାଇଡ' ବା ଗଣହତ୍ୟା ସାମିଲ କରାଯାଇଥିଲା।

ପରିବେଶ ସହ ଆମ ସମ୍ପର୍କକୁ ନେଇ ଆମେ ପ୍ରାୟ ଏକ ସମାନ ପ୍ରକାର ଅଭିଯାନ ଦେଖିବାକୁ ପାଉଛୁ। ଗତ ମାସରେ ବିଭିନ୍ନ ଦେଶରୁ ଭିନ୍ନ ଭିନ୍ନ ବର୍ଗର ଆଇନଜୀବୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର କମିଟି 'ଇକୋସାଇଡ' (ଲଗାତର ମଣିଷର ଦାୟିତ୍ୱହୀନ ଭାବେ ପ୍ରାକୃତିକ ପରିବେଶକୁ ଧ୍ୱଂସ କରିବା କାର୍ଯ୍ୟ ସମ୍ପର୍କିତ ଅପରାଧ)ର ସଂଜ୍ଞା ନିରୂପଣ କରିବାକୁ ଅଣ୍ଟା ଭିଡିଛି। ଏହାର ବିଚାର ଓ ଉଦ୍ଦେଶ୍ୟ ଉପରେ ମଧ୍ୟ ଏକ ଡ୍ରାଫ୍ଟ ବା ଚିଠା ଜାରି କରିଛି। ଇକୋସାଇଡକୁ ଇଣ୍ଟରନ୍ୟାଶନାଲ କ୍ରାଇମ କୋର୍ଟ (ଆଇସିସି) ବା ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ ତା'ର ବିଧାନରେ ସାମିଲ କରିବାକୁ ପ୍ରସ୍ତାବ ରଖିଛି। ଦୁଇଟି ମଧ୍ୟରେ ସମାନତା ସ୍ପଷ୍ଟ। ଇକୋସାଇଡକୁ ଏକ ଅନ୍ତର୍ଜାତୀୟ ଅପରାଧ ଭାବେ ଗ୍ରହଣ କରାଯିବାର ଯେଉଁ ପ୍ରୟାସ ଜାରି ରହିଛି ସେଥିରୁ ସୂଚନା ମିଳୁଛି ଯେ, ପରିବେଶକୁ ଭୀଷଣ କ୍ଷତି କରିବା ଭଳି କାର୍ଯ୍ୟକୁ ଆମ ସମସ୍ତଙ୍କ ବିରୋଧରେ ଅପରାଧ ଭାବେ ଗ୍ରହଣ କରାଯିବ। ଆମେ ଏହାକୁ ଆଉ ଭିନ୍ନ ଭିନ୍ନ ଦେଶର ଆଇନ ବା ନିୟମ ଉପରେ ଛାଡି ଦେଇପାରିବା ନାହିଁ। ଷ୍ଟପ୍ ଇକୋସାଇଡ ଫାଉଣ୍ଡେଶନ ସମାୟୋଜନରେ କରାଯାଇଥିବା ଏହି କମିଟି ଅପରାଧକୁ ନିମ୍ନମତେ ନିର୍ଦ୍ଧାରିତ କରିଛି। ଅନ୍‌ଲଫୁଲ କିମ୍ବା ୱାଣ୍ଟନ ଆକ୍ଟରେ (ବେଆଇନ କିମ୍ବା ଜାଣିଶୁଣି ବେପରୁଆ ଭାବେ ଜୀବନ, ସ୍ୱାସ୍ଥ୍ୟ, ସୁରକ୍ଷା ଓ ସମ୍ପତ୍ତିଗତ ଅଧିକାରକୁ କ୍ଷତି ପହଞ୍ଚାଇବା କାର୍ଯ୍ୟରେ) ଯଦି ପରିବେଶର ଗୁରୁତର ତଥା ବ୍ୟାପକ କିମ୍ବା ଦୀର୍ଘମିଆଦୀ କ୍ଷତି ହେବାର ଅତ୍ୟଧିକ ସମ୍ଭାବନା ରହିଥିବ, ତେବେ ତାହାକୁ ଅପରାଧ ଭାବେ ଗ୍ରହଣ କରାଯିବ।

ଅପରାଧ ଭାବେ କାହାକୁ ବିବେଚନା କରିବାକୁ ହେଲେ ଆଇନ ବା ନିୟମକୁ ଦୁଇଟି ପଏଣ୍ଟ ପୂରଣ କରିବାକୁ ହେବ। ପ୍ରଥମତଃ, ସେମାନେ ପରିବେଶକୁ ଗୁରୁତର ଏବଂ ବ୍ୟାପକ କିମ୍ବା ଦୀର୍ଘମିଆଦୀ କ୍ଷତି କରୁଥିବେ। ସବୁ ପରିସ୍ଥିତିରେ କ୍ଷତିର ତୀବ୍ରତା ଜାଣିବା ଏବଂ ସମ୍ଭାବ୍ୟ କ୍ଷତି ବ୍ୟାପକ କିମ୍ବା ଦୀର୍ଘ ମିଆଦୀ ହୋଇଥିବା ଆବଶ୍ୟକ। ବ୍ୟାପକ କ୍ଷତି କହିଲେ ତାହା ଏକ ସୀମିତ ଅଞ୍ଚଳରେ ନ ରହି ବାହାରକୁ ବ୍ୟାପିଥିବ କିମ୍ବା ସମଗ୍ର ଜୈବମଣ୍ଡଳ ଅବା ଅତ୍ୟଧିକ ଲୋକଙ୍କୁ ପ୍ରଭାବିତ କରୁଥିବ। ସେହିଭଳି ଦୀର୍ଘ ମିଆଦୀ କହିଲେ ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରାକୃତିକ ଉପାୟରେ କ୍ଷତିକୁ ପରିବର୍ତ୍ତନ କରିବା ଅସାଧ ହୋଇଥିବ। ନିୟମାନୁଯାୟୀ ଜନବହୁଳ ଅଞ୍ଚଳର ବିଷାକ୍ତ ପ୍ରଦୂଷଣ ସ୍ଥିତିକୁ ବିଚାରକୁ ନିଆଯିବ। କେବଳ ଅତ୍ୟଧିକ ଲୋକ ରହୁଥିବା ଅଞ୍ଚଳ ନୁହେଁ, ବରଂ ଏକ ସୀମିତ ଅଞ୍ଚଳରେ ରହୁଥିବା ଲୋକ କିମ୍ବା ସାମୁଦ୍ରିକ ଜୈବମଣ୍ଡଳରେ ହେଉଥିବା କ୍ଷତିର ପରିମାଣକୁ ଏହା ଦେଖିବ। ଦ୍ୱିତୀୟ ପଏଣ୍ଟ ପୂରଣ କରିବାକୁ ହେଲେ ବେଆଇନ କିମ୍ବା ଜାଣିଶୁଣି ବେପରୁଆ ଭାବେ ଜୀବନ, ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧିତ ପରିବେଶଗତ କ୍ଷତିକୁ ନିଆଯିବ। ଦେଖିବାକୁ ଗଲେ, ଜାତୀୟ ଆଇନ ବଳରେ ପରିବେଶର ପର୍ଯ୍ୟାପ୍ତ ସୁରକ୍ଷା କରାଯିବା ଦରକାର ଏବଂ ଉକ୍ତ ଆଇନର ଉଲ୍ଲଂଘନକୁ ଅନ୍ତର୍ଜାତୀୟ ଅପରାଧ ଭାବେ ଗ୍ରହଣ କରିବା ଆବଶ୍ୟକ। କିନ୍ତୁ ବିଭିନ୍ନ ଦେଶର ଆଇନଗୁଡ଼ିକ ମଧ୍ୟରେ ପ୍ରଭେଦ ରହିଛି ଏବଂ ଅନ୍ତର୍ଜାତୀୟ ପରିବେଶଗତ ଆଇନରେ କିଛି ସ୍ପଷ୍ଟ କଟକଣା ରହିଛି। ଅନୁମତି ଦିଆଯାଇଥିବା କେତେକ ଆଇନ ଯାହା ପରିବେଶକୁ କ୍ଷତି କରୁଛି ତାହା ସାମାଜିକ ଭାବେ ବାଞ୍ଛନୀୟ ; ଯଥା,ବହୁଳ ଭାବେ ଆବଶ୍ୟକ ଗୃହନିର୍ମାଣ, ପରିବହନ କିମ୍ବା ଭିତ୍ତିଭୂମି ପ୍ରୋଜେକ୍ଟ। ଏହି ସବୁ ବିଷୟରେ ଅନ୍ତର୍ଜାତୀୟ ପରିବେଶୀୟ ଆଇନ ସ୍ଥାୟୀ ତଥା ଶତତ ବିକାଶ ଉପରେ କିଛି ସିଦ୍ଧାନ୍ତ ନିର୍ଦ୍ଧାରଣ କରିଛି, ଯାହା ଅନୁଯାୟୀ ଦେଶଗୁଡ଼ିକ କାମ କରିବା ଉଚିତ।

ଜେନୋସାଇଡ, ମାନବିକତା ବିରୋଧୀ ଅପରାଧ, ଯୁଦ୍ଧ ଅପରାଧ ଭଳି ଇକୋସାଇଡର ଅପରାଧକୁ ସ୍ୱୀକୃତି ପାଇଁ ଅତିକମ୍‌ରେ ୧୨୩ ସଦସ୍ୟ ବିଶିଷ୍ଟ ଆଇସିସିର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଦରକାର ପଡ଼ିବ। ଏହା ପ୍ରତ୍ୟେକ ଦେଶ ଲାଗି ପ୍ରଭାବୀ ସାବ୍ୟସ୍ତ ହେବ। ଆଇସିସିରେ ଯେଉଁମାନେ ଦାୟିତ୍ୱରେ ରହିଛନ୍ତି ସେମାନେ ଆଇସିସି କିମ୍ବା ଦେଶଗୁଡ଼ିକର ନ୍ୟାୟିକ ପରିସରରେ ଅପରାଧ ବିରୋଧରେ କିଭଳି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ସ୍ଥିର କରିବେ। କେମିତି ଅପରାଧୀମାନେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ପାଇବେ ସେ ବ୍ୟବସ୍ଥା କରିବା ମଧ୍ୟ ସେମାନଙ୍କ ଦାୟିତ୍ୱ। ଏବକାର ପରିସ୍ଥିତିରେ ଅନେକ ଭୟଙ୍କର ସମୂହ ପରିବେଶଗତ କ୍ଷତି ପାଇଁ ଅନ୍ତର୍ଜାତୀୟ ଓ ବହୁ ସମୟରେ ଜାତୀୟ ସ୍ତରରେ ବିଭିନ୍ନ ଆପରାଧିକ ଦଣ୍ଡର ଅଭାବ ଦେଖାଦେଇଛି। ଅଧିକାଂଶ ନ୍ୟାୟିକ ବିଚାରରେ ବ୍ୟକ୍ତି ଓ କର୍ପୋରେସନଗୁଡ଼ିକ କେବଳ ଆର୍ଥିକ ଦଣ୍ଡର ସମ୍ମୁଖୀନ ହେଉଛନ୍ତି।

ଇକୋସାଇଡର ଆପରାଧୀକରଣ ଅନ୍ୟ ଅପରାଧଠାରୁ ଅଧିକ ପ୍ରଭାବୀ ସାବ୍ୟସ୍ତ ହୋଇପାରିବ, କାରଣ ଏହା ମୁଖ୍ୟ ରୂପରେ ଏକ କର୍ପୋରେଟ ଅପରାଧ। ଏକ କମ୍ପାନୀର ମୂଲ୍ୟ ତା' ଖ୍ୟାତି ଉପରେ ହିଁ ନିର୍ଭର କରେ। ପରିବେଶଗତ ଅପରାଧରେ ପଡିଲେ କମ୍ପାନୀ ନିବେଶକଙ୍କ ବିଶ୍ୱାସ ହରାଏ , ପରିଚାଳକ ମଧ୍ୟ ବହୁ କିଛି ହରାଇପାରନ୍ତି। ଆଇସିସି ମୁଖ୍ୟତଃ ବ୍ୟକ୍ତି ଅପେକ୍ଷା କର୍ପୋରେଶନଗୁଡ଼ିକ ବିରୋଧରେ ଅଧିକ ମକଦ୍ଦମା କରିଥାଏ। ଏକ ଅନ୍ତର୍ଜାତୀୟ ଅପରାଧୀ ହେବାର ଆଶଙ୍କା କର୍ପୋରେଶନଗୁଡ଼ିକ ଅଧିକ ପରିବେଶ ଉପଯୋଗୀ ପଦ୍ଧତିରେ କାର୍ଯ୍ୟ କରିବାକୁ ପ୍ରେରିତ କରିପାରିବ। ଏଣୁ ଅଶାକରାଯାଏ, ଆଇନ ପଦକ୍ଷେପ ନେବା ପୂର୍ବରୁ ପ୍ରତିକାର କରିବା ଉଚିତ। କାରଣ ଏବେ ଆଇନର ସମ୍ଭାବନା ଦେଖାଯାଉଛି।

ଅବଶ୍ୟ, ଆଇସିସି ଆଗକୁ ବଢ଼ିବାରେ ବହୁ ଆହ୍ୱାନ ରହିଛି। ତଥାପି ଆଇସିସି ଏବେ କଠିନ ପରିସ୍ଥିତିକୁ ମାର୍ଗଦର୍ଶନ କରୁଛି ଏବଂ ଏହା ଫ୍ରାନ୍ସରେ ହୋଇଥିବା ଉନ୍ନତିରୁ ଏହା ସ୍ପଷ୍ଟ ହୋଇଛି। କିନ୍ତୁ ଇକୋସାଇଡ ଅପରାଧ ଲାଗି ବିଶ୍ୱ ସ୍ତରରେ ସମର୍ଥନ ଏକାଠି କରାଯାଇପାରିବ ଏବଂ ଏହା ଜରୁରୀ ମଧ୍ୟ। ମାଳଦ୍ୱୀପ, ଫ୍ରାନ୍ସ,ବେଲ୍‌ଜିୟମ, ପର୍ତ୍ତୁଗାଲ, ଫିନ୍‌ଲାଣ୍ଡ ସ୍ପେନ୍, କାନାଡା ଏବଂ ଲୁଜେମବର୍ଗ ଏଥି ଲାଗି ସେମାନଙ୍କ ଆଗ୍ରହ ପ୍ରକାଶ କରି ସାରିଲେଣି। ବେଲ୍‌ଜିୟମ, ପର୍ତ୍ତୁଗାଲ, ବ୍ରାଜିଲ୍, ଫ୍ରାନ୍ସ, ବଲିଭିୟା,ବାଂଲାଦେଶ, ଇଂଲଣ୍ଡ ଏବଂ ଚିଲି ସମେତ ବହୁ ଦେଶରେ ସଂସଦୀୟ ପ୍ରସ୍ତାବ କିମ୍ବା ଆଇନ ସମ୍ପର୍କିତ ଡ୍ରାଫ୍ଟ ଦାଖଲ କରାଯାଇଛି। ଏଣୁ ଆମ ସମୟର ପରିବେଶଗତ ଅନ୍ତର୍ଜାତୀୟ ଅପରାଧର ବାଟ ଓଗାଳି ପ୍ରଳୟ ଅପେକ୍ଷାରେ ରହିବା ଉଚିତ ନୁହେଁ।

## ଅଭିଶପ୍ତ ଦେବତା



ନିମାଇଁ ଚରଣ ଲେଙ୍କା

ଆମର ତିନିମାତା ଅଛନ୍ତି। ୧ମରେ ଜନ୍ମଦାତ୍ରୀ ମାତା, ୨ୟରେ ମାତୃଗର୍ଭରୁ ଭୂମିଷ୍ଠ ହେଲାପରେ ଆମକୁ କୋଳେଇ ନେଉଥିବା ଧରିତ୍ରୀମାତା ଓ ୩ୟରେ ମାତୃସ୍ତନ୍ୟପାନ ଅଭାବରେ ଆମ ମୁଖରେ ଅମୃତ(କ୍ଷୀର)ଦେଉଥିବା ଗୋ'ମାତା। ଆର୍ଯ୍ୟସଂସ୍କୃତି ଓ ଶାସ୍ତ୍ରାନୁସାରେ, ଗୋ'ମାତାଙ୍କ ଶରୀରରେ ବେଦମାତା ଗାୟତ୍ରୀ, ଚାରିବେଦ, ତ୍ରିଦେବ, ତେତିଶକୋଟି ଦେବୀଦେବତା ଓ ନବଗ୍ରହ ଆଦି ଅବସ୍ଥାନ କରନ୍ତି। କେବଳ ଅମୃତତୁଲ୍ୟ କ୍ଷୀର, ଦହି, ଛେନା, ଘିଅ ଆଦି ନୁହେଁ, ଗୋମୂତ୍ର ଗୋମୟଭଳି ମହୌଷଧି ଓ ପଞ୍ଚଗବ୍ୟ, ପଞ୍ଚାମୃତ ଭଳି ଅତିପବିତ୍ର ବସ୍ତୁ ଆମେ ସେମାନଙ୍କଠାରୁ ପାଉ। କିନ୍ତୁ ସେହି ଗୋ'ମାତା ଯେତେବେଳେ ବୃଦ୍ଧା ତଥା କ୍ଷୀରଦେବାକୁ ଅକ୍ଷମ ହୋଇଯାଆନ୍ତି, ସେତେବେଳେ ସମସ୍ତ ଦେବୀଦେବତା ତାଙ୍କୁ ଛାଡ଼ି ଚାଲିଯାଆନ୍ତି। ଆମେ ତାଙ୍କୁ ଅତିଦୟନୀୟ ଅବସ୍ଥାରେ, ନିର୍ଦ୍ଦୟଭାବେ ଗୋଶାଳାକୁ ଠେଲିଦେଉ। ଏଇଆ କ'ଣ ଆମ ମାତୃପୂଜା ? ଯେ ପର୍ଯ୍ୟନ୍ତ ଉପକୃତ ହେଉଥାଉ, ସେ ପର୍ଯ୍ୟନ୍ତ ତାଙ୍କ ଭିତରେ ସମସ୍ତ ଦେବୀଦେବତା ଥାଆନ୍ତି । ସ୍ୱାର୍ଥ ପୂରଣ ହୋଇଗଲେ ସମସ୍ତେ ଉଭାନ ହୋଇଯାଆନ୍ତି ? ଆମ କୃଷିକାର୍ଯ୍ୟ (ହଳ) ଓ ଯାତାୟାତ(ଶଗଡ଼)ର ମୁଖ୍ୟ ସହାୟକ 'ବଳଦ'ଙ୍କର ମଧ୍ୟ ବହୁମହିମା ଗାୟନ ଅଛି। ତାଙ୍କୁ ବଡଠାକୁର 'ବଳଦେବ'ଙ୍କ ଅଂଶାବତାର ଭାବେ ମାନ୍ୟତା ଦିଆଯାଇ ପ୍ରଭୁଙ୍କ ହସ୍ତରେ 'ହଳ' ଅସ୍ତ୍ରରୂପେ ଶୋଭାପାଉଛି। କିନ୍ତୁ ବର୍ତ୍ତମାନ ଦେଶର ଅବସ୍ଥା କ'ଣ ହୋଇଛି? ହଳ ଓ ଶଗଡ଼ର ପ୍ରଚଳନ ବନ୍ଦହୋଇ ତାହା ପିଲାଙ୍କ ପାଠ୍ୟପୁସ୍ତକରେ ଇତିହାସର ବସ୍ତୁ ହୋଇଗଲାଣି। ହଳର ସ୍ଥାନ ଟ୍ରାକ୍ଟର, ପାୱାରଟ୍ରିଲର୍ ଓ ଶଗଡ଼ର ସ୍ଥାନ ଛୋଟଟ୍ରକ ନେଲେଣି। ବଳଦଙ୍କଠାରେ ଆଉ କିଛି ପ୍ରୟୋଜନ ନାହିଁ। ପୂର୍ବେ ଗାଇ 'ମାଈ ବାଛୁରି' ଟିଏ ଜନ୍ମକଲେ ଆମେ ଅଶାନ୍ତି ହୋଇ କୃଷିକାର୍ଯ୍ୟ ଓ ପରିବହନର ସହାୟକ ହେବାପାଇଁ 'ଅଣ୍ଡିରା ବାଛୁରି'ଟିଏ ଆଶା କରୁଥିଲୁ। କିନ୍ତୁ ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି, ଅଣ୍ଡିରା ବାଛୁରିଟିଏ ଜନ୍ମହେଲେ, ଆମେ ତା'ଲଲାଟରେ ହତଭାଗ୍ୟ ବୋଲି ଅଦୃଶ୍ୟରେ ଲେଖିଦେଉଛୁ। ପ୍ରଭୁ ବଳଦେବଙ୍କ ଅଂଶାବତାରଙ୍କ ପ୍ରତି କ'ଣ ଏଭଳି ବ୍ୟବହାର କରାଯାଏ ? କୌଣସି ବୈଜ୍ଞାନିକ ଯଦି ଗାଈକ୍ଷୀରକୁ କେବେ 'ବିଷାକ୍ତ' ବୋଲି ମତଦିଅନ୍ତି, ତେବେ ସେମାନଙ୍କ ଅବସ୍ଥା ମଧ୍ୟ ଜନ୍ମରୁ 'ବଳଦ'ଙ୍କ ପରି ହୋଇପାରେ। ଏଇଆ କ'ଣ ଆମ ଧର୍ମ, ଦର୍ଶନ, ସଂସ୍କୃତି, ମାନସିକତା ଓ ମାନବିକତା? ସ୍ୱାର୍ଥହାସଲ ପର୍ଯ୍ୟନ୍ତ ମାତାପିତା ଓ ଦେବୀ ଦେବତା, ଆଉ ସ୍ୱାର୍ଥ ନ ଥିଲେ ଛେଳିମେଣ୍ଢାଙ୍କଠାରୁ ଅଧିକ କ୍ରୂରତା ପ୍ରଦର୍ଶନ? ସରକାରଙ୍କୁ ତଥା ଜନସାଧାରଣଙ୍କୁ କ'ଣ ଏହାର କୌଣସି ବିକଳ୍ପ ଦେଖାଯାଉନାହିଁ? ଯଦି ତାହା ହିଁ ସତ୍ୟ ହୋଇଥାଏ, ତେବେ ଏ ଦେଶ, ଜାତି ଓ ସଂସ୍କୃତି ଆଗାମୀ ଭବିଷ୍ୟତରେ ଏକ ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହେବାର ସୂଚନା ଦେଉଛି ବୋଲି ବୁଝିବାକୁ ହେବ।

ମୁଁ ଏଠାରେ ବୈଜ୍ଞାନିକ କୃଷିଯନ୍ତ୍ରପାତିର ବ୍ୟବହାରକୁ ବିରୋଧ କରୁନାହିଁ। ସେହି ବୈଜ୍ଞାନିକଙ୍କ ମତରେ, ସମଗ୍ର ଭୂମଣ୍ଡଳରେ ଯେତେ କୋଇଲା, କିରୋସିନ, ପେଟ୍ରୋଲ, ଡିଜେଲ ଆଦି ଗଚ୍ଛିତ ଅଛି, ସେସବୁ ଆଉ ୩୦ବର୍ଷ ଭିତରେ ସମାପ୍ତ ହୋଇଯିବ। ତେଣିକି ଏସବୁ ଯନ୍ତ୍ରପାତି ଆଉ କୌଣସି କାମରେ ଆସିବନାହିଁ। ଆମେ ବଳଦଙ୍କ ବଂଶନାଶ କରି ସେତେବେଳକୁ କରିବା କ'ଣ? ଗୋ'ଜାତିଙ୍କୁ ପ୍ରକୃତରେ ଦେବୀଦେବତା ବା ନିଜ ମାତାପିତାଙ୍କ ଭଳି ଯଦି ଭାବୁଥାଆନ୍ତେ, ତା'ହେଲେ କ'ଣ ସେମାନଙ୍କ ପ୍ରତି ଏଭଳି ଅମାନବୀୟ ବ୍ୟବହାର କରୁଥାଆନ୍ତେ? ଯଦି ପ୍ରକୃତରେ ଆମେ ସେମାନଙ୍କୁ ସେହି ମାନ୍ୟତା ଦେଉଥାଉ, ତେବେ ଭବିଷ୍ୟତରେ ସେହି ବଳଦଙ୍କ ପାଇଁ ସମାଜର ମଙ୍ଗଳ ନିମନ୍ତେ କିଛି 'କର୍ମସୃଷ୍ଟି' କରାଯାଉ ଏବଂ ସମଗ୍ର ଗୋ'ଜାତିଙ୍କ 'ବୃଦ୍ଧାବସ୍ଥା'ରେ ନିଜ ଲୌକିକ ମାତାପିତାଙ୍କ ଭଳି, ମୃତ୍ୟୁପର୍ଯ୍ୟନ୍ତ ସେବାପାଇଁ, ପର୍ଯ୍ୟାପ୍ତ 'ଗୋଶାଳା' ନିର୍ମାଣର ବ୍ୟବସ୍ଥା କରାଯାଉ। ତେବେଯାଇ ତାଙ୍କୁ ଆମର ମାତାପିତା ବା ଦେବୀଦେବତାରୂପେ ଆଖ୍ୟାୟିତ କରିବା ଯଥାର୍ଥ ହେବ। ଆଉ ଏହା ଯଦି ଅସମ୍ଭବ ହୁଏ, ତେବେ ସମଗ୍ର ଗୋ'ଜାତିଠାରୁ ସେହି ଛଳନାପୂର୍ଣ୍ଣ ମିଥ୍ୟା ମାନ୍ୟତା ପ୍ରତ୍ୟାହାର କରାଯାଉ ଓ ପ୍ରଭୁ ବଳଦେବଙ୍କ ହସ୍ତରେ ଥିବା 'ହଳ' ପରିବର୍ତ୍ତେ ଅନ୍ୟ କୌଣସି 'କୃଷିଯନ୍ତ୍ରପାତି' ଶୋଭାପାଉ। କାରଣ ଏହି ଗୋ'ଜାତିଙ୍କୁ ଜୀବନର ଅଧାସମୟ ମାତାପିତା ବା ଦେବୀଦେବତାର ମାନ୍ୟତା ଓ ଶେଷ ଅଧାସମୟ ଦତାଦର କରିବାର କିଛି ଯଥାର୍ଥତା ନାହିଁ। କାରଣ ଖାଲି ମାନ୍ୟତା ଦେଇ, ତାଙ୍କୁ ସୁରକ୍ଷା ଓ ସମ୍ମାନ ଦେବାକୁ ଯଦି ଆମେ ଅକ୍ଷମ, ତେବେ ସେଭଳି ଧର୍ମଦ୍ରୋହୀ ମାନ୍ୟତା ଦେବାରେ ଆମର କୌଣସି ଅଧିକାର ନାହିଁ। ବରଂ ମାନ୍ୟତା ପ୍ରତ୍ୟାହାର କରିନେଲେ, ଦେଶର ସଦ୍‌ଭାବ ବଜାୟ ରହିବ ଓ ଏହା ସମଗ୍ର ରାଷ୍ଟ୍ର ପାଇଁ ମଙ୍ଗଳଦାୟକ ହେବ। ଉପରୋକ୍ତ ବିଷୟଟିକୁ ଅତ୍ୟନ୍ତ ସହୃଦୟତା ତଥା ମାନବିକତା ଦୃଷ୍ଟିରୁ ଚିନ୍ତନ, ମନନ କରିବା ଦରକାର।

ମୋ: ୯୨୩୮୬୧୫୪୭୮

## ଏଇ ଭାରତରେ

ପାଇଖାନା ନିର୍ମାଣ ହୋଇଛି ୫୦୦ ଏବଂ ୧ ଲିଟର ବିଶିଷ୍ଟ ୮,୦୦୦ରୁ ଅଧିକ ଅଦରକାରୀ ପ୍ଲାଷ୍ଟିକ ବୋତଲରେ। ଏହା ବିଶ୍ୱାସ କରିହେଉ ନ ଥିଲେ ବି ସତ। ଆସାମର ଆଇଏଏସ୍ ଅଧିକାରୀ ଲକ୍ଷ୍ମୀପ୍ରିୟା ଏମ.ଏସ୍ ଏମିତି ପାଇଖାନା ନିର୍ମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ବେଙ୍ଗାଇଗାଓଁ ଜିଲାର ଡେପୁଟି କମିଶନର ତଥା ୨୦୧୪ ବ୍ୟାଚ୍ ଆଇଏଏସ ଅଧିକାରୀ ଲକ୍ଷ୍ମୀପ୍ରିୟା ପବ୍ଲିକ ହେଲ୍‌ଥ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟ( ପିଏଚ୍‌ଇଡି)ର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଶାନ୍ତନୁ ସୂତ୍ରଧରଙ୍କ ସହଯୋଗରେ ଏହା ନିର୍ମାଣ କରିଛନ୍ତି। ଏହି ବୋତଲଗୁଡ଼ିକରେ ବାଲି, ସିମେଣ୍ଟ, ପୁଟି ଏବଂ ମୋର୍ଟାର ଭର୍ତ୍ତି କରାଯାଉଛି ଓ ସେଗୁଡ଼ିକ ଟାଣହେବା ପରେ ଇଟାର ବିକଳ୍ପ ଭାବେ ବ୍ୟବହାର ହେଉଛି। ୧୭ ଫୁଟ ଲମ୍ବା ଓ ୯ ଫୁଟ ଚଉଡ଼ାରେ ନିର୍ମିତ ଏହି ପାଇଖାନାର କାନ୍ଥ ଏବଂ ସିଲିଂ ପ୍ଲାଷ୍ଟିକ ବୋତଲରେ ଗଢ଼ାହୋଇଛି। ପାଇଖାନାକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ୧୦ଫୁଟରେ ୮ଫୁଟର ଏକ ପାଇଖାନା ନିର୍ମାଣ କରିବା ପାଇଁ ୪ ହଜାର ପ୍ଲାଷ୍ଟିକ ବୋତଲ ଆବଶ୍ୟକ ଓ ଏହାକୁ ନିର୍ମାଣ କରିବା ପାଇଁ ଦେଢ଼ରୁ ଦୁଇ ମାସ ସମୟ ଲାଗିବ ବୋଲି କହିଛନ୍ତି ଲକ୍ଷ୍ମୀପ୍ରିୟା।

## ୨୫ ବର୍ଷ ତଳର ଧରିତ୍ରୀ

**୩ ସେପ୍ଟେମ୍ବର ୧୯୯୬**

- ମଣିପୁରର ଲଙ୍ଗଜାମ ଟଣ୍ଡନ ସିଂ, କର୍ଣ୍ଣାଟକର ଇସ୍‌ମାଇଲ ସୁଲତାନ ଗନେକାର ଏବଂ ଉତ୍ତର ପ୍ରଦେଶର ମିଥିଲେଶ ଯାଦବ ଏବଂ ଶିରାଜ କ୍ୱିରାଇଶିଙ୍କୁ କବୀର ପୁରସ୍କାର ପ୍ରଦାନ।
- ହୋମଗାର୍ଡ ଓ ସିଭିଲ ଡିଫେନ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଲାଗି ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ପଦ୍ମନାଭ ମହାପାତ୍ର ରାଷ୍ଟ୍ରପତିଙ୍କ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି।
- କାସ୍ପାରୋଭଙ୍କୁ ପରାସ୍ତ କରି ଭାରତୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥ ଆନନ୍ଦ ମାଷ୍ଟର ର୍‍ୟାପିଡ୍ ଚେସ୍ ଚାମ୍ପିୟନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | 3 | | | | 7 |
| | | | 9 | | 4 | 1 | | |
| 1 | | | | | | | | 8 |
| | | | | | | | 1 | 6 |
| | | 8 | | | | | | |
| | 5 | 1 | 7 | | | | 2 | |
| | 8 | | | | 2 | 6 | | |
| | | | | 6 | 3 | | | |
| 2 | 3 | | | | 1 | | 5 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 8 | 2 | 7 | 4 | 3 | 5 |
| 5 | 2 | 7 | 3 | 4 | 9 | 6 | 1 | 8 |
| 4 | 8 | 3 | 6 | 5 | 1 | 2 | 9 | 7 |
| 9 | 4 | 8 | 2 | 7 | 3 | 5 | 6 | 1 |
| 6 | 3 | 1 | 9 | 8 | 5 | 7 | 4 | 2 |
| 2 | 7 | 5 | 1 | 6 | 4 | 9 | 8 | 3 |
| 7 | 1 | 4 | 5 | 9 | 8 | 3 | 2 | 6 |
| 3 | 5 | 2 | 4 | 1 | 6 | 8 | 7 | 9 |
| 8 | 9 | 6 | 7 | 3 | 2 | 1 | 5 | 4 |

ଗତକାଲିର ଉତ୍ତର

# କୋଭିଡ୍ ସମୟରେ ପୋଷଣ ଓ ସ୍ୱାସ୍ଥ୍ୟ



ଶୁଭନାରାୟଣ ଶତପଥୀ

ଆମେ ସମସ୍ତେ ସବୁବେଳେ ସୁସ୍ଥ ରହିବାକୁ ଚାହିଁଥାଉ। ଏହି ସୁସ୍ଥ ସ୍ୱାସ୍ଥ୍ୟ ହିଁ ଆମକୁ ପୋଷଣରୁ ମିଳିଥାଏ ; ଯାହା ଖାଦ୍ୟରେ ଥିବା ପୋଷକତତ୍ତ୍ୱ ଯଥା- ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଫ୍ୟାଟ୍, ଭିଟାମିନ୍, ମିନେରାଲରୁ ମିଳିଥାଏ। ସନ୍ତୁଳିତ ଖାଦ୍ୟ ହିଁ ଏକ ସନ୍ତୁଳିତ ସ୍ୱାସ୍ଥ୍ୟର ଗଠନରେ ସହାୟକ ହୁଏ। ଏଣୁ ସ୍ୱାସ୍ଥ୍ୟ ପାଇଁ ପୋଷଣର ଆବଶ୍ୟକତା ଢେର ବେଶି। ପ୍ରକୃତିରେ ପୋଷକତତ୍ତ୍ୱ ଭରପୂର ମାତ୍ରାରେ ଭରି ରହିଛି। କେବଳ ଆମକୁ ଉତ୍ପାଦନ କରିବାର ଆବଶ୍ୟକତା ରହିଛି। ଯଥେଷ୍ଟ ପରିମାଣରେ ଋତୁକାଳୀନ ଫଳ, ପନିପରିବା, ଶାଗ, ଗହମ, ବାଜରା, ଡାଲି, ମକା, କ୍ଷୀର ଓ ତଜ୍ଜନିତ ଖାଦ୍ୟ ଇତ୍ୟାଦି ଉପଲବ୍ଧ ରଖିବା ଜରୁରୀ। ସବୁଠାରୁ ବଡ଼କଥା ହେଉଛି ଯଥେଷ୍ଟ ପରିମାଣର ପାଣି ପିଇବା ଆବଶ୍ୟକ। ଏଣୁ ଖାଦ୍ୟର ସ୍ୱାଦ ସହିତ ପୋଷକତତ୍ତ୍ୱ ପ୍ରତି ଧ୍ୟାନ ରଖି ଖାଦ୍ୟ ଗ୍ରହଣ କଲେ ଅନେକ ରୋଗ ଦାଉରୁ ରକ୍ଷା ପାଇପାରିବା।

ବର୍ତ୍ତମାନ କୋଭିଡ୍‌ର ସମୟ। ସାରା ବିଶ୍ୱ କୋଭିଡ୍ ସଂକ୍ରମଣରେ ଜର୍ଜରିତ। ଏ ସମୟରେ ନିଜକୁ ସୁସ୍ଥ ରଖିବାକୁ ହେଲେ ସନ୍ତୁଳିତ ଆହାର ଓ ପୋଷଣର ଢେର ଆବଶ୍ୟକତା ରହିଛି। ସବୁପ୍ରକାର ଖାଦ୍ୟକୁ ଗ୍ରହଣ କରିବାର ଆଗ୍ରହ ନିଜ ଭିତରେ ବୃଦ୍ଧି କରିବା ଜରୁରୀ। ନିଜକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ଦୈନନ୍ଦିନ ବ୍ୟାୟାମ କରିବା, ନିଶା ଓ ମଦ୍ୟପାନଠାରୁ ନିଜକୁ ଦୂରେଇ ରଖି ସୁସ୍ଥ ଜୀବନଶୈଳୀକୁ ଆପଣେଇଲେ କୋଭିଡ୍ ସଂକ୍ରମଣକୁ କିଛିମାତ୍ରାରେ କମାଇ ହେବ ଓ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇହେବ। ଫ୍ୟାଟ୍, ଶର୍କରା, ଲୁଣ ଗ୍ରହଣ କରିବାର ଆବଶ୍ୟକତାକୁ ମଧ୍ୟ ନିର୍ଦ୍ଦିଷ୍ଟ କରିବାକୁ ହେବ।

ୱାର୍ଲ୍ଡ ବ୍ୟାଙ୍କ ରିପୋର୍ଟ ଅନୁସାରେ ଯଦିଓ କୋଭିଡ୍ ପୂର୍ବରୁ ଅନେକ ଦେଶରେ ଖାଦ୍ୟ ନିରାପତ୍ତା ନ ଥିବାରୁ ବିକାଶ ବାଧାପ୍ରାପ୍ତ ହୋଇଆସୁଥିଲା, ତେବେ ବର୍ତ୍ତମାନ କୋଭିଡ୍ ପ୍ରଭାବରେ ଏହା ବହୁଗୁଣିତ ହୋଇଛି। ଏହା ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିବା ସହ ଭୋକିଲାଙ୍କ ସଂଖ୍ୟା ବୃଦ୍ଧି କରିଛି। ୪୮ଟି ଦେଶକୁ ନେଇ କରାଯାଇଥିବା ତୁରନ୍ତ ଫୋନ୍ ସର୍ଭେରୁ ଜଣାପଡିଛି ଯେ, ଲୋକମାନେ ଆବଶ୍ୟକ ପରିମାଣର ପୋଷକଗୁଣ ଥିବା ଖାଦ୍ୟ ନ ଖାଇବା ବା ପୋଷଣ ସହ ସାଲିସ କରୁଥିବା ଯୋଗୁ କେବଳ ଖରାପ ସ୍ୱାସ୍ଥ୍ୟ, ଗରିବୀ କବଳରେ ପଡ଼ିନାହାନ୍ତି ବରଂ ଛୋଟ ପିଲାମାନଙ୍କ ମାନସିକ ବିକାଶରେ ବାଧା ସୃଷ୍ଟି କରିଛି। ମିଳିତ ଜାତିସଂଘର ରାଷ୍ଟ୍ର ଖାଦ୍ୟ ନିରାପତ୍ତା ଓ ପୋଷଣ ରିପୋର୍ଟ ମୁତାବକ ୭୨୦ରୁ ୮୧୧ ମିଲିୟନ ଲୋକ ସାରା ବିଶ୍ୱରେ ୨୦୨୦ ମସିହାରେ ଭୋକର ଭୂଗୋଳ ମଧ୍ୟକୁ ଚାଲିଯାଇଛନ୍ତି। ଏହି ଗୋଟିଏ ବର୍ଷ ମଧ୍ୟରେ ଭୋକିଲା ଲୋକଙ୍କ ସଂଖ୍ୟାରେ ୩୨୦ ମିଲିୟନ ବୃଦ୍ଧି ଘଟିଛି। ଖାଦ୍ୟ ନିରାପତ୍ତା ନ ରହିବା କାରଣରୁ ଜୀବନ ଓ ଜୀବିକା ବିପନ୍ନ ହୋଇଛି।

କୋଭିଡ୍ ସଂକ୍ରମଣର ଆସନ୍ନ ତୃତୀୟ ଲହର ଶିଶୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି। ଏ ସମୟରେ ଶିଶୁଙ୍କ ପୋଷଣର ଗୁରୁତ୍ୱ ଢେର ବେଶି। ବିଶେଷକରି ଯେଉଁ ଶିଶୁମାନେ ଯାଯାବର ଗୋଷ୍ଠୀ ମଧ୍ୟରେ ରହୁଛନ୍ତି, ଗରିବୀ, ଅସ୍ୱାସ୍ଥ୍ୟକର ପରିବେଶ ଓ ଖାଦ୍ୟନିଅଣ୍ଟିଆ ସ୍ଥିତିକୁ ସାମ୍ନା କରୁଛନ୍ତି, ସେମାନଙ୍କୁ ଏ ସମୟରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଉଚିତ। ଶରୀରରେ ପୋଷକତତ୍ତ୍ୱର ବୃଦ୍ଧି ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଶ୍ୱରେ ୧.୯ ବିଲିୟନ ଅଧିକ ଓଜନ ବିଶିଷ୍ଟ ଓ ୪୬୨ ମିଲିୟନ କମ୍ ଓଜନ ବିଶିଷ୍ଟ ଲୋକ ବସବାସ କରୁଛନ୍ତି । ସେହିପରି ୨୦୨୦ ମସିହାରେ ସାରା ବିଶ୍ୱରେ ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମଧ୍ୟରେ ୧୪୯ ମିଲିୟନ ବୟସ ଦୃଷ୍ଟିରୁ ଛୋଟ ଓ ୪୫ ମିଲିୟନ ଉଚ୍ଚତା ଅନୁସାରେ ପତଳା ହୋଇଥିବା ବେଳେ, ୩୮.୯ ମିଲିୟନ ଶିଶୁ ଅଧିକ ଓଜନର ଶିକାର ହୋଇଛନ୍ତି। ଅପରପକ୍ଷରେ ୫ବର୍ଷ ବୟସରୁ କମ୍ ବୟସର ମୋଟ ଶିଶୁମାନଙ୍କର ହେଉଥିବା ମୃତ୍ୟୁର ପ୍ରାୟ ୪୫ ଶତକଡା ଅପପୁଷ୍ଟିର କାରଣ। ନିଃସନ୍ଦେହରେ କୁହାଯାଇପାରେ ଯେ, ଏହି ଶିଶୁମାନଙ୍କର ଖାଦ୍ୟ ଆଦୌ ସନ୍ତୁଳିତ ନୁହେଁ। ଏଣୁ ଏମାନଙ୍କଠାରେ ସଂକ୍ରମଣର ମାତ୍ରା ଅଧିକ ରହିବା ସ୍ୱାଭାବିକ କଥା। ଏଣୁ ଏହି ଶିଶୁମାନେ ଉପଯୁକ୍ତ ପୋଷଣ, ଯତ୍ନ, ସହାୟତା ଲୋଡ଼ିଥାନ୍ତି। ଅପରପକ୍ଷରେ ଯେଉଁଠି ମାତାପିତା, ଅଭିଭାବକ କୋଭିଡ୍ ସଂକ୍ରମିତ ହେଉଛନ୍ତି ବା ହୋଇଛନ୍ତି, ପୃଥକବାସରେ ରହୁଛନ୍ତି, ସାଧାରଣତଃ ସଂପୃକ୍ତ ପରିବାରର ଶିଶୁମାନଙ୍କର ମଧ୍ୟ ଦେଖାଶୁଣା, ଯତ୍ନରେ ହେଳା ହୋଇଥାଏ। ସେହିପରି ଲକ୍‌ଡାଉନ, ଶଟ୍‌ଡାଉନ କାରଣରୁ ଆୟ କମୁଥିବାରୁ ଏହା ସିଧାସଳଖ ଖାଦ୍ୟପୋଷଣ ଉପରେ କୁପ୍ରଭାବ ପକାଉଛି। କୋଭିଡ୍ ପରବର୍ତ୍ତୀ ରୋଗର ଶିକାର ହେଉଥିବା ବ୍ୟକ୍ତି ଡାକ୍ତରଖାନା ଯିବା, ମାନସିକସ୍ତରରେ ଦୁର୍ବଳ ହେବା କାରଣରୁ ମଧ୍ୟ ନକାରାତ୍ମକ ପ୍ରଭାବ ଶିଶୁମାନଙ୍କ ଉପରେ ପଡୁଛି। ଏପରି କେତେକ କ୍ଷେତ୍ରରେ ଶିଶୁମାନଙ୍କର ମାନସିକ, ଶାରୀରିକ ଅଭିବୃଦ୍ଧି ଓ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ଲୋକମାନଙ୍କ ଉପସ୍ଥିତିରେ ପୋଷଣ ସମ୍ବନ୍ଧୀୟ ବ୍ୟାପକ ସଚେତନତା, ସଭା, ପ୍ରଦର୍ଶନ ହୋଇପାରୁ ନ ଥିବା କାରଣରୁ ଖାଦ୍ୟରେ ପୋଷକତତ୍ତ୍ୱ ସମ୍ବନ୍ଧୀୟ ଅଜ୍ଞତା ବୃଦ୍ଧିପାଉଛି। ଅଙ୍ଗନଓ୍ୱାଡି ସେବାକୁ ଘରେଘରେ ପହଞ୍ଚାଇବାର ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ଭର୍ଚୁଆଲ, ଟିଭି, ରେଡିଓ, ପ୍ରଚାର ଗାଡ଼ି ମାଧ୍ୟମରେ ସଚେତନତା ଲୋଡ଼ା। ଏମ୍.ୟୁ.ଏ.ସି., ବି.ଏମ.ଆଇ. ପରିମାପକ ଦ୍ୱାରା ପ୍ରତ୍ୟେକ ଶିଶୁମାନଙ୍କର ପୋଷଣ ସ୍ଥିତିକୁ ମାତାପିତା ଜାଣିବା ଓ ନିରନ୍ତର ନିରୀକ୍ଷଣ କରିବା ଉଚିତ। ସେମାନଙ୍କୁ ପରାମର୍ଶ ଦେବା ଓ ଖାଦ୍ୟନିରାପତ୍ତା ଯୋଜନା ସହ ଯୋଡ଼ିବା ଜରୁରୀ। ତେବେ ଏହି କୋଭିଡ୍ ସମୟରେ ଗ୍ରାମ୍ୟକୃଷିରେ ଯୁବ ସମାଜକୁ ଅଧିକ ମାତ୍ରାରେ ନିୟୋଜିତ କରିବାକୁ ଅଭିନବ ପ୍ରୟାସ କରାଯିବା ଦ୍ୱାରା ଯୁବବର୍ଗଙ୍କ ଆୟ ବଢ଼ିବ, ପଡ଼ିଆ ଜମିରେ ଫସଲ ହେବ, ଘରେଘରେ ପାକଶାଳା ବଗିଚାର ନିର୍ମାଣ କରାଯିବ ଓ ଅପପୁଷ୍ଟି କମିବ। ବଜାରରେ ଯଥେଷ୍ଟ ପନିପରିବା, ଖାଦ୍ୟଶସ୍ୟ ଉପଲବ୍ଧି, ରପ୍ତାନି, ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ, ଅଧିକ ବଜାର ସୃଷ୍ଟି, ଭର୍ଚୁଆଲ ବଜାର ମାଧ୍ୟମରେ ରୋଜଗାର ଯୋଗାଇବା ସହ ଗାଁଠାରୁ ସହର ପର୍ଯ୍ୟନ୍ତ ପୋଷଣକୁ ପରିପୁଷ୍ଟ କରିବ। ଏପରି ଆଞ୍ଚଳିକ ପୋଷଣ ଓ ଶିଶୁ ସୁଲଭ ପରିବେଶର ବ୍ୟବସ୍ଥା ଶିଶୁ ଜୀବନରେ ହସ ଭରିଦେବ।

ଲକ୍‌ଡାଉନ, ଶଟ୍‌ଡାଉନ ସମୟରେ ଘରୋଇ ହିଂସା ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଶିଶୁ ପୋଷଣ ଓ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପଡ଼ିଥାଏ। ଶିଶୁଟି କେବଳ ଯେ ଅବହେଳାର ଶିକାର ହୋଇଥାଏ ତାହା ନୁହେଁ ବରଂ ଏହି ସମୟରେ ଶିଶୁମାନଙ୍କ ପ୍ରତି ଶାରୀରିକ ଯୌନଗତ ନିର୍ଯାତନା, ବାଲ୍ୟବିବାହ, କିଶୋରୀ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୋଇଥାଏ । ଏପରି ଏକ ସମ୍ବେଦନଶୀଳ ବିଷୟ ଆମର ଭବିଷ୍ୟତକୁ ନିୟନ୍ତ୍ରିତ କରୁଥିବାରୁ ଏହି ଶିଶୁମାନଙ୍କୁ ଏ ବିପଦସଙ୍କୁଳ ସ୍ଥିତିଠାରୁ ଦୂରେଇ ରଖିବାର ସମସ୍ତ ପ୍ରୟାସ କରାଯିବା ଉଚିତ। ମାତାପିତାମାନେ ଶିଶୁମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ସଚେତନ ହୋଇ କାର୍ଯ୍ୟକଲେ ଓ ସରକାରଙ୍କ ଶିଶୁ ବିକାଶ ଯୋଜନା, ଶିଶୁ ସୁରକ୍ଷା ଯୋଜନା, ସ୍ୱାସ୍ଥ୍ୟ ମିଶନ, ପୋଷଣ ଥଇଥାନ କେନ୍ଦ୍ର, ପୋଷଣ ଅଭିଯାନ ଆଦିର ଲାଭ ନେଲେ ପୋଷଣ ଓ ଶିଶୁ ସମ୍ପର୍କିତ ଅନ୍ୟାନ୍ୟ ସମସ୍ୟାରୁ ବିଶ୍ୱକୁ ଉଦ୍ଧାର କରାଯାଇପାରିବ। ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ଅନ୍ତର୍ଗତ ଭୋକିଲାଙ୍କ ସଂଖ୍ୟାକୁ ଶୂନରେ ପହଞ୍ଚାଇବାର ସଂକଳ୍ପ ନେଇ ସ୍ଥାୟୀ କୃଷି ପଦ୍ଧତି ଓ ସ୍ଥାନୀୟ ପୋଷଣ ବ୍ୟବସ୍ଥାକୁ ନିଶ୍ଚିତ କରାଗଲେ ସ୍ୱାସ୍ଥ୍ୟଗତ ସମୃଦ୍ଧି ଘଟିବ ଓ କୋଭିଡ୍ ସହ ଲଢ଼ିବାରେ ଅଧିକ ସମର୍ଥ ହୋଇପାରିବା।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ:୯୪୩୮୪୩୨୦୨୩

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷା ଅଧିକାରୀ ଦୃଷ୍ଟି ଦେବେ

ମହାଶୟ,

ଜଟଣି ପୌରପରିଷଦ ଅନ୍ତର୍ଗତ କୁନିଆରୀ ଗ୍ରାମର ୟୁପି ନୋଡାଲ ସ୍କୁଲର ଅବସ୍ଥା ଅତ୍ୟନ୍ତ ଦୟନୀୟ। ସରକାର ରାଜ୍ୟରେ ସ୍ମାର୍ଟକ୍ଲାସ୍ ଆରମ୍ଭ କରିବାକୁ ଯାଉଥିବାବେଳେ ଆମ ଗାଁର ଏହି ସରକାରୀ ସ୍କୁଲର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ। ପ୍ରତ୍ୟେକ ସ୍କୁଲରେ ପ୍ରଚାରୀ ରହିବାର ନିୟମ ଥିଲେ ମଧ୍ୟ ଆମ ନୋଡାଲ ସ୍କୁଲ ଖୋଲା ମେଲା ହୋଇପଡ଼ିଛି। ଫଳରେ ସଞ୍ଜ ନଇଁଲେ ନିଶା କାରବାର ହେବାସହ ମଦ୍ୟପମାନେ ମଦ ପିଇ ଭଙ୍ଗା କାଚ ବୋତଲ ସ୍କୁଲ ପରିସରରେ ପକାଉଛନ୍ତି। ସ୍କୁଲର ୧୦୦ ମିଟର ମଧ୍ୟରେ ପାନ ଗୁଟ୍‌ଖା ବିକ୍ରି ହେବାର ନିୟମ ନଥିବାବେଳେ ସ୍କୁଲକୁ ଲାଗି ପାନ ଦୋକାନ ରହିଛି। ନିକଟସ୍ଥ ଫାଷ୍ଟଫୁଡ୍ ଦୋକାନରେ ନିଶା କାରବାର ମଧ୍ୟ ଚାଲିଛି। ସ୍କୁଲ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଫଳ ଶୂନ। ସରକାରୀ ସ୍କୁଲର ଭିତ୍ତିଭୂମି ଠିକ୍ ରହିବା ସହ ଶିକ୍ଷା ବ୍ୟବସ୍ଥାର ସୁଧାର ନ ଆସିଲେ ସରକାର ଯେତେ ଯୋଜନା କଲେ ମଧ୍ୟ କିଛି ଲାଭ ହେବ ନାହିଁ। ଆଶା କରୁ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀମାନେ ୟୁପି ନୋଡାଲ ସ୍କୁଲର ସମସ୍ୟାକୁ ଖୁବ୍‌ଶୀଘ୍ର ସମାଧାନ କରିବା ଲାଗି ପଦକ୍ଷେପ ନେବେ ।

-ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''ବିଶ୍ୱ ପାରାବାର ତଳେ
ଲୁଚିଅଛି ଅସଂଖ୍ୟ ରତନ
''ଉଦ୍ଧାରି ଆଣିବା ଆଶେ
ବେଳ ଥାଉଁ ହୁଅ ନିମଗନ। -(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଫେସ୍‌ବୁକରୁ ପ୍ରେମ ପରେ ପ୍ରତାରଣା

ଭଦ୍ରକ ଅଫିସ,୨।୯-ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ସିମୁଳିଆ ଅଡ଼ା ବେଗୁନିଆ ଅଞ୍ଚଳର ଅଞ୍ଜନ ଦାସ ନାମକ ଯୁବକଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ମାମଲା(ନଂ.୨୩୬/୨୧) ରୁଜୁ ହୋଇଛି। ଯୁବତୀ ଅଭିଯୋଗ କରିଛନ୍ତି ଯେ, ଫେସ୍‌ବୁକରେ ଅଞ୍ଜନଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨ ବର୍ଷର ପ୍ରେମ ହୋଇଥିବା ବେଳେ ଅଞ୍ଜନ ତାଙ୍କ ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ ପାଇଁ ମଧ ପ୍ରତିଶ୍ରୁତି ଦେଇ ପରେ ପ୍ରତାରଣା କରିଥିଲେ। ଅଭିଯୋଗକୁ ଭିତ୍ତିକରି ଧାମନଗର ପୋଲିସ ବୁଧବାର ଅଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ନାବାଳିକାଙ୍କ ଅସ୍ୱାଭାବିକ ମୃତ୍ୟୁ

ପାଟଣା,୨।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଦାମାହୁଦା ଗ୍ରାମ ଯାତ୍ରା ସାହିର ଜଣେ ୧୦ ବର୍ଷର ନାବାଳିକାଙ୍କୁ ଗୁରୁବାର ସକାଳେ ଆମ୍ବୁଲାନ୍ସ ଯୋଗେ ମେଡିକାଲ ଆଣିବା ବାଟରେ ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ଉକ୍ତ ଗ୍ରାମର ସୁମୀ ମୁଣ୍ଡା। ଘର ଲୋକଙ୍କ ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ସୁମୀ ଘର ଲୋକଙ୍କ ସହ ବିଲରେ କାମ କରି ଫେରି ରାତିରେ ଖାଇପିଇ ଶୋଇଥିଲେ। ଗୁରୁବାର ସକାଳୁ ସୁମିଙ୍କ ଗୋଡ଼ହାତ ହଠାତ ଟାଣି ଦେଇଥିଲା। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତର ଲକ୍ଷ୍ମଣ କୁମାର ମହାନ୍ତଙ୍କୁ ପଚାରିବାରୁ ମୃତ୍ୟୁର କାରଣ ଜଣା ପଡ଼ିନାହିଁ। ଏନେଇ ଘଟଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୭/୨୧) ରୁଜୁ କରିଛି।

### ଆବାସ ଯୋଜନାରେ ହରିଲୁଟ ଅଭିଯୋଗ

ତେଲକୋଇ, ୨।୯(ଡି.ଏନ.ଏ.) କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ପାଇଁ ହରିଲୁଟ ହେବାରେ ଲାଗିଛି। ଏ ନେଇ ବିଞ୍ଜବାହାଳ ପଞ୍ଚାୟତ ବାସୀ ଓ ଭୀମକାଣ୍ଡ ପଞ୍ଚାୟତବାସୀ ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଅଭିଯାଗ କରିଛନ୍ତି। ଭୀମକାଣ୍ଡ ପଞ୍ଚାୟତରେ ଭୀମକାଣ୍ଡ ସମେତ କୁଇଲିସୁତା, କାଣ୍ଡପଶି, ଗୋଧୁହୁଳି ଓ ଗୋଲାଗାଡିଆ ରହୁଛି। ଏହି ପଞ୍ଚାୟତ ଅଧୀନରେ ୪,୩୫୦ ପରିବାର ବସବାସ କରନ୍ତି। ଉକ୍ତ ପଞ୍ଚାୟତରେ ବିପିଏଲ ଓ ଗରିବ ଲୋକଙ୍କ ସଂଖ୍ୟା ୬୦ ପ୍ରତିଶତ ରହିଛି। ସେହିଭଳି ବିଞ୍ଜବାହାଳ ପଞ୍ଚାୟତରେ କଣ୍ଟାବାହାଳ, ପଙ୍ଗାଟାଙ୍ଗର ,ନୂଆଡିହ ରହିଥିବା ବେଳେ ୫ହଜାର ପରିବାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ତେବେ ସରକାରଙ୍କ ଯୋଜନାକୁ ନେଇ ଗରିବ ଲୋକଙ୍କ ପାଇଁ ଯୋଜନା ମୁତାବକ ପକ୍କା ଗୃହ ନିର୍ମାଣ ପାଇଁ ଯୋଜନା କରାଯାଇଛି। ହେଲେ ଗ୍ରାମସେବକ ଧନୀ ଲୋକଙ୍କଠାରୁ ଅର୍ଥ ଆଦାୟ କରି ସେମାନଙ୍କୁ ଗୃହ ଦେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗ୍ରାମସେବକ ଖେଳାନନ୍ଦ ସାହୁ କହିଛନ୍ତି, ଉକ୍ତ ୨ ପଞ୍ଚାୟତରେ କାର୍ଯ୍ୟ କରୁଛି । ତେବେ ପଞ୍ଚାୟତ ସିରିଏଲ ନମ୍ବର ଅନୁଯାୟୀ ଗୃହ ବଣ୍ଟନ କରାଯାଉଛି। ସ୍ଥାନୀୟ ବିଡିଓ ଦିଲିପ କୁମାର ବାରାଙ୍କୁ ପଚାରିବାରୁ ସେ କହିଲେ ଯେ ଅଭିଯୋଗ ପାଇଛି ଏହାର ତଦନ୍ତ କରିବା ପାଇଁ ଜଣେ ଯନ୍ତ୍ରୀଙ୍କୁ ନିଯୁକ୍ତି କରାଯାଇଛି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଉପକୃତ ହେବେ ୨୦ଲକ୍ଷ ଉପଭୋକ୍ତା

**ବାଲେଶ୍ୱର ଅଫିସ, ୨।୯**

୪ମାସ ପୂର୍ବରୁ ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱ ହାତକୁ ନେଇଥିବା ଟାଟା ପାୱାର ଉତ୍ତରଓଡ଼ିଶାରେ ବିଦ୍ୟୁତ୍ ବିତରଣ କ୍ଷେତ୍ରର ବିକାଶ, ଶୁଳ୍କ ସଂଗ୍ରହ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଏବଂ କର୍ମଚାରୀଙ୍କ ନିରାପତ୍ତାକୁ ନେଇ ସର୍ବଦା ତତ୍ପର। ଗତ କିଛିଦିନ ହେବ ଏସବୁ ବିଷୟରେ ଦେଖାଦେଇଥିବା ସଂଶୟ ଦୂର କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ବାଲେଶ୍ୱର ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଉତ୍ତରଓଡ଼ିଶା ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟିପିଏନ୍‌ଓଡ଼ିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ଭାସ୍କର ସରକାର ଯୋଗଦେଇ କହିଛନ୍ତି।

ଖବରଦାତା ସମ୍ମିଳନୀରେ କୁହାଯାଇଥିଲା ଯେ, ଉତ୍ତରଓଡ଼ିଶାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଏବଂ ଯାଜପୁର ଜିଲାରେ ୨୦ଲକ୍ଷ ବିଦ୍ୟୁତ୍ ଗ୍ରାହକ ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧ଲକ୍ଷ ବ୍ୟବସାୟଭିତ୍ତିକ ଗ୍ରାହକ। ସେଥିମଧ୍ୟରୁ ୮୦% ଗ୍ରାମାଞ୍ଚଳ ଓ ୨୦% ସହରାଞ୍ଚଳ ଗ୍ରାହକ। ୫ ଜିଲାର ବିସ୍ତୃତ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲେ ବିଦ୍ୟୁତ ସେବା, ଯୋଗାଣର ସୁବିଧା ଏବଂ ଗ୍ରାହକଙ୍କ ହିତଦୃଷ୍ଟିରୁ ଅନେକ ପଦକ୍ଷେପ ନିଆଯାଉଛି। ପୁରୁଣା ଟ୍ରାନ୍ସଫର୍ମର, ତାର ବଦଳାଯାଉଛି, ଟ୍ରାନ୍ସଫର୍ମର ମଧ୍ୟରେ ଦୂରତାକୁ କମାଯାଉଛି, ଫଳରେ ବିଦ୍ୟୁତ ଯୋଗାଣର ଉନ୍ନତି ଘଟିଛି, ପୂର୍ବାପେକ୍ଷା ବିଦ୍ୟୁତ କାଟ କମିଛି ଏବଂ ଆଗକୁ ମଧ କମିବ, ଲୋ ଭୋଲଟେଜ ସମସ୍ୟା ଦୂର ହେବ। ସେହିଭଳି ପୂର୍ବରୁ ବିଲିଂ ପାଇଁ କର୍ମଚାରୀ ସବୁ ଗ୍ରାହକଙ୍କ ନିକଟରେ ପହଞ୍ଚି ପାରୁ ନ ଥିଲେ, ଯାହାର ଏବେ ସୁଧାର ହୋଇଛି ଏବଂ ଆଧୁନିକ ଜ୍ଞାନକୌଶଳ ଦୃଷ୍ଟିରୁ ମଧ ଢ଼େର ପରିବର୍ତ୍ତନ କରାଯିବା ଫଳରେ ବିଲିଂର ସୁଧାର ହେଲାଣି। ଏହାଦ୍ୱାରା ଗ୍ରାହକଙ୍କୁ ଅତିରିକ୍ତ ବୋଝରୁ ମୁକ୍ତି ମିଳିବ ଏବଂ ବିଦ୍ୟୁତ୍ ସେବାରେ ସୁଧାର ଆସିପାରିବ। ସେହିପରି ସେବା ଓ ରକ୍ଷଣାବେକ୍ଷଣ କ୍ଷେତ୍ରର ମଧ୍ୟ ସୁଧାର କରାଯାଉଛି। ଅଣକୁଶଳୀ କର୍ମଚାରୀଙ୍କୁ ତାଲିମ ପ୍ରଦାନ ସହ ଏବଂ କୁଶଳୀ କର୍ମଚାରୀଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଠିକା କର୍ମଚାରୀଙ୍କୁ ବାର୍ଷିକ ଚୁକ୍ତିଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବା ସହ ଦୁର୍ଘଟଣାଜନିତ ମୃତାହତ ସଂଖ୍ୟା କମାଇବାକୁ ସମସ୍ତ କର୍ମଚାରୀଙ୍କ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏଥିପାଇଁ ଆବଶ୍ୟକ ଆଧୁନିକ ଉପକରଣ ସହିତ ଶ୍ରମିକମାନେ ଯେପରି କାମ କରିବେ ସେ ଦିଗରେ ଦୃଷ୍ଟି ଦେବାକୁ ଠିକାଦାରଙ୍କୁ ତାଗିଦ୍ କରାଯାଇଛି। ଠିକାଦାରଙ୍କ ନିକଟରେ କାମ କରୁଥିବା ସମସ୍ତ ଶ୍ରମିକ, କର୍ମଚାରୀଙ୍କ ନିୟୋଜନ ପୂର୍ବପରି ଜାରି ରହିବ। ଭଲ କାମ କରୁଥିବା କୁଶଳୀ, ଅଭିଜ୍ଞ ଶ୍ରମିକ ବା କର୍ମଚାରୀ ଭୟଭୀତ ହେବାର କୌଣସି କାରଣ ନାହିଁ, ବରଂ କାମ ଜାଣି ନ ଥିବା କେତେକ ଶ୍ରମିକ, କର୍ମଚାରୀ କମ୍ପାନୀର ପଦକ୍ଷେପକୁ ନେଇ ଭୟଭୀତ ହେବା ସ୍ୱାଭାବିକ। ସେହିପରି ଖୁଣ୍ଟରେ କେବୁଲ ଟିଭି ତାର ଯୋଗୁ ହେଉଥିବା ସମସ୍ୟା ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ କମ୍ପାନୀ ଏ ଦିଗରେ ବିଚାର ବିମର୍ଷ ଜାରି ରଖିଛି। ଖୁବ୍‌ଶୀଘ୍ର ଏ ଦିଗରେ ଉନ୍ନତି ପଦକ୍ଷେପ ନିଆଯିବ ବୋଲି ସରକାର କହିଥିଲେ। ଖବରଦାତା ସମ୍ମିଳନୀରେ ଚିଫ୍ ଅପରେଶନ ଦୁଷ୍ୟନ୍ତ ତ୍ୟାଗି, ଚିଫ୍ କମର୍ସିଆଲ ରମେଶ କଲ, ଆଡମିନ୍ ହେଡ୍ ଜୟରାମ ଭାଟିଆ ଉପସ୍ଥିତ ଥିଲେ। ଟିପିଏନ୍‌ଓଡ଼ିଏଲ୍‌ର ଜନସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ଧନ୍ୟବାଦ ଜଣାଇଥିଲେ।



ଖବରଦାତା ସମ୍ମିଳନୀରେ ଟିପିଏନ୍‌ଓଡ଼ିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ଭାସ୍କର ସରକାର ଓ ଅନ୍ୟମାନେ।

### ବିଦ୍ୟୁତ୍ ସେବାରେ ଅଣାଯାଉଛି ସୁଧାର

# କବିତା ପଠନ, କବିତା ଗଠନ

**ବାଲେଶ୍ୱର ଅଫିସ, ୨।୯**

ବାଲେଶ୍ୱର ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଅନୁଷ୍ଠାନର କାର୍ଯ୍ୟାଳୟଠାରେ କବିତା ପଠନ କବିତା ଗଠନର ଏକ ନୂତନ ଆଲୋଚନାଚକ୍ର ୪ଜଣ କବିଙ୍କର କବିତା ପାଠ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। 'ପରିବର୍ତ୍ତନ' ଶୀର୍ଷକ କବିତାରେ ସୁବ୍ରତା ମହାନ୍ତି ସାମ୍ପ୍ରତିକ ସମାଜର ଦୁସ୍ଥିତି, ଅସହାୟତା ଓ କ୍ଷଣଭଙ୍ଗୁର ସମ୍ପର୍କ ସୂଚନା ଦେଇ ଶୂନ୍ୟତା ମଧ୍ୟରେ ଜୀବନ ବିତୁଛି ବୋଲି କହିଥିଲେ ଓ ଏହା ଏକ ସତ୍ୟନିଷ୍ଠ ସମୟକୁ ପରିବର୍ତ୍ତିତ ହେବାର ପ୍ରକ୍ରିୟା ବୋଲି ଆଶାପୋଷଣ କରିଥିଲେ। ଯଶୋଧାରା ଦାସ 'କେବଳ କଲମ' କବିତାରେ ସବୁ ଅତ୍ୟାଚାରର ଜବାବ କେବଳ କଲମ କରିପାରିବ ବୋଲି ଦୃଢ଼ୋକ୍ତି କରିଥିଲେ। 'କାଳ ଭଉଁରୀ' ଶୀର୍ଷକ କବିତାରେ ରଞ୍ଜନ ବାଗ ମୃତ୍ୟୁର ଏକ କରୁଣ ଚିତ୍ର ପ୍ରକାଶ କରି ସୁନ୍ଦର ଉପମା ପ୍ରୟୋଗ ମାଧ୍ୟମରେ ତାହାର ଅବତାରଣା କରିଥିଲେ। ସଂଯୁକ୍ତା ବିଶ୍ୱାଳ 'ଦାରିଦ୍ର୍ୟ' ନାମକ କବିତାରେ ଦାରିଦ୍ର୍ୟର ଏକ ବୁକୁଫଟା ଦୃଶ୍ୟକୁ ଉପସ୍ଥାପନ କରିଥିଲେ। କବିତା ସବୁର ଆଲୋଚନା କରି ବରିଷ୍ଠ ଗବେଷକ ଡ.ହରିଶ୍ଚନ୍ଦ୍ର ବେହେରା ସବୁ କବି ତାକୁ କିପରି କାଳ ରୂପକ ଭଉଁରୀ ଆଚ୍ଛାଦିତ କରିଛି ବିଭିନ୍ନ ଉଦାହରଣ ମାଧ୍ୟମରେ ତାହାକୁ ପ୍ରତିପାଦିତ କରିଥିଲେ। ଅନ୍ୟତମ ଆଲୋଚକ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ.ଶିରୀଶଚନ୍ଦ୍ର ଜେନା କବିତାଗୁଡ଼ିକର ମର୍ମବାଣୀକୁ ବାଖ୍ୟା କରି କାବ୍ୟ ସୌନ୍ଦର୍ଯ୍ୟର ପ୍ରଶଂସା କରିଥିଲେ ଓ କେତେକଙ୍କୁ ଦ୍ୱିତୀୟ ଚିନ୍ତନ ପାଇଁ ପରାମର୍ଶ ଦେଇଥିଲେ। ନିବାରଣ ଜେନା ପ୍ରାରମ୍ଭିକ ବକ୍ତବ୍ୟ, ଦୀପକ ବୋଷ କବିତା ଗୁଡ଼ିକର ସଂଯୋଜନା କରିଥିଲେ। କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶରତ କୁମାର ମହାପାତ୍ର, ଅରୁଣା ରାୟ, ସଞ୍ଜୟ କୁମାର ପଣ୍ଡା, କଲ୍ୟାଣୀ ନନ୍ଦ, ସ୍ନିଗ୍ଧା ସାମନ୍ତରାୟ, ବାସନ୍ତୀ କର ଓ ପ୍ରୀତିଲେଖା ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


କବିତା ପଠନ, କବିତା ଗଠନ କାର୍ଯ୍ୟକ୍ରମରେ ଉପସ୍ଥିତ କବି।

### ସବୁଠି ପୂଜା ପାଆନ୍ତି ଆଦର୍ଶ ଶିକ୍ଷକ

**ଜଳେଶ୍ୱର, ୨।୯(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଶିକ୍ଷାଜିଲା ଅଧୀନ ଖୁଆଡ କ୍ଲଷ୍ଟରର ଦୁଇଜଣ ପ୍ରବୀଣ ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିଆର୍‌ସିସି ରଞ୍ଜନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ଦୀନକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଶିଶିର କୁମାର ଗାନ୍ଧୀ ଓ ବେଗୁନିଆ ଶାନ୍ତାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫାଗୁ ବାସ୍କେଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ଦାସ, ଅତିରିକ୍ତ ଗୋଷ୍ଠୀ ଅଧିକାରୀ ସୁଶାନ୍ତ ଜେନା ଯୋଗଦେଇ ଆଦର୍ଶ ଶିକ୍ଷକ ସବୁଠାରେ ପୂଜା ପାଆନ୍ତି ବୋଲି କହିଥିଲେ । ଏଥିରେ ବିଭିନ୍ନ ବିଦ୍ୟାଳୟର ଆସିଥିବା ଶିକ୍ଷକ, ଶିକ୍ଷୟତ୍ରୀମାନେ ସହାୟତା କରିଥିଲେ ।

### ଘରୋଇ ଜାଗାରେ ସରକାରୀ ଅର୍ଥ ବିନିଯୋଗକୁ ବିରୋଧ

**ଭଦ୍ରକ ଅଫିସ,୨।୯**

ଭଦ୍ରକ ପୌରପାଳିକାର ବିଭିନ୍ନ ୱାର୍ଡରେ ରାସ୍ତାଘାଟ ଭଳି ବହୁ ଉନ୍ନୟନ କାର୍ଯ୍ୟ ନିମନ୍ତେ ନିକଟରେ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏହି ଟେଣ୍ଡରରେ ପ୍ରକାଶିତ କାର୍ଯ୍ୟାବଳୀ ମଧ୍ୟରେ କିଛି ରାସ୍ତା ଓ ଡ୍ରେନ୍ କାମ ରହିଛି ଯାହା ବେସରକାରୀ ତଥା ଲୋକଙ୍କ ନିଜସ୍ୱ ଜମିରେ ନିର୍ମାଣ ହେବାକୁ ସ୍ଥିର କରାଯାଇଛି। ଘରୋଇ ଜାଗାରେ ରାସ୍ତା ଓ ଡ୍ରେନ୍ ନିର୍ମାଣ ହେଲେ ଆଗାମୀ ଦିନରେ ଏହାକୁ ନେଇ ବିବାଦ ଉପୁଜିବାର ସମ୍ଭାବନା ରହିଛି। ଏଣୁ ଏଭଳି କ୍ଷେତ୍ରରେ ସରକାରୀ ଅର୍ଥ ବିନିଯୋଗକୁ ବିରୋଧ କରାଯାଇଛି। ଉକ୍ତ ସ୍ଥାନକୁ ପୌର ଅଧୀନକୁ ନେଇ ନିର୍ମାଣ କାର୍ଯ୍ୟ କରିବାକୁ ୱାର୍ଡବାସୀ ଦାବି କରିଛନ୍ତି। ଏହାସହ ଯେଉଁସବୁ ଘରୋଇ ଜମିରେ ରାସ୍ତା କିମ୍ବା ଡ୍ରେନ୍ ହେବ, ସେସବୁର ତାଲିକା ସର୍ବସାଧାରଣରେ ପ୍ରକାଶ ପାଇଁ ଦାବି କରାଯାଇଛି। ମୀର ବୋଗଦାଦ, ଇଲିୟାସ ଅଲି ଖାଁ, ସେକ୍ ସବିର, ଜମାଲ ଖାଁ, ମୀର୍ଜା ଗୁଲାମ ଜେଲାନୀ, ସମିରୁଦ୍ଦିନ ଖାଁ, ସେକ୍ ବୁଗ୍‌ଦାଦ ପ୍ରମୁଖ ଏନେଇ ଏକ ଦାବିପତ୍ର ପୌର ନିର୍ବାହୀ ଅଧିକାରୀଙ୍କ ସମେତ ଜିଲାପାଳ, ପିଡି ଡିଆର୍‌ଡିଏ, ଗୃହ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପ୍ରଦାନ କରିଛନ୍ତି।

## ବାପା, ଝିଅ ଚଳାଉଥିଲେ କାରବାର


ଗିରଫ ବାପ ଓ ଝିଅ।

**ରୂପସା, ୨।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅଧୀନ ହଳଦୀପଦା ଅଞ୍ଚଳରେ ବୁଧବାର ଚଢ଼ାଉ କରାଯାଇ ବସ୍ତା ଥାନା ପୋଲିସ ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ସିଙ୍ଗାରପୁର ଗ୍ରାମର ସେକ ଯଲାଲ ଓ ତାଙ୍କ ବିବାହିତା ଝିଅ ସାଇନା ବିବି। ସବ୍‌ଇନ୍ସପେକ୍ଟର ରାଜଲକ୍ଷ୍ମୀ ନାୟକ ଓ ପ୍ରଭାକର ସାହୁ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ବାପା, ଝିଅଙ୍କୁ ସନ୍ଦେହରେ ଅଟକାଇ ପଚରାଉଚୁରା କରିଥିଲେ। ସେମାନଙ୍କଠାରୁ ୬.୩୫ ଗ୍ରାମ ବ୍ରାଉନସୁଗାର, ନଗଦ ୯୫ହଜାର ୧ଶହ ଟଙ୍କା ଓ ୨ଟି ମୋବାଇଲ ଜବତ ହୋଇଥିଲା। ଜବତ ବ୍ରାଉନସୁଗାର ମୂଲ୍ୟ ୬୩ ହଜାର ୫ଶହ ଟଙ୍କା ହେବ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ.୨୫୭/୨୧) ରୁଜୁ ହୋଇ ଗିରଫ ବାପା, ଝିଅଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଘଟଣାସ୍ଥଳରୁ ଅଭିଯୁକ୍ତ ସେକ ଯଲାଲଙ୍କ ପୁଅ ସେକ ସଫିରୁଦ୍ଦିନ ଫେରାର ହୋଇଯାଇଛନ୍ତି।

### ବ୍ରାଉନସୁଗାର ସହ ୯୫ ହଜାର ଜବତ

## ବ୍ରାଉନସୁଗାର ଡେଲିଭରି ବେଳେ ଧରାପଡ଼ିଲେ ନାବାଳକ

**ଜଳେଶ୍ୱର, ୨।୯(ଡି.ଏନ.ଏ.)**

ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଥିବା ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବ୍ୟାପକ ଚଢ଼ାଉ କରାଯାଉଥିଲେ ମଧ୍ୟ ତାହାକୁ ରୋକାଯାଇପାରୁନାହିଁ। ଏସ୍‌ଟିଏଫ୍, ଅବକାରୀ ଓ ପୋଲିସ୍ ନାମକ ମାତ୍ର ଛୋଟ ଛୋଟ ନିଶାବେପାରୀଙ୍କୁ ଧରୁଥିଲା ବେଳେ ଏହାର ମାଷ୍ଟରମାଇଣ୍ଡକୁ ଧରିବାରେ ବିଫଳ । ଏବେ ନିଶା ବେପାରୀମାନେ ମହିଳା, ଛୋଟ ବାଳକ ଓ ଅତି ଗରିବ ଲୋକଙ୍କ ମାଧ୍ୟମରେ ସେମାନଙ୍କ ବ୍ୟବସାୟ ଚଳାଉଥିବା ନଜରକୁ ଆସୁଛି। ବୁଧବାର ସନ୍ଧ୍ୟାରେ ଜଳେଶ୍ୱର ପୋଲିସ୍‌ର ଏକ ଟିମ୍ ପଞ୍ଚୁଘଣ୍ଟା ଅଞ୍ଚଳରେ ଚଢ଼ାଉ କରିଥିଲା। ଜଣେ ୧୭ ବର୍ଷୀୟ ନାବାଳକ ୧୦ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ପୁଡିଆ ଧରି ଅନ୍ୟତ୍ର ଡେଲିଭରି ଲାଗି ଯାଉଥିବା ବେଳେ ପୋଲିସ ଅଟକ ରଖିଥିଲା। ଏଥିରେ ସମ୍ପୃକ୍ତ ମୁଖ୍ୟ ଆସାମୀଙ୍କୁ ଧରିବା ଲାଗି ପୋଲିସ୍ ପ୍ରୟାସ ଜାରି ରଖିଛି ବୋଲି କହିଛି।

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫ୍ରେଜର୍‌ପୁର**
**ସଂଶୋଧନ ପତ୍ର**
ପତ୍ରାଙ୍କ– 122 ତା 02.09.2021
ପତ୍ରାଙ୍କ– ୧୧୮ /ତା୦୧।୦୯।୨୦୨୧ରିଖ ଅନୁସାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫ୍ରେଜର୍‌ପୁରର ଛାତ୍ରୀନିବାସ ପାଇଁ ଚୁକ୍ତିଭିତ୍ତିକ ସହାୟକ ପଦବୀ ନିମନ୍ତେ ଆବେଦନର ଶେଷ ତାରିଖ ୧୧।୦୯।୨୦୨୧ ପରିବର୍ତ୍ତେ ତା୧୬।୦୯।୨୦୨୧ ପଢ଼ିବାକୁ ଅନୁରୋଧ।
ସ୍ୱା./- I/C ଅଧକ୍ଷ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫ୍ରେଜର୍‌ପୁର

**OFFICE OF THE PRINCIPAL, KHEMUNDI COLLEGE, DIGAPAHANDI, GM.**
**WALK-IN-INTERVIEW**
A walk-in-interview is going to be held on 14.09.2021 at 11.30 A.M. in the college premises for engagement of Guest Faculty in **ENGLISH, ODIA, POLITICAL SCIENCE, HISTORY, ECONOMICS AND CHEMISTRY** subjet. Candidates having requisite qualification (55% or above at PG Level & preference will be gievn to M.Phil., Ph.D., NET holders if any) may appear the same along with testimonials and Demand Draft of Rupees 500/- (In words Five hundred only) in favour of Principal, Khemundi College, Digapahandi, Gm.
Salary Rs.250/- per class, limited to Rs.9000/- per month.
The principal has reserved the right to cancel any application/ advertisement etc.
**Sd./- PRINCIPAL**

# ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲରେ 'ଏ ଲିଟିଲ ପଟସେର୍ଡ଼ ଆର୍ଟିଷ୍ଟ ଇନ୍ କୋଭିଡ ୧୯'




**ବାଲେଶ୍ୱର ଅଫିସ, ୨।୯**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବାବନ୍ଧ ଗାଁର ମଦିଆ–କୁମ୍ଭାର ପରିବାରର ଏକ କୁନି ଝିଅର କାହାଣୀକୁ ନେଇ ନିର୍ମିତ 'ଏ ଲିଟିଲ ପଟସେଡ୍ ଆର୍ଟିଷ୍ଟ ଇନ୍ କୋଭିଡ ୧୯' (କରୋନା କାଳରେ ଜଣେ କୁନି ଖପରାଶିଳ୍ପୀ) କ୍ଷୁଦ୍ର ଚଳଚ୍ଚିତ୍ର ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲକୁ ମନୋନୀତ ହୋଇଛି।

ବାଲେଶ୍ୱରର ବିଶିଷ୍ଟ ଶିଳ୍ପୀ କେଶୁଦାସଙ୍କ ନିର୍ଦ୍ଦେଶିତ ଏହି କ୍ଷୁଦ୍ର ଚଳଚ୍ଚିତ୍ରର କାହାଣୀ ଅନୁସାରେ ବାବନ୍ଧ ଗାଁରେ ବାସ କରୁଥିବା ଆଦିବାସୀ ମଦିଆ କୁମ୍ଭାର ପରିବାରର ଝିଅ ସିଲି। ସପ୍ତମ ଶ୍ରେଣୀର ଏହି ଛାତ୍ରୀ ଜଣେ କୁନି ଖପରାଶିଳ୍ପୀ। କରୋନା ସମୟରେ ନିଜ ପାଠପଢ଼ା ସହ ମା'ବାପାଙ୍କୁ ଘର କାମରେ ବି ସାହାଯ୍ୟ କରେ। ପୁଣି ସେ ତା ଗାଁ ଲୋକଙ୍କୁ ମହାମାରୀ ସମ୍ପର୍କରେ ସଚେତନ କରିବା ସହ ଗାଁରେ ପଡ଼ିଥିବା ଭଙ୍ଗା ହାଣ୍ଡି ଖପରା କାଟିକୁ ନେଇ ସୁନ୍ଦର ସୁନ୍ଦର ଚିତ୍ର ସବୁ କାନ୍ଥରେ ଆଙ୍କୁଥିବା ଦୃଶ୍ୟ ନିଖୁଣ ଭାବେ ୧୦ ମିନିଟ୍ ଅବଧିର ଏହି ଚଳଚ୍ଚିତ୍ରରେ ଦୃଶ୍ୟାୟିତ ହୋଇଛି। ବିଜେଏସ୍ ଓ ଓରିଫାର୍ମିଙ୍ଗ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୨ୟ କୋଭିଡ୍ ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲ ୨୦୨୧ରେ ଭାରତ ସହ ବ୍ରାଜିଲ, ଫ୍ରାନ୍ସ, ଆଫଗାନିସ୍ତାନ, ଆଫ୍ରିକା, ଇସ୍ରାଏଲ, ଇରାକ, ଇରାନ, ପର୍ତ୍ତୁଗାଲ, ବାଂଲାଦେଶ, ଉଜବେକିସ୍ତାନ, ଆଲଜେରିଆରୁ ୨୭୫ଟି ଚଳଚ୍ଚିତ୍ର ସାମିଲ ହେଉଥିବା ବେଳେ ଓଡ଼ିଶାର ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର ସ୍ଥାନ ପାଇଛି। ବାଲେଶ୍ୱରରୁ ଏକମାତ୍ର ମନୋନୀତ ଏହି କ୍ଷୁଦ୍ର ଚଳଚ୍ଚିତ୍ରକୁ କୁମାର ବିରାଜ ଏଡ଼ିଟିଂ କରିଥିବା ବେଳେ ବଣ ଧୂଳିର ଫୁଲର ଅଧ୍ୟକ୍ଷ ବିଜୟ କୁମାର ଆଚାର୍ଯ୍ୟ, ବାବନ୍ଧ ଗ୍ରାମର ବୈଦ୍ୟନାଥ ବେହେରା ଓ କୁଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# 'ଭାଗବତରେ ପ୍ରତ୍ୟେକ ଶବ୍ଦ ପଥ ପ୍ରଦର୍ଶକ'

**ଖଇରା, ୨।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗାୟତ୍ରୀ ଶକ୍ତିପୀଠ ପରିସରରେ ଗୁରୁବାର ଏକ ଧର୍ମମହାସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖଇରାସ୍ଥିତ ଗାୟତ୍ରୀ ପରିବାର, ସ୍ୱାମୀ ବିବେକାନନ୍ଦ ସେବା ସଂସ୍ଥାନ, ବିଶ୍ୱହିନ୍ଦୁ ପରିଷଦ, ପ୍ରତିଭା ପରିବାର, ବରିଷ୍ଠ ନାଗରିକ ମଞ୍ଚ, ଖଇରା ସାହିତ୍ୟ ସଂସଦ ସମେତ ୨୫ରୁ ଊର୍ଦ୍ଧ୍ୱ ଧର୍ମ ଓ ସାଂସ୍କୃତିକ ସଙ୍ଗଠନର ମିଳିତ ସହଯୋଗରେ ସତ୍ୟବ୍ରତ ନାରାୟଣ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ସଦସ୍ୟମାନଙ୍କ ଦ୍ୱାରା ଭଜନକୀର୍ତ୍ତନ ପୂର୍ବକ ନଗର ପରିକ୍ରମା କରାଯାଇଥିଲା। ବାସୁଦେବ ପଣ୍ଡାଙ୍କ ପୌରୋହିତ୍ୟରେ ଧର୍ମାଲୋଚନା ଅନୁଷ୍ଠିତ ହୋଇଥିଲା। ଭାଗବତରେ କୃଷ୍ଣଲୀଳା, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ, ବିଶ୍ୱହିନ୍ଦୁ ପରିଷଦ ଜୟନ୍ତୀ ଉପରେ ବକ୍ତାମାନେ ସାରଗର୍ଭକ ବାଣୀ ଶୁଣାଇଥିଲେ। ଭାଗବତରେ ପ୍ରତ୍ୟେକ ଶବ୍ଦ ସମାଜ ପାଇଁ ପଥ ପ୍ରଦର୍ଶକ ବୋଲି ଅତିଥିମାନେ ଉଲ୍ଲେଖ କରିଥିଲେ। ଡଃ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, ସ୍ୱାମୀ ଗଣେଷାନନ୍ଦଜୀ ପୁରୀ, ବ୍ରହ୍ମା କୁମାରୀ କାଞ୍ଚନ, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ, ପ୍ରଫେସର ଉମେଶ ଚନ୍ଦ୍ର ନାୟକ, ରାମଚନ୍ଦ୍ର ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ, ରଘୁନାଥ ପତ୍ରୀ, କୁଞ୍ଜଲତା ମାହନ୍ତ, କୈଳାସ ପୃଷ୍ଟି, ବଜରଙ୍ଗ ଦଳର ଭଦ୍ରକ ଜିଲା ସଂଯୋଜକ ବିପିନ ବିହାରୀ ପଣ୍ଡା ଯୋଗ ଦେଇଥିଲେ।

**National Dairy Development Board**
PB No. 40, Anand - 388001, Gujarat
Tel: 02692-260 148/149/160 Fax: 02692-260 159
Website: http://www.nddb.coop, Email: purchase@nddb.coop

**INVITATION FOR BIDS (IFB)/ LOCAL COMPETITIVE BIDDING (LCB)**

Bids are invited on behalf of Service Recipients from eligible bidders for the works listed below:

| Sr. No. | Description of works/ Bid Reference | Estd. Cost (₹)/ Duration | Event Start / Close Date | Bid submission / opening date & time |
|---|---|---|---|---|
| 1 | Landscaping works at 5 LLPD Automated Dairy Project at Arilo-Govindpur, Cuttack, Odisha. NDDB:HO:PUR:LCB:45/2021 (ET/45) | 70 Lakh/ 22 Months | 03.09.21/ 24.09.21 | 24.09.21 15:00 hrs. 24.09.21 15:30 hrs. |
| 2 | Civil, Structural & Internal Electrification works for ETP of cap. 2000 cum/day at Sabar Dairy, Rohtak, Haryana. NDDB:HO:PUR:LCB:54/2021 (ET/54) | 675 Lakh/ 12 Months | 07.09.21/ 28.09.21 | 28.09.21 15:00 hrs. 28.09.21 15:30 hrs. |
| 3 | Design, Supply & Installation of Customized, Readymade Furniture & Furnishing Works for Hostel, Admin., Security building at AITI, Guwahati, Assam. NDDB:HO:PUR:LCB:53/2021 (ET/53) | 67.5 Lakh/ 04 Months | 04.09.21/ 27.09.21 | 27.09.21 15:00 hrs. 27.09.21 15:30 hrs. |
| 4 | Up-gradation of software based VERITAS to Appliance based VERITAS at NDDB Anand, Gujarat. NDDB:HO:PUR:LCB:50/2021 (ET/50) | 47 Lakh/ 4 Weeks | 03.09.21/ 24.09.21 | 24.09.21 15:00 hrs. 24.09.21 15:30 hrs. |

For further details pertaining to IFB and for downloading the bid document, please visit these websites: **www.nddb.coop** and **www.mstcecommerce.com/eprochome/nddb** For any clarification please contact **Group Head (Purchase), NDDB, Anand-388001 NB: Any corrigendum/modification etc. will be posted only on these websites**

**ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME ST & SC DEVELOPMENT DEPARTMENT, DIDAYI DEVELOPMENT AGENCY, KUDUMULUGUMMA, MALKANGIRI**
Letter No. 649/ OPELIP/2021 Dt.03.09.2021
**EMPANELMENT OF GRAM PANCHAYAT NUTRITION ASSISTANT (POSHAN SAHAYAK) FOR DIDAYI DEVELOPMENT AGENCY, KUDUMULUGUMMA UNDER OPELIP**
Applications from eligible candidates are invited for empanelment of Gram Panchayat Nutrition Coordinator (POSHAN SAHAYAK) to be positioned under DIDAYI DEVELOPMENT AGENCY, KUDUMULUGUMMA to be engaged on purely contractual basis for a period of one year. Application form along with the detailed ToR can be downloaded from WWW.malkangiri.nic.in. Last date of receipt of applications by post/ courier at Office of the Special Officer, Didayi Development Agency, Kudumulugumma is 20.09.2021 at 05.00 P.M. Only shortlisted candidates will be called for interview for empanelment Special Officer, Micro Project Agency, Kudumulugumma reserves the right of accepting or rejecting the applications without assigning any reason thereof.
**Sd./- Special Officer, DDA, K-Gumma**

**ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME ST & SC DEVELOPMENT DEPARTMENT, BONDA DEVELOPMENT AGENCY, MUDULIPADA, MALKANGIRI**
Letter No.- 405 /OPELIP/2021 Dt.03.09.2021
**EMPANELMENT OF GRAM PANCHAYAT NUTRITION ASSISTANT (POSHAN SAHAYAK) FOR BONDA DEVELOPMENT AGENCY, MUDULIPADA UNDER OPELIP.**
Applications from eligible candidates are invited for empanelment of Gram Panchayat Nutrition Coordinator (POSHAN SAHAYAK) to be positioned under BONDA DEVELOPMENT AGECNY, MUDULIPADA to be engaged on purely contractual basis for a period of one year. Application form along with the detailed ToR can be downloaded from WWW.malkangiri.nic.in. Last date of receipt of applications by post/ courier at Office of the Project Leader, Bonda Development Agency, Mudulipada is 20.09.2021 at 05.00 PM. Only shortlisted candidates will be called for Interview for empanelment. Project Leader, Micro Project Agency, Mudulipada reserves the right of accepting or rejecting the applications without assigning any reason thereof.
**Sd./- Project Leader, BDA, Mudulipada**

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଲଙ୍ଗଳେଶ୍ୱର, ୨।୯(ଡି.ଏନ.ଏ.)-ସିଂଲା ଥାନା ଅଧୀନ ବୋଲଂ ଗ୍ରାମର ସ୍ୱର୍ଗତ ବାଙ୍ଗରା ମଲ୍ଲିକଙ୍କ ସ୍ତ୍ରୀ ସରସ୍ୱତୀ ମଲ୍ଲିକ (୬୧) ଙ୍କୁ ମଙ୍ଗଳବାର ରାତିରେ ଏକ ନାଗସାପ କାମୁଡି ଦେଇଥିଲା। ତାଙ୍କର ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଚୋରା ମଦ ବେପାରୀ ଗିରଫ

ସଜନାଗଡ଼, ୨।୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରିରେ ଚୋରା ମଦ ବେପାରୀମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ଗୁରୁବାର ସକାଳେ ନୀଳଗିରି ଅବକାରୀ ଓଆଇସି ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ପୁନ୍ଦାଳ ଗ୍ରାମରେ ଚଢ଼ାଉ କରି ବାପି ସିଂ (୪୫) ଙ୍କ ଠାରୁ ୩୦୦ ଲିଟର ପୋଚ ଜବତ କରିଛନ୍ତି। ଅନ୍ୟଜଣେ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କ ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ପୃଥକ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଗ୍ରାମର ଅନ୍ୟ ଏକ ସ୍ଥାନରୁ ୯୦ଲିଟର ମହୁଲି ମଦ ସହିତ ୨୭୦୦ ଲିଟର ପୋଚ ଜବତ କରାଯାଇଛି। ଚଢ଼ାଉରେ ଏଏସ୍ଆଇ ପ୍ରହ୍ଲାଦ ବିଶ୍ୱାଳ, ଦେବାଶିଷ ମଲ୍ଲିକ, ପିଙ୍କି ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

### ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ପ୍ରୟାସ

ସଜନାଗଡ଼,୨।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବାଲେଶ୍ୱରର ଓର୍‌ମାସ ସଂସ୍ଥା ପକ୍ଷରୁ ମହିଳା ଗୋଷ୍ଠୀକୁ ୩ଟି ମେଶିନ ପ୍ରଦାନ କରାଯାଇଛି। ସେଗୁଡ଼ିକ ମଧ୍ୟରେ ରହିଛି ଚା କପ ତିଆରି ମେଶିନ, ଦୀପ ମେସିନ ଓ କ୍ଲୋ କଟିଂ ମେଶିନ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉପସ୍ଥିତ ରହି କାର୍ଯ୍ୟକୁ ଶୁଭାରମ୍ଭ କରିବା ସହିତ ମେଶିନ ପ୍ରଦାନ କରିଥିଲେ। ଓରମାସର ସିଇଓ ଜିତେନ୍ଦ୍ର କୁମାର ବିଶ୍ୱାଳ, ବ୍ଲକ ଓଏଲ୍ଏମ୍ ତ୍ରିଲୋଚନ ପରିଡ଼ା, ପ୍ରମୋଦ କୁମାର ପରିଡ଼ା, ମିଶନ ଶକ୍ତିର ଜିଲା ସଂଯୋଜକ ବିଶ୍ୱଜିତ ପରିଡ଼ା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ।

### ପୂର୍ବତନ ଜିଲା ଶିକ୍ଷାଧିକାରୀଙ୍କ ପରଲୋକ

ବାହାନଗା, ୨।୯(ଡି.ଏନ.ଏ.)- ବାହାନଗା ବ୍ଲକ କୋଟିଆକୋଇଲି ଗ୍ରାମର ପୂର୍ବତନ ଜିଲା ଶିକ୍ଷାଧିକାରୀ ତଥା ସାମାଜିକ କର୍ମୀ ବାଞ୍ଛାନିଧି ବେହେରାଙ୍କ ପରଲୋକ ହୋଇଯାଇଛି। ବୁଧବାର ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ବାଞ୍ଛାନିଧି ଜିଲା ଶିକ୍ଷାଧିକାରୀ ଭାବେ ଚାକିରିରୁ ଅବସର ନେବା ପରେ ସାମାଜିକ କାମରେ ନିଜକୁ ନିୟୋଜିତ କରିଥିଲେ। ସେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ। ମରଶରୀର ଘରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା।

# ସୁଧୁରୁନି ସ୍ୱାସ୍ଥ୍ୟସେବା

- ଜିଲାରେ ଖାଲି ପଡିଛି ୧୫୦ରୁ ଊର୍ଦ୍ଧ୍ୱ ଡାକ୍ତର ପଦବୀ
- ଅତ୍ୟାଧୁନିକ ମେଶିନ ଅଛି, ଟେକ୍ନିସିଆନ ନାହାନ୍ତି

**ବାଲେଶ୍ୱର ଅଫିସ, ୨।୯**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ୧୭ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଢଶହରୁ ଊର୍ଦ୍ଧ୍ୱ ଡାକ୍ତର ପଦବୀ ଖାଲି ପଡିଛି। ଫଳରେ ଉଚିତ୍ ସ୍ୱାସ୍ଥ୍ୟସେବା ପାଇବାରୁ ଲୋକେ ବଞ୍ଚିତ ରହୁଛନ୍ତି। ଡାକ୍ତର ପଦବୀ ପୂରଣ ପାଇଁ ବିଭିନ୍ନ ସଙ୍ଗଠନ ସହ ଫକୀରମୋହନ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାରମ୍ବାର ଦାବି କରାଯାଇଆସୁଛି। ମେଡ଼ିକାଲ କଲେଜ ଘୋଷଣା ପରେ ଯଦିବା କୋଠା ଘର, ଭିତ୍ତିଭୂମି, ବିଭିନ୍ନ ପରୀକ୍ଷା ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରାଂଶ ରଖାଯାଇଛି, ଏହାକୁ ବ୍ୟବହାର କରିବା ପାଇଁ ପ୍ରଫେସର, ଡାକ୍ତର ଓ ଟେକ୍ନିସିଆନଙ୍କ ଅଭାବ ରହିଛି। ପୂର୍ବାପେକ୍ଷା ରୋଗୀ ସଂଖ୍ୟା ବଢ଼ିଥିଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ରୋଗର ଚିକିତ୍ସା କରା ନ ଯାଇ ସେମାନଙ୍କୁ କଟକ ଓ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଉଛି। ମୁଖ୍ୟ ଚିକିତ୍ସାଳୟ ଏକପ୍ରକାର ରୋଗୀ ସ୍ଥାନାନ୍ତର କେନ୍ଦ୍ର ପାଲଟିଛି।

ଜିଲାରେ ମୋଟ ବିଭିନ୍ନ ବିଭାଗ ପାଇଁ ୩୭୩ ଡାକ୍ତର ପଦ ରହିଛି। ଏବେ ୨୧୪ ଡାକ୍ତର କାର୍ଯ୍ୟରତ ଥିବା ବେଳେ ଆହୁରି ୧୫୯ ପଦ ଖାଲି ପଡ଼ିଛି। ଏଭଳି ସ୍ଥିତିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତ ଦୂରର କଥା, ଜିଲା ମୁଖ୍ୟ ଚିକିତ୍ସାଳୟ ବା ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଜିଲାରେ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ହେବାଠାରୁ ସଦର ଚିକିତ୍ସାଳୟରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜିଲାର ବିଭିନ୍ନ ଅଞ୍ଚଳ ସମେତ ପଶ୍ଚିମବଙ୍ଗ ଓ ମୟୂରଭଞ୍ଜରୁ ପ୍ରତିଦିନ ଅଢ଼େଇ ହଜାରରୁ ଅଧିକ ରୋଗୀ ମୁଖ୍ୟ ଚିକିତ୍ସାଳୟ ବହିର୍ବିଭାଗକୁ ଆସୁଛନ୍ତି। ଏଠାରେ ଥିବା ଡାକ୍ତରଙ୍କୁ ଦେଖାଇ ରୋଗୀମାନେ ଔଷଧ ତଥା ପରାମର୍ଶ ନେଉଛନ୍ତି। ଜଟିଳ ସ୍ଥିତିରେ ଥିବା ୪ ଶହରୁ ଅଧିକ ରୋଗୀ ୱାର୍ଡରେ ଭର୍ତ୍ତି ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ହୃଦ୍‌ରୋଗ ସମେତ ସ୍ନାୟୁ କର୍କଟ, ମୂତ୍ରାଶୟ ରୋଗ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର କିମ୍ବା ପ୍ରଫେସର ନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ବିଭାଗର ଥିବା ୯୬ ଡାକ୍ତର ପଦରୁ ଏବେ ୬୧ ଜଣ କାର୍ଯ୍ୟରତ ଅଛନ୍ତି। ୩୫ ପଦ ଖାଲି ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।



ବାଲେଶ୍ୱର ମେଡ଼ିକାଲ କଲେଜ ଆଣ୍ଡ ହସ୍‌ପିଟାଲ୍।

ଜିଲା ମୁଖ୍ୟ ଚିକିତ୍ସାଳୟରୁ ବର୍ଷକରେ ସାଢ଼େ ୬ ହଜାରରୁ ଅଧିକ ରୋଗୀ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ମୁଖ୍ୟ ଚିକିତ୍ସାଳୟରୁ ଚିକିତ୍ସା ନ ପାଇ ବହୁ ରୋଗୀ ସହରରେ ଥିବା ଘରୋଇ ନର୍ସିଂହୋମରେ ଭର୍ତ୍ତି ହେଉଛନ୍ତି। ଜିଲା ତଥା ଆଖପାଖ ପଡ଼ୋଶୀ ଅଞ୍ଚଳ ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ଆଶାରେ ଦୀର୍ଘଦିନର ଦାବି ଓ ଆନ୍ଦୋଳନ ପରେ ଫକୀରମୋହନ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହାକୁ ୪ ବର୍ଷ ପୂରିଗଲାଣି। ଭେଷଜ ମହାବିଦ୍ୟାଳୟର ନିଜସ୍ୱ ଚିକିତ୍ସାଳୟ ରେମୁଣା ଗୋଲେଇଠାରେ ନିର୍ମାଣ ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଭେଷଜ ମହାବିଦ୍ୟାଳୟ ଡାକ୍ତରଖାନା ଘୋଷିତ ହେବା ପରେ ଏଠାରେ ଆନୁଷଙ୍ଗିକ ବ୍ୟବସ୍ଥାରେ ଆଶାତୀତ ଉନ୍ନତି ଘଟିଛି। ରୋଗ ପରୀକ୍ଷାରେ ଆବଶ୍ୟକ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର ସାଙ୍ଗକୁ ଅଧିକ ମୂଲ୍ୟଯୁକ୍ତ ପରୀକ୍ଷା ଏବେ ଏଠାରେ ଉପଲବ୍ଧ ହୋଇଛି। ମାତ୍ର ଡାକ୍ତର ଅଭାବ ଯୋଗୁ ସବୁ ସେବା ମୂଲ୍ୟହୀନ ହୋଇପଡ଼ିଛି। ଜିଲାର ଏଭଳି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲେ ବି ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ କହିଛନ୍ତି, ଜିଲାରେ ଖାଲି ପଡ଼ିଥିବା ଡାକ୍ତର ପଦ ପୂରଣ ପାଇଁ ପ୍ରତିମାସ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ନିକଟ ଭବିଷ୍ୟତରେ ଏହି ସମସ୍ୟାର ସମାଧାନ ହୋଇଯିବ।

## ଦୁଇ ଡମ୍ପରରୁ ଜରିମାନା ଆଦାୟ




**ବାଲିଆପାଳ, ୨।୯(ସ୍ୱ.ପ୍ର.)**

ବାଲିଆପାଳ ତହସିଲ ଅଞ୍ଚଳକୁ ପ୍ରତ୍ୟେକ ଦିନ ବାହାରୁ ବେଧଡ଼କ ବେଆଇନ ବାଲି, ଚିପ୍ସ ଚୋରାଚାଲାଣ ହେଉଛି। ପ୍ରଶାସନକୁ ଚକ୍‌ମା ଦେଖାଇ ମାଫିଆମାନେ ଦିନରାତି ବେଆଇନ ଖଣିଜ ପଦାର୍ଥ ଚୋରଚାଲାଣ ଜାରି ରଖିଥିବାରୁ ପ୍ରଶାସନ କଡ଼ା ନଜର ରଖିଛି। ବୁଧବାର ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ସଦଳବଳେ ବାଲିଆପାଳ ବ୍ଲକ ଛକ ନିକଟରେ ଭାରି ଯାନଗୁଡିକର ପରିବହନ କାଗଜପତ୍ର ଯାଞ୍ଚ କରୁଥିବା ବେଳେ ଦୁଇଟି ଡମ୍ପରକୁ ଜବତ କରି ୨୬ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଚିପ୍ସ ଥିବା ଡମ୍ପର ପାଖରୁ ୧୬ହଜାର ଏବଂ ବାଲି ଥିବା ଡମ୍ପରଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବାଲିଆପାଳ ତହସିଲ ନିରୀକ୍ଷକ ମନୋଜ କୁମାର ଗିରି, ବାଲିଆପାଳ ସଦର ରାଜସ୍ୱ ନିରୀକ୍ଷକ କାଳୀଚରଣ ମାଝିଙ୍କ ସହିତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ମହିଳା ସଙ୍ଗଠନ ସୁଦୃଢ଼ ଉପରେ ଗୁରୁତ୍ୱ


ବୈଠକରେ ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୨।୯**

**ମହିଳା ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ**

ବାଲେଶ୍ୱର ଓଟି ରୋଡ଼ରେ ଥିବା ଜିଲା ବିଜେଡି କାର୍ଯ୍ୟାଳୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଖି ଆଗରେ ରଖି ଜିଲା ବିଜୁ ମହିଳା ଜନତା ଦଳର ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ମହିଳା ସଭାପତି ବିନ୍ଦୁବାଳା ନନ୍ଦୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହିଳା ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗ ଦେଇ ଆଗାମୀ ଦୁଇଟି ନିର୍ବାଚନରେ ଦଳ ଯେମିତି ରାଜ୍ୟରେ ସର୍ବୋତ୍ତମ ଫଳାଫଳ ଆଣିଦେବ, ସେଥିପାଇଁ ଏବେଠାରୁ ସମସ୍ତେ କାର୍ଯ୍ୟ ଆରମ୍ଭ କରିବାକୁ ସେ ଆହ୍ୱାନ ଦେଇଥିଲେ।

ବିଶେଷ କରି ମା', ମାଉସୀ ଓ ଭଉଣୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତିକୁ ଆଖି ଆଗରେ ରଖି କାର୍ଯ୍ୟ କରିବା ସହ ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଯୋଜନାଗୁଡ଼ିକୁ ଶତପ୍ରତିଶତ ସଫଳ କରିବା ପାଇଁ ମହିଳାମାନେ ଆଗେଇ ଆସିବାକୁ ଜେନା ଆହ୍ୱାନ ଦେଇଥିଲେ। ବୈଠକରେ ଜିଲା ପର୍ଯ୍ୟବେକ୍ଷକ ବାସନ୍ତୀ ମହାପାତ୍ର ଯୋଗଦେଇ ଜିଲାରେ ମହିଳା ସଙ୍ଗଠନକୁ କିପରି ଆହୁରି ସୁଦୃଢ଼ କରାଯିବ ତାହା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ରାଜ୍ୟ ମହିଳା ବିଜେଡି ବରିଷ୍ଠ ଉପସଭାପତି ଉର୍ମିଳତା ଦାସ, ରାଜ୍ୟ ଉପସଭାପତି ଶ୍ରଦ୍ଧାଞ୍ଜଳି ରାୟ, ରାଜ୍ୟ ସମ୍ପାଦିକା ସୁନୀତା ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସନ୍ଧ୍ୟାରାଣୀ ଭୂୟାଁ, ରଶ୍ମି ଦାସ, ଆରତୀ ଦାସ, ଜିଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଜିଲା ଛାତ୍ର ବିଜେଡି ସଭାପତି ସିମନ ଦାସମହାପାତ୍ର, ରୋଜି ପଟ୍ଟନାୟକ ପ୍ରମୁଖଙ୍କ ସହିତ ଜିଲାର ବିଭିନ୍ନ ବ୍ଲକ, ପୌରାଞ୍ଚଳର ସଭାପତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟା, ଡିଜିଟାଲ ସମ୍ପାଦିକା, ଆଇଟି ସଂଯୋଜିକା ଯୋଗ ଦେଇଥିଲେ।

## ଅଟୋ ଧକ୍କାରେ ମହିଳାଙ୍କ ମୃତ୍ୟୁ

### ଟିକା ନେବାକୁ ଯାଉଥିଲେ

**ବାହାନଗା, ୨।୯(ଡି.ଏନ.ଏ.)**

ବାହାନଗା ବ୍ଲକ ଖନ୍ତାପଡା ଥାନା ରାମନଗର ଗ୍ରାମର ବାବୁରାମ ଦାସଙ୍କ ସ୍ତ୍ରୀ ସାବିତ୍ରୀ (୫୫) ଟିକା ନେବାକୁ ଯାଉଥିବା ବେଳେ ଅଟୋ ଧକ୍କାରେ ପ୍ରାଣ ହରାଇଛନ୍ତି। ସେ ବୁଧବାର ସୁଠଙ୍ଗ ଗ୍ରାମ ସ୍କୁଲକୁ ଟିକା ନେବା ପାଇଁ ସମ୍ପର୍କୀୟଙ୍କ ସହ ବାଇକରେ ଯାଉଥିଲେ। ୧୬ନମ୍ବର ଜାତୀୟ ରାଜପଥ ଉପରେ ଯିବା ବେଳେ କୌଣସି କାରଣରୁ ଗାଡ଼ିରୁ ଖସିପଡିଥିଲେ। ଏହି ସମୟରେ ଏକ ଅଟୋ ଆସି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ତୁରନ୍ତ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡମେଡିକାଲକୁ ନିଆଯାଉଥିବା ବେଳେ ମାର୍କୋଣା ନିକଟରେ ଗୁରୁତର ହୋଇପଡିଥିଲେ। ନିକଟସ୍ଥ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଚୋରା ମଦ ଚାଲାଣ ଧରାପଡ଼ିଲା

**ଜଳେଶ୍ୱର, ୨।୯(ଡି.ଏନ୍.ଏ.)**

ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ଅଞ୍ଚଳରେ ଗୁରୁବାର ଭୋର ସମୟରେ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ଶିଖରପୁର ନଦୀପୋଲ ଉପରେ ପଶ୍ଚିମବଙ୍ଗର ଏକ ଭ୍ୟାନ(ନଂ.ଡବ୍ଲୁବି୦୨ଇ-୭୫୩୭)ରେ ୧୫ଟି ଟ୍ୟୁବ ମଧ୍ୟରେ ଚାଲାଣ ହେଉଥିବା ଚୋରା ଦେଶୀ ମହୁଲି ରନ୍ଧା ମଦ ଜବତ କରାଯାଇଛି। ଏନେଇ ଅବକାରୀ ଥାନାରେ ମାମଲା(ନଂ. ୭୫/୨୧) ରୁଜୁ କରାଯାଇ ଡ୍ରାଇଭର ଚନ୍ଦନା ଗ୍ରାମର ଅର୍ଜୁନ କୁମାର ହେମ୍ବ୍ରମଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ଜଳେଶ୍ୱରରେ ଅଟକିବ ଉତ୍କଳ ଏକ୍ସପ୍ରେସ୍

**ଜଳେଶ୍ୱର, ୨।୯(ଡି.ଏନ.ଏ.)**

**ଖଡ଼ଗପୁର ରେଳ କ୍ଷେତ୍ର ପ୍ରବନ୍ଧକଙ୍କୁ ଭେଟିଲେ ବୁଦ୍ଧିଜୀବୀ**

ଦକ୍ଷିଣପୂର୍ବ ରେଳପଥର ଖଡଗପୁର ଡିଭିଜନ୍‌ରେ ଓଡିଶାରୁ ଲକ୍ଷ୍ମଣନାଥ-ଭଦ୍ରକ ଓ ଅନ୍ୟ କେତେକ ରେଳରୁଟ ରହିଥିବାରୁ ସେଗୁଡିକର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏସବୁ ରେଳଷ୍ଟେଶନକୁ ପୂର୍ବତଟ ରେଳ ଡିଭିଜନ୍ ଅଧୀନ କରିବାକୁ ଦୀର୍ଘଦିନରୁ ଦାବି ହେଉଛି। ଗୁରୁବାର ଜଳେଶ୍ୱର ସମାଜକଲ୍ୟାଣ ବିକାଶ ପରିଷଦ ନେତୃତ୍ୱରେ କେତେକ ବୁଦ୍ଧିଜୀବୀ ଡିଆର୍‌ଏମ୍ ମନୋରଞ୍ଜନ ପ୍ରଧାନଙ୍କୁ ଭେଟି ବାଲେଶ୍ୱରରେ ନୂତନ ରେଳ ଡିଭିଜନ୍ ପ୍ରତିଷ୍ଠା କରିବା, ଜଳେଶ୍ୱର ଷ୍ଟେଶନରୁ ବାର୍ଷିକ ୧୨କୋଟି ଟଙ୍କା ରାଜସ୍ୱ ମିଳୁଥିବାରୁ ତାର ବିକାଶ ପ୍ରତି ଅଧିକ ଧ୍ୟାନ ଦେବା, ଜଳେଶ୍ୱରରେ ଦ୍ରୁତଗାମୀ ଟ୍ରେନ୍‌ଗୁଡିକର ରହଣି, ଏପରିକି ୩ୟ ରେଳ ଧାରଣା ନିର୍ମାଣ ବେଳେ ଜଳେଶ୍ୱର ଷ୍ଟେସନର ମୁଖ୍ୟ କାର୍ଯ୍ୟାଳୟ ଷ୍ଟେଶନର ପୂର୍ବପଟେ ନିର୍ମାଣ କରିବା ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରେ ଡିଆର୍‌ଏମ୍ ପ୍ରଧାନ ଜଳେଶ୍ୱର ଓ ବାଲେଶ୍ୱରର ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବରୁ ଅଟକୁଥିବା ପୁରୀ-ନୂଆଦିଲ୍ଲୀ ଉତ୍କଳ ଏକ୍ସପ୍ରେସ୍ ଏବେ ଜଳେଶ୍ୱରଠାରେ ଅଟକିବା ଲାଗି ଡିଆର୍‌ଏମ୍ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଖଡଗପୁରରୁ ଭଦ୍ରକ ଡିଏମ୍‌ୟୁ ପୁନଃ ଚଳାଚଳ କରାଇବାକୁ ସେ ସିଦ୍ଧାନ୍ତ ନେଇଥିବା କହିଛନ୍ତି। ନୂତନ ରେଳ ଚଳାଚଳ କରିବା ଓ ରେଳ ପ୍ରକଳ୍ପଗୁଡିକର କାର୍ଯ୍ୟଗୁଡିକ ପୁଣି ଆରମ୍ଭ ହେଉଥିବା ସେ ସୂଚନା ଦେଇଛନ୍ତି। ସେହିପରି ଜଳେଶ୍ୱର ଷ୍ଟେଶନର ଉନ୍ନତୀକରଣ କରୋନାବେଳେ ଧିମେଇଥିବା ବେଳେ ପୁଣି ଆରମ୍ଭ ହେବ ବୋଲି କହିଛନ୍ତି। ଆଲୋଚନାରେ ସମାଜକଲ୍ୟାଣ ବିକାଶ ପରିଷଦର ସମ୍ପାଦକ ତଥା ଆଇନଜୀବୀ ରାମଚନ୍ଦ୍ର ଜେନା, ଭାଜପା ନେତା ଅରୁଣ ବେଜ୍, ବଣିକ ସଂଘ ସଭାପତି ସୁଧୀର ମହାନ୍ତି, ପରିଷଦର ବରିଷ୍ଠ ସଦସ୍ୟ ଶରତ ପରିଡା, ଡ. ଅଜିତ୍ ମହାନ୍ତି, ଆଦିତ୍ୟ ନାରାୟଣ ପାତ୍ର, ଦ୍ୱାରକାନାଥ ପଟ୍ଟନାୟକ, ସତ୍ୟନାରାୟଣ ଦାସ, ପ୍ରଦୀପ୍ତ କିଶୋର ଚାନ୍ଦ, ଗୌରଗୋପାଳ ସେନ୍, ସୁକୁମାର ରଣା ଓ ଅବନୀ ଚାନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିବା ବେଳେ ବରିଷ୍ଠ ରେଳ ଅଧିକାରୀ ଗଦାଧର କରଣ ଓ ସୁଶାନ୍ତ କୁମାର ଦେ ଅଂଶଗ୍ରହଣ କରିଥିଲେ।



ଖଡ଼ଗପୁର ରେଳ କ୍ଷେତ୍ର ପ୍ରବନ୍ଧକଙ୍କୁ ଭେଟି ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି।

# ଅହୋରାତ୍ର ଅନଶନରେ ବସିଲେ ଚାଷୀ

**ଜଳେଶ୍ୱର, ୨।୯(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ନାମ୍ପୋ, ଖାଲିନା ଓ ସମ୍ପଡିଆ ପଞ୍ଚାୟତର ବହୁ ଚାଷୀ ଗୁରୁବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଅନଶନରେ ବସିଛନ୍ତି। ପଞ୍ଚାୟତର ସୁଧୀର କୁମାର ଭୂୟାଁ, ଜ୍ଞାନରଞ୍ଜନ ଜେନା, ହରିଶ୍ଚନ୍ଦ୍ର ହୁଇ, ମନୋରଞ୍ଜନ ଜେନା, ବିଜୟ କୁମାର ପାତ୍ର, ଜଗନ୍ନାଥ ପ୍ରଧାନ, ଘନଶ୍ୟାମ ରଣା, ଅଶୋକ କୁମାର ସୀଟ, ନିମାଇ ମହାନ୍ତି, ମନ୍ମଥ ଦେ ପ୍ରମୁଖ ସରକାରଙ୍କ ଗୁହାଳ ଯୋଜନାରେ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ସେମାନଙ୍କୁ କାର୍ଯ୍ୟାଦେଶ ଦିଆଯାଉନାହିଁ। ଏ ସମ୍ପର୍କରେ ପୂର୍ବରୁ ଚାଷୀମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ ମଧ୍ୟ ବିଡିଓ ଦେଇଥିବା ପ୍ରତିଶ୍ରୁତ ପାଳନ କରୁ ନ ଥିବାରୁ ପୂର୍ବସୂଚନା ମୁତାବକ ଅହୋରାତ୍ର ଅନଶନରେ ବସିବାକୁ ବାଧ୍ୟ ହୋଇଛନ୍ତି ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିବା ଜଣାଯାଇଛି।

# 'ହକ୍ ପାଇଁ ପଞ୍ଚାୟତଠୁ ବ୍ଲକ୍ ଯାଏ ଲଢେଇ ଜାରି ରହିବ'

**ରୂପ୍‌ସା, ୨।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଛାନୁଆ ପଞ୍ଚାୟତରେ ବୁଧବାର ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବହୁ ପୁରୁଖା କର୍ମୀ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଓଡ଼ିଶା ପ୍ରଦେଶର ରାଜ୍ୟ ଯୁବ ମୋର୍ଚ୍ଚାର ଉପସଭାପତି ତଥା ଯୁବନେତା ମାନସ କୁମାର ଦତ୍ତଙ୍କ ଉପସ୍ଥିତିରେ ଛାନୁଆ ପଞ୍ଚାୟତର ୧୨ନଂ. ୱାର୍ଡ଼ର ଗ୍ରାମଦେବତୀ ଗଡ଼ନାୟକାଣୀଙ୍କ ପ୍ରାଙ୍ଗଣରେ ବିଜେଡିର ପୂର୍ବତନ ପଞ୍ଚାୟତ ସଭାପତି ଶଙ୍କର୍ଷଣ ସରଦାର, ୧୦ନଂ. ୱାର୍ଡର ବାଙ୍କବିହାରୀ ଦାସ ଓ ପଦ୍ମଲୋଚନ ଦାସ, ପର୍ଶୁରାମ ସରଦାର, ପୁରନ ସରଦାର, ଅଶୋକ ସରଦାର, ବାପି ଦାସ, ସପନ ସରଦାର, ସୁବଳ ପୃଷ୍ଟି, ଶ୍ରୀମନ୍ତ ମାନ୍ନା, ରନ ସରଦାର, ରଘୁନାଥ ଦାସ, ସାଗର ଦାସ, ବଳରାମ ଜାନାଙ୍କ ସମେତ ଶତାଧିକ ଲୋକ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ। ନୂତନ ସଦସ୍ୟଙ୍କୁ ଜିଲା ପରିଷଦ ସଭ୍ୟା ସୁମତୀ ନାୟକ, ସମିତିସଭ୍ୟ ସାଗେନ ମାଝି, ନାଏବ ସରପଞ୍ଚ ସାବିତ୍ରୀ ମାଇତି, ମଣ୍ଡଳ ସଭାପତି ବିଜୟ ଦାସ ଓ ପଞ୍ଚାୟତ ସଭାପତି ଭାଗ୍ୟଧର ଦାସ ଓ ବରିଷ୍ଠ ନେତା ବଂଶୀଧର ପାତ୍ର ଦଳକୁ ସ୍ୱାଗତ କରିଥିଲେ। ଦଳରେ ପୁରୁଖା ନେତାଙ୍କ ଯୋଗଦାନ ଭାଜପାର ଶକ୍ତିକୁ ଆହୁରି ବୃଦ୍ଧି କରିବ ବୋଲି ଦତ୍ତ କହିବା ସହ ସାଧାରଣ ଲୋକଙ୍କ ହକ୍ ପାଇଁ ପଞ୍ଚାୟତଠୁ ବ୍ଲକ୍ ଯାଏ ଲଢେଇ ଜାରି ରହିବ କହିଥିଲେ। ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ସମିତିସଭ୍ୟ ରବିନାରାୟଣ ମହାପାତ୍ର, ବରିଷ୍ଠ ନେତା ଗୌରାଙ୍ଗ ଦାସ ଓ ଲୋକନାଥ ଭୂୟାଁ, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ଯୁବନେତା ବିକାଶ ପାଢ଼ୀ ଓ କୈଶିକ ଚାନ୍ଦ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଅରୂପ ଜେନା, ଜିଲା ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପବନ କମିଲା, ରାଜ୍ୟ ସଂଖ୍ୟାଲଘୁ ସେଲର ସାମାଜିକ ଗଣମାଧ୍ୟମ ସଂଯୋଜକ ଏସ୍. କେ. ମେରାଜ ପ୍ରମୁଖ ଉପସ୍ଥିତ ଥିଲେ।


ମିଶ୍ରଣ ପର୍ବରେ ଭାଜପା କର୍ମକର୍ତ୍ତାଙ୍କ ସହ ନୂତନ ଭାବେ ଯୋଗଦେଇଥିବା ସଦସ୍ୟ।

# ଗାଁକୁ ପଶିପାରୁନି ଆମ୍ବୁଲାନ୍ସ

**ବାହାନଗା, ୨।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତ ଖନ୍ତାପଡା ବଜାର ନିକଟରେ ଥିବା ଗୋବିନ୍ଦପୁର ଗ୍ରାମ ୧୨ନମ୍ବର ୱାର୍ଡର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଗ୍ରାମ ଭିତରକୁ ଆମ୍ବୁଲାନ୍ସ ମଧ୍ୟ ପଶିପାରୁନାହିଁ। ରାସ୍ତା ଅଣଓସାରିଆ ଓ ଖାଲ ସୃଷ୍ଟି ହୋଇଥିବାରୁ ଖରାଦିନେ ୪ଚକିଆ ଗାଡି ଯିବାକୁ କଷ୍ଟକର ହୋଇପଡେ। ବର୍ଷା ଦିନ କଥା ନ କହିବା ଭଲ। ୧୨ ନମ୍ବର ୱାର୍ଡରେ ପକ୍କା ରାସ୍ତା କିମ୍ବା ମେଟାଲିଂ ରାସ୍ତା ହେଉ ନ ଥିବାରୁ ବର୍ଷା ଦିନରେ ରାସ୍ତାରେ ପାଣି ଛିଡା ହେବା ସହିତ କାଦୁଅ ପଚ ପଚ ହୋଇଯାଇଥାଏ। ଫଳରେ ଲୋକମାନେ ବର୍ଷାଦିନରେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ଛୋଟ ଛୋଟ ପିଲାମାନେ ପାଣି କାଦୁଅ ରାସ୍ତାରେ କହୁ କଷ୍ଟରେ ଯାତାୟାତ କରନ୍ତି। ୱାର୍ଡ ଶେଷରେ ଏକ ଶନି ମନ୍ଦିର ଓ ଏକ ଆଶ୍ରମ ଥିବାରୁ ସେଠାକୁ ବହୁ ଲୋକ ଆସନ୍ତି। ମାତ୍ର ବର୍ଷାଦିନେ ଯାତାୟାତ କରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗିଥାନ୍ତି। ବଜାର ପାଖରେ ଏହି ଗ୍ରାମ ଥିଲେ ମଧ୍ୟ ଏହାକୁ କୌଣସି ରାଜନେତା କିମ୍ବା ନୀଳଗିରି ବିଧାୟକ ସମେତ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ କେହି ଦୃଷ୍ଟି ନ ଦେବା ପରିତାପର ବିଷୟ। ୧୬ନମ୍ବର ଜାତୀୟ ରାଜପଥ ନିକଟସ୍ଥ ଖନ୍ତାପଡା ବଜାର ପାଖରେ ଏହି ଗ୍ରାମ ହୋଇଥିଲେ ମଧ୍ୟ ବର୍ଷାଦିନ ହେଲେ ଗ୍ରାମକୁ ବନ୍ଧୁବାନ୍ଧବ ଆସିବାକୁ ଅମଙ୍ଗ ହୋଇଥାନ୍ତି। ଗ୍ରାମବାସୀ ବିଡିଓ ଓ ଜିଲାପାଳଙ୍କଠାରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାସ୍ତା ଅବସ୍ଥା ବଦଳୁନାହିଁ। ତେଣୁ ପ୍ରଶାସନ ରାସ୍ତା ପ୍ରତି ଦୃଷ୍ଟି ଦେବା ପାଇଁ ଗ୍ରାମର ମନୋଜ କୁମାର ମହାନ୍ତି, ଗଙ୍ଗାଧର ଦାସ, କୈଳାସ ସେଠୀ, ସନ୍ତୋଷ କୁମାର ମହାନ୍ତି, ଅଭିମନ୍ୟୁ ମଳିକ, ଶାନ୍ତିଲତା ରାଉତ, ପୂର୍ଣ୍ଣଚନ୍ଦ୍ର ଦଳେଇ, କରୁଣାକର ପ୍ରଧାନ ପ୍ରମୁଖ ଗ୍ରାମବାସୀ ଅନୁରୋଧ କରିଛନ୍ତି।


ପାଣି, କାଦୁଅରେ ଭର୍ତ୍ତି ହୋଇଥିବା ରାସ୍ତା।

**ଔଷଧ ଦୋକାନରୁ ଚୋରି**

ଭଦ୍ରକ ଅଫିସ: ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାହାଞ୍ଜ ଅସୁରା ଅଞ୍ଚଳର ଦୀପକ ଦାସଙ୍କ ଔଷଧ ଦୋକାନରୁ ବୁଧବାର ରାତିରେ ଚୋରି ହୋଇଛି। ରାଣୀତାଲ ବଜାରରେ ଥିବା ଦୋକାନ ସଟର ଭାଙ୍ଗି ୧୩,୭୦୦ ଟଙ୍କା ସହ ଔଷଧ ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ମୋଟ ୨୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ଗ୍ରାମାଞ୍ଚଳ ପୋଲିସ ଘଟଣାର ତଦନ୍ତ କରୁଛି।



## ସଂକ୍ଷେପରେ

### ସମୁଦ୍ରରେ ମତ୍ସ୍ୟଜୀବୀ ନିଖୋଜ

ବାସୁଦେବପୁର,୨।୯(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଉରମା ଗ୍ରାମର ମତ୍ସ୍ୟଜୀବୀ ବ୍ରଜମୋହନ ମଲ୍ଲିକ ସମୁଦ୍ରରେ ନିଖୋଜ ହୋଇଯାଇଥିବା ନେଇ ପରିବାର ଲୋକେ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବ୍ରଜମୋହନ ଗତ ୩୦ ତାରିଖରେ ମାଛ ଧରିବା ପାଇଁ ସମୁଦ୍ରକୁ ଯାଇଥିଲେ। ମାଛ ଧରୁଥିବା ବେଳେ ସେ ବୋଟ୍ରୁ ସମୁଦ୍ରକୁ ଖସିପଡ଼ି ନିଖୋଜ ହୋଇଯାଇଥିଲେ। ଅନ୍ୟ ସହଯୋଗୀମାନେ ତାଙ୍କୁ ଖୋଜାଖୋଜି କରି ନିରାଶ ହେବା ପରେ ବୋଟ୍ ମାଲିକ ଓ ବ୍ରଜମୋହନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ।

### ୪ ଝାଡ଼ଖଣ୍ଡୀ କାଠ ମାଫିଆ ଗିରଫ

କେନ୍ଦୁଝର, ୨।୯ (ସ୍ୱ.ପ୍ର.): କେନ୍ଦୁଝର ଜଙ୍ଗଲରୁ ପଡୋଶୀ ଝାଡ଼ଖଣ୍ଡ କାଠ ମାଫିଆ ମାନେ ଜଙ୍ଗଲ କାଟୁଥିବା ବେଳେ ଭୂୟାଁ ଗୁଆଙ୍ଗ ପାଡ଼ ହୋଇଛି ଏକ ଟିମ୍ ଚଢ଼ାଉ କରି କଲଣ୍ଡା ଜଙ୍ଗଲରୁ କାଠ କାଟୁଥିବା ୪ ଜଣ ଝାଡ଼ଖଣ୍ଡି କାଠ ମାଫିଆଙ୍କୁ ଗିରଫ କରିଛି। ସେମାନେ ହେଲେ ତବରଖ ଅନସାରୀ, ମହମଦ ସିକନ୍ଦର, ତୋହିଦ ଅନସାରୀ, ସଲିମ ଅନସାରୀ। ସେମାନଙ୍କ ଠାରୁ ବହୁ ପରିମାଣର ଶାଳ, ଡେଲେନା ଗିରା ଯାଇଥିବା କାଠ ପଟା, କରତ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଜବତ କାଠ ପଟାର ପରିମାଣ ପାଖାପାଖି ୬୦ ସିଫଟ ହେବ ବୋଲି ବନାଞ୍ଚଳ ଅଧିକାରୀ ମାନସ ମୁର୍ମୁ କହିଛନ୍ତି। ଶୁଆକାଠି ସେକସନର କୁଶକଳା ବିଟ ଅଧିନସ୍ଥ କଲଣ୍ଡା ଜଙ୍ଗଲରୁ ସେମାନଙ୍କୁ ଧରିଛନ୍ତି।

### ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ

ବନ୍ତ,୨।୯(ସ୍ୱ.ପ୍ର.)-ଭଦ୍ରକ ଜିଲା ଆଗରପଡ଼ା ଥାନା ଅଞ୍ଚଳରେ ଜଣେ ବିଧବା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚାରିଗାଁର ଅର୍ଜୁନ ସାହୁ। ଏନେଇ ଥାନାରେ ମାମଲା (ନଂ.୨୦୦/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ମହିଳା ଜଣଙ୍କ ଗତ ମଙ୍ଗଳବାର କଣ୍ଟ୍ରୋଲ ସାମଗ୍ରୀ ଆଣିବାକୁ ଚାରିଗାଁ ଯାଉଥିଲେ। ସେ ରାସ୍ତାରେ ଏକୁଟିଆ ଯାଉଥିବା ଦେଖି ଅର୍ଜୁନ ତାଙ୍କୁ ଟେକି ନେଇ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଅଭିଯୁକ୍ତ ଆଗରପଡ଼ା ସ୍ଥିତ ଏକ ବ୍ୟାଙ୍କରେ ଥିବା ଖବର ପାଇ ପୋଲିସ ସେଠାରୁ ଗିରଫ କରିଥିଲା।

### ୩ ଲୁଟେରା ଗିରଫ

ଭଦ୍ରକ ଅଫିସ, ୨।୯-ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ୩ ଜାତୀୟ ରାଜପଥ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗେଲପୁର ଅଞ୍ଚଳର ସୁଶାନ୍ତ ସ୍ୱାଇଁ, ବିଜୟ ଜେନା ଓ ସୁଶାନ୍ତ ଜେନା। ପୋଲିସ ସେମାନଙ୍କଠାରୁ ମୋବାଇଲ ଫୋନ ସହ ୪ହଜାର ଟଙ୍କା ଜବତ କରିଛି। ସୂଚନା ଅନୁଯାୟୀ, ଏହି ୩ଜଣ ଚଳନ୍ତା ଟ୍ରକ୍ ଡ୍ରାଇଭରମାନଙ୍କଠାରୁ ଟଙ୍କା ଓ ମୋବାଇଲ ଲୁଟ୍ କରୁଥିଲେ। ଜାତୀୟ ରାଜପଥର ନଳାଙ୍ଗ ନିକଟରୁ ସେମାନେ ଟ୍ରକ୍ ଡ୍ରାଇଭରଙ୍କୁ ଧମକ ଦେଇ ୧୦ ହଜାର ଟଙ୍କା ସହ ମୋବାଇଲ ଫୋନ ଲୁଟି ନେଇଥିଲେ। ଏନେଇ ଅଭିଯୋଗ କ୍ରମେ ଗ୍ରାମାଞ୍ଚଳ ପୋଲିସ ମାମଲା(ନଂ. ୩୬୬/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

### ‘କଳା, କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ କରାଯାଉ’

ବାସୁଦେବପୁର,୨।୯(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ରାଧାବଲ୍ଲଭପୁରଠାରେ ବ୍ଲକ କଳା, କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଗୋବର୍ଦ୍ଧନ ମଲିକ ଏଥିରେ ସଭାପତିତ୍ୱ କରିଥିଲେ। ସଂଯୋଜକ ସୁକାନ୍ତ କୁମାର ଦାସ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେମାନଙ୍କ କ୍ଷେତ୍ରରେ ଲାଗୁଥିବା ପାର୍ଟ ଟାଇମ ପଦବୀକୁ ଉଚ୍ଛେଦ କରି ନିୟମିତ ଲାଗି ସଂଘ ପକ୍ଷରୁ ଦାବି କରାଯାଇଛି। କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହ ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦିଆଯିବାକୁ ସଂଘ ପକ୍ଷରୁ କୁହାଯାଇଥିଲା। ସଂଘ ସଦସ୍ୟମାନେ ମତାମତ ରଖିଥିଲେ।

# ଚଢ଼ା ଦରରେ ସାର କିଣୁଛନ୍ତି ଚାଷୀ

ବାରିପଦା ଅଫିସ,୨।୯

▪ଜିଲାରେ ରିହାତି ସାର ଅଭାବ
▪ବାରିପଦା, ବାଙ୍ଗରିପୋଷିରେ ଗୋଦାମ ଗୃହ ନିର୍ମାଣ ଦାବି

ମୟୂରଭଞ୍ଜ ଜିଲାର ଚାଷୀଙ୍କୁ ରିହାତି ମୂଲ୍ୟରେ ୟୁରିଆ ସାର ମିଳୁନାହିଁ। ଖୋଲା ବଜାରରୁ ଅଧିକ ଦାମ୍ରେ ସାର କିଣି ଜମିରେ ପକାଇବାକୁ ବାଧ୍ୟ ହେଉଛନ୍ତି। ସରକାରଙ୍କ ପକ୍ଷରୁ ସମବାୟ ସମିତି ଜରିଆରେ ବିଆଯାଉଥିବା ଚାହିଦା ତାଲିକା ଅନୁଯାୟୀ ଠିକ୍ ସମୟରେ ସାର ଆସି ନ ଥିବାରୁ ଚାଷୀମାନେ ନିରୁପାୟ ହୋଇ ଚଢ଼ା ଦରରେ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଜିଲାର ୮୦ପ୍ରତିଶତ ଚାଷୀ ପ୍ରାୟତଃ ଖରିଫ ଚାଷ ଉପରେ ନିର୍ଭରଶୀଳ। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ମଧ୍ୟରେ ଜିଲାର ୨୬ଟି ବ୍ଲକରେ ଧାନ ଚାଷ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଜମି ବେଉଷଣ ପରେ ରୁଆ ପୋତା କାର୍ଯ୍ୟ ଶେଷ ହୋଇଛି। ଏହି ସମୟରେ ଗଛର ବୃଦ୍ଧି ପାଇଁ ୟୁରିଆ, ଗ୍ରୋମର, ଡିଏପି, ପଟାସ ଆଦି ସାରର ଚାହିଦା ଅଧିକ ରହିଥାଏ। ମାତ୍ର ଚଳିତ ଥର ସାରର ଅଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ବ୍ୟବସାୟୀମାନେ ଏହାର ସୁଯୋଗରେ କଳାବଜାରିଙ୍କୁ ଆପଣାଇଛନ୍ତି। ଜିଲା ସମବାୟ ସମିତି ଅଧୀନରେ ୫୨ଟି ସମବାୟ ସମିତି(ଲ୍ୟାମ୍ପସ) ରହିଛି। ୬୯,୨୯୩ ଚାଷୀ ପଞ୍ଜୀକୃତ ହେବା ସହ ସମବାୟ ସମିତିରୁ ଋଣ ନେଇ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ଚାଷୀମାନେ ଲ୍ୟାମ୍ପସ ଜରିଆରେ ରିହାତି ମୂଲ୍ୟରେ ସାର ପାଇବାକୁ ଥିବା ବେଳେ ୟୁରିଆ ସାରର ଘୋର ଅଭାବ ପରିଲକ୍ଷିତ ହୋଇଛି । ସୂଚନା ଅନୁଯାୟୀ, ଖରିଫ ଚାଷ ପାଇଁ ବର୍ଷକୁ ୯୧ହଜାର ୭୯୦ କୁଇଣ୍ଟାଲ ସାର ଆବଶ୍ୟକ ରହିଛି । ସେଥି ମଧ୍ୟରୁ ୭୦,୫୭୫ କୁଇଣ୍ଟାଲ ୟୁରିଆ ସାର ଥିବା ବେଳେ କମ୍ପ୍ଲେକ୍ସ ସାର ୨୧,୨୧୫ କୁଇଣ୍ଟାଲ ରହିଛି। ଏପର୍ଯ୍ୟନ୍ତ ସମିତିକୁ ୯,୧୧୦ କୁଇଣ୍ଟାଲ ୟୁରିଆ ସାର ଆସିଥିବା ବେଳେ ଅବଶିଷ୍ଟ ସାର ପାଇଁ ବିଭାଗ ପକ୍ଷରୁ ବାରମ୍ବାର ଅବଗତ କରାଯାଉଛି। ଅଢ଼େଇ ମାସ ଧରି ୟୁରିଆ ସାରର ଅଭାବ ପରିଲକ୍ଷିତ ହେଉଥିବାରୁ ଚାଷୀମାନେ ଖୋଲା ବଜାରରୁ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। କଳାବଜାରୀକୁ ରୋକିବା ପାଇଁ ଅଦ୍ୟାବଧି ୨୫୦ଟି ଦୋକାନ ଉପରେ ଚଢ଼ାଉ କରାଯାଇଥିବା ବେଳେ ୪ଟି ଦୋକାନର ଲାଇସେନ୍ସକୁ ରଦ୍ଦ କରାଯାଇଥିବା ଜିଲା କୃଷି ଅଧିକାରୀ ରବୀନ୍ଦ୍ର ଖଟୁଆ ପ୍ରକାଶ କରିଛନ୍ତି। ଚାଷୀ ସୁରେଶ ପତି ଓ ଶିବନାରାୟଣ ପତି କୁହନ୍ତି, ଲ୍ୟାମ୍ପସ ମାଧ୍ୟମରେ ୟୁରିଆ ସାର ବସ୍ତା ପ୍ରତି ୨୭୦ଟଙ୍କାରେ ମିଳିବାକୁ ଥିବା ବେଳେ ସାରର ଅଭାବ ପାଇଁ ବଜାରରୁ ୪୫୦ଟଙ୍କା ଦେଇ କିଣିବାକୁ ପଡୁଛି। ଏ ସମ୍ପର୍କରେ ଜିଲା ସମବାୟ ସମିତିର ସହକାରୀ ନିବନ୍ଧକ ଦମୟନ୍ତୀ ସିଂ କହିଛନ୍ତି। ୟୁରିଆର ଆବଶ୍ୟକତାକୁ ନେଇ ବାରମ୍ବାର ଅବଗତ କରାଯାଇଛି। ଦୀର୍ଘ ଦିନ ଧରି ସାର ମିଳି ନ ଥିବାରୁ ଚାଷୀଙ୍କୁ ରିହାତି ମୂଲ୍ୟରେ ସାର ଯୋଗାଇ ଦିଆଯାଇପାରି ନାହିଁ। ଦିନେ ଦୁଇ ଦିନ ମଧ୍ୟରେ ସାର ଯୋଗାଇ ଦିଆଯିବ। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାକୁ ବାଲେଶ୍ୱର ଜିଲା ରୂପ୍ସା ଷ୍ଟେଶନ ଏବଂ କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ପାଇଁ ରାଇରଙ୍ଗପୁରକୁ ସାର ଟ୍ରେନ ଯୋଗେ ଆସିଥାଏ। ବାଲେଶ୍ୱରକୁ ଆସିଥିବା ସାର ମଧ୍ୟରୁ ଜିଲା ପ୍ରଶାସନ ୮୦ପ୍ରତିଶତ ନେଇଯାଉଥିବା ବେଳେ କେନ୍ଦୁଝର ଜିଲା ପ୍ରଶାସନ ୭୫ ପ୍ରତିଶତ ନେଇଯାଇଥାନ୍ତି। ଫଳରେ ବଳକା ହେଉଥିବା ସାର ମୟୂରଭଞ୍ଜ ଜିଲାକୁ ନିଅଣ୍ଟ ପଡୁଛି। ତେବେ ଜିଲାର ବାରିପଦା ଓ ବାଙ୍ଗରିପୋଷିଠାରେ ଗୋଦାମ ଗୃହ ଖୋଲାଗଲେ ଏଭଳି ପରିସ୍ଥିତିର ମୁକାବିଲା କରାଯାଇପାରିବ ବୋଲି ଚାଷୀ ପାର୍ଥସାରଥି ପଣ୍ଡା, ବଟକୃଷ୍ଣ ଦାସ, ସାମାୟ ମାଝି ଓ ଦିଗମ୍ବର ନାଥ ପ୍ରମୁଖ ଦାବି କରିଛନ୍ତି ।



ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ।

# ସାର ଗୋଦାମରେ ଚଢ଼ାଉ

ବାସୁଦେବପୁର, ୨।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହର ଓ ବ୍ଲକ ଅଞ୍ଚଳରେ ଥିବା ସାର ଗୋଦାମ ଓ ଦୋକାନରେ ଗୁରୁବାର ପୃଥକ୍ ଭାବେ ଚଢ଼ାଉ କରାଯାଇଛି। ବ୍ଲକ ଓ ଜିଲା ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବ୍ଲକ ଓ ଜିଲା ପ୍ରଶାସନ, କୃଷି ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରି ସାରର ମାନ, ଗୋଦାମରେ ମହଜୁଦ ଥିବା ସାର ପରିମାଣ ଯାଞ୍ଚ କରିଥିଲେ। ବ୍ଲକ ସ୍କ୍ୱାଡ୍ ପକ୍ଷରୁ ଅତିରିକ୍ତ ତହସିଲଦାର ଗୋଲକ ବିହାରୀ ନାୟକ, ବ୍ଲକ କୃଷି ଅଧିକାରୀ କାର୍ତ୍ତିକ ମଲ୍ଲିକ, ଫର୍ଟିଲାଇଜର ଇନ୍ସପେକ୍ଟର ଚୌଧୁରୀ ଜେନା, ଯୋଗାଣ ଅଧିକାରୀ ଅଜୟ ଦାସ ପ୍ରମୁଖ ବାସୁଦେବପୁର, ବେତଡ଼ା, ଏଡ଼ତାଳ, କମାରଗାଁ ପ୍ରମୁଖ ସ୍ଥାନରେ ଥିବା ସାର ଗୋଦାମରେ ଚଢ଼ାଉ କରିଥିଲେ। ସେହିପରି ଉପଜିଲାପାଳ ପୀତାମ୍ବର ସାମଲଙ୍କ ନେତୃତ୍ୱରେ ଜିଲା ମୁଖ୍ୟ କୃଷି ଅଧିକାରୀ ଜଗନ୍ନାଥ ନନ୍ଦ, ପ୍ରସାଦ ନାୟକ, ଫର୍ଟିଲାଇଜର ଇନ୍ସପେକ୍ଟର ରୀତାରାଣୀ ଶିଖ୍ ପ୍ରମୁଖ ବାସୁଦେବପୁର ସହର ନିକଟସ୍ଥ ଗୋପାଳପୁର ଛକଠାରେ ଥିବା ଏକ ସାର ଗୋଦାମରେ ଚଢ଼ାଉ କରିଥିଲେ। ପ୍ରକାଶଯୋଗ୍ୟ, ଗତ କିଛିଦିନ ଧରି ସାରର କଳାବଜାର ସହ ଉତ୍କଟ ଅଭାବ ଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି।

# ନିର୍ମାଣ କାର୍ଯ୍ୟ ସାରିବାକୁ ଗୁରୁତ୍ୱ

ଭଦ୍ରକ ଅଫିସ,୨।୯

**ଭଦ୍ରକ କଲେଜ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ**

ଭଦ୍ରକ କଲେଜର ପୁରାତନ ଛାତ୍ରସଂସଦ ପକ୍ଷରୁ ହୀରକ ଜୟନ୍ତୀ ପ୍ରସ୍ତୁତି, କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ରସଂସଦର ସଭାପତି ଦେବେନ୍ଦ୍ର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। କଲେଜ ପରିସରରେ ଅଧ୍ୟକ୍ଷଙ୍କ ପାଇଁ ଏକ ବାସଗୃହ, କଲେଜର ନୂତନ ଫାଟକ ଆଦିର ନିର୍ମାଣ କାର୍ଯ୍ୟ ନାକ୍ ଟିମ୍ର ପରିଦର୍ଶନ ପୂର୍ବରୁ ସାରିବା ନିମନ୍ତେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଅନୁରୋଧ କ୍ରମେ ଆସନ୍ତା ୫ ତାରିଖ ଅପରାହ୍ନ ୪ଟାରେ ଏକ ଖୋଲା ପ୍ରସ୍ତୁତି ବୈଠକ ଡକାଯାଇଛି। ସମସ୍ତ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ମତାମତ ଦେବାକୁ ସମ୍ପାଦକ ଅଜୟ ନାୟକ କହିଥିଲେ। ପୁରାତନ ଛାତ୍ରସଂସଦର ଯୁଗ୍ମ ସମ୍ପାଦକ ଅମରେନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଅଧିବକ୍ତା ନିତ୍ୟାନନ୍ଦ ଦାସ, ଡା. ଦୁର୍ଯ୍ୟୋଧନ ଦାସ, ଅଧିବକ୍ତା ସରୋଜ ତପନ ଦାସ, ପର୍ଶୁରାମ ଦ୍ୱିବେଦୀ, ଗଦାଧର ବଳ ପ୍ରମୁଖ ଯୋଗ ଦେଇଥିଲେ। ଚାରୁଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅବହେଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

କେନ୍ଦୁଝର, ୨।୯ (ସ୍ୱ.ପ୍ର.)



କେନ୍ଦୁଝର ସହରର ପ୍ରମୁଖ ସ୍ଥାନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅଣଦେଖା ହୋଇ ରହିଯାଇଛି। ଏହି ବିଦ୍ୟାଳୟ ବହୁବିଧ ସମସ୍ୟା ମଧ୍ୟରେ ରହିଥିଲେ ହେଁ ସମାଧାନ ହେଉ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ୧୯୫୭ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ୬ଷ୍ଠରୁ ୧୦ମ ଶ୍ରେଣୀରେ ସମୁଦାୟ ୩୨୦ ଜଣ ଛାତ୍ରୀ ପଢୁଛନ୍ତି । ଏହାର ଘର ଗୁଡିକ ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହାର ଠିକ ମରାମତି ନ କରି ଏହା ଉପରେ ରଙ୍ଗ ମରାଯାଇଥିବାରୁ ବାହାର ଚକ ଚକ ଭିତର ଫମ୍ପା ଭଳି ରହିଛି। ଅଫିସ ଘର ଛପର ଭାଙ୍ଗିଯାଇଥିବା ପ୍ଲାଷ୍ଟିକ ଜରି ଘୋଡାଇ ରଖାଯାଇଛି। ବର୍ଷା ହେଲେ ପାଣି ଗଳୁଛି। ଏହା ପରିସରରେ ଦୁଇଟି ହଷ୍ଟେଲ ରହିଛି । ତେବେ ହଷ୍ଟେଲ ଗୁଡିକର ଅବସ୍ଥା ଭଲ ନାହିଁ । ଏଥିରେ ପାଖାପାଖି ୧୦୦ ଛାତ୍ରୀ ରହୁଛନ୍ତି। ବିଦ୍ୟୁତ ସମସ୍ୟା ସାଙ୍ଗକୁ ପାଣି ସମସ୍ୟା ଯୋଗୁ ଛାତ୍ରୀ ମାନେ ବହୁ ଅସୁବିଧା ଭୋଗୁଛନ୍ତି। ଟ୍ରାନ୍ସଫର୍ମର ପୋଡିଯାଇଥିବାରୁ ଗୋଟିଏ ହଷ୍ଟେଲରେ କରେଣ୍ଟ ନାହିଁ । ଫଳରେ ଅସ୍ଥାୟୀ ଅବସ୍ଥାରେ ବିଦ୍ୟୁତ ସଂଯୋଗ କରାଯାଇଥିବା ଜଣାପଡିଛି। ସ୍ଥାୟୀ ପ୍ରଧାନଶିକ୍ଷକ ନ ଥିବା ବେଳେ ପାଖାପାଖି ଅଧାଅଧିକ ଶିକ୍ଷକ ପଦବୀ ଖାଲି ପଡିଛି । ଫଳରେ ପାଠ ପଢା ବ୍ୟାଘାତ ହେଉଥିଲେ ହେଁ କାହାରି ନଜର ନାହିଁ । ଜଣେ ପ୍ରଧାନଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଖୁବ ଶୀଘ୍ର ଯୋଗ ଦେବେ ବୋଲି ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷୟତ୍ରୀ ହେଲେନ ମହାନ୍ତ କହିଛନ୍ତି।

## ଡାହାଣୀ ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା, ନାବାଳକ ଅଟକ

କେନ୍ଦୁଝର, ୨।୯ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ପଣସନସା ଗ୍ରାମରେ ଡାହାଣୀ ସନ୍ଦେହରେ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମୃତ ବୃଦ୍ଧା ହେଲେ ଜାନକୀ ମୁଣ୍ଡା। ଗୁରୁବାର କାଞ୍ଜିପାଣି ପୋଲିସ ମୃତଦେହ ଜବତ କରିବା ସହ ଜଣେ ନାବାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପ୍ରକାଶ ଯେ, ଅଟକ ନାବାଳକଙ୍କ ପରିବାର ଲୋକ କିଛିଦିନ ହେବ ଅସୁସ୍ଥ ଥିଲେ। ଜାନକୀ ଗୁଣିଗାରେଡ଼ି କରୁଥିବା ନାବାଳକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ରବିବାର ଜାନକୀ ଘରେ ଏକୁଟିଆ ଥିବା ଦେଖି ସେ ଏକ ଲୁହା ଛଡରେ ତାଙ୍କୁ ଅତି ନିର୍ମମ ଭାବେ ପିଟି ପଳାଇଥିଲେ। ଚିକିତ୍ସା ଅଭାବରୁ ଘରେ ପଡ଼ି ପଡ଼ି ଜାନକୀଙ୍କ ମୃତ୍ୟୁ ଘଟିଥିବା ଗ୍ରାମବାସୀ ବୁଧବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣାସ୍ଥଳରୁ ଏକ ଲୁହାଛଡ଼ ଜବତ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବା ସଦର ଏସ୍ଡିପିଓ ପି.ଜେ.ଟପୋ କହିଛନ୍ତି।

# ସ୍କୁଲରେ ବଣ୍ଟାହେଲା ପ୍ରମାଣପତ୍ର

ଚମ୍ପୁଆ, ୨।୯(ଡି.ଏନ.ଏ.)

ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଚମ୍ପୁଆ ତହସିଲ ପକ୍ଷରୁ ବିଦ୍ୟାଳୟରେ ପ୍ରମାଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ତହସିଲଦାର ସାଇସ୍ମିତା ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକ ଓ ରାଜସ୍ୱ ନିରୀକ୍ଷକ ସୁଧାକର ସେଠି, ଟିମିଲା ଆରଆଇ ଶିବଚରଣ ନାୟକ ପ୍ରଥମ ପର୍ଯ୍ୟାୟରେ ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟ ଓ ବାଙ୍କ ଉଚ୍ଚ ବିଦ୍ୟାଳୟ ଠାରେ ଛାତ୍ରୀଛାତ୍ରଙ୍କୁ ଜାତି, ଆୟ ଓ ବାସିନ୍ଦା ପ୍ରମାଣ ପତ୍ର ବଣ୍ଟନ କରିଛନ୍ତି। ଆଗାମୀ ଦିନରେ ଚମ୍ପୁଆ ତହସିଲ ଅଧୀନରେ ଥିବା ୭ ଗୋଟି ଆରଆଇ ସର୍କଲ ବିଦ୍ୟଳୟ ଗୁଡିକରେ ଏହା ବଣ୍ଟନ ହେବ।

# ‘ମୋ ସରକାର’ ସେଲ୍ ଉଦ୍ଘାଟିତ




ଉଦ୍ଘାଟନୀ ଉତ୍ସବରେ ଜିଲାପାଳ ଆଶିଷ ଠାକ୍ରେ ଓ ଅନ୍ୟମାନେ।

କେନ୍ଦୁଝର, ୨।୯ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ‘ମୋ ସରକାର’ ସେଲ୍ ଉଦ୍ଘାଟିତ ହୋଇଯାଇଛି। ଏହାକୁ ଜିଲାପାଳ ଆଶୀଷ ଠାକରେ ଉଦ୍ଘାଟନ କରିଛନ୍ତି। ଶାସନ ବ୍ୟବସ୍ଥାକୁ ଲୋକ କୈନ୍ଦ୍ରିକ କରିବା, ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କୁ ମର୍ଯ୍ୟାଦା ସହ ସେବା ଯୋଗାଇଦେବା, ସରକାରୀ କାର୍ଯ୍ୟାଳୟରେ ଉତ୍ତମ ବ୍ୟବହାର ଓ ବୃତ୍ତିଗତ ଆଚରଣକୁ ପ୍ରୋତ୍ସାହିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନାଗରିକ ମାନଙ୍କ ଠାରୁ ସିଧାସଳଖ ସରକାରୀ କାର୍ଯ୍ୟାଳୟ ବିଷୟରେ ମତାମତ ଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ସୁଦୂର ପ୍ରସାରୀ କରିବା ପାଇଁ ‘ମୋ ସରକାର ସେଲ’କୁ ନବୀକୃତ କରାଯାଇଛି ବୋଲି ଜିଲାପାଳ ଠାକରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସନ୍ତୋଷ ନାୟକ, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜୟଶ୍ରୀ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ ଦିନ ପରେ ମିଳିଲା ନିଖୋଜ ଛାତ୍ରଙ୍କ ମୃତଦେହ

କୁଳିଅଣା,୨।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ କୁଳିଅଣା ଗ୍ରାମରୁ ନିଖୋଜ ଥିବା ଜଣେ ଛାତ୍ରଙ୍କ ମୃତଦେହ ୧୪ ଦିନ ପରେ ଜବତ ହୋଇଛି। ମୃତକ ହେଲେ ମାନସ ରଞ୍ଜନ ପାଣିଙ୍କ ପୁଅ ଶ୍ରୀତମ। ସେ ସୀମାନ୍ତ ମହାବିଦ୍ୟାଳୟର ଯୁକ୍ତ ୩ ଶ୍ରେଣୀରେ ପଢୁଥିଲେ। ଗୁରୁବାର ପଶ୍ଚିମବଙ୍ଗ ରାଜ୍ୟ ଗୋପି ଥାନା ଅନ୍ତର୍ଗତ ଚର୍ଚିତା ଗ୍ରାମ ନିକଟ ଚିତ୍ରେଶ୍ୱର ଶିବ ମନ୍ଦିରଠାରେ ସୁବର୍ଣ୍ଣରେଖା ନଦୀରୁ ତାଙ୍କ ଗଳିତ ମୃତଦେହ ଠାବ କରାଯାଇଛି। ଏନେଇ ସେଠାକାର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୧୯ ତାରିଖ ରାତି ୭ଟା ସମୟରେ ଶ୍ରୀତମ ତାଙ୍କ ସ୍କୁଟି ଧରି ଘରୁ ବାହାରି ଯାଇଥିଲେ। ମାତ୍ର ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ଆଡ଼େ ଖୋଜା ଖୋଜି କରି କୁଳିଅଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨ ଦିନ ପରେ ସ୍କୁଟିଟି ସୀମାନ୍ତ ଜାମଶୋଳାସ୍ଥିତ ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱ ଏକ ଦୋକାନ ନିକଟରୁ ମିଳିଥିଲା ବେଳେ ଶ୍ରୀତମଙ୍କ ପତ୍ତା ମିଳି ନ ଥିଲା। ପୁଅକୁ ନ ପାଇ ମାନସ ଓ ତାଙ୍କ ସ୍ତ୍ରୀ ଅଗଷ୍ଟ ୩୦ରେ ଏସ୍ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍ପିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ତଦନ୍ତ ଜୋରଦାର କରିଥିଲା। ତେବେ ସୁବର୍ଣ୍ଣରେଖା ନଦୀରେ ଶ୍ରୀତମଙ୍କ ମୃତଦେହ ଭାସୁଥିବା ଖବର ମିଳିବାରୁ କୁଳିଅଣା ପୋଲିସ ସହିତ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଶବ ଚିହ୍ନଟ କରିଥିଲେ। ସ୍କୁଟି ମିଳିଥିବା ସ୍ଥାନଠାରୁ ୭ କି.ମି ଦୂରରେ ଶ୍ରୀତମଙ୍କ ମୃତଦେହ ଜବତ କରାଯାଇଥିଲା। ତେବେ ତାଙ୍କୁ କେହି ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ନେଇ ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁଳିଅଣା ପୋଲିସ କହିଛି।

## ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ସାରସକଣା,୨।୯ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର ମୋହନ ପଣ୍ଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାଧ୍ୟାପକ ନଳିନୀ ସେନାପତି, ଅଶୋକ ଶର୍ମା, ପ୍ରବୀର କୁମାର ପଟ୍ଟନାୟକ, ନିରୋଜ ମହାନ୍ତଙ୍କ ସହିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା, କର୍ମଚାରୀ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ରେଳ ସେବା ନେଇ ଡିଆର୍ଏମ୍ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାରିପଦା ଅଫିସ,୨।୯

୨ଦଫା ଦାବି ନେଇ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଖଡ଼ଗପୁର ଡିଆର୍ଏମ୍ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ରେଳସେବାକୁ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ବାଙ୍ଗରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନରେ ଯାତାୟାତ ପାଇଁ ଷ୍ଟେଶନ ଗୁଡ଼ିକରେ ଅନଲାଇନ ଟିକେଟ ବ୍ୟବସ୍ଥା କରିବା ଏବଂ ଡିଏମ୍ୟୁ ଟ୍ରେନର ଗନ୍ତବ୍ୟସ୍ଥଳକୁ ପୂନର୍ବାର ବାଙ୍ଗରିପୋଷିଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଚଳପ୍ରଚଳ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରକାଶ ଥାଉକି, କରୋନା ମହାମାରୀ ପାଇଁ ଅନଲାଇନ ଟିକେଟ ବ୍ୟବସ୍ଥା କରାଯାଇଥିବାରୁ ବହୁ ଆଦିବାସୀ ଲୋକ ଟିକେଟ କାଟି ନ ପାରି ହଇରାଣ ହରକତ ହେଉଛନ୍ତି । ଏପରିକି ବିନା ଟିକେଟରେ ଯାଇ ଜରିମାନା ଗଣିବା ସହ ମାନସିକ ନିର୍ଯାତନା ପାଉଛନ୍ତି। ସେହିପରି ଡିଏମ୍ୟୁ ଟ୍ରେନଟି ବାଙ୍ଗରିପୋଷିରୁ ବାଲେଶ୍ୱରକୁ ଯିବା ବ୍ୟବସ୍ଥା ଥିବା ବେଳେ ତାହା ରୂପ୍ସାଠାରୁ ଫେରିଆସୁଛି । ଫଳରେ ଯାତ୍ରୀମାନେ ବାଲେଶ୍ୱର ଜିଲାକୁ ଯିବାଆସିବା କରିବାରେ ଅସୁବିଧା ଭୋଗୁଛନ୍ତି। ଏଥିପ୍ରତି ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମୋର୍ଚ୍ଚାର କର୍ମକର୍ତ୍ତା ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ରଜତ ହାଁସଦା, ବୁଦ୍ଧିରାମ ମାରାଣ୍ଡି, ମୁନା ମାରାଣ୍ଡି, ଆନନ୍ଦ ବାସ୍କେ, ପଦନ ମୁର୍ମୁଙ୍କ ସମେତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ପିଇବାପାଣି ଆଣିବାକୁ ୧ କି.ମି.

ଆରଡ଼ି, ୨।୯(ଡି.ଏନ.ଏ.)

▪ନଳକୂପରୁ ବାହାରୁଛି ଲୁଣାପାଣି
▪୩୦ ପରିବାର ହଇରାଣ

ଭଦ୍ରକ ଜିଲାରେ ୩ବର୍ଷ ହେଲା ମେଗା ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏଥିଯୋଗୁ ଜିଲାର କୌଣସି ସ୍ଥାନରେ ନୂଆ ନଳକୂପ ଖୋଳାଯାଇପାରୁ ନାହିଁ। ଫଳରେ ଜିଲାର ସମସ୍ତ ବ୍ଲକରେ ପାନୀୟ ଜଳ ସମସ୍ୟା ଉପୁଜୁଛି। ଏବେ ଧାମନଗର ବ୍ଲକ ଅଧୀନ ସାହାସପୁର ପଞ୍ଚାୟତ ପନ୍ଦରବାଟିଆ ବସ୍ତିରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଭଦ୍ରକ-ଆରଡ଼ି ରାସ୍ତାପାର୍ଶ୍ୱ ଏହି ବସ୍ତିରେ ପ୍ରାୟ ୩୦ ସଂଖ୍ୟାଲଘୁ ପରିବାର ବସବାସ କରୁଛନ୍ତି। ୧୫ବର୍ଷ ତଳେ ସେମାନଙ୍କ ପାଇଁ ଏକ ନଳକୂପ ଖୋଳା ଯାଇଥିଲା। ଉକ୍ତ ନଳକୂପରୁ ଲୁଣାପାଣି ବାହାରିବାରୁ ପ୍ରାୟ ଦେଢ଼ବର୍ଷ ହେବ ଅଚଳ ହୋଇପଡ଼ିଛି। ଫଳରେ ଲୋକେ ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ସେମାନଙ୍କୁ ପ୍ରାୟ ୧ କି.ମି. ଦୂର ପନ୍ଦରବାଟିଆ ଛକରୁ ପାଣି ଭାର କରି ଆଣିବାକୁ ପଡୁଛି। ପିଲାମାନେ ମଧ୍ୟ ଟ୍ରଲିରେ ପାଣି ବୋହି ଆଣୁଥିବା ଦେଖିବାକୁ ମିଳୁଛି। ପାନୀୟଜଳ ସମସ୍ୟା ନେଇ ସ୍ଥାନୀୟ ସାହାସପୁର ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି ବସ୍ତି ବାସିନ୍ଦା। ମାସକ ମଧ୍ୟରେ ପାନୀୟ ଜଳ ସଙ୍କଟ ଦୂର ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଅନିରୁଦ୍ଧ ସାହୁଙ୍କୁ ପଚାରିବାରୁ କହିଛନ୍ତି, ମେଗା ପ୍ରକଳ୍ପ ଲାଗି ୩ ବର୍ଷ ହେଲା ନୂତନ ନଳକୂପ ଖନନରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ତଥାପି ଏ ସମ୍ପର୍କରେ ବିଧାୟକଙ୍କ ମାଧ୍ୟମରେ ବିଭାଗୀୟ ଜିଲା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।



ଜଣେ ବାଳକ ଟ୍ରଲିରେ ପାନୀୟ ଜଳ ଆଣୁଛନ୍ତି।

ଧରିତ୍ରୀ
DHARITRI
ଶୁକ୍ରବାର, ୩ ସେପ୍ଟେମ୍ବର, ୨୦୨୧



# ହଟ୍ଟଗୋଳରେ ୩ ବିଲ୍ ଗୃହୀତ

ଭୁବନେଶ୍ୱର,୨।୯(ବ୍ୟୁରୋ)

### ଭୂମିହୀନ ବସ୍ତିବାସିନ୍ଦାଙ୍କୁ ୨୧ ବଦଳରେ ୩୦ ବର୍ଗମିଟର ମାଗଣା ଜମି

- ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଅଧୀନରେ ରହିବ ମେଡିକାଲ, ପାରାମେଡିକାଲ ଶିକ୍ଷାନୁଷ୍ଠାନ
- କମିଶନରଙ୍କ ହାତରେ ବାର୍ଷିକ ରିଟର୍ନ ଦାଖଲ ଛାଡ଼ କ୍ଷମତା

ମାହାଙ୍ଗା ଡବଲ ମର୍ଡର ଘଟଣାକୁ ନେଇ ବିଧାନସଭାରେ ବିରୋଧୀ ଭାଜପା ସଦସ୍ୟ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଏଥିଯୋଗୁ ଗୁରୁବାର ଗୃହରେ କୌଣସି କାର୍ଯ୍ୟକ୍ରମ ହୋଇପାରି ନାହିଁ। ତେବେ ହଟ୍ଟଗୋଳ ମଧ୍ୟରେ ୩ଟି ବିଲ୍ ଅନୁମୋଦନ ଲାଭ କରିଛି। ଓଡ଼ିଶା ବସ୍ତିବାସିନ୍ଦା ଭୂମି ଅଧିକାର (ସଂଶୋଧନ) ବିଲ୍-୨୦୨୧, ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ(ସଂଶୋଧନ) ବିଲ୍-୨୦୨୧ ଏବଂ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ବିଲ୍-୨୦୨୧କୁ ବିଧାନସଭାରେ ଏକପାଖିଆ ଭାବେ ଅନୁମୋଦନ କରାଯାଇଛି।

ରାଜ୍ୟ ସରକାର ସହରାଞ୍ଚଳରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଦେଇଛନ୍ତି। ଓଡ଼ିଶା ବସ୍ତି ବାସିନ୍ଦା ଭୂମି ଅଧିକାର ଅଧିନିୟମ-୨୦୧୭ ଅନୁଯାୟୀ ବସ୍ତିବାସିନ୍ଦାଙ୍କୁ ୨୧ ବର୍ଗମିଟର ଜମି ଯୋଗାଇ ଦିଆଯାଉଛି। ହେଲେ ଏହି ପରିମାଣର ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ଅନ୍ୟ ସରକାରୀ ଯୋଜନାରେ ବାସଗୃହ ନିର୍ମାଣ ସମ୍ଭବ ହେଉନାହିଁ। ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାର ପ୍ରଚଳିତ ଆଇନରେ ସଂଶୋଧନ କରିବା ସହ ଓଡ଼ିଶା ବସ୍ତି ବାସିନ୍ଦା ଭୂମି ଅଧିକାର (ସଂଶୋଧନ) ବିଧେୟକ-୨୦୨୧ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ତଦନୁଯାୟୀ ଭୂମି ଅଧିକାର (ସଂଶୋଧନ) ବିଲ୍-୨୦୨୧ ଅନୁମୋଦନ ଲାଭ କରିଛି। ଏହି ସଂଶୋଧନ ଫଳରେ ଜଣେ ବସ୍ତି ବାସିନ୍ଦାଙ୍କ ଦଖଲରେ ଥିବା ଜମି ନିକଟରେ ଖୋଲାସ୍ଥାନ ଥିଲେ ତାହାକୁ ମିଶାଇ ମୋଟ ୩୦ ବର୍ଗମିଟର ଜମି ଉପରେ ତାଙ୍କର ଅଧିକାର ନ୍ୟସ୍ତ କରାଯିବ। ବସ୍ତି ଅଞ୍ଚଳରେ ମୌଳିକ ସେବା ଓ ଭିତ୍ତିଭୂମି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ସଂଶୋଧନ କରାଯାଇଥିବା ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ରାଜ୍ୟରେ ସମସ୍ତ ମେଡିକାଲ, ପାରାମେଡିକାଲ ଶିକ୍ଷାନୁଷ୍ଠାନକୁ ଗୋଟିଏ ଅନୁଷ୍ଠାନ ଅଧୀନରେ ରଖିବା ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବ। ତଦନୁଯାୟୀ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ବିଲ୍-୨୦୨୧କୁ ଅନୁମୋଦନ ମିଳିଛି। ସ୍ୱାସ୍ଥ୍ୟସେବାରେ ଉତ୍କର୍ଷ ହାସଲ, ନୂତନ ରୋଗର ପ୍ରତିକାର ବ୍ୟବସ୍ଥା, ଅନୁସନ୍ଧାନର ନୂତନ ପଦ୍ଧତି ଉପରେ ଅଧ୍ୟୟନ କରାଯିବ। ବିଭିନ୍ନ ମେଡିକାଲ କଲେଜ ଓ ପାରାମେଡିକାଲ କଲେଜ ସହ ସମନ୍ୱୟ ରକ୍ଷା କରିବା ସହ ବିଭାଗୀୟ ଅଧ୍ୟାପିକା ଅଧ୍ୟାପକଙ୍କୁ ତାଲିମ କାର୍ଯ୍ୟକ୍ରମ, ଗବେଷଣା ସହ ଉତ୍ତମ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବ। ବିଶ୍ୱବିଦ୍ୟାଳୟରେ କୁଳପତି, କୁଳସଚିବ, ପରୀକ୍ଷା ନିୟନ୍ତ୍ରକ, ଅର୍ଥ ହିସାବ ନିୟନ୍ତ୍ରଣକାରୀ, ପାଠ୍ୟସୂଚୀ ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ଅଧିକାରୀ ନିଯୁକ୍ତ ହେବେ। ଏହି ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ନୂତନ ପାଠ୍ୟକ୍ରମ ଓ ପାଠ୍ୟସୂଚୀ ପ୍ରସ୍ତୁତ କରିବ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଅନୁଷ୍ଠାନଗୁଡ଼ିକ ସହସମ୍ପର୍କ ସ୍ଥାପନ ନିମନ୍ତେ ନୋଡାଲ ସଂସ୍ଥା ଭାବେ କାର୍ଯ୍ୟ କରିବ। ସହବନ୍ଧିତ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ମିଳିତ ଗବେଷଣା କାର୍ଯ୍ୟକ୍ରମ ସହ ଦକ୍ଷତାର ବିକାଶ ନିମନ୍ତେ ସୁଯୋଗ ସୃଷ୍ଟି କରିବ ବୋଲି ସୂଚନା ଦିଆଯାଇଛି।

ଏହାକୁ ବାଦ୍ ଦେଲେ ଓଡ଼ିଶା ଦ୍ରବ୍ୟ ଓ ସେବା କର(ସଂଶୋଧନ) ବିଲ୍-୨୦୨୧ ବିଧାନସଭାର ଅନୁମୋଦନ ଲାଭ କରିଛି। ଦ୍ରବ୍ୟ ଓ ସେବା ଉପରେ ଟିକସ ଧାର୍ଯ୍ୟ ଓ ଅସୁଲ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ ରୁଲ୍-୨୦୧୭ କାର୍ଯ୍ୟକାରୀ ହୋଇଥିଲା। ନୂଆ ଟିକସ ବ୍ୟବସ୍ଥାରେ ବାଧ୍ୟତାମୂଳକ ଅଡିଟ୍ ଆବଶ୍ୟକତା, ମୋଟ ଟିକସ ଉପରେ ସୁଧ, ଜିଏସ୍‌ଟିଆର-୯ରେ ରିଟର୍ନ ଦାଖଲ ବାଧ୍ୟତାମୂଳକ, ବିରକ୍ତିକର ଅପିଲ ଆଦି ଦାଏର ଭଳି କେତେକ ଅସୁବିଧା ସୃଷ୍ଟି ହୋଇଛି। ଏହାର ଦୂରୀକରଣ ଲାଗି ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ ଅଧିନିୟମ-୨୦୧୭କୁ ସଂଶୋଧନ କରାଯାଇ ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ (ସଂଶୋଧନ) ବିଧେୟକ-୨୦୨୧ କାର୍ଯ୍ୟକାରୀ କରାଯିବ। ସଂଶୋଧନ ଫଳରେ ଡେବିଟ୍ ନୋଟ୍ ଉପରେ ଇନ୍‌ପୁଟ ଟିକସ ମିଳିପାରିବ। ସେହିପରି ବାର୍ଷିକ ହିସାବନିକାଶ ବିବରଣୀର ନକଲ ଦାଖଲ କରିବାକୁ ପଡିବନି। ଅଡିଟ୍ ହୋଇଥିବା ଏକ ହିସାବ ନିକାଶର ବିବରଣୀ, ସ୍ୱପ୍ରମାଣିତ ବାର୍ଷିକ ରିଟର୍ନ ଦେବାର ଆବଶ୍ୟକତା ପଡ଼ିବ ନାହିଁ। କରଦାତାଙ୍କୁ ବାର୍ଷିକ ରିଟର୍ନ ଦାଖଲରୁ ଛାଡ଼ କରିବା କ୍ଷମତା କମିଶନରଙ୍କ ରହିବ ବୋଲି ସ୍ପଷ୍ଟ କରାଯାଇଛି।

## ଗୃହ ଅଚଳକୁ ନେଇ ବିରୋଧୀ-ଶାସକ ମୁହାଁମୁହିଁ

ଭୁବନେଶ୍ୱର,୨।୯(ବ୍ୟୁରୋ)

ଗୃହ ଅଚଳକୁ ନେଇ ଶାସକ- ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ବିଜେଡି ବିରୋଧୀ ଭାଜପାକୁ ଏଥିପାଇଁ ଦାୟୀ କରିଛି। ବିଧାନସଭା ବାହାରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ବିରୋଧୀ ଜାଣିଶୁଣି ଗୃହ ଚଳାଇ ଦେଉନାହାନ୍ତି। ଗୃହରେ ଆଲୋଚନା ପାଇଁ ରାଜ୍ୟର ଅନେକ ପ୍ରସଙ୍ଗ ରହିଛି। ମାତ୍ର ବିରୋଧୀ ସେ ପ୍ରସଙ୍ଗ ଉପରେ ଆଲୋଚନା କରୁନାହାନ୍ତି। ନିଜର ଆତ୍ମପ୍ରଚାର ପାଇଁ ଏଭଳି କରୁଛନ୍ତି। କେବଳ ରାଜ୍ୟରେ କ'ଣ ଦୁଇଟି ଆପରାଧିକ ପ୍ରସଙ୍ଗ ରହିଛି। ରାଜ୍ୟରେ ଆଉ କ'ଣ କିଛି ପ୍ରସଙ୍ଗ ନାହିଁ କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ନିଜେ ଆଇନ ମନ୍ତ୍ରୀ ଆପରାଧିକ ମାମଲାରେ ଜଡ଼ିତ। କୋର୍ଟ ଆଇନ ମନ୍ତ୍ରୀଙ୍କ ବିରୋଧରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା କ'ଣ ପ୍ରସଙ୍ଗ ନୁହେଁ କି ବୋଲି ମୋହନ ପାଲଟା ପ୍ରଶ୍ନ କରିଛନ୍ତି ।



ଓଷ୍ଟା ପକ୍ଷରୁ ବାଦ୍ ପଡ଼ିଥିବା ମାଧ୍ୟମିକ ବିଦ୍ୟାଳୟକୁ ଅନୁଦାନ ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

## ବାଉଁଶ ହସ୍ତଶିଳ୍ପର ବିକାଶ ପାଇଁ ପଦକ୍ଷେପ

ଭୁବନେଶ୍ୱର, ୨।୯ (ବ୍ୟୁରୋ)



ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଅନ୍ୟମାନଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

- ବୁଝାମଣାପତ୍ର ସ୍ୱାକ୍ଷରିତ
- ସିଡାକ୍‌ରେ ଖୋଲିବ ବଜାର ସହାୟତା କେନ୍ଦ୍ର

ରାଜ୍ୟରେ ବାଉଁଶ ହସ୍ତଶିଳ୍ପର ସର୍ବାଙ୍ଗୀନ ବିକାଶ ନିମନ୍ତେ ଅଣ୍ଟା ଭିଡିଛନ୍ତି ସରକାର। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଗୁରୁବାର କଳାଭୂମିଠାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ଓ ପିସିସିଏଫ୍ ତଥା ବନ ବାହିନୀ ମୁଖ୍ୟ (ଏଚ୍‌ଓଏଫ୍‌ଏଫ୍) ଶିଶିର କୁମାର ରଥଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସନାତନ ନାୟକ ଓ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ରାଜ୍ୟ ମିଶନ ନିର୍ଦ୍ଦେଶକ ପ୍ରେମ କୁମାର ଝା ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ ।

ରାଜ୍ୟରେ ବାଉଁଶ ହସ୍ତଶିଳ୍ପ କାରିଗରଙ୍କ ସଂଖ୍ୟା ପ୍ରାୟ ୨୨ ହଜାର ରହିଛି। ଏମାନଙ୍କ ପାଇଁ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଛି। ସଂସ୍ଥା ପକ୍ଷରୁ ୭୨୧.୩୦ ଲକ୍ଷ ଟଙ୍କାର ଆର୍ଥିକ ସହଯୋଗରେ ମୟୂରଭଞ୍ଜ ଜିଲାର ଇଚିଣ୍ଡା(ରାଇରଙ୍ଗପୁର), ଯାଜପୁର ଜିଲାର ଗୋପାଳପୁର (ରସୁଲପୁର), ଢେଙ୍କାନାଳ ଜିଲାର ବଉଳ ପୁର (ଓଡ଼ାପଡ଼ା), ବରଗଡ଼ ଜିଲାର ବରଗାଁ/କଣ୍ଟାପଲ୍ଲୀ, ବ୍ରାହ୍ମଣଡ଼ିହୀ (ପଦ୍ମପୁର) ଓ ସୁବର୍ଣ୍ଣପୁର ଜିଲାର ବିନିକା ଆଦି ଅଞ୍ଚଳରେ ବାଉଁଶ ହସ୍ତଶିଳ୍ପ ପୁଞ୍ଜିଗୁଡ଼ିକର ବିକାଶ ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି। ବାଉଁଶ ହସ୍ତଶିଳ୍ପ ପୁଞ୍ଜିରେ ସାଧାରଣ ସୁବିଧା କେନ୍ଦ୍ର ନିର୍ମାଣ, ଆଧୁନିକ ଯନ୍ତ୍ରପାତି ଦ୍ୱାରା କଞ୍ଚା ବାଉଁଶର ପ୍ରକ୍ରିୟାକରଣ ଓ କାରିଗରଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି, ବଜାର ସହାୟତା ପାଇଁ ଗ୍ରାମାଞ୍ଚଳରେ ହାଟ ଓ ବାଉଁଶ ବଜାର ପ୍ରତିଷ୍ଠା ତଥା ଇ-ବାଣିଜ୍ୟର ଉପଯୋଗ କରାଯିବ। ସେହିପରି ବଜାର ଚାହିଦା ମୁତାବକ ସାମଗ୍ରୀ ପ୍ରସ୍ତୁତି ନିମନ୍ତେ ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେଭଲପ୍‌ମେଣ୍ଟ ଅଫ୍ ଆର୍ଟସ ଆଣ୍ଡ୍ କ୍ରାଫ୍ଟସ (ସିଡାକ୍)ଠାରେ ଏକ ବଜାର ସହାୟତା ତଥା ନମୁନା ବିକାଶ କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା ଅଛି ।

'ବାଉଁଶ' ହସ୍ତଶିଳ୍ପ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ। ସରକାରଙ୍କ ସହଯୋଗରେ ୫୦ଟି ହସ୍ତଶିଳ୍ପକୁ ଆଧାରକରି କାରିଗରମାନେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଥିବାବେଳେ ଏକ୍ଷେତ୍ରରେ ଢେଙ୍କାନାଳ, ମୟୂରଭଞ୍ଜ, ଯାଜପୁର, ସୁବର୍ଣ୍ଣପୁର, ବରଗଡ଼, ରାୟଗଡ଼ା, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, କନ୍ଧମାଳ ଓ ମାଲକାନଗିରି ଆଗରେ ରହିଥିବା ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଶିଶିର କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ପିଉସୀ, ପୁତୁରାଙ୍କ ମୃତ୍ୟୁ

ପଡ଼ିଆ/କାଲିମେଲା,୨।୯ (ଡି.ଏନ୍.ଏ.)

ଜିଦ୍ କରି ପିଉସୀ ଘରକୁ ବୁଲିବାକୁ ଆସିଥିଲେ। ହେଲେ ସାପ କାମୁଡ଼ାରେ ପିଉସୀ, ପୁତୁରା ଦୁହିଁଙ୍କର ମୃତ୍ୟୁ ଘଟିଛି। ମାଲକାନଗିରି ଜିଲା ପଡ଼ିଆ ଥାନା ଅଧୀନ ମାଟେରୁ ଗ୍ରାମରେ ବୁଧବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ମୃତକ ହେଲେ ମାଟେରୁ ଗ୍ରାମର ଇର୍ମା ମାଡକାମିଙ୍କ ସ୍ତ୍ରୀ ଭୀମେ(୨୩) ଏବଂ ନନ୍ଦେୱାଡ଼ା ଗ୍ରାମର ଦିଲୀପ କୁରାମିଙ୍କ ପୁଅ ଆକାଶ(୧୨)। ସୂଚନା ଅନୁଯାୟୀ, ଭୀମେ ମଙ୍ଗଳବାର ନନ୍ଦେୱାଡ଼ାସ୍ଥିତ ଭାଇ ଦିଲୀପଙ୍କ ଘରକୁ ବୁଲିବାକୁ ଯାଇଥିଲେ। ବୁଧବାର ସେ ପୁଣି ନିଜ ଗାଁକୁ ଫେରିଥିଲେ। ଫେରିବା ବେଳେ ପୁତୁରା ଆକାଶ ପିଉସୀଙ୍କ ସହ ମାଟେରୁ ଯିବାକୁ ଜିଦ୍ କରିଥିଲା। ଫଳରେ ଦିଲୀପ ଭଉଣୀଙ୍କ ସହ ପୁଅକୁ ଛାଡ଼ିଥିଲେ। ପିଉସୀ ପିଉସା ଜମିରେ କାମ କରୁଥିବାବେଳେ ଜମି ନିକଟରେ ଥିବା ଘର(ଲାଡି)ରେ ଶୋଇଥାନ୍ତି। ବୁଧବାର ରାତିରେ ଇର୍ମା ଏବଂ ଭୀମେଙ୍କ ସହ ପୁତୁରା ଆକାଶ ମଧ୍ୟ ସେଠାରେ ଶୋଇଥିଲେ। ରାତି ୧୦ଟାରେ କିଛି କାମୁଡ଼ିଥିବା ନେଇ ଆକାଶ ପିଉସୀଙ୍କୁ ଜଣାଇଥିଲେ। ପିଉସୀଙ୍କୁ ମଧ୍ୟ କିଛି କାମୁଡ଼ିଥିବା ସେ ଜାଣିପାରିଥିଲେ। ଏ ନେଇ ଇର୍ମା ଜାଣିବା ପରେ ତୁରନ୍ତ ଗ୍ରାମବାସୀଙ୍କ ସହାୟତାରେ ସ୍ତ୍ରୀ ଏବଂ ପୁତୁରାଙ୍କୁ ଆମ୍ବୁଲାନ୍ସ ଯୋଗେ ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। କାଲିମେଳା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପଡ଼ିଆ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଘରକୁ ଯାଇ କେନ୍ଦ୍ରୀୟ ଯୋଜନା ବିଷୟରେ ଅବଗତ କରାଇବ ମହିଳା ମୋର୍ଚ୍ଚା

ଭୁବନେଶ୍ୱର, ୨।୯(ବ୍ୟୁରୋ)

କେନ୍ଦ୍ର ସରକାର ଶାସନ କ୍ଷମତାକୁ ଆସିବା ପରେ ମହିଳା ସଶକ୍ତିକରଣ ପାଇଁ ବହୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି। ଉଜ୍ୱଳା, ବେଟି ବଚାଓ-ବେଟି ପଢାଓ, ଜନନୀ ସୁରକ୍ଷା, ପୋଷଣ ଯୋଜନା, କିଶୋରୀ ଶକ୍ତି, ସ୍ୱେପ୍, ସ୍ୱଧାର ଗୃହ ଆଦି ବହୁ କଲ୍ୟାଣକାରୀ ଯୋଜନାକୁ ସଫଳ ରୂପାୟନ କରିଛନ୍ତି। ସେହିପରି ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାର ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଏ ସମସ୍ତ ଯୋଜନାର ସୁଫଳ ରାଜ୍ୟର ଅଗଣିତ ମହିଳାମାନେ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପଟେ ମୋଦି ସରକାରଙ୍କ ପ୍ରତ୍ୟେକ ଯୋଜନାକୁ କପି-ପେଷ୍ଟ କରି ଶାସକ ବିଜେଡି ରାଜ୍ୟବାସୀଙ୍କୁ ଭ୍ରମିତ କରିବାର ପ୍ରଚେଷ୍ଟା ଜାରୀ ରଖିଛି। ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ ନ କରି ଓଡିଶାବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କ୍ଷେତ୍ରରେ ବିଜେଡି ପ୍ରତାରଣା କରୁଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଜନବିରୋଧୀ ବୋଲି ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି। କେନ୍ଦ୍ର ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନା ଏବଂ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ମାନେ ଆଗାମୀ ଦିନରେ ଘର ଘର ବୁଲି ରାଜ୍ୟବାସୀଙ୍କୁ ଅବଗତ କରାଇବା ସହ ସଚେତନ କରାଇବେ ବୋଲି ସ୍ମୃତି ସୂଚନା ଦେଇଛନ୍ତି। ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଜିଲା ମହିଳା ସଭାପତି ଏବଂ ପ୍ରଭାରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ମହିଳା ମୋର୍ଚ୍ଚାର ସଙ୍ଗଠନକୁ ଅଧିକ ସୁଦୃଢ କରିବା ପାଇଁ ବୈଠକରେ ଯୋଗଦେବା ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

## ଆଇଇଡି ବିସ୍ଫୋରଣରେ ଯବାନ ଗୁରୁତର

ମାଲକାନଗିରି,୨।୯(ଡି.ଏନ୍.ଏ.)


ଗୁରୁତର ଯବାନ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ତିମାପୁରଠାରେ ଆଇଇଡି ବିସ୍ଫୋରଣରେ ଗୁରୁବାର ଜଣେ ଯବାନ ଗୁରୁତର ହୋଇଛନ୍ତି। ସେ ହେଲେ ସିଆର୍‌ପିଏଫ୍ ଯବାନ ଶିଳାଚାନ୍ଦ ମିଞ୍ଜ।

ସୂଚନା ଅନୁଯାୟୀ, ତିମାପୁରଠାରେ ସକାଳେ ସିଆର୍‌ପିଏଫ୍‌ର ଯବାନମାନେ ମାଓବାଦୀ ବିରୋଧୀ ସର୍ଚ୍ଚ ଅପରେଶନ ଚଳାଇଥିଲେ। ତିମାପୁରଠାରେ ଚାଲିଥିବା ରାସ୍ତା କାମକୁ ସୁରକ୍ଷା ଦେବା ନିମନ୍ତେ ଯବାନମାନେ ନିୟୋଜିତ ଥିଲେ। ଏହି ସମୟରେ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଖଞ୍ଜାଯାଇଥିବା ଆଇଇଡି ବିସ୍ଫୋରଣ ଘଟିଥିଲା। ଗୁରୁତର ଯବାନଙ୍କୁ ଉଦ୍ଧାର କରାଯାଇ ବିଜାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଥିବା ସ୍ଥାନୀୟ ଏସ୍‌ପି କମଳଲୋଚନ କଶ୍ୟପ ସୂଚନା ଦେଇଛନ୍ତି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଅପରେଶନକୁ ଜୋର୍‌ଦାର କରାଯାଇଛି।

## ଆଜିଠୁ ଖୋଲିବ ତାମ୍ପରା ଲେକ୍ ଭ୍ୟୁ ପାର୍କ

ଛତ୍ରପୁର,୨।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ତାମ୍ପରା ଲେକ ଭ୍ୟୁ ପାର୍କ ଶୁକ୍ରବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ଗୁରୁବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ସୂଚନା ଦେବା ସହ ଲେକ୍ ଭ୍ୟୁ ପାର୍କର ଏକ ଫଟୋ ସହ ଟୁଇଟ୍ ମଧ୍ୟ କରିଛନ୍ତି । କୋଭିଡ୍ କଟକଣା ଯୋଗୁ ଉଦ୍‌ଘାଟନ ପରଠାରୁ ତାମ୍ପରା ଲେକ୍ ଭ୍ୟୁ ପାର୍କ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିଲା । କଟକଣା କୋହଳ ହେବା ପରଠୁ ତାମ୍ପରାରେ ବୋଟିଂ ଚାଲିଛି। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଅନୁଦାନରେ ତାମ୍ପରା ଲେକ୍ ଭ୍ୟୁ ପାର୍କ ପ୍ରତିଷ୍ଠା ହୋଇଛି।

## ଇସ୍ପାତ ଶିଳ୍ପକୁ ପ୍ରଭାବିତ କରିବ କ୍ୟାପ୍‌ଟିଭ୍ ନିଲାମ

ଯୋଡ଼ା,୨।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଓ ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣିମଣ୍ଡଳରେ ୧୧ଟି ଖଣିର ନିଲାମ ହେବାର ଅଛି। ଏହି ଖଣିଗୁଡ଼ିକର ନିଲାମ ପ୍ରକ୍ରିୟାରେ କାଶିଆ ଆଇରନ ଓର ଆଣ୍ଡ ଡୋଲୋମାଇଟ ବ୍ଲକ, ନଦୀଡିହ ଆଇରନ ଓର ବ୍ଲକ, ନଦୀଡିହ ଆଇରନ ଓର ଆଣ୍ଡ ମାଙ୍ଗାନିଜ ବ୍ଲକ, ତେହେରାଇ ଆଇରନ ଓର ଆଣ୍ଡ ମାଙ୍ଗାନିଜ ବ୍ଲକ, ପୁରେଇବାହାଲ ଆଇରନ ଓର ବ୍ଲକ, ଚାନ୍ଦିପଶି ଆଇରନ ଓର ବ୍ଲକ, ଝୁମକାପାଥିରିପଶି ପାହାଡ଼ ଆଇରନ ଓର ବ୍ଲକ, ଧଲଟା ପାହାଡ଼ ଆଇରନ ଓର ବ୍ଲକ, ନେତ୍ରବନ୍ଧ ପାହାଡ଼ ଆଇରନ ଓର ବ୍ଲକ, ଗନ୍ଧଲପଦା ଆଇରନ ଓର ବ୍ଲକ, କର୍ଲାପଟ ବକ୍ସାଇଟ ବ୍ଲକ, ଟି କମ୍ପାନୀ ଅଂଶଗ୍ରହଣ କରିଥିବା ସୂଚନା ମିଳିଛି । ଏହିସବୁ ଖଣିଗୁଡ଼ିକୁ ଯଦି ସରକାର କ୍ୟାପଟିଭ୍ ବ୍ୟବହାର ପାଇଁ ନିଲାମ କରିବେ ତେବେ ଇସ୍ପାତ ଶିଳ୍ପ ସମ୍ପୂର୍ଣ୍ଣ ରୁ୍ଗ୍‌ଣ ହୋଇଯିବ। କାରଣ କ୍ୟାପଟିଭ୍ ବ୍ୟବହାର ପାଇଁ ନିଲାମ ମାଧ୍ୟମରେ ନେଉଥିବା ଶିଳ୍ପ କମ୍ପାନୀ ଏହି ଖଣିରୁ ଉତ୍ତୋଳିତ ଖଣିଜକୁ ନିଜସ୍ୱ ବ୍ୟବହାରରେ ବିନିଯୋଗ କରିପାରିବେ। ସେ ଏହି ଖଣିଜକୁ ନିଜ ଶିଳ୍ପାନୁଷ୍ଠାନ ବ୍ୟତୀତ ଅନ୍ୟତ୍ର ବିକ୍ରି କରିପାରିବେ ନାହିଁ। ଦେଶର ୩୩ ପ୍ରତିଶତ ଲୁହାପଥର ଓଡ଼ିଶାରେ ଅଛି। ଓଡ଼ିଶା ଖଣିଜ ଉପରେ ଦେଶର ଅନେକ ରାଜ୍ୟ ନିର୍ଭରଶୀଳ। କ୍ୟାପଟିଭ୍ ବ୍ୟବହାରରେ ଖଣି ନିଲାମ ହେଲେ ଖଣିଜ ବ୍ୟବସାୟରେ ଏକଚାଟିଆ କାରବାର ବୃଦ୍ଧି ପାଇବ। ଫଳରେ ଖଣିଜର ମୂଲ୍ୟ ଉପରେ ନିୟନ୍ତ୍ରଣ ରହିବ ନାହିଁ ବୋଲି ଜଣେ ଭୂ-ତତ୍ତ୍ୱବିତ୍ ନିଜ ନାମ ଗୋପନ ରଖି କହିଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଲୁହାପଥରର ମୂଲ୍ୟ ରେକର୍ଡସ୍ତରରେ ପହଞ୍ଚିଥିବାବେଳେ ଲୁହାପଥରରୁ ନିର୍ମାଣ କରାଯାଉଥିବା ଇସ୍ପାତ, ସ୍ପଞ୍ଜ ଆଇରନ, ପିଲେଟ ପ୍ରଭୃତିର ମୂଲ୍ୟ ତଦନୁଯାୟୀ ବୃଦ୍ଧି ପାଉ ନାହିଁ। ଫଳରେ ମୂଲ୍ୟ ବଢୁଛି ସତ ହେଲେ ଏହାର ବିକ୍ରି ସ୍ୱାଭାବିକ ହୋଇପାରୁ ନାହିଁ।

## ଏନ୍‌ଜିଟିରେ ସରକାରଙ୍କ ସତ୍ୟପାଠକୁ ନେଇ ପ୍ରଶ୍ନ

କେନ୍ଦ୍ରାପଡ଼ା ଅଫିସ, ୨।୯

### ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ

- ଆଇଆଇଟି ହାଇଦ୍ରାବାଦ ରିପୋର୍ଟ ସାଜିଥିଲା ସାହାରା
- ପରିବେଶ, ସାମାଜିକ ପ୍ରଭାବ ସମ୍ପର୍କରେ ସର୍ଭେ ଦାବି

ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦରେ ଏବେ ରାଜ୍ୟ ସରକାରଙ୍କ ସତ୍ୟପାଠ ସାମିଲ ହୋଇଛି। ରାଜକନିକାର ସଞ୍ଜୟ ବେହୁରା ଏହି ପ୍ରକଳ୍ପକୁ ବିରୋଧ କରି ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଏକ ମାମଲା ରୁଜୁ କରିଥିଲେ। ପ୍ରକଳ୍ପ ହେଲେ ପରିବେଶ ଓ ସାମାଜିକ ବ୍ୟବସ୍ଥା ଉପରେ ତା'ର କି ପ୍ରଭାବ ପଡିବ ସେ ନେଇ ଏନ୍‌ଜିଟି ସରକାରଙ୍କୁ ତଥ୍ୟ ମାଗିଥିଲେ। ସେଥିପାଇଁ ଆଇଆଇଟି ହାଇଦ୍ରାବାଦର ପ୍ରଫେସର ଡ. ଶଶୀଧରଙ୍କ ରିପୋର୍ଟକୁ ଭିତ୍ତିକରି ଏକ ସତ୍ୟପାଠ ସରକାର କୋର୍ଟରେ ଦାଖଲ କରିଥିଲେ। ତେବେ ରିପୋର୍ଟ ପ୍ରସ୍ତୁତକର୍ତ୍ତା ଡ.ଶଶୀଧର ଏ ନେଇ ନିଜେ କିମ୍ବା କାହା ଦ୍ୱାରା ସର୍ଭେ କରାଇ ନ ଥିବା ଇ-ମେଲରେ ଜଣାଇବା ପରେ ବିବାଦ ଆରମ୍ଭ ହୋଇଛି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଇବା ପୂର୍ବରୁ ବୈଷୟିକ ଟିମ୍ ଦ୍ୱାରା ସର୍ଭେ କରାଯାଉ ବୋଲି ଦାବି ହୋଇଛି। ଭଦ୍ରକ ଜିଲାର ବାସୁଦେବପୁର, ତିହିଡି, ଧାମନଗର ଓ ଚାନ୍ଦବାଲି ବ୍ଲକ ଅଞ୍ଚଳର ୯୧ ପଞ୍ଚାୟତ ସମେତ ୩ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଚାନ୍ଦବାଲିର ନୂଆହାଟଠାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ଅଛି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ରାପଡ଼ା ଜିଲା ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଇବାକୁ ପ୍ରସ୍ତାବ ରହିଛି। ଏହାଦ୍ୱାରା ସ୍ଥାନୀୟ ଆଳି ଓ ରାଜକନିକା ଅଞ୍ଚଳର ପାଣି, ଚାଷ ଓ ପରିବେଶ ନଷ୍ଟ ହେବ ଦର୍ଶାଇ ସଞ୍ଜୟ ବେହୁରା ୨୦୨୦ରେ ଏନ୍‌ଜିଟିରେ ଏକ


BEFORE THE HON'BLE NATIONAL GREEN TRIBUNAL,
EASTERN ZONE BENCH, KOLKATA.
Original Application No.23/2020/EZ

Sri Sanjaya Kumar Behura ... Applicant

-Versus-

State of Odisha & others ... Respondents

COMPLIANCE AFFIDAVIT FILED ON BEHALF OF RESPONDENT NOS.1 & 5 AS PER ORDER DTD.14.05.2020.

I am Smt. Anu Garg, aged about 51 years, D/o-Sri Bijay Kumar Agarwal, at present working as Principal Secretary to Govt. of Odisha, Department of Water Resources, Rajiv Bhawan, Bhubaneswar, Dist:-Khurda, Odisha, do hereby solemnly affirm and state as follows:-

1. That, I am the Respondent No.5 in the aforesaid Original Application. I have thoroughly and carefully gone through the contents of the Original Application and the documents appended thereto and understood the same. I am well acquainted with the facts and circumstances of the case and competent to swear this affidavit for self and on behalf of the Respondent No.1 being duly authorized for the purpose.
2. That, the deponent respectfully submits that the Hon'ble Tribunal vide Order dtd.14.05.2020 has been pleased to direct/observe as follows:-

ମାମଲା (ନଂ.୨୩/୨୦) ରୁଜୁ କରିଥିଲେ। ଏହି ସମୟରେ ରାଜ୍ୟ ସରକାରଙ୍କ ୱାଟର ରିସୋର୍ସ ବିଭାଗ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏକ ସତ୍ୟପାଠ ଏନ୍‌ଜିଟିକୁ ପ୍ରଦାନ କରିଥିଲେ। ଏହି ସତ୍ୟପାଠରେ ମୁଖ୍ୟ ଶାସନ ସଚିବ ଦର୍ଶାଇଥିଲେ ଯେ, ପରିବେଶ ଓ ସାମାଜିକ ପ୍ରଭାବ ସମ୍ପର୍କରେ ଆଇଆଇଟି ହାଇଦ୍ରାବାଦର ପ୍ରଫେସର ଡ.ଶଶୀଧରଙ୍କ ରିପୋର୍ଟରେ କୌଣସି ନକାରାତ୍ମକ ମନ୍ତବ୍ୟ ନାହିଁ। ଫଳରେ ପାଣି ଉଠା ସ୍ଥାନ ବରୁଣାଡିହା ଓ ବିଶୋଧନ କେନ୍ଦ୍ର ନୂଆହାଟ ଭିତରକନିକା ଇକୋ ସେନ୍ସିଟିଭ ଜୋନ୍‌ରେ ଥିବା ସତ୍ତ୍ୱେ ମନିଟରିଂ କମିଟିରେ ପ୍ରକଳ୍ପକୁ ଅନୁମତି ଦିଆଯାଇଥିଲା। ତେବେ ରାକେଶ ମହାନ୍ତି ଆଇଆଇଟି ହାଇଦ୍ରାବାଦର ରିପୋର୍ଟ ପ୍ରସ୍ତୁତକର୍ତ୍ତା ପ୍ରଫେସର ଡ. ଶଶୀଧରଙ୍କ ସହ ଅଗଷ୍ଟ ୨୬ରେ ଫୋନ ଯୋଗେ କଥା ହେବା ସହ ପରିବେଶ ଓ ସାମାଜିକ ପ୍ରଭାବ ସର୍ଭେ ସମ୍ପର୍କରେ ଇ-ମେଲ ଯୋଗେ ଜାଣିବାକୁ ଚାହିଁଥିଲେ। ଶଶୀଧର ଇ-ମେଲ ଯୋଗେ ରାକେଶଙ୍କୁ ଜଣାଇଥିଲେ ଯେ, ସେ ନିଜେ କିମ୍ବା କାହା ଦ୍ୱାରା ଏ ସମ୍ପର୍କରେ କୌଣସି ସର୍ଭେ କରିନାହାନ୍ତି। ଏହି ରିପୋର୍ଟଟି ସେ ପ୍ରସ୍ତୁତ କରିଥିବା ବେଳେ ଜଳ, ବାୟୁ, ଶବ୍ଦ ଆଦି ପାଇଁ ସେକେଣ୍ଡାରୀ ଡାଟା ବ୍ୟବହାର କରିଛନ୍ତି। ଭିତରକନିକା ଅଥବା ପ୍ରକଳ୍ପ ସ୍ଥାନକୁ ଆସି ନ ଥିବା ସେ ଇ-ମେଲ ଯୋଗେ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ସଞ୍ଜୟ ବେହୁରା, ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ଡ. ପ୍ରଦୀପ କୁମାର ତରାଇ, ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ସଭାପତି ଦୁର୍ଯ୍ୟୋଧନ ମହାନ୍ତି, ଜନ ଅଧିକାର ମଞ୍ଚ ସଭାପତି ଭୁବନ ମୋହନ ଜେନା ପ୍ରମୁଖ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ଜୀବନଜୀବିକା ଓ ବିଶ୍ୱ ଐତିହ୍ୟ ତାଲିକାରେ ମାନ୍ୟତା ପାଇବାକୁ ଥିବା ଜାତୀୟ ଉଦ୍ୟାନ ଭିତରକନିକା ଜୈବ ବିବିଧତା ସହ ଖରସ୍ରୋତାର ଜଳ ପ୍ରବାହ ଜଡିତ। ରିପୋର୍ଟ ପ୍ରସ୍ତୁତ କର୍ତ୍ତା ପ୍ରଫେସର ଡ. ଶଶୀଧରଙ୍କ ମତ ପରେ ରାଜ୍ୟ ସରକାରଙ୍କ ଏହି ସତ୍ୟପାଠ ସ୍ଥାନୀୟ ଅଞ୍ଚଳବାସୀ ତଥା ଭିତରକନିକା ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ପରିବେଶବିତ୍‌ଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି। ମିଛ ରିପୋର୍ଟରେ ନିର୍ମାଣ ହେଉଥିବା ଏହି ମେଗା ପାନୀୟ ଜଳ ପ୍ରକଳ୍ପକୁ ବନ୍ଦ କରାଯାଇ ପ୍ରଥମେ ସ୍ଥାନୀୟ ଅଞ୍ଚଳ ସହ ଭିତରକନିକାର ପରିବେଶ ଓ ସାମାଜିକ ପ୍ରଭାବ ସମ୍ପର୍କରେ ବୈଷୟିକ ଟିମ୍ ଦ୍ୱାରା ଅନୁଧ୍ୟାନ କରାଯାଉ। ପ୍ରକଳ୍ପ କାର୍ଯ୍ୟ ବନ୍ଦ ନ ହେଲେ ଆଇନର ସାହାରା ନିଆଯିବ ବୋଲି ସେମାନେ ମତ ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୁଟିଆ ମୂଷା**
**ଧାନ ଟୋକି ଘରେ କଲୁଣି ବସା।**

ଚୁଟିଆ ମୂଷା ଧାନ ଚାଉଳ ଖାଇବା ଲାଳସାରେ ଘରେ ବସା ବାନ୍ଧିଥାଏ। ଘରେ ଲୁଚିରହି ଆସବାବପତ୍ର ପ୍ରଭୃତି କାଟିକୁଟି ନଷ୍ଟ କରିଦେଇଥାଏ। ଆଧ୍ୟାତ୍ମିକ ଭାବରେ ବିଚାର କଲେ ଜୀବନର ସଞ୍ଚିତ କର୍ମରାଶିକୁ ଯିଏ ଅପହରଣ କରିଥାଏ ତାକୁ ମୂଷିକ କୁହାଯାଏ। ଘରେ ପଶି ଲୁଚେଇ ଛପେଇ ଆତ୍ମସାତ୍ କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚହଟ ପୋଖରୀ ପାଣି**
**ସଞ୍ଜ ଦେଉଥିଲା ନଣନ୍ଦ କାଣୀଲୋ**
**ବାଘ ନେଇଗଲା ଟାଣି।**

ଆଖିକୁ ଭଲ ଦିଶୁନଥିବା ବ୍ୟକ୍ତି ସଞ୍ଜ ବେଳେ ପଦାକୁ ବାହାରିବାରେ ବିପଦ ରହିଥାଏ। କେତେବେଳେ କେଉଁ କଥା ସନ୍ଧ୍ୟାବେଳ, ମୁହଁ ଅନ୍ଧାର ଏପରି ସମୟରେ କେତେବେଳେ କ'ଣ ଅଘଟଣ ଯେ ନ ଘଟିଯିବ ସେଥିରେ କିଛି ନିଶ୍ଚିତତା ନ ଥାଏ। ବ୍ୟକ୍ତି ଅସତର୍କ ରହିଲେ ତା'ର ପରିଣାମ ଭୋଗିବା ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଝରକା ଡେଇଁ ହଷ୍ଟେଲ ଛାଡ଼ିଲେ ୪୫ ଛାତ୍ର

**କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ**

ଆର୍.ଉଦୟଗିରି/ପାରଳାଖେମୁଣ୍ଡି,୨।୯(ଡି.ଏନ.ଏ.)

ଛାତ୍ରାବାସରେ ଅବ୍ୟବସ୍ଥା ନେଇ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟର ୪୫ ଛାତ୍ର ବୁଧବାର ରାତିରେ ହଷ୍ଟେଲ ଝରକା ଡେଇଁ ବାହାରକୁ ଚାଲି ଆସିଥିଲେ। ସେମାନେ ଜିଲାପାଳଙ୍କୁ ଅଭିଯୋଗ ଜଣାଇବା ପାଇଁ ଚାଲିକି ୨୦ କି.ମି ଦୂର ରାମଗିରି ଆସିବା ପରେ ସେଠାରୁ ବସ୍ ଯୋଗେ ପାରଳାଖେମୁଣ୍ଡି ଯାଇଥିଲେ। ଛାତ୍ରମାନେ ଜିଲାପାଳଙ୍କୁ ଭେଟି ପାରି ନ ଥିଲେ। ଖବରପାଇ ଜିଲା ମଙ୍ଗଳ ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଜିଲାପାଳ ଲିଙ୍ଗରାଜ ପଣ୍ଡା ଏହା ଜାଣିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥ ଏବଂ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀଦ୍ୱୟ ୪ଟି ସ୍ୱତନ୍ତ୍ର ଗାଡ଼ିରେ ଛାତ୍ରମାନଙ୍କୁ ଧରି ହଷ୍ଟେଲକୁ ଆସି ସବିଶେଷ ଅନୁଧ୍ୟାନ କରିଛନ୍ତି। ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ ବୋଲି କହିଛନ୍ତି। ହଷ୍ଟେଲରେ ବର୍ତ୍ତମାନ ୧୦୦ ଜଣ ଛାତ୍ର ଅଛନ୍ତି। ତେବେ ସେମାନଙ୍କୁ ଠିକ୍ ଖାଦ୍ୟପେୟ ଓ ଆବଶ୍ୟକ ଜିନିଷପତ୍ର ମିଳୁନାହିଁ। ସ୍ନାନ, ଶୌଚ ଏପରିକି ପିଇବା ପାଇଁ ମଧ୍ୟ ପାଣି ବ୍ୟବସ୍ଥା କରାଯାଇ ନାହିଁ ବୋଲି ଛାତ୍ରମାନେ ଅଭିଯୋଗ କରିଛନ୍ତି। ଖରାଦିନେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ହଷ୍ଟେଲକୁ ଆସୁଥିବା ଅତ୍ୟାବଶ୍ୟକ ସାମଗ୍ରୀ ବାଟମାରଣା ହେଉଛି। ୨ଜଣ କର୍ମଚାରୀ ଏହାକୁ ବାହାରେ ବିକ୍ରି କରିଦେଉଛନ୍ତି। ସରକାରଙ୍କ ପକ୍ଷରୁ ଆସୁଥିବା ମାଗଣା ବହି ମଧ୍ୟ ବିକାଯାଉଛି। ଛାତ୍ରାବାସ ପରିସରରେ ଥିବା ବଗିଚାରୁ ଶିକ୍ଷକ, କର୍ମଚାରୀମାନେ ପରିବା ନେଇଯାଉଥିବା ଛାତ୍ରମାନେ ଅଭିଯୋଗ କରିଥିଲେ। ଏପରିକି ସେମାନଙ୍କୁ ଗାଳିଗୁଲଜ କରାଯାଉଥିବା ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅଧିକାରୀଦ୍ୱୟ ଛାତ୍ରମାନଙ୍କ ଅଭିଯୋଗ ପ୍ରକାରେ ତଦନ୍ତ କରିଛନ୍ତି। ସବିଶେଷ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ରଥ କହିଛନ୍ତି।



# ଶନି, ରବିବାର ଖୋଲାରହିବ ନନ୍ଦନକାନନ

ବାରଙ୍ଗ,୨।୯(ଡି.ଏନ୍.ଏ.)

ଏବେ ଆଉ ଶନିବାର, ରବିବାର ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ବନ୍ଦ ରହିବ ନାହିଁ। ପୂର୍ବଭଳି ଶନି ଓ ରବିବାର ଖୋଲାରହି ସୋମବାର ବନ୍ଦ ରହିବ। ସପ୍ଟେମ୍ବର ମାସ ପାଇଁ ରାଜ୍ୟ ସରକାର କୋଭିଡ୍ ଗାଇଡ୍‌ଲାଇନ ଜାରି କରିଥିବାବେଳେ ସଂକ୍ରାମଣ ହାର ହ୍ରାସ ପାଉଥିବାରୁ ଶନି ଓ ରବି ଶଟଡଉନ ଉଠାଇ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇଁ ଏଣିକି ଶନିବାର ଓ ରବିବାର ନନ୍ଦନକାନନ ଖୋଲାରହିବ। ଏହା ପରିବର୍ତ୍ତେ ସୋମବାର ପୂର୍ବଭଳି ନନ୍ଦନକାନନ ଓ ବଟାନିକାଲଗାର୍ଡେନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ବୋଲି ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର କହିଛନ୍ତି।

# ଲ୍ୟାମ୍ପ୍‌ସ ଫାଟକକୁ ଟେକାମାଡ଼

**ସାର ପାଇଁ ଚାଷୀଙ୍କ ଉତ୍ତେଜନା**

କୋଷାଗୁମୁଡ଼ା, ୨।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ମହକୁମାସ୍ଥିତ ଲ୍ୟାମ୍ପ୍‌ସରେ ଗୁରୁବାର ସାର ନ ମିଳିବାକୁ ନେଇ ଚାଷୀ ଉତ୍ତେଜନା ଦେଖାଦେଇଛି। ସାର ନ ପାଇ ଚାଷୀମାନେ ଲ୍ୟାମ୍ପ୍‌ସ ଫାଟକକୁ ଇଟାପଥର ମାରିବା ସହ ତାହାକୁ ଭାଙ୍ଗିଦେଇଥିଲେ। ପୋଲିସ ଉତ୍ତ୍ୟକ୍ତ ଚାଷୀଙ୍କୁ ଘଉଡ଼ାଇଛି।

ଗୁରୁବାର ସକାଳୁ କୋଷାଗୁମୁଡ଼ା ଲ୍ୟାମ୍ପ୍‌ସରେ ସାର ପାଇଁ ଚାଷୀ ଭିଡ଼ ଜମାଇ ଥିଲେ। ଭୋର ଚାରିଟା ବେଳୁ ଆସି ଲ୍ୟାମ୍ପ୍‌ସ ଆଗରେ ଭିଡ଼ ଜମାଇଥିଲେ ମଧ୍ୟ ସେମାନଙ୍କୁ ଗୋଟିଏ ବସ୍ତା ସାର ମିଳି ନ ଥିଲା। କେତେଜଣ ଚାଷୀ ଲ୍ୟାମ୍ପ୍‌ସ କାନ୍ଥ ଡେଇଁ ଭିତରକୁ ଯାଇଥିବା ବେଳେ ପୋଲିସ ପକ୍ଷରୁ ମାଡ଼ ମରାଯାଇଥିଲା। ଏହାପରେ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ଲ୍ୟାମ୍ପ୍‌ସ ଉପରକୁ ଟେକା ପଥର ପିଙ୍ଗିଥିଲେ। ଚାଷୀମାନେ ଲ୍ୟାମ୍ପ୍‌ସ ଗେଟ୍ କୁ ଭାଙ୍ଗି ଦେଇଛନ୍ତି। ପୋଲିସ ମାଡ଼ ମାରି ଉତ୍ତ୍ୟକ୍ତ ଚାଷୀଙ୍କୁ ଘଉଡ଼ାଇଛି। ଏହାପରେ ପରିସ୍ଥିତି ଶାନ୍ତ ପଡ଼ିଥିବାବେଳେ ଲ୍ୟାମ୍ପ୍‌ସରେ ପୋଲିସ ମୁତୟନ କରାଯାଇଛି। ଲ୍ୟାମ୍ପ୍‌ସକୁ ୧୭ଶହ ବସ୍ତା ସାର ଆସିଥିଲା। ମଙ୍ଗଳବାର ଓ ବୁଧବାର ଚାଷୀଙ୍କୁ ତାହା ଦିଆସରିଛି ବୋଲି ଲ୍ୟାମ୍ପ୍‌ସ ଏମ୍‌ଡି ବିନାୟକ ଷଡ଼ଙ୍ଗୀ କହିଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ଚାଷୀମାନେ ସାର ନ ମିଳିବାରୁ ଲ୍ୟାମ୍ପ୍‌ସରେ ତାଲା ଠୁଙ୍କିଥିଲେ। ଏଥିସହ ସେମାନେ ଟାୟାର ଜାଳି ମୁଖ୍ୟ ରାସ୍ତା ମଧ୍ୟ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।




ଚାଷୀମାନେ ଭାଙ୍ଗିଦେଇଥିବା ଲ୍ୟାମ୍ପ୍‌ସ ଫାଟକ।


**OFFICE OF THE DISTRICT JUDGE, KENDRAPARA**
**ADVERTISEMENT NO.01/Rect./2021**
Dated, Kendrapara the 1st day of September, 2021

No. W-17:- Applications in the prescribed format are invited from the intending candidates for filling up of the following vacancies in the judgeship of Kendrapara.

| Sl. No. | Name of the Post | Scale of Pay | Category SC | ST | SEBC | UR | Total No. of Posts |
|---|---|---|---|---|---|---|---|
| 1 | Junior Clerk-cum-Copyist | Rs.19,900/- – Rs.63,200/- - | 01 | 02 | 00 | 04 | 07 |
| 2 | Stenographer Grade-III | Rs.25,500/- – Rs.81,100/- | 01 | 01 | 00 | 00 | 02 |
| 3 | Junior Typist | Rs.19,900/- – Rs.63,200/- | 00 | 01 | 00 | 01 | 02 |

Reservation in respect of PWD/ Ex-servicemen/ Sports persons/ Women shall be made as per relevant rules. The last date of receipt of applications is fixed to **01.10.2021**. Details of this advertisement, application form, eligibility criteria, scheme of examination along with detail syllabus etc. are available in the websites www.districts.ecourts.gov.in/Kendrapara and www.Kendrapara.nic.in.

Sd./- DISTRICT JUDGE-CUM-CHAIRMAN,
OIPR-18046/11/0001/2122 DISTRICT RECRUITMENT COMMITTEE, KENDRAPARA.

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NIT No. 30/OMC/CIVIL/2021**

No. CAD-1065:- Tender for the following work is invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (Rs. In lakhs) | Time period of the work in month | Class of Contractor | Cost of Bid document (Rs.) Online |
|---|---|---|---|---|---|
| 1. | Construction of Pathway from Sukurangi wheel wash point to WD5 security gate on the main road to Koiposi of Sukurangi mines in the district of Jajpur. | 171.51 | 04 (Four) | B & A | 10,000/- + 18% GST |

1. Available of Bid document in Govt. portal from dt. 07/09/2021 to 21/09/2021 up to 5.00 PM.
2. Last date of on-line submission of tender in the portal is dt. 21/09/2021 up to 5.00 PM.
3. Date of opening of Technical Bid is dt. 22/09/2021 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in**.
Odisha Mining Corporation Ltd. reserves the right to reject any or all tenders without assigning any reason thereof.
OIPR-30005/11/0084/2122 **CGM (Civil)**

**DIRECTORATE OF MINES, ODISHA, BHUBANESWAR**
**EXTENSION OF SUBMISSION DATE/CORRIGENDUM-II**
**Tender No. 6618/DM** **Date: 01.09.2021**

No. G-07: With reference to Tender Notice No. 4898/DM Dt.02.07.2021 the last date of submission of bid is extended to 16.09.2021 upto 3.00 P.M. for the work "Repair/Modification of 15 numbers of existing weigh bridges/check gates alongwith M.S. Bunk House, Highmast Light, DG Mounted Lights, DG, Computers, Peripherial items, other small electrical and networking & stamping with comprehensive AMC for the Directorate of Mines, Govt. of Odisha for 01 year" which will be opened on the same day at 4.00 P.M. Further as recommended by the tender evaluation committee the eligibility criteria mentioned at Sl. No. 4-1(f) in the tender notice has been modified and replaced as "the tenderer should have maintained a minium of 10 (Ten) numbers electronics weighbridges in last five years alongwith the related services for the comprehensive maintenance activities under comprehensive AMC. The evidence in support of the above is to be submitted". For details refer to our website **www.odishaminerals.gov.in**.

**Sd./- Director of Mines, Odisha**
**OIPR-30004/11/0005/2122**

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR**
Tel.: 0663-2548268, E-mail Id: serwcirclesbp@yahoo.com
**Bid Identification No. Bridge Tender Online - RWCSBP - 20, No. 2325 Dated: 25.08.2021**

No. O-628: The Chief Construction Engineer Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for 02 (two) nos. of Bridge works.

| Sl. No. | Name of Work | Approximate estimated cost put to tender excluding of GST in lakhs (Figure appearing in DTCN is final) | Concerned E.E. with Headquarters | EMD required (in Rs.) to be submitted online | Cost of Bid Document (Rs.) (Online) | Class of Bidder | Period of Completion (including rainy, summer & festival) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Bridge over Bhalupatra nallah at 1.5 Km on Janged road to Larsara PS road in the district of Bargarh under BSY for the year 2021-22 | 329.08 | Executive Engineer, Rural Works Division, Bargarh | No EMD required But, Bid Security declaration should be furnished by the Bidders as mentioned in the DTCN | 10,000/- (Online) | A & Special | 18 (Eighteen) Calendar months |
| 2 | Construction of Bridge over Baimantikira Nallah at 0.5 Km on Attabira Babebira road in the district of Bargarh under BSY for the year 2021-22. | 235.84 | Executive Engineer, Rural Works Division, Bargarh | No EMD required But, Bid Security declaration should be furnished by the Bidders as mentioned in the DTCN | 10,000/- (Online) | B & A | 12 (Twelve) Calendar months |
| Mode of submission of tender | Tender should be submitted only online in website **www.tendersorissa.gov.in (https://tendersodisha.gov.in)** | | | | | | |

* Further details can be seen from the e-procurement portal **www.tendersorissa.gov.in (https//tendersodisha.gov.in)**.

Summary of key dates are provided below:

| Procurement Officer | Bid Identification No. | Availability of Tender Online for bidding From | To | Last date & time for seeking clarification | Date & Time of Opening of Tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, R.W. Circle, Sambalpur | Bridge tender Online - RWCSBP-20/ 21-22 | 04.09.2021 at 11.00 A.M. | 24.09.2021 upto 5.00 P.M. | 23.09.2021 upto 1.00 P.M. | 27.09.2021 at 11.00 A.M. | Will be intimated later |

* Subsequent modification/corrigendum/addendum if required shall appear in website only.
* The amount put to bid is exclusive of GST.

OIPR-25091/11/0025/2122 Sd./- Chief Construction Engineer, Rural Works Circle, Sambalpur






**OFFICE OF THE PRINCIPAL**
**ODISHA ADARSHA VIDYALAYA, JAMUDIHA**
**DEPARTMENT OF SCHOOL AND MASS EDUCATION, GOVT. OF ODISHA**
At/P.O.- Jamudiha, Via: Sajanagarh, Block: Nilagiri, Balasore - 756041
E-mail: nilagiri@oav.edu.in, Mob.: 8763516218
Letter No. 219 Date: 31.08.2021

**ADVERTISEMENT**

No. n-40: Applications are invited through Registered/ Speed Post from the eligible candidates of Balasore District in prescribed format for engagement of Supporting Staff in Girls' Hostel of Odisha Adarsha Vidyalaya, Jamudiha under Nilgiri Block. Applications will be sent to the address of the Principal, Odisha, Adarsha Vidyalaya, At/P.O.- Jamudiha, Via: Sajanagarh, Dist.- Balasore, PIN - 756041. For download of application form & other details please visit to the district website **www.baleswar.nic.in**. The last date for receiving of application form is 15.09.2021.

Sd./- Principal, OAV, Jamudiha, Nilagiri
OIPR-27051/11/0003/2122

**ବିଜ୍ଞାପନ** No. D-109

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**

ନାମ: ଶୁଭକାନ୍ତ ପଲେଇ
କନଷ୍ଟେବଳ ନଂ.: ୪୭୩
ପିତା: ଲକ୍ଷ୍ମୀକାନ୍ତ ପଲେଇ
ଗ୍ରାମ: ରାହାଙ୍ଗିରିଆ, ପୋଷ୍ଟ: ବୀରହରେକୃଷ୍ଣପୁର
ଥାନା: ପୁରୀ ସଦର, ଜିଲ୍ଲା: ପୁରୀ

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ବିନା ଅନୁମତିରେ କାହାକୁ ନ ଜଣାଇ, ଆପଣଙ୍କ କାର୍ଯ୍ୟରୁ ତା୦୬।୦୫।୨୦୨୧ରିଖ ଅପରାହ୍ନଠାରୁ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି।
ଏଣୁ ଏହି ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ
ଭାମିନୀ, ରାୟଗଡ଼ା

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**

ନାମ: ମୀନକେତନ ବରିହା
କନଷ୍ଟେବଳ ନଂ.: ୩୬୪
ପିତା: ଅନାଦି ବରିହା
ଗ୍ରାମ: ଅନକାମରା, ପୋଷ୍ଟ: ଭାନପୁର
ଥାନା: ଖପ୍ରାଖୋଲ, ଜିଲ୍ଲା: ବଲାଙ୍ଗିର

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୦୭।୦୪।୨୦୨୧ରିଖ ଅପରାହ୍ନଠାରୁ ତା୧୩।୦୪।୨୦୨୧ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୬ ଦିନ ସାମୂହିକ ଛୁଟି ନେଇ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୧୪।୦୪।୨୦୨୧ରିଖ ପୂର୍ବାହ୍ନରେ ଯୋଗ ଦେବା ବଦଳରେ କୌଣସି ସୂଚନା ନଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି।
ଏଣୁ ଏହି ନୋଟିସ୍ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ
OIPR-12029/11/0019/2122 ଭାମିନୀ, ରାୟଗଡ଼ା

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୫୩ **ବିଜ୍ଞାପନ** ତା:୨୫।୦୮।୨୧

No. CAD-1061: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରୁଚିକା ବଜାର, ବରମୁଣ୍ଡା ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଦୋକାନ ଗୃହ ନଂ. ସି-୧୬ (C-16)ଟିକୁ ଶ୍ରୀ ଗନ୍ଧର୍ବ କୁମାର ଜେନା, ପି.- ୰ମାଧବ ଚନ୍ଦ୍ର ଜେନା, ସା: ବେରୁଆ ଶାସନ, ପୋ.- ବକୁଗ୍ରାମ, ଥା: ବଳଙ୍ଗା, ଜି: ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗନ୍ଧର୍ବ କୁମାର ଜେନା ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସତ୍ୟରଞ୍ଜନ ସାହୁ, ପି.- ରଘୁନାଥ ସାହୁ, ସା: ପ୍ଲଟ ନଂ.-ବି/୧୪୨, ବି.ଡି.ଏ. ଡୁପ୍ଲେକ୍ସ, ବରମୁଣ୍ଡା, ପୋ: ବରମୁଣ୍ଡା, ଥା: ଖଣ୍ଡଗିରି, ଜି: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଦୋକାନ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
OIPR-13030/11/0107/2122 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OHPC ODISHA HYDRO POWER CORPORATION LTD.**
(A Gold Rated State PSU)
O/o. SR. GENERAL MANAGER, RENGALI HYDRO ELECTRIC PROJECT, RENGALI
P.O.: RENGALI DAM SITE, DIST.- ANGUL (ODISHA), INDIA, PIN- 759105,
TEL.: 06760-277214, FAX: 06760-277324, Email: sgmel500@gmail.com
CIN: U40101OR1995SGC00396
No.: OHPC:RHEP/C & P/PUR-III-989/4847 Date: 31.08.21

**NOTICE INVITING TENDER No. RHEP-25/2021-22**

No.: CAD-1068: Sealed tenders are invited in two part i.e. (i) Techno Commercial Bid and (ii) Price Bid in separate sealed envelopes from the reputed manufacturers/ authorized dealers/reputed suppliers/channel partner for supply of the following materials as mentioned below.

| Description of Materials/Services | Cost of Tender Paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of availability of tender at OHPC website (Sale) | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|
| Procurement of Electrical & Mechanical T & P Materials to RHEP, Rengali | Rs.4,720/- (Inclusive of GST @ 18%) | In Lieu of EMD, Bid Security Declaration form to be submitted | From Dtd.03.09.2021 to Dtd.13.09.2021 upto 03.00 P.M. | Upto 04.00 P.M. Dt.13.09.2021 | At 04.45 P.M. Dt.13.09.2021 |

For details of the tender documents, Terms and Conditions please visit our website **www.ohpcltd.com**.

Sd./- C & P Head, RHEP, Rengali
OIPR-04005/11/0021/2122

**e-Procurement Notice**
**OFFICE OF THE DIRECTOR**
**TEXT BOOK PRODUCTION & MARKETING**
**KHARVEL NAGAR, UNIT-III, BHUBANESWAR-751001**
No.n-40:- Tel.No. 0674-2380871/72
E.MAIL: directortbpmodisha@gmail.com
Bid Letter No. 4691/TBPM, Dated 01.09.2021

01. Description of tender: National Tender for Transportation of N.T. Books & Allied Books from Truck Owners/ Transport Agencies / Transport Contractors having registered " Agent Liecence" for transportation of N.T. Books & Allied Books to different District Headquarter/ Blocks all over Odisha for the Academic Session 2022-23.
02. Date & time of availability of bid document in the portal
**Start date & time : 03.09.2021 10.00 A.M.**
**Closing date & time : 23.09.2021 05.00 P.M.**
03. Name and address of the O.I.T.: O/o the Director, Text Book Production & Markting, Kharavel Nagar, Unit-III, Bhubaneswar- 751001.

Further details regarding downloading of bid documents, online participation can be seen from the e-procurement portal https://tendersodisha.gov.in.
Further details regarding of bid documents, online participation can be seen from the e-procurement portal https://tendersodisha.gov.in. Subsequent corrigendum/ addendum and cancellation if any require will be hosted on same website. The Director, TBPM reserves the right to accept or reject (Fully/ Partly) tender without assigning any reason thereof.

Sd./- DIRECTOR
TEXT BOOK PRODUCTION & MARKETING, BHUBANESWAR-1
OIPR-02005/11/0010/2122

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**GANJAM (R&B) DIVISION No. I, BERHAMPUR**
Phone/Fax: (0680) 2233683, e-mail: eernbl_bam@yahoo.com

**INVITATIONS FOR BIDS (IFB) [e-Procurement]**

Bid Identification No.E.E. (R&B)-BAM-27/2021-22 No.7437 // Dated: 27.08.2021

**No. B-354:-** The Executive Engineer, Ganjam (R&B) Division No. I, Berhampur on behalf of Governor of Odisha invites percentage rate bid in double cover system in ONLINE MODE for construction of works detailed below from eligible contractors.

1. Nature of the work : **Building Work**
2. No. of works : **1 (One) No.**
3. Tender Paper Cost : **10,000/-**
4. Class of Contractor : **"B" Class and "A" Class**
5. Date & Time of sale & receipt of Bids : **From 07.09.2021 10.00 AM to 21.09.2021 up to 4.00 PM**
6. Date of Opening of Bid : **22.09.2021 at 11.30 A.M.**
7. The bidders have to participate in ONLINE bidding only. Further details can be seen from the website http://tendersorissa.gov.in.

**Sd./- Executive Engineer, Ganjam (R&B) Division No.I, Berhampur**
OIPR-34109/11/0005/2122

**ପୌର ପରିଷଦ, କୋରାପୁଟ**
**KORAPUT MUNICIPALITY**
Phone/Fax No.-06852-250629
e-mail: koraputn.hud@nic.in, eo.nac.koraput@gmail.com
No.3558/2021 Date: 31.08.2021

**QUOTATION CALL NOTICE**

No.C-861:- Sealed quotation consisting of cost of tender paper / EMD, IT/ GST/ PAN the set of terms and conditions for Hiring of Vehicle and other necessary document can be seen in Official website i.e. www.koraputmunicipality.in.

| | | | |
|---|---|---|---|
| 1 | Name of specification | : | Hiring of Vehicle |
| 2 | Date & time of selling of tender peper | : | From 01.09.2021 upto 5.00 P.M. 08.09.2021. |
| 3 | Last date & time for receipt | : | 3.00 P.M. hours 09.09.2021 |
| 4 | Bids received shall be opened on | : | 4.30 P.M. hours 09.09.2021 |
| 5 | Name and address of the officer inviting | : | Executive Officer, Koraput Municipality |
| 6 | Further details can be seen from the procurement portal | : | www.koraputmunicipality.in |

Sd./- Executive Officer, Koraput Municipality
OIPR-13074/11/0012/2122

## ସଂକ୍ଷେପରେ

### ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷା ପାଇଁ ଆଜିଠୁ ଆବେଦନ

ଭୁବନେଶ୍ୱର, ୨।୯(ବ୍ୟୁରୋ)- ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷା ପାଇଁ ଶୁକ୍ରବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଅପରାହ୍ଣ ୨ଟାରୁ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ୯ ତାରିଖ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଆବେଦନର ଶେଷ ସମୟ ରହିଛି। ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କଠାରୁ କୌଣସି ଫି' ନିଆଯିବ ନାହିଁ। ଏ ନେଇ ଗୁରୁବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ଛାତ୍ରୀଛାତ୍ରମାନେ ଚଳିତବର୍ଷ ବିନା ପରୀକ୍ଷାରେ ପ୍ରକାଶ ପାଇଥିବା ଯୁକ୍ତ୨ ପରୀକ୍ଷା ଫଳରେ ସନ୍ତୁଷ୍ଟ ନ ଥିବେ ସେମାନେ ଏହି ପରୀକ୍ଷା ଦେଇପାରିବେ। ପରୀକ୍ଷାର୍ଥୀଙ୍କ ସଂଖ୍ୟାକୁ ଦେଖି ଠିକ୍ ସମୟରେ ପରୀକ୍ଷା ସୂଚୀ ଓ କେନ୍ଦ୍ର ଘୋଷଣା କରାଯିବ। ତେବେ ଯେଉଁମାନେ ଏହି ପରୀକ୍ଷା ଦେବେ, ସେମାନଙ୍କୁ ବିକଳ୍ପ ମୂଲ୍ୟାୟନରେ ମିଳିଥିବା ମାର୍କ ଆଉ ରହିବ ନାହିଁ। ସ୍ୱତନ୍ତ୍ର ପରୀକ୍ଷା ମାର୍କ ହିଁ ଚୂଡ଼ାନ୍ତ ହେବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ଯୁକ୍ତ୨ ପରୀକ୍ଷା କରାଯାଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ ହୋଇଥିଲା। କିନ୍ତୁ ଯେଉଁ ପିଲାମାନେ ପରୀକ୍ଷା ଫଳରେ ସନ୍ତୁଷ୍ଟ ନ ଥିବେ ସେମାନଙ୍କୁ ଅଫ୍‌ଲାଇନ ପରୀକ୍ଷା ଦେବା ପାଇଁ ସୁଯୋଗ ଦିଆଯିବ ବୋଲି ପୂର୍ବରୁ ପରିଷଦ ପକ୍ଷରୁ କୁହାଯାଇଥିଲା।

### ଟ୍ରାକ୍ଟର ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଡୁଙ୍ଗୁରିପାଲି, ୨।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଏସ.ରାମପୁର ଥାନା ପଣ୍ଡକିଟାଲରୁ ଖଲିଆପାଲି ରାସ୍ତାରେ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ମନୋଜ ଦାସ(୪୦। ବାଇକ ପଛରେ ବସିଥିବା ତାଙ୍କ ସ୍ତ୍ରୀ ପ୍ରଣତି ଦାସ (୩୨) ଗୁରୁତର ଆହତ ହୋଇଛନ୍ତି। ମାୟାବର୍ଦ୍ଧା ପଞ୍ଚାୟତ ସାହାଜବାହାଲର ମନୋଜ ଓ ତାଙ୍କ ସ୍ତ୍ରୀ ପ୍ରଣତି ଏକ ବାଇକରେ ବଲାଙ୍ଗୀରରୁ ନିଜ ଗାଁ ସାହାଜବାହାଲକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା ଖବର ପାଇ ରାମପୁର ଅଗ୍ନିଶମ କର୍ମଚାରୀ ଦାସ ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ମନୋଜଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ ।

### 'କୁଷ୍ଠରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଅ'

କଟକ ଅଫିସ,୨।୯: ରାଜ୍ୟର ବିଭିନ୍ନ କୁଷ୍ଠାଶ୍ରମ ଦୁରବସ୍ଥା ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ବାଲେଶ୍ୱର ଜିଲା ବାମପଦା କୁଷ୍ଠାଶ୍ରମର କୋଠା ନିର୍ମାଣ ଓ ଶୌଚାଳୟ ମରାମତି ତୁରନ୍ତ କର। ଏଥିସହ କୁଷ୍ଠରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ବାଲେଶ୍ୱର ଜିଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟର ବିଭିନ୍ନ କୁଷ୍ଠାଶ୍ରମରେ ମୌଳିକ ସୁବିଧା ଅଛି କି ନାହିଁ, ସେ ସମ୍ପର୍କରେ ଜବାବ ଦାଖଲ କରିବା ପାଇଁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଟେକ୍ନିକାଲ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଆମିକସ୍‌କ୍ୟୁରୀ ଭାବେ ନିଯୁକ୍ତ ଆଇନଜୀବୀ ଗୌତମ ମିଶ୍ର, ବିଭୁ ପ୍ରସାଦ ତ୍ରିପାଠୀ ଓ ପମି ରଥ ପୁରୀର ୨ଟି, ଜଟଣୀର ୨ଟି, ଖୋର୍ଦ୍ଧା ଓ ବାଲେଶ୍ୱରର ଗୋଟିଏ କୁଷ୍ଠରୋଗ କଲୋନୀ ପରିଦର୍ଶନ କରି ୩୨୦ ପୃଷ୍ଠା ସମ୍ବଳିତ ରିପୋର୍ଟ ଦାଖଲ କରିଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩୦ ତାରିଖରେ ହେବ। ସୂଚନାଯୋଗ୍ୟ, ଆବେଦନକାରୀ ବିପିନ ବିହାରୀ ପ୍ରଧାନ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା କୁଷ୍ଠାଶ୍ରମର ଅବସ୍ଥା ସମ୍ପର୍କରେ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏହାକୁ ହାଇକୋର୍ଟ ଗୁରୁତ୍ୱର ସହ ବିଚାରକରି ଜୁଲାଇ ୧୪ରେ ୩ ଜଣ ଆମିକସକ୍ୟୁରୀ ନିଯୁକ୍ତ କରିଥିଲେ। ପରେ ସଭିଏ ବାଲେଶ୍ୱର ବାମପଦାସ୍ଥିତ କୁଷ୍ଠାଶ୍ରମକୁ ଯାଇ ତଦନ୍ତ କରି ଗତ ଅଗଷ୍ଟ ୩ରେ ହାଇକୋର୍ଟଙ୍କ ନିକଟରେ ଏକ ରିପୋର୍ଟ ଦାଖଲ କରିଥିଲେ। କୁଷ୍ଠାଶ୍ରମର ଅବସ୍ଥାରେ ସୁଧାର ଆଣିବା ଓ ସେଠାକାର ରୋଗୀଙ୍କୁ ଠିକ୍ ଚିକିତ୍ସା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ଲାଗି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏହି କାର୍ଯ୍ୟଗୁଡିକ ସମାପନ କରି ଅଗଷ୍ଟ ୧୬ ସୁଦ୍ଧା ଏକ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

# ଖବରକୁ ଦିଆଯାଉଛି ସାମ୍ପ୍ରଦାୟିକ ରଙ୍ଗ

**ସୋସିଆଲ ମିଡିଆରେ ଫେକ୍ ନ୍ୟୁଜ୍‌କୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ**

ନୂଆଦିଲ୍ଲୀ, ୨।୯(ପି.ଟି.)

କେତେକ ଗଣମାଧ୍ୟମ ଖବରକୁ ସାମ୍ପ୍ରଦାୟିକ ରଙ୍ଗ ଦେଇ ଦେଶକୁ ବଦ୍‌ନାମ କରୁଛନ୍ତି। ସେହିପରି ୱେବ୍ ପୋର୍ଟାଲ, ୟୁଟ୍ୟୁବ୍ ଚ୍ୟାନେଲ ସମେତ ସୋସିଆଲ ମିଡିଆରେ ମିଛ ଖବର ପ୍ରସାରିତ ହେଉଥିବାରୁ ସୁପ୍ରିମକୋର୍ଟ ଗୁରୁବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ଖବରକୁ ନିୟନ୍ତ୍ରଣ କରିବାକୁ ସରକାରଙ୍କର କୌଣସି ବ୍ୟବସ୍ଥା ନାହିଁ। ୟୁଟ୍ୟୁବରେ ମିଥ୍ୟା ଖବର ଅବାଧରେ ଘୂରିବୁଲୁଛି। ଯେକେହି ୟୁଟ୍ୟୁବ୍‌ରେ ଚ୍ୟାନେଲ ଆରମ୍ଭ କରିପାରୁଛନ୍ତି ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନା, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଏ.ଏସ୍.



ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସେମାନେ ଉତ୍ତରଦାୟୀ ନ ହୋଇ ବିଚାରପତି ଓ ଅନୁଷ୍ଠାନ ବିରୋଧରେ ଯାହା କିଛି ଲେଖିଦେଉଛନ୍ତି। ସେମାନେ କେବଳ ପ୍ରଭାବଶାଳୀଙ୍କ ସ୍ୱରକୁ ଶୁଣୁଛନ୍ତି। ବିଚାରପତି କିମ୍ବା ସାଧାରଣ ଲୋକଙ୍କ ପାଇଁ ସେମାନେ ଆଦୌ ଚିନ୍ତିତ ନୁହନ୍ତି ବୋଲି ସିଜେଆଇ କହିଛନ୍ତି। ଘରୋଇ ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ବିଭିନ୍ନ ଖବରକୁ ସାମ୍ପ୍ରଦାୟିକତାର ରଙ୍ଗ ଦେଉଛନ୍ତି। ସେଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି କୌଣସି ଉଦ୍ୟମ ହୋଇଛି କି ବୋଲି ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ପ୍ରଶ୍ନ କରିଥିଲେ। ଏଥିପାଇଁ କେନ୍ଦ୍ର ସରକାର ନୂଆ ସୂଚନା ଓ ପ୍ରଯୁକ୍ତି ନିୟମାବଳୀ ଆଣିଥିବା ମେହେଟା କୋର୍ଟଙ୍କୁ କହିଥିଲେ। ତେବେ ନୂଆ ଆଇଟି ନିୟମାବଳୀକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଗୁଡ଼ିକରେ ଏକାଧିକ ପିଟିଶନ ଦାଏର ହୋଇଥିବା ସେ ଖଣ୍ଡପୀଠଙ୍କୁ ଜଣାଇଥିଲେ। ଏହି ସମସ୍ତ ପିଟିଶନକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର ପାଇଁ କେନ୍ଦ୍ର ପକ୍ଷରୁ ଆବେଦନ କରାଯାଇଥିବା ସେ କହିବା ପରେ ୬ ସପ୍ତାହ ପରେ ଏହାର ଶୁଣାଣି ପାଇଁ ଖଣ୍ଡପୀଠ ରାଜି ହୋଇଛନ୍ତି।

ଗତବର୍ଷ ନିଜାମୁଦ୍ଦିନ ମର୍‌କଜରେ ଧର୍ମୀୟ ସମାବେଶକୁ ନେଇ ଫେକ୍ ନ୍ୟୁଜ୍ ପ୍ରକାଶ ପାଇଥିଲା। ଏଭଳି ମିଛ ଖବର ପ୍ରସାରଣ ବନ୍ଦ କରିବା ଏବଂ ଏଥିପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ଜାମିଆତ୍ ଉଲେମା-ଇ-ହିନ୍ଦ୍ ସମେତ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଆବେଦନ କରାଯାଇଥିଲା।



ଋଷିକୁଲ୍ୟାରେ ଭାରତ ମାନଚିତ୍ର ଭ୍ରମ ସୃଷ୍ଟି କରୁଥିବା ଭାଇରାଲ ଫଟୋ।

## ଋଷିକୁଲ୍ୟାରେ ଭାରତ ମାନଚିତ୍ର ଭ୍ରମ

ପୁରୁଷୋତ୍ତମପୁର,୨।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଋଷିକୁଲ୍ୟା ନଦୀ କୂଳରେ ପ୍ରକୃତି ସୃଷ୍ଟି କରିଛି ଏକ ଭାରତ ମାନଚିତ୍ର। ନଦୀରେ ଆପେ ଆପେ ଭାରତ ମାନଚିତ୍ର ସଦୃଶ୍ୟ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା। ପ୍ରକୃତିର ଏଭଳି ସୌନ୍ଦର୍ଯ୍ୟ ଦେଖି ଲୋକେ ଉତ୍ସାହିତ ହେଉଛନ୍ତି। ବିଭିନ୍ନ ସୋସିଆଲ ମିଡିଆରେ ଏହାର ଫଟୋ ଭାଇରାଲ ହେଉଛି।

## ଆଶ୍ ପାଇପ୍ ଫାଟି ରାସ୍ତା ଅବରୋଧ

**୪୦ ମିନିଟ୍ ଯାତାୟାତ ଠପ୍**

କଣିହାଁ,୨।୯ (ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସିର ଏକ ଆଶ୍ ପାଇପ୍ ଗୁରୁବାର ଫାଟି ଯିବାରୁ ୪୦ ମିନିଟ୍ ଧରି କଣିହାଁ-କାକୁଡ଼ିଆ ପୂର୍ତ୍ତ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ଖବରପାଇ ପ୍ରକଳ୍ପ କର୍ତ୍ତୃପକ୍ଷ ପାଇପ୍‌ରେ ପାଣି ଛାଡ଼ିବା ବନ୍ଦ କରିବା ପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବାରମ୍ବାର ଏପରି ଘଟଣା ଘଟୁଥିବା କଣିହାଁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଏନ୍‌ଟିପିସି ପ୍ରକଳ୍ପରୁ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ ଦେଇ ଆଶ୍‌ପଣ୍ଡକୁ ୬ଟି ପାଇପ୍ ଯାଇଛି। ଅପରାହ୍ଣ ୫ଟା ବେଳେ ହଠାତ୍ ୧ନଂ. ପାଇପ୍‌ରେ ଫାଟ ସୃଷ୍ଟି ହୋଇଥିଲା। ଫଳରେ ଉକ୍ତ ଫାଟ ଦେଇ ଲିକେଜ ପାଉଁଶ ପାଣି ପ୍ରାୟ ୧୦୦ ମିଟର ଉପରକୁ ଉଠିବା ସହ ରାସ୍ତା ଉପରେ ଗଦେଇ ହୋଇପଡ଼ିଥିଲା। ଏଥିଯୋଗୁ କେତେଜଣ ପଥଚାରୀ ସମ୍ପୂର୍ଣ୍ଣ ଭିଜିଯାଇଥିଲେ। ଏହା ଦେଖି ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକ କିଛି ଦୂରରେ ଅଟକି ଯାଇଥିଲେ। ଦୀର୍ଘ ୪୦ ମିନିଟ୍ ଧରି ରାସ୍ତା ଉପରେ ପାଉଁଶ ପାଣି ପ୍ରବାହିତ ହେଉଥିଲେ ହେଁ ଏ ନେଇ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ନିକଟରେ ଖବର ନ ଥିଲା। 'ଧରିତ୍ରୀ'ର କଣିହାଁ ଖବରଦାତା ଘଟଣାସ୍ଥଳରେ ପହଞ୍ଚି ଆଶ୍ ହ୍ୟାଣ୍ଡେଲିଂ ଏଜିଏମ୍ ଏ.କେ. ସାମଲଙ୍କୁ ଯୋଗାଯୋଗ କରିବା ପରେ ପାଇପ୍‌ରେ ଛଡ଼ାଯାଉଥିବା ପାଉଁଶ ପାଣିକୁ ବନ୍ଦ କରାଯାଇଥିଲା। ଏନ୍‌ଟିପିସି ପକ୍ଷରୁ ଅତ୍ୟାଧୁନିକ ପାଇପ୍ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଫାଟ ସୃଷ୍ଟି ହେବା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଏଜିଏମ୍ ସାମଲ କହିଛନ୍ତି, କେଉଁ କାରଣରୁ ପାଇପ୍‌ରେ ଫାଟି ସୃଷ୍ଟି ହୋଇଛି ତାହା ତଦାରଖ ପରେ ଜଣାପଡ଼ିବ।



ଏନ୍‌ଟିପିସି ପାଉଁଶ ପାଇପ୍ ଫାଟି ପାଣି ଉପରକୁ ଉଠୁଛି।

## ମହାପ୍ରଭୁଙ୍କ ଦର୍ଶନ କଲେ ଚେଲ୍ଲାକୁମାର

ପୁରୀ ଅଫିସ,୨।୯

ପିସିସି ପ୍ରଭାରୀ ଏ. ଚେଲ୍ଲା କୁମାର ଗୁରୁବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପୁରୀ ଯୁବ କଂଗ୍ରେସ କର୍ମୀମାନଙ୍କ ସହ ଚେଲ୍ଲା କୁମାର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ କରୋନା କବଳରୁ ବିଶ୍ୱ ମୁକ୍ତ ହେଉ ବୋଲି ପ୍ରାର୍ଥନା କରିଛନ୍ତି। ଶ୍ରୀମନ୍ଦିରରୁ ଫେରିବା ପରେ ସେ କହିଛନ୍ତି, ମହାପ୍ରଭୁଙ୍କ ଦୁର୍ଲ୍ଲଭ ଦର୍ଶନ ଲାଭ କଲି। ମୋ ପାଇଁ ଏହା ଚିରସ୍ମରଣୀୟ ରହିବ। ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ ପ୍ରଭୁ ସଭିଙ୍କର ମଙ୍ଗଳ କରନ୍ତୁ। ସେହିଭଳି ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳ ପୁରୀ ଜିଲାରେ ଭଲ ପ୍ରଦର୍ଶନ କରିବ। ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ନିର୍ବାଚନକୁ ନେଇ ଉତ୍ସାହ ରହିଛି। ଜନମତ ମଧ୍ୟ କଂଗ୍ରେସ ସପକ୍ଷରେ ରହିଛି। ଦଳ ଏକତ୍ରିତ ହୋଇ ଜିଲା ନିର୍ବାଚନ ଲଢ଼ିବ ଓ ଜିତିବ ବୋଲି ଚେଲ୍ଲା କୁମାର ପ୍ରକାଶ କରିଛନ୍ତି। ଏହି ଅବସରରେ ପୂର୍ବତନ ପୁରୀ ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର ଏବଂ ଆଲୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ ଚଳାଚଳ ଆରମ୍ଭ

ଭୁବନେଶ୍ୱର,୨।୯

ଯାତ୍ରୀଙ୍କ ସୁବିଧାକୁ ଆଖି ଆଗରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଶାଖାପାଟନମ୍-ଅମୃତସର-ବିଶାଖାପାଟନମ୍ 'ହୀରାକୁଦ ସ୍ପେଶାଲ୍' ପୁରୀ-ହାୱଡ଼ା-ପୁରୀ 'ଜଗନ୍ନାଥ ସ୍ପେଶାଲ୍' ଏବଂ ଖୋର୍ଦ୍ଧାରୋଡ୍-ପୁରୀ-ଖୋର୍ଦ୍ଧାରୋଡ୍ 'ପାସେଞ୍ଜର ସ୍ପେଶାଲ' ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି।

୦୮୫୦୩-୦୮୫୦୪ବିଶାଖାପାଟନମ୍-ଅମୃତସର-ବିଶାଖାପାଟନମ୍ ହୀରାକୁଦ୍ ସ୍ୱତନ୍ତ୍ର ତ୍ରି-ସାପ୍ତାହିକ ସ୍ପେଶାଲ ଟ୍ରେନ ବିଶାଖାପାଟନମ୍ ଠାରୁ ସେପ୍ଟେମ୍ବର ୧୧ ଏବଂ ଅମୃତସରରୁ ସେପ୍ଟେମ୍ବର ୧୫ ଠାରୁ ପରବର୍ତ୍ତୀ ନିର୍ଦ୍ଦେଶାବଳୀ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଅଛି। ପୂର୍ବରୁ ଚାଲୁଥିବା ପାରମ୍ପରିକ କୋଚଗୁଡ଼ିକ ବଦଳରେ ହୀରାକୁଦ ସ୍ପେଶାଲ୍ ଟ୍ରେନ୍ ଆଧୁନିକ ଲିଙ୍କେ-ହୋଫମ୍ୟାନ୍-ବସ୍ (ଏଲଏଚବି) କୋଚ୍ ସହିତ ଚଳାଚଳ କରିବ। ଏହି ଟ୍ରେନ୍ ପ୍ରତି ମଙ୍ଗଳ, ଶୁକ୍ର ଏବଂ ଶନିବାର ରାତି ୧୨.୨୫ ଘଣ୍ଟାରେ ବିଶାଖାପାଟନମ୍ ଛାଡିବ ଏବଂ ପ୍ରତି ବୁଧ, ଶନି ଏବଂ ରବିବାର ଅମୃତସରରୁ ରାତ୍ରି ୧୧ଘ.୫୫ମି.ରେ ଛାଡିବ। ଏହି ଟ୍ରେନ୍ ଭୁବନେଶ୍ୱର-ସମ୍ବଲପୁର-ବିଳାସପୁର-କାଟନୀ-ମୁରୱାରା-ଝାନ୍ସୀ-ଆଗ୍ରା-କାଣ୍ଟ-ନୂଆଦିଲ୍ଲୀ-ଜଳନ୍ଧର ମାର୍ଗ ଦେଇ ଚଳାଚଳ କରିବ। ସେହିଭଳି ୦୮୪୧୦-୦୮୪୦୯ ପୁରୀ-ହାଓଡ଼ା-ପୁରୀ ସ୍ପେଶାଲ୍ ପୁରୀରୁ ୧୫ ସେପ୍ଟେମ୍ବର ରାତ୍ରି ୧୦ଘ.୪୦ମି.ରେ ଏବଂ ହାୱଡ଼ାରୁ ୧୬ ସେପ୍ଟେମ୍ବର ସନ୍ଧ୍ୟା ୭ଘ.୦୫ମି.ରେ ପ୍ରତିଦିନ ଛାଡିବ ବୋଲି ଜଣାପଡିଛି। ଏହି ଟ୍ରେନ୍ ପୁରୀ ଓ ହାଓଡ଼ା ମଧ୍ୟରେ ଉଭୟ ପାର୍ଶ୍ୱରୁ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର, କେନ୍ଦୁଝର ରୋଡ୍, ଭଦ୍ରକ୍, ବାଲେଶ୍ୱର, ବସ୍ତା, ଜଳେଶ୍ୱର, ବେଲଦା,ଖଡଗପୁର, ମେଛେଦା ଏବଂ ସାନ୍ତ୍ରାଗଛି ଷ୍ଟେସନ ମାନଙ୍କରେ ରହିବ। ସେହିପରି ଟ୍ରେନ ନଂ ୦୮୪୦୪-୦୮୪୦୩ ପୁରୀ-ଖୋର୍ଦ୍ଧାରୋଡ୍-ପୁରୀ ପାସେଞ୍ଜର ସ୍ପେଶାଲ୍ ପୁରୀରୁ ସେପ୍ଟେମ୍ବର ୨୦ଠାରୁ ସନ୍ଧ୍ୟା ୫ଘ.୪୫ମି.ରେ ଛାଡିବାକୁ ଥିବାବେଳେ ଏହା ସେପ୍ଟେମ୍ବର ୨୧ଠାରୁ ଖୋର୍ଦ୍ଧାରୋଡ଼ରୁ ସକାଳ ୭ଘ.୪୫ମି.ରେ ଛାଡି ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ଟ୍ରେନ୍ ଉଭୟ ଦିଗରୁ ପୁରୀ ଏବଂ ଖୋର୍ଦ୍ଧାରୋଡ୍ ମଧ୍ୟରେ ମାଳତୀପାଟପୁର, ଜାନକିଦେଇପୁର, ସାକ୍ଷୀଗୋପାଳ, ବୀରପୁରୁଷୋତ୍ତମପୁର, ଜେନାପୁର ରୋଡ଼, ଡେଲାଙ୍ଗ, କଣାସ ରୋଡ୍, ମୋଟାରୀ ଏବଂ ହରିପୁରଗ୍ରାମ ଷ୍ଟେସନରେ ରହିବ ବୋଲି ସୂଚନା ମିଳିଛି।

## ବିନୋଦିନୀ ଦେବୀ ପାଇବେ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ'

ଭୁବନେଶ୍ୱର, ୨।୯ (ବ୍ୟୁରୋ)

ଆସନ୍ତା ୫ ତାରିଖରୁ ୨୭ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ-୨୦୨୧ ଆରମ୍ଭ ହେବ। ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବ ଲାଗି ଚଳିତ ବର୍ଷ ପୁରସ୍କାର ଘୋଷଣା ହୋଇଛି। ଜୀବନବ୍ୟାପୀ ସାଧନା ପାଇଁ ବରିଷ୍ଠ ମଞ୍ଚ ଅଭିନେତ୍ରୀ ବିନୋଦିନୀ ଦେବୀଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ' ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ୧ ଲକ୍ଷ ଟଙ୍କା, ଉତ୍ତରୀୟ ଓ ସ୍ମୃତି ଫଳକ ପଦାନ କରାଯିବ। ସେହିପରି ଓଡ଼ିଶୀ ନୃତ୍ୟ ଶିଳ୍ପୀ ଆରୁଷୀ ମୁଦ୍‌ଗଲ୍ ଏବଂ ଓଡ଼ିଶୀ ମର୍ଦ୍ଦଳ ଶିଳ୍ପୀ ରାମଚନ୍ଦ୍ର ବେହେରାଙ୍କୁ ସେମାନଙ୍କ ସାଧନାର ସ୍ୱୀକୃତି ସ୍ୱରୂପ 'ଗୁରୁ କେଳୁଚରଣ ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯିବ। ଦୁହିଁଙ୍କୁ ୨୫ ହଜାର ଟଙ୍କା ଲେଖାଏ ଅର୍ଥରାଶି ସହ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ କରାଯିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ସେମାନଙ୍କୁ ସମ୍ମାନିତ କରିବେ। ସେହିପରି ଅଭିନେତ୍ରୀ ହେମା ମାଳିନୀ ଏବଂ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏନେଇ ଗୁରୁବାର 'ସୃଜନ'ର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

କରୋନା ପାଇଁ ଚଳିତବର୍ଷ ଭର୍ଚୁଆଲରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଦର୍ଶକ ଓ ଶ୍ରୋତାମଣ୍ଡଳୀ ଡିଜିଟାଲ ମାଧ୍ୟମ ଯଥା 'ସୃଜନ'ର ଫେସ୍‌ବୁକ୍ ଏବଂ ୟୁଟ୍ୟୁବ୍ ମାଧ୍ୟମରେ ପ୍ରତି ସନ୍ଧ୍ୟା ସାଢ଼େ ୭ଟାରେ ଉତ୍ସବକୁ ଉପଭୋଗ କରିପାରିବେ। ଏହି ଉତ୍ସବକୁ ଗୁରୁମା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଶର୍ମିଳା ମୁଖାର୍ଜୀଙ୍କ ଓଡ଼ିଶୀ, ସଙ୍ଗୀତା ଶଙ୍କରଙ୍କ ବେହେଲା, ଦ୍ୱିତୀୟ ସନ୍ଧ୍ୟାରେ ଅନିତା ମଲ୍ଲିକଙ୍କ ଭାରତନାଟ୍ୟମ୍, ରୂପକ କୁମାର ପରିଡ଼ାଙ୍କ ଓଡ଼ିଶୀ ସଙ୍ଗୀତ, ତୃତୀୟ ସନ୍ଧ୍ୟାରେ ଅନ୍ୱେଷା ମହାନ୍ତଙ୍କ ସତ୍ରୀୟା, ମଞ୍ଜୁଶା ପାଟିଲଙ୍କ ହିନ୍ଦୁସ୍ଥାନୀ ସଙ୍ଗୀତ, ଚତୁର୍ଥ ସନ୍ଧ୍ୟାରେ ନିକିତା ବନୱାଲିକରଙ୍କ କଥକ ଓ ଅଭିରାମ ନନ୍ଦଙ୍କ ବଂଶୀ ବାଦନ, ପଞ୍ଚମ ତଥା ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କାର ସହ 'ସୃଜନ'ର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। କାର୍ଯ୍ୟକ୍ରମର ନିର୍ଦ୍ଦେଶନା ଓ ପରିଚାଳନା ଗୁରୁ ମହାପାତ୍ର କରୁଥିବାବେଳେ ଏଥିରେ ତାଙ୍କୁ ଦେବୀପସାଦ ମିଶ୍ର ସହଯୋଗ କରିବେ। କାର୍ଯ୍ୟକ୍ରମର ମିଡିଆ ପାର୍ଟନର ଭାବେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ରହିଛି।

## ଆଧୁନିକ ଏଲଏଚବି କୋଚ୍ ସହ ଚଳାଚଳ କରିବ ହୀରାଖଣ୍ଡ

ଭୁବନେଶ୍ୱର,୨।୯

ଯାତ୍ରୀମାନଙ୍କୁ ଉତ୍ତମ ଓ ଆରାମଦାୟକ ଏବଂ ଜର୍କ ମୁକ୍ତ ଯାତ୍ରା ଯୋଗାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଚଳିତ ମାସରୁ ଆଧୁନିକ ଲିଙ୍କେ-ହୋଫମାନ-ବୁଶ (ଏଲଏଚବି) କୋଚ ସହିତ ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଚଳାଚଳ କରାଇବାକୁ ନିଷ୍ପତ୍ତି ହୋଇଛି। ୦୮୪୪୫-୦୮୪୪୬ ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ସ୍ୱତନ୍ତ୍ର ହୀରାଖଣ୍ଡ ଏକ୍ସପ୍ରେସ ୧୦ ସେପ୍ଟେମ୍ବର ଠାରୁ ଭୁବନେଶ୍ୱରରୁ ଏବଂ ସେପ୍ଟେମ୍ବର୧୧ ଠାରୁ ଜଗଦଲପୁରରୁ ଏହି ଏଲଏଚବି କୋଚ୍ ସହିତ ଯାତାୟାତ କରିବ। ସ୍ପେଶାଲ୍ ହୀରାଖଣ୍ଡ ଏକ୍ସପ୍ରେସ୍ ବର୍ତ୍ତମାନ ପୂର୍ବ ଭଳି ୧୨କୋଚ୍ ଯଥା ଗୋଟିଏ ଏସି-୨ ଟାୟାର, ଦୁଇଟି ଏସି ୩ ଟାୟାର, ଚାରିଟି ସ୍ଲିପର କ୍ଲାସ, ତିନିଟି ୨ୟ ଶ୍ରେଣୀ ସିଟିଙ୍ଗ ଏବଂ ଦୁଇଟି ଗାର୍ଡ ତଥା ଲଗେଜ ଭ୍ୟାନ ମିଶ୍ରଣ ସହିତ ଚଳାଚଳ କରିବ ବୋଲି ସୂଚନା ମିଳିଛି। ଏହାର ଗଠନରେ କେବଳ ପାରମ୍ପରିକ କୋଚଗୁଡ଼ିକୁ ବଦଳାଇ ଏଲଏଚବି କୋଚ୍ ଦ୍ୱାରା ଚଳାଚଳ ହେବ। ଏଲ.ଏଚ.ବି. କୋଚର ଅନେକ ଗୁଡିଏ ବୈଶିଷ୍ଟତା ରହିଛି। ଏହା ଆଣ୍ଟି ଟେଲିସ୍କୋପିକ, ଦ୍ୱୈତ ବଫର ପ୍ରଣାଳୀ ପରିବର୍ତ୍ତେ କେନ୍ଦ୍ରୀୟ ବଫର କପଲିଙ୍ଗ ପ୍ରଣାଳୀ ଯୁକ୍ତ ଏହି ଆଧୁନିକ ପ୍ରଣାଳୀର ଏଲ.ଏଚ.ବି. କୋଚ ଦୁର୍ଘଟଣା ସମୟରେ କୋଚ ଉପରେ କୋଚ ଚଢି ନଯାଇ ପାଖାପାଖି ହୋଇ ରହିଯାଏ ଏବଂ କୋଚ ଗୁଡିକ ପୂର୍ବ କୋଚ ଭଳି ଓଲଟି ଯାଇନଥାଏ। ପୂର୍ବ ପ୍ରଚଳିତ କୋଚ ଅପେକ୍ଷା ଏହାର ଲମ୍ବା ଅଧିକ ଥିବାରୁ ଅଧିକ ବର୍ଥ କ୍ଷମତା ବୃଦ୍ଧି କରିଥାଏ। ଏହି ନୂତନ ପ୍ରଣାଳୀର କୋଚ୍ ଗୁଡିକର ରକ୍ଷଣାବେକ୍ଷଣ ଖର୍ଚ୍ଚ କମ ଅଟେ। ଏହା ମଧ୍ୟ ପୂର୍ବ ପ୍ରଚଳିତ କୋଚ୍ ତୁଳନାରେ କମ ଖର୍ଚ୍ଚରେ ଉପଲବ୍ଧ ରହିବ।

## ଠିକାଦାରଙ୍କ ଘରକୁ ଗୁଳିମାଡ଼

**ପୋଲିସ,ସାଇଣ୍ଟିଫିକ ଟିମ୍‌ର ତଦନ୍ତ**

ଖଲ୍ଲିକୋଟ,୨।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ କହ୍ନେଇପୁର ଗ୍ରାମର ଜଣେ ଠିକାଦାରଙ୍କ ଘରକୁ ବୁଧବାର ରାତିରେ ଗୁଳିମାଡ଼ କରାଯାଇଛି। ଦୁର୍ବୃତ୍ତମାନେ ୩ ରାଉଣ୍ଡ ଗୁଳି ଚଳାଇଥିବା ବେଳେ ତାହା କବାଟ କଣାକରି ଘର ଭିତରକୁ ପଶିଛି। ସୌଭାଗ୍ୟବଶତଃ ଏଥିରେ କାହାରି କିଛି କ୍ଷତି ହୋଇନାହିଁ। ଗୁରୁବାର ସକାଳେ ଠିକାଦାର ରଞ୍ଜିତ ପଟ୍ଟନାୟକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳକୁ ଯାଇ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳି ମାଡ଼ ହୋଇଥିବା ସନ୍ଦେହ କରାଯାଉଛି। ରଞ୍ଜିତଙ୍କ ସୂଚନା ଅନୁଯାୟୀ, ବୁଧବାର ମଧ୍ୟରାତ୍ରରେ ୪ରୁ ଅଧିକ ଦୁର୍ବୃତ୍ତ ଆସି ତାଙ୍କ ଘର ପାଚେରି ଡେଇଁ କବାଟ ବାଡ଼େଇଥିଲେ। ରଞ୍ଜିତ ଭୟରେ କବାଟ ନ ଖୋଲିବାରୁ ସେମାନେ କବାଟକୁ ୩ ରାଉଣ୍ଡ ଗୁଳି ଚଳାଇଥିଲେ। ଏ ନେଇ ଅଭିଯୋଗ ପରେ ଗଞ୍ଜାମ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଏସ୍‌ଡିପିଓ ଗୌତମ କିଶାନ, ଖଲ୍ଲିକୋଟ ଥାନା ଏସ୍‌ଆଇ ଅମ୍ବିକା ବେଣିଆ ଓ କାର୍ତ୍ତିକ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାସ୍ଥଳରୁ ୩ଟି ଖୋକା ଜବତ କରାଯାଇଛି।



ଗୁଳି ବାଜି କଣା ହୋଇଥିବା କବାଟ।

## ଆରମ୍ଭ ହେଲା ଅନ୍‌ଲାଇନ ଦେୟ ପୈଠ ୨.୦ ସଂସ୍କରଣ

**ଇଣ୍ଡିଆନ୍, ଆକ୍ସିସ୍ ବ୍ୟାଙ୍କର ଦେୟ ପୈଠ ବ୍ୟବସ୍ଥା ଟ୍ରେଜେରି ସହ ସଂଯୋଜିତ**

ଭୁବନେଶ୍ୱର, ୧।୯(ବ୍ୟୁରୋ)

ରାଜ୍ୟ ଅର୍ଥ ବିଭାଗ ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (ଆଇ.ଏଫ୍.ଏମ୍.ଏସ୍) ଅନ୍ତର୍ଗତ ଇ-ରିସିଟ୍ ଓ ଇ-ବିତରଣ ପ୍ରକ୍ରିୟାରେ ଇ-ଗଭର୍ଣ୍ଣାନ୍ସକୁ ତ୍ୱରାନ୍ୱିତ କରିବା ସହ ନାଗରିକଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ଏକାଧିକ ନୂତନ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି । ଏହି କ୍ରମରେ ପୁନଃସରଳୀକୃତ ଇଲେକ୍‌ଟ୍ରୋନିକ୍ ରିସିଟ୍ ବ୍ୟବସ୍ଥା ଇ-ରିସିପ୍ଟ ୨.୦ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଲୋକସେବା ଭବନରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଥିଲେ, ଏହି ବ୍ୟବସ୍ଥା ମାଧ୍ୟମରେ ସାଧାରଣ ନାଗରିକ, ବ୍ୟବସାୟିକ ସଂସ୍ଥା, ଶିକ୍ଷାନୁଷ୍ଠାନ, ବିଭିନ୍ନ ସେବା ଉପଭୋକ୍ତାମାନେ ବିଭିନ୍ନ ପ୍ରକାର ସରକାରୀ ଦେୟ ଓ ଟିକସ ଆଦି ନିଜ ନିଜ ସ୍ଥାନରେ ରହି ପୈଠ କରିପାରିବେ। ବୈଦ୍ୟୁତିକ-ଦେୟ ପୈଠ ବ୍ୟବସ୍ଥାର ପୂର୍ବ ସଂସ୍କରଣରେ କେବଳ ଅନଲାଇନ୍ ଇଲେକ୍‌ଟ୍ରୋନିକ୍ ମୋଡ୍‌ରେ ସରକାରୀ ଦେୟ ଦାଖଲ ହୋଇ ପାରୁଥିଲା। ୨ୟ ସଂସ୍କରଣ ମାଧ୍ୟମରେ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ, ୟୁ.ପି.ଆଇ ଆଇଡି, କ୍ୟୁ.ଆର୍. କୋର୍ଡ ଏବଂ ୱାଲେଟ୍ ଆଦିକୁ ବ୍ୟବହାର କରି ମଧ୍ୟ ସରକାରୀ ଦେୟ ପୈଠ କରାଯାଇପାରିବ। ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏହି ବ୍ୟବସ୍ଥାର ନୂତନ ପରିବର୍ଦ୍ଧିତ ଓ ସରଳୀକୃତ ସଂସ୍କରଣରେ ଥିବା ଅତିରିକ୍ତ ସୁବିଧା ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପିତ କରିଥିଲେ । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ବୈଠକରେ ଯୋଗଦେଇ କହିଥିଲେ, ଟିକସ ପ୍ରଦାନକାରୀଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାର ବିଗତ ବର୍ଷଗୁଡିକରେ ଅନ୍‌ଲାଇନ୍ ଏବଂ ବୈଦ୍ୟୁତିକ-ରସିଦ୍ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ବ୍ୟବସ୍ଥାର କାର୍ଯ୍ୟାନ୍ୱୟନରୁ ମିଳିଥିବା ଅନୁଭୂତି ଅନୁସାରେ ଏହି ବ୍ୟବସ୍ଥାକୁ କ୍ରମାଗତ ଭାବେ ନବୀକୃତ କରାଯାଇଛି। ବର୍ତ୍ତମାନର ୨.୦ ସଂସ୍କରଣ ଏକ ଅତ୍ୟାଧୁନିକ ସରଳୀକୃତ ବ୍ୟବସ୍ଥା। ଏହି ଅବସରରେ ଇଣ୍ଡିଆନ୍ ବ୍ୟାଙ୍କ ଏବଂ ଆକ୍ସିସ୍ ବ୍ୟାଙ୍କର ସର୍ଭିସ୍ ପୋର୍ଟାଲରୁ ସମନ୍ୱିତ ଟ୍ରେଜେରୀ ପରିଚାଳନା ପୋର୍ଟାଲ୍ ସହ ସଂଯୋଜିତ କରାଯାଇଥିଲା। ଏଥିପାଇଁ ରାଜ୍ୟ ସରକାର ଏବଂ ଇଣ୍ଡିଆନ୍ ଓ ଆକ୍ସିସ୍ ବ୍ୟାଙ୍କ ମଧ୍ୟରେ ସେବା ସ୍ତର ବୁଝାମଣା(ସର୍ଭିସ୍ ଲେଭେଲ୍ ଏଗ୍ରିମେଣ୍ଟ) ସ୍ୱାକ୍ଷରିତ ହୋଇଥିଲା। ରାଜ୍ୟ ସରକାରଙ୍କ ତରଫରୁ ଟ୍ରେଜେରୀ ନିର୍ଦ୍ଦେଶକ ରୂପ୍ ନାରାୟଣ ଦାସ, ଆକ୍ସିସ୍ ବ୍ୟାଙ୍କ ଓଡ଼ିଶା ସର୍କଲ୍ ମୁଖ୍ୟ ବିପ୍ଳବୀ ପଟ୍ଟନାୟକ ଏବଂ ଇଣ୍ଡିଆନ୍ ବ୍ୟାଙ୍କ୍ ଓଡ଼ିଶା ଜୋନାଲ୍ ମ୍ୟାନେଜର ଆର୍ ଶ୍ରୀନିବାସନ୍ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ବଳରେ ଉକ୍ତ ବିଲ୍ ଡେସ୍କ ଏବଂ ସି.ସି.ଆଭେନ୍ୟୁ ନାମକ ଅନ୍ୟ ୨ଟି ଦେୟ ପୈଠ ମାଧ୍ୟମ(ପେମେଣ୍ଟ) ବ୍ୟବହାର କରିପାରିବେ। ପ୍ରମୁଖ ଶାସନ ସଚିବ ବିଶାଳ ଦେବ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୩୭ ଟି ସରକାରୀ ବିଭାଗ ଟ୍ରେଜେରୀର ସରକାରୀ ଟିକସ୍ ଓ ଦେୟ ସଂଗ୍ରହ ବ୍ୟବସ୍ଥା ମାଧ୍ୟମରେ କାର୍ଯ୍ୟ କରୁଛନ୍ତି। ଏହା ସହିତ ୧୩ଟି ସାଧାରଣ ଉଦ୍ୟୋଗ ଏବଂ ଘରୋଇ ବ୍ୟାଙ୍କ୍ ମଧ୍ୟ ଏହା ସହିତ ସଂଯୋଜିତ ହୋଇଛନ୍ତି। ୩୭ଟି ବିଭାଗ ଅନ୍ତର୍ଗତ ପ୍ରାୟ ୧୫୦ ପ୍ରକାର ବିଭିନ୍ନ ସେବା ପ୍ରଦାନ ପାଇଁ ଏହି ବୈଦ୍ୟୁତିକ ବ୍ୟବସ୍ଥାର ବ୍ୟବହାର କରାଯାଉଛି।

# କୋଭିଡ୍ ପୂର୍ବ ସ୍ଥିତିକୁ ଫେରିବ ଜିଡିପି

ନୂଆଦିଲ୍ଲୀ,୨।୯




ସରକାର ମଙ୍ଗଳବାର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ଜିଡିପି ଡାଟା ଜାରି କରିଛନ୍ତି। ଏଥିରେ ୨୦.୧% ବୃଦ୍ଧି ପରିଲକ୍ଷିତ ହୋଇଛି। ଜିଡିପି ୨୦% ରହିବ ବୋଲି ବ୍ଲୁମବର୍ଗର ଅର୍ଥନୀତିଜ୍ଞମାନେ ଆକଳନ କରିଥିଲେ। ଜିଡିପିରେ 'ଭି' ଆକୃତିର ସୁଧାର ପରିଲକ୍ଷିତ ହେଉଥିବା କୁହାଯାଉଛି। ଭାରତୀୟ ଅର୍ଥ ବ୍ୟବସ୍ଥା ଶୀଘ୍ର କୋଭିଡ ପୂର୍ବ ସ୍ଥିତିକୁ ଫେରିବ ବୋଲି ବିଶେଷଜ୍ଞ ଆକଳନ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ଜୁନ ତ୍ରୈମାସରେ ଜିଡିପି ୩୨.୩୮ ଲକ୍ଷ କୋଟି ଟଙ୍କା ରହିଛି। ୨୦୧୯-୨୦ ସମାନ ତ୍ରୈମାସରେ ଜିଡିପି ୩୫.୬୬ ଲକ୍ଷ କୋଟି ଟଙ୍କା ସ୍ତରରେ ରହିଥିଲା। କୋଭିଡ-୧୯ ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥାକୁ ଗଭୀର ଭାବେ ଝଟକା ଲାଗିଛି। ସାରା ଦେଶରେ ଲକଡାଉନ ଘୋଷଣା ହେବା ଦ୍ୱାରା ଆର୍ଥିକ କାର୍ଯ୍ୟକଳାପ ବନ୍ଦ ହୋଇ ଯାଇଥିଲା। ଫଳରେ ଜିଡିପି ୨୬.୯୫ ଲକ୍ଷ କୋଟି ଟଙ୍କା ସ୍ତରକୁ ଖସି ଯାଇଥିଲା।

ଜୁନ ତ୍ରୈମାସ ଜିଡିପି ଡାଟାକୁ ନେଇ ସରକାର ବେଶ ଉତ୍ସାହିତ ରହିଛନ୍ତି। ଆଗାମୀ ତ୍ରୈମାସଗୁଡ଼ିକରେ ଜିଡିପି ସ୍ତର ଉନ୍ନତ ରହିବା ନେଇ ସରକାର ଆଶାବାଦି ରହିଛନ୍ତି। ଜିଡିପି ଅଭିବୃଦ୍ଧି ଅନୁମାନକୁ ବଢାଯିବା ନେଇ ସମ୍ଭାବନା ରହିଥିବା ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି। ସମ୍ପତ୍ତି ସୃଷ୍ଟି କରିବା ଭଳି ପଦକ୍ଷେପ ଉପରେ ସରକାର ବର୍ତ୍ତମାନ ଧ୍ୟାନ ଦେଉଛନ୍ତି। ଏହାର ଉନ୍ନତ ପ୍ରଭାବ ବଜାର ଉପରେ ଦେଖିବାକୁ ମିଳିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

ଚଳିତ ଆର୍ଥିକ ବର୍ଷରେ ଜିଡିପି ଯଦି ୯.୮% ଅଭିବୃଦ୍ଧି ହାସଲ କରେ ତେବେ ୨୦୧୯-୨୦ ତୁଳନାରେ ଏହା ୧.୮% ଅଧିକ ରହିବ। ପ୍ରଥମ ତ୍ରୈମାସରେ ଜିଡିପି ଯେଉଁ ଭଳି ପ୍ରଦର୍ଶନ କରିଛି। ଆଗାମୀ ତ୍ରୈମାସରେ ଯଦି ଏହା ଜାରି ରହେ ତେବେ ଅର୍ଥ ବ୍ୟବସ୍ଥା ପାଇଁ ଭଲ ଦିନ ଆସିବ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ତେବେ ୨୦୨୨-୨୩ ଏବଂ ଏହାର ପରବର୍ତ୍ତୀ ଆର୍ଥିକ ବର୍ଷଗୁଡ଼ିକରେ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ୭-୮% ରହିବ ବୋଲି ବିଶେଷଜ୍ଞ ଅନୁମାନ ଲଗାଇଲେଣି। ଜିଏସ୍‌ଟି ଆଦାୟ, ଡିଜିଟାଲ ନେଣଦେଣ ଏବଂ ଇ-ୱେ ବିଲ୍ କ୍ଷେତ୍ରରେ ଭଲ ରେସପନ୍ସ ଦେଖିବାକୁ ମିଳିଛି। ଏହା ଅର୍ଥ ବ୍ୟବସ୍ଥା ଲାଗି ଶୁଭ ସଙ୍କେତ ବୋଲି କୁହାଯାଉଛି। ଚଳିତ ଆର୍ଥିକ ବର୍ଷ ଜିଡିପି ୯.୫% ରହିବ ବୋଲି ଆର୍‌ବିଆଇ ଅନୁମାନ ଲଗାଇଛି।

# ମେଡାଲ ବିଜେତା ଛାତ୍ରଙ୍କୁ ଏଲ୍‌ପିୟୁର ସମ୍ବର୍ଦ୍ଧନା




ଭୁବନେଶ୍ୱର,୨।୯

ଲଭ୍‌ଲି ପ୍ରଫେଶନାଲ ୟୁନିଭର୍ସିଟି(ଏଲ୍‌ପିୟୁ) ପକ୍ଷରୁ ଟୋକିଓ ଅଲିମ୍ପିକରେ ମେଡାଲ ଜିତିଥିବା ଏହାର ୧୩ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭାରତୀୟ ହକି ଦଳର ଖେଳାଳି ଏବଂ ନୀରଜ ଚୋପ୍ରା ଏହା ମଧ୍ୟରେ ସାମିଲ ଅଛନ୍ତି। ନୀରଜଙ୍କୁ ୟୁନିଭର୍ସିଟି ପକ୍ଷରୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେ ଗୋଲ୍ଡ ମେଡାଲ ଜିତିଥିବାରୁ ତାଙ୍କୁ ଏକ ଗୋଲ୍ଡ ଜାଭେଲିନ ମଧ୍ୟ ଦିଆଯାଇଛି। ହକି ଟିମ୍‌ର ମନ୍‌ପ୍ରୀତ ସିଂଙ୍କ ସମେତ ଅନ୍ୟ ୯ ଜଣକୁ ୮୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଲ୍‌ପିୟୁ କ୍ୟାମ୍ପସରେ ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀତି ଆୟୋଗ ସିଇଓ ଅମିତାଭ କାନ୍ତ ଯୋଗଦେଇଥିଲେ। ସେହିଭଳି ବ୍ରୋଞ୍ଜ ମେଡାଲ ବିଜେତା ବଜରଙ୍ଗ ପୁନିଆଙ୍କୁ ୧୦ ଲକ୍ଷ, ପାରାଲିମ୍ପିକ ହାଇଜମ୍ପରେ ରୌପ୍ୟ ପଦକ ଜିତିଥିବା ନିଶାଦ କୁମାରଙ୍କୁ ୨୫ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ଅନୁଷ୍ଠାନର ଛାତ୍ରଙ୍କର ଅଲିମ୍ପିକରେ ଏଭଳି ସଫଳତା ସାରା ଦେଶବାସୀଙ୍କ ଲାଗି ଗର୍ବର ବିଷୟ ବୋଲି ଏଲ୍‌ପିୟୁ ଚାନ୍‌ସେଲର ଅଶୋକ ମିତ୍ତଲ କହିଛନ୍ତି।

## ସଂକ୍ଷେପରେ

### ୱାର୍ଲ୍ଡ ଅଫ୍ ଟାଇଟାନର ପ୍ରିମିୟମ ଷ୍ଟୋର

**ଭୁବନେଶ୍ୱର,୨।୯:** ଟାଇଟନ୍ କମ୍ପାନି ଲିମିଟେଡ୍‌ର ୱାଚ ରିଟେଲର, ଟାଇଟନ୍ ୱାର୍ଲ୍ଡ ପକ୍ଷରୁ ଓଡ଼ିଶାରେ ଏହାର ୧୭ତମ ଷ୍ଟୋର୍ ଶୁଭାରମ୍ଭ ହୋଇଛି। ସହରରେ ବ୍ରାଣ୍ଡର ଏହା ଷଷ୍ଠ ଷ୍ଟୋର୍ ହୋଇଥିବା ବେଳେ ଏହା ହେଉଛି ଆଧୁନିକ ଆକର୍ଷଣ ଥିବା ପୂର୍ବାଞ୍ଚଳର ପ୍ରଥମ ଷ୍ଟୋର୍ ଯାହା କୋଚ୍, ସେଇକୋ ଓ ସିଟିଜେନ୍ ଭଳି ଆନ୍ତର୍ଜାତିକ ବ୍ରାଣ୍ଡର ୱାଚ ଉପସ୍ଥାପନ କରୁଛି। ଟାଇଟନ୍ କମ୍ପାନି ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସି.କେ. ଭେଙ୍କଟରମଣ ଏହି ଷ୍ଟୋର୍‌କୁ ଉନ୍ମୋଚନ କରିଥିଲେ। ଏଠାରେ ବିଭିନ୍ନ ହାତଘଣ୍ଟା ଗ୍ରାହକ ଲାଭ କରିପାରିବେ। ଟାଇଟନ୍‌ରେ ପୁରୁଷ, ମହିଳା, କିଶୋର ଓ ଶିଶୁ ସମସ୍ତଙ୍କ ପାଇଁ କିଛି ହଜାରରୁ ଅଧିକ ଡିଜାଇନ୍, ବିଶେଷ କରି ଗ୍ରାହକମାନେ ପାଇପାରିବେ। ଟାଇଟନ୍‌ର ସଦ୍ୟତମ ସମ୍ଭାର- ମିଡ୍‌ନାଇଟ୍ ଗୋଲ୍ଡ ଏଜ୍ ସେରାମିକ୍, ମିନିମାଲ୍‌ସ ଆଦି ସହିତ ନୂଆ ବର୍ଗ କୋଚ୍, ସେଇକୋ ଓ ସିଟିଜେନ୍ ଭିତରୁ ଚୟନ କରିପାରିବେ।

### ଏଏମ୍‌ଏନ୍‌ଏସ୍‌ର ନୂଆ ପେଲେଟ ପ୍ଲାଣ୍ଟ ଆରମ୍ଭ

**ଭୁବନେଶ୍ୱର,୨।୯:** ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ(ଏଏମ୍‌ଏନ୍‌ଏସ୍) ପକ୍ଷରୁ ପାରାଦୀପରେ ୬ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଦ୍ୱିତୀୟ ପେଲେଟ୍ ପ୍ଲାଣ୍ଟର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ଦ୍ୱାରା କମ୍ପାନୀର ପାରାଦୀପସ୍ଥିତ ପାଣ୍ଟର କ୍ଷମତା ଦ୍ୱିଗୁଣ ହୋଇ ବାର୍ଷିକ ୧୨ ନିୟୁତ ଟନ୍‌ରେ ପହଞ୍ଚିଛି। ସେହିଭଳି ଦେଶର ସର୍ବବୃହତ୍ତ ପେଲେଟ କମ୍ପ୍ଲେକ୍ସ ଭାବେ ଏହା ଏବେ ପରିଗଣିତ ହୋଇଛି। ବର୍ତ୍ତମାନ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ପେଲେଟ ଉତ୍ପାଦନ କ୍ଷମତା ୨୦ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ପାରାଦୀପରେ ଆରମ୍ଭ ହୋଇଥିବା ଫାସିଲିଟି କମ୍ପାନୀ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଇଓ ଦିଲୀପ ଓମେନ କହିଛନ୍ତି। ସାରା ଦେଶରେ ଇସ୍ପାତ ଉତ୍ପାଦନ କ୍ଷମତା ୩୦୦ ନିୟୁତ ଟନ୍‌କୁ ପହଞ୍ଚାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଓଡିଶା ଅପରେଶନର କାର୍ଯ୍ୟନିର୍ବାହୀ ଅଧିକାରୀ ଜି.ସୁରେଶ, ଷ୍ଟ୍ରାଟେଜିକ ପ୍ରଡକ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ଟି.ଏସ୍.ସାନଭୋଗେ, ପେଲେଣ୍ଟ ପ୍ଲାଣ୍ଟ ଅପରେଶନ ମୁଖ୍ୟ ୟୁଏସ୍‌ଆର୍ ରାଜୁ ଏବଂ ମାନବ ସମ୍ବଳ ବିଭାଗ ମୁଖ୍ୟ ପି.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ପିଏନ୍‌ବି ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ

**ଭୁବନେଶ୍ୱର,୨।୯:** ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଓଡ଼ିଶା ଅଧିନରେ ଥିବା ଏହାର ସମସ୍ତ ନିୟନ୍ତ୍ରଣ କାର୍ଯ୍ୟାଳୟ ଏବଂ ଶାଖା ଗୁଡିକ ମଧ୍ୟ ନିଜ ନିଜ ଅଞ୍ଚଳରେ ଏହି ସ୍ୱଚ୍ଛତା ପକ୍ଷ ପାଳନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ ଭରଦ୍ୱାଜ କର୍ମଚାରୀମାନଙ୍କୁ ସ୍ୱଚ୍ଛତାର ମହତ୍ୱ ବିଷୟରେ ସଚେତନ କରାଇବା ସହ ପ୍ଲାଷ୍ଟିକର ଏକକ ବ୍ୟବହାରଠାରୁ ନିଜକୁ ଦୂରେଇ ରଖି ନିଜ ପରିବେଶର ସ୍ୱଚ୍ଛତାକୁ ବଜାୟ ରଖିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ।

### ୟୁକୋ ବ୍ୟାଙ୍କର ସ୍ୱଚ୍ଛତା ପକ୍ଷ

**ବାଲେଶ୍ୱର,୨।୯:** ୟୁକୋ ବ୍ୟାଙ୍କର ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ 'ଆଜାଦୀ କା ଅମୃତ ମହୋତ୍ସବ' ବ୍ୟାନର୍‌ରେ ଗତ ଅଗଷ୍ଟ ୧୬ରୁ ୩୧ ତାରିଖ ମଧ୍ୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ସ୍ଥାନୀୟ ଓ.ଟି ରୋଡ ସ୍ଥିତ ବ୍ୟାଙ୍କ ଅଞ୍ଚଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ବିଭିନ୍ନ ସ୍ଥାନ ସଫା ସୁତୁରା କରି ଲୋକମାନଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏକ ସଭାରେ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ଲଲାଟେନ୍ଦୁ ବେହେରା ପରିବେଶକୁ ସ୍ୱଚ୍ଛ ରଖିବା ଆମର ପ୍ରଥମ କର୍ତ୍ତବ୍ୟ ଅଟେ ଏବଂ ଏହା ଯୋଗୁ ଆମେ ଏକ ସୁସ୍ଥ ଜୀବନ ଅତିବାହିତ କରିପାରିବା ବୋଲି କହିଥିଲେ।

# ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ୀକରଣ ଲାଗି ଆହ୍ୱାନ

ଭୁବନେଶ୍ୱର,୨।୯



ଆଇସିସି ପକ୍ଷରୁ ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତଙ୍କ ସହ ଆଲୋଚନା

ଭାରତରେ ଅବସ୍ଥାପିତ ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତ ବେରି ଓ'ଫାରେଲ୍ ଏଓଙ୍କ ନେତୃତ୍ୱାଧୀନ ଟିମ୍ ସହିତ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଏକ ଆଲୋଚନା କାର୍ଯ୍ୟକ୍ରମ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତ ବେରି ଓ'ଫାରେଲ୍ ଏଓ ଓଡ଼ିଶାକୁ ଗୁରୁତ୍ୱ ଦେଇ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ଆହ୍ୱାନ ଦେଇଛନ୍ତି। ଖଣି, ଶକ୍ତି, ଖଣିଜ, ପରିବହନ ଭିତ୍ତିଭୂମି, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ ପ୍ରଶିକ୍ଷଣ କ୍ଷେତ୍ରରେ ଓଡ଼ିଶା ସହ ସମ୍ପର୍କ ଦୃଢ଼ କରାଯାଇପାରିବ ବୋଲି ସେ କହିଛନ୍ତି। ଅଷ୍ଟ୍ରେଲିଆର ଲଜିଷ୍ଟିକ ଓ ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ଭାରତୀୟ କମ୍ପାନିଗୁଡ଼ିକ ଲାଗି ସହଯୋଗିତା ସ୍ଥାପନ କରିବାର ସୁଯୋଗ ଥିବା ସେ କହିଛନ୍ତି।

କୋଲକାତାରେ ଥିବା ଅଷ୍ଟ୍ରେଲିଆ ବାଣିଜ୍ୟ ଦୂତାବାସର ବାଣିଜ୍ୟ ରାଷ୍ଟ୍ରଦୂତ ମିସ୍ ରୋୱାନ୍ ଏନ୍‌ସ୍‌ୱର୍ଥ ମହିଳା ସଶକ୍ତୀକରଣ ଓ ମେଡିକାଲ୍ ପର୍ଯ୍ୟଟନ ଉପରେ ଆଲୋକପାତ କରିଛନ୍ତି। ସୁଲଭ ଚିକିତ୍ସା ପାଇଁ ନୂଆ ପ୍ରଯୁକ୍ତି କ୍ଷେତ୍ରରେ ଅଷ୍ଟ୍ରେଲିଆ ସହିତ ସହଯୋଗିତା ସ୍ଥାପନ କରିବାର ସୁଯୋଗ ଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଜେ.ବି. ପାଣି, ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଏମ୍ କେ ଗୁପ୍ତା, ମିସ୍ ସୁକୀର୍ତ୍ତି ପଟ୍ଟନାୟକ, ସଂଯୋଜିକା, ଆଇସିସି ମହିଳା ଉଦ୍ୟୋଗୀ କମିଟି, ସହ ସଂଯୋଜିକା ଡକ୍ଟର ଚିଦ୍ଦିତ୍ମିକା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ସେଣ୍ଟ୍ରାଲ୍ ବ୍ୟାଙ୍କ ପକ୍ଷରୁ କ୍ରେଡିଟ କ୍ୟାମ୍ପ

**ଭୁବନେଶ୍ୱର,୨।୯:** ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ) ର ପିତଳ ଶାଖା ପକ୍ଷରୁ ଏକ ବହୁମୁଖୀ କ୍ରେଡିଟ୍ କ୍ୟାମ୍ପ ଏବଂ କୃଷକ ସମ୍ପର୍କ ଅଭିଯାନ ଗଞ୍ଜାମ ଜିଲ୍ଲାର ହିଞ୍ଜିଳି ଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ କୋଲକାତା ଜୋନ୍‌ର ମହାପ୍ରବନ୍ଧକ ଡି.ଏନ୍ ରାଜେନ୍ଦ୍ର କୁମାର, ଭୁବନେଶ୍ୱର କ୍ଷେତ୍ରର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ପ୍ରଦୀପ କୁମାର ସାମନ୍ତରାୟ, ପିତଳ ଶାଖାର ଶାଖା ପ୍ରବନ୍ଧକ ସତ୍ୟ ପ୍ରକାଶ ଭୂୟାଁ ଏବଂ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ୧୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୪.୩୬ କୋଟି ଟଙ୍କାର ଋଣ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ବିଜୟ କୁମାର କାଲୁଙ୍ଗେ, ଗଞ୍ଜାମ ଜିଲ୍ଲାର ଏଲ୍‌ଡିଏମ୍ ଅଶୋକ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରିଟେଲ୍, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ ଋଣ ବଣ୍ଟନ କରିଥିଲେ।

# ଦକ୍ଷତା ବିକାଶ ଲାଗି ଏନ୍‌ବିସିସିର ପଦକ୍ଷେପ

ଭୁବନେଶ୍ୱର,୨।୯



ଦକ୍ଷତା ବିକାଶ କ୍ଷେତ୍ରରେ କାର୍ଯ୍ୟକରିବା ଲାଗି ଏନ୍‌ବିସିସି ପକ୍ଷରୁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ଏହି ଆଧାରରେ ଏନ୍‌ବିସିସି ଏବଂ କନ୍‌ଷ୍ଟ୍ରକଶନ ସ୍କିଲ୍ ଡେଭଲପମେଣ୍ଟ କାଉନସିଲ ଅଫ୍ ଇଣ୍ଡିଆ(ସିଏସ୍‌ଡିସିଆଇ) ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏନ୍‌ବିସିସିର ଏଚ୍‌ଆର୍‌ଏମ୍ ଇଡି ମାନସ କବିରାଜ ଏବଂ ସିଏସ୍‌ଡିସିଆଇ ସିଇଓ ନରେନ୍ଦ୍ର ଦେଶପାଣ୍ଡେଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ହୋଇଛି। ସାରା ଦେଶରେ ରହିଥିବା ବିଭିନ୍ନ କନ୍‌ଷ୍ଟ୍ରକଶନ ସାଇଟ୍‌ରେ ଏନ୍‌ବିସିସି ବହୁ ଦକ୍ଷତା ବିକାଶ ଏବଂ ରିକଗନିଶନ ପ୍ରାୟର ଲର୍ନିଂ କାର୍ଯ୍ୟକ୍ରମମାନ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ମିଶନ ଆଧାରରେ ଦେଶର ଶ୍ରମଶକ୍ତିକୁ ସଶକ୍ତ କରାଇବା ଦିଗରେ ଏନ୍‌ବିସିସି ପକ୍ଷରୁ ଏଭଳି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି।

# ନୂଆ ରୟାଲ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦




**ନୂଆଦିଲ୍ଲୀ,୨।୯:** ରୟାଲ ଏନଫିଲ୍ଡ ପକ୍ଷରୁ ନୂଆ ରୟାଲ ଏନ୍‌ଫିଲ୍ଡ କ୍ଲାସିକ ୩୫୦ ବଜାରକୁ ଆସିଛି। କ୍ଲାସିକ ସୌନ୍ଦର୍ଯ୍ୟ ଓ ଆତ୍ମ ବିଶ୍ୱାସକୁ ଅଧିକ ସୁଗମ ଏବଂ ପରିଭାଷିତ ଚାଳନା ଅନୁଭୂତି ସହ ଏହାକୁ ପ୍ରସ୍ତୁତ କରାଯାଇଛି। ନୂଆ ମଡେଲଟି ନୂଆ ଚେସିସ ସହ ଆସିଛି। ଜେ ସିରିଜ ଇଞ୍ଜିନ ଉପରେ ନିର୍ମିତ ଏହି ମଡେଲଟି ଅତୁଳନୀୟ ଚଳନା ଅଭିଜ୍ଞତା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଏହା ୧୧ଟି କଲର ଏବଂ ନୂତନ ଏବଂ ଆକର୍ଷଣୀୟ ଭାରିଆଣ୍ଟ ସହ ଆସୁଛି। ଏହାର ସମସ୍ତ ଭାରିଆଣ୍ଟ ଲାଗି ବୁକିଂ ଟେଷ୍ଟ ରାଇଡ ଭାରତର ସମସ୍ତ ଡିଲରଶିପରେ ଆରମ୍ଭ ହୋଇଛି। ରେଡିଚ୍ ସିରିଜ ଚଳିତ ବର୍ଷ ଅକ୍ଟୋବରରୁ ଷ୍ଟୋରରେ ଉପଲବ୍ଧ। ନୂଆ କ୍ଲାସିକ ୩୫୦ ରେଡିଚ୍‌ର ବଜାର ଦର ୧.୮୪ ଲକ୍ଷ ଟଙ୍କା ରହିବ।

GRIDCO Limited
(A Govt. of Odisha Undertaking)
GRIDCO Empowering Orissa
Regd. Office:Janpath, Bhubaneswar-751022, Odisha

**Corrigendum-II to Tender No.: 01/2021 Dated 27.07.2021**

Corrigendum-II to GRIDCO's Tender No.:01/ 2021 dated 27.07.2021 regarding sale of power to the State Industries with CGP through DISCOMs issued for extension of bid submission date and other terms & conditions. Interested bidders may please refer GRIDCO's website www.gridco.co.in for further details / information.

Senior General Manager (Trading & BD)
No. CAD-1082 OIPR-14069/11/0006/2122

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
HARABHANGI IRRIGATION DIVISION, ADAVA, DIST.- GAJAPATI
email ID: eeharabhangi@gmail.com

**INVITATION FOR BIDS**

**e-Procurement Notice No. SE-HID-03/2021-22**

No. A-414: Bid document consisting of work, estimated cost, cost of tender paper, class of contractor, the set of terms and conditions of contract and other necessary documents can be seen in e-Procurement portal **http://tenderodisha.gov.in**.

| | | | |
|---|---|---|---|
| 1. | Type of the work | : | Concrete work, Earth work, Lining work, Massonary work, Structure work & Road work |
| 2. | No. of works | : | 6 (Six) Nos. |
| 3. | Class of Contractor | : | "D", "C" & "B" Class |
| 4. | Bid Identification No. | : | SE-HID-No. 32/2021-22 to 37/2021-22 |
| 5. | Estimated Cost | : | Rs.28.55 lakh to Rs.14.15 lakh |
| 6. | Period of Completion | : | 3 (Three Months) - 4 (Four Months) |
| 7. | Date and time of availability & submission of bids in the portal | : | From 11.00 A.M. of 08.09.2021 to 5.00 P.M. of 23.09.2021 |
| 8. | Date of opening of bid | : | 24.09.2021 11.00 A.M. in the e-Procurement Cell, Office of the Superintending Engineer, Harabhangi Irrigation Division, Adava, Gajapti |
| 9. | Name of the Officer Inviting Bid | : | Superintending Engineer, Harabhangi Irrigation Division, Adava, Gajapti |
| 10. | Any addendum/corrigendum/cancellation of tender can also be seen in the website **http://tenderodisha.gov.in**. | | |

Sd./- Superintending Engineer
Harabhangi Irr. Division, Adava
OIPR-32021/11/0005/2122

See Career Appointment on every Wednesday & Saturday

OFFICE OF THE PRINCIPAL
ODISHA ADARSHA VIDYALAYA, FREZORPUR
No. 119 Dt.01.09.21

**SHORT TENDER CALL NOTICE**

Sealed tenders in the prescribed tender paper are invited from the registered firms/authorized dealers/distributors/ reputed suppliers/manufacturer/wholesale cooperative stores having valid PAN & GSTIN registration for supply of articles/ items required for hostel, utensil for kitchen, bed items and other assets as detailed in the Annexure for Girls Hostel of Odisha Adarsha Vidyalaya located within the premises of OAV, Frezorpur in Paikmal Block.

The tender is to be received only through Registered Post/ Speed Post on or before Dt.13.09.2021 by 05.00 P.M. in the Office of the Principal, OAV, Frezorepur which will be opened on Dt.14.09.2021 at 10.30 A.M. in the office chamber of Principal, OAV, Frezorepur in presence of the members of the procurement committee and bidders or their authorized representatives.

For more details, term and condition and tender paper for supply of the items, pleae visit the official website **www.bargarh.nic.in**. The same is also available in the Office of DPC, SSA, Bargarh/ DEO, Bargarh from Dt.02.09.2021 to Dt.13.09.2021 during office hour on all working days on payment of Rs.2000/- (Two thousand only) in shape of Bank Draft in favour of Principal, Odisha Adarsha Vidyalaya, Frezorpur which is non-refundable. It can also be downloaded from the website and submitted along with a Bank Draft of Rs.2000/-. The Collector, Bargarh reserves all rights to reject or cancel any or all the tenders without assigning any reason thereof.

By the Order of Collector & District Magistrate, Bargarh
Sd./- I/C Principal, OAV, Frezorpur

ODISHA COAL AND POWER LTD.
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /0674-2300664

**SHORT TENDER NOTICE**

**NIT No: OCPL/SER-126/2021** **Date: 03.09.2021**

Sealed bids in prescribed format are invited from reputed companies/contractors/firms/agencies for execution of the following work:

| Sl. No. | Name of the work | Cost of Tender Paper | Last date of Sale/ download of Tender Document | Date of Submission/ Opening |
|---|---|---|---|---|
| 01 | Appointment of an agency for comprehensive maintenance of Rehabilitation & Resettlement (R & R) colony of OCPL at Hemgir, Sundargarh, Odisha | Rs.5,900/- (Rupees Five Thousand and Nine Hundred only) including GST @ 18% | 14.09.2021 | 03.00 P.M. / 03.30 P.M. on 24.09.2021 |

Any further clarifications may please be addressed to the undersigned at the above address or by email to: **contracts@ocpl.org.in**.

**Tel.: 0674-2300964 (D)** **Addl. General Manager (C & CA.)**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୩୨୦୨/IND-II-PH-934 ତାରିଖ ୦୧।୦୯।୨୦୨୧
No.CAD-1072

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ - ଆଦିତ୍ୟ ଆଲୁମିନିୟମ ରିଫାଇନାରୀ ପ୍ରୋଜେକ୍ଟ (ଏଚ୍.ଆଇ.ଏଲ୍. - ଏ.ଏ.ଆର୍.ପି.) ଓଡ଼ିଶାର ରାୟଗଡ଼ା ଜିଲ୍ଲା, କାଶୀପୁର ତହସିଲ ଅନ୍ତର୍ଗତ କଂସାରୀଗୁଡ଼ା ଗ୍ରାମରେ ୧୫୦ ମେଗାୱାଟ୍ ସହ-ଉତ୍ପାଦନ ବିଦ୍ୟୁତ ପ୍ରକଳ୍ପ ସହିତ ୩ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ଆଲୁମିନା ରିଫାଇନାରୀ (କୋରାପୁଟ ଜିଲ୍ଲା ନିମନ୍ତେ) ପ୍ରତିଷ୍ଠା କରିବା** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୦୭।୧୦।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କୋରାପୁଟ ଜିଲ୍ଲା, ଲକ୍ଷ୍ମୀପୁର ତହସିଲ ଅନ୍ତର୍ଗତ ଧରଡ଼ା ଗ୍ରାମରେ ଖାତା ନଂ. ୨୧ ଅନ୍ତର୍ଗତ ପ୍ଲଟ୍ ନଂ.୨୦ ଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କୋରାପୁଟ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କୋରାପୁଟ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କୋରାପୁଟ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କୋରାପୁଟ / ରାୟଗଡ଼ା** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କୋରାପୁଟ / ରାୟଗଡ଼ାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OIPR-08012/11/0077/2122

# କାହାର ହେବେ କୁକୁର

## ଆଫ୍‌ଗାନ ମାଟିରେ ଅଲୋଡ଼ା ଆମେରିକା ଆର୍ମି ଡଗ୍ ସ୍କ୍ୱାଡ୍

**ଭାରତୀୟ ସେନାରେ ନିୟୋଜିତ ସର୍ଭିସ୍ ଡଗ୍ ପାଇଥାନ୍ତି ସାମରିକ ସମ୍ମାନ। ସେବାନିବୃତ୍ତ ପରେ ସେମାନଙ୍କୁ ଦିଆଯାଇଥାଏ ଭବ୍ୟ ବିଦାୟ। ହେଲେ ଆଫ୍‌ଗାନ୍ ମାଟିରେ ଦୀର୍ଘ ୨୦ ବର୍ଷର ରହଣି ମଧ୍ୟରେ ଆମେରିକାନ୍ ଆର୍ମି ଡଗ୍ ସ୍କ୍ୱାଡ୍ ସତେ ଯେମିତି ଆଲୋଡ଼ା ହୋଇଯାଇଛି। ଡେଡ୍‌ଲାଇନ୍ ପୂର୍ବରୁ ଆଫଗାନିସ୍ତାନ ଛାଡ଼ିଥିବା ଆମେରିକା ହଜାର ହଜାର ଯବାନଙ୍କ ଜୀବନ ବଞ୍ଚାଇଥିବା ଆର୍ମି ଡଗ୍‌ଙ୍କୁ ନେବାକୁ ଭୁଲିଯାଇଛି। ଏବେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପରିତ୍ୟକ୍ତ ହୋଇଯାଇଥିବା କୁକୁରଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଆରମ୍ଭ ହୋଇଛି।**




ASB News / MILITARY
@ASBMilitary
US military left behind dozens of service dogs in Afghanistan.
The nonprofit org 'Veteran Sheepdogs of America' are working to evacuate the animals.

କାବୁଲ, ୨।୯–ଆମେରିକା–ତାଲିବାନ ମଧ୍ୟରେ ଚାଲିଥିବା ଦୀର୍ଘ ଦୁଇ ଦଶନ୍ଧିର ଯୁଦ୍ଧରେ ପଡ଼ିଛି ଯବନିକା। ଡେଡ୍ ଲାଇନ୍ ପୂର୍ବରୁ ଅଗଷ୍ଟ ୩୦ ବିଳମ୍ବିତ ରାତିରେ ଆଫ୍‌ଗାନ୍ ମାଟିକୁ ବିଦାୟ ଜଣାଇଛି ଆମେରିକା। ବହୁ କୋଟି ଟଙ୍କାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଯୁଦ୍ଧ ବିମାନ ଫେରସ୍ତ ଆଣିବାକୁ ଆବଶ୍ୟକ ସମୟ ପାଇଲାନି ପୃଥିବୀର କ୍ଷମତାଶାଳୀ ରାଷ୍ଟ୍ର, ଯାହାର ଏବେ ସ୍ୱତ୍ୱାଧିକାରୀ ତାଲିବାନ। ହେଲେ ଆମେରିକା ଫେରିବା ପୂର୍ବରୁ ସେନାରେ ସାମିଲ ବିଶ୍ୱସ୍ତ କୁକୁରମାନଙ୍କୁ ଉଦ୍ଧାର କରି ଆଣିବାକୁ ଉଚିତ ମଣିନାହିଁ। ଫଳରେ ଯୁଦ୍ଧଗ୍ରସ୍ତ ଆଫଗାନିସ୍ତାନରେ ଏଭଳି ବହୁ ତାଲିମପ୍ରାପ୍ତ କୁକୁର ପରିତ୍ୟକ୍ତ ହୋଇପଡ଼ିଛନ୍ତି। ସେମାନଙ୍କୁ ଉଦ୍ଧାର କରିବାକୁ ଆମେରିକାର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଭେଟେରାନ ଶିପ୍ ଡଗ୍ ଅଫ୍ ଆମେରିକା' ଅଣ୍ଟାଭିଡ଼ିଛି।

ଆମେରିକାର ଏଭଳି ଅମାନବୀୟ କାର୍ଯ୍ୟକୁ 'ଆମେରିକାନ୍ ହ୍ୟୁମାନ' ଗ୍ରୁପ୍‌ର ସିଇଓ ରୋବିନ୍ ଆର୍ ଗାନଜେର୍ଟ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଏହି କୁକୁରମାନେ ଆମ ସୈନିକଙ୍କ ଭଳି ସାହସୀ। ଅନେକ ସମୟରେ ସେମାନେ ମଣିଷ ଜୀବନ ବଞ୍ଚାଇବାକୁ ଯାଇ ନିଜ ଜୀବନକୁ ବିପଦରେ ପକାଇଛନ୍ତି। ସେମାନେ ବୀର ସୈନିକଙ୍କ ସମକକ୍ଷ ସମ୍ମାନ ପାଇବାକୁ ହକ୍‌ଦାର। ହେଲେ ଦୁର୍ଭାଗ୍ୟ ଯେ, ଆଫ୍‌ଗାନ ମାଟିରେ ସେମାନଙ୍କୁ ମରଣକୁ ସାମ୍ନା କରିବାକୁ ଛାଡ଼ି ଦିଆଗଲା।

ଅପରପକ୍ଷେ ଆଫ୍‌ଗାନିସ୍ତାନସ୍ଥିତ ଭାରତୀୟ ଦୂତବାସରେ ୯୯ ଇଣ୍ଡୋ–ତିବ୍ବତୀୟ ବର୍ଡର ପୋଲିସ (ଆଇଟିବିପି) ପକ୍ଷରୁ ୩ ସର୍ଭିସ୍ ଡଗ୍ 'ମାୟା', 'ରୁବି', 'ବବି'କୁ ନିୟୋଜିତ କରାଯାଇଥିଲା। ଭାରତୀୟ ଏୟାର ଫୋର୍ସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ସମୟରେ ସେମାନଙ୍କୁ ସୁରକ୍ଷିତ ଭାବେ ଦେଶକୁ ଅଣାଯାଇଛି। ଏଭଳି ସ୍ଥଳେ ଅନେକେ ଭାରତର ଉଦାହରଣ ଦେବା ସହ ଆମେରିକୀୟ ପ୍ରଶାସନର ଆଭିମୁଖ୍ୟ ଉପରେ ଅଙ୍ଗୁଳି ଉଠାଇଛନ୍ତି। ପୂର୍ବରୁ ଆମେରିକାର ଏଭଳି ଅପ୍ରତ୍ୟାଶିତ ସୈନ୍ୟ ଅପସାରଣକୁ ମିଲିଟାରୀ ବାହିନୀର ଅନେକ ସୈନ୍ୟ ନିନ୍ଦା କରୁଥିବାବେଳେ ସେନାରେ ନିୟୋଜିତ ସର୍ଭିସ ଡଗ୍‌ଙ୍କୁ ଉଦ୍ଧାର କରା ନ ଯିବା ଘଟଣା ଅସନ୍ତୋଷକୁ ଆହୁରି ତୀବ୍ର କରିଛି। ଅନ୍ୟପଟେ ପେଣ୍ଟାଗନ୍ ପକ୍ଷରୁ ଏଭଳି ଅଭିଯୋଗକୁ ଖଣ୍ଡନ କରାଯାଇଛି। ଆଫଗାନିସ୍ତାନରେ ଆମେରିକା କୌଣସି ସର୍ଭିସ୍ ଡଗ୍ ଛାଡ଼ି ଆସି ନ ଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ଏକ ବିବୃତ୍ତି ଜାରି କରାଯାଇଛି।

# 'ପାନି ପାନି' ଟପିଲା ୫୦୫ ମିଲିୟନ ଭ୍ୟୁ




**ମୁମ୍ବାଇ:** ସୁପରହିଟ୍ ରାପର ବାଦଶାହ ଏବଂ ସିଂହଳୀ ସୁନ୍ଦରୀ ଜ୍ୟାକ୍‌ଲିନ ଫର୍ଣ୍ଣାଣ୍ଡିଜ୍‌ଙ୍କ ସୁପରହିଟ୍ ରାପ୍ ସଙ୍ଗ୍ 'ପାନି ପାନି' ସୋସିଆଲ ମିଡିଆରେ ନିଆଁ ଲଗାଇଛି। କିଛି ଦିନ ମଧ୍ୟରେ ଗୀତର ଭ୍ୟୁ ୫୦୫ ମିଲିୟନ ପାର୍‌କରିଛି। ଏଭଳି ଅଭୁତପୂର୍ବ ସଫଳତା ପରେ ଉଭୟ କଳାକାରଙ୍କୁ ଛୁଟିଛି ପ୍ରଶଂସାର ସୁଅ। 'ପାନି–ପାନି'ର ଏକ ଭିଡିଓ କ୍ଲିପ ସାରେଗାମା ମ୍ୟୁଜିକ୍ ପକ୍ଷରୁ ଏହାର ଅଫିସିଆଲ୍ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରାଯାଇଛି। ଏଥିରେ ପ୍ରତିକ୍ରିୟା ଦେଇ ସିଙ୍ଗର ବାଦ୍‌ଶାହାଙ୍କ ଜଣେ ପ୍ରଶଂସକ କହିଛନ୍ତି, 'ମୁଁ ଭାବୁଛି, ଗୀତର ଏଭଳି ସଫଳତା ଦେଖି ଅନ୍ୟମାନେ ପାନି–ପାନି ହୋଇଯାଇଛନ୍ତି'।

ଏଥିପୂର୍ବରୁ 'ଗେନ୍ଦା ଫୁଲ୍' ରାପ୍ ସଙ୍ଗରେ ବାଦ୍‌ଶାହା ଏବଂ ଜ୍ୟାକ୍‌ଲିନଙ୍କ ଯୋଡ଼ି ଦର୍ଶକୀୟ ସ୍ୱୀକୃତି ପାଇଥିଲା। 'ଡିଜେ ୱାଲେ ବାବୁ', 'ଅଭି ତୋ ପାର୍ଟି ସୁରୁ ହୁଇ ହେଁ, 'ଲଡ଼୍‌କୀ ବିୟୁଟି ଫୁଲ କରଗେୟି ଚୁଲ୍' ଭଳି ଅନେକ ସୁପରହିଟ୍ ଗୀତ ଗାଇଥିବା ବାଦ୍‌ଶାହା ଏବେ ନିଜର ଆଗାମୀ ପ୍ରୋଜେକ୍ଟରେ ବ୍ୟସ୍ତ ଅଛନ୍ତି। ସେହିପରି ୨୦୦୯ରେ 'ଆଲାଦ୍ଦିନ'ରୁ କ୍ୟାରିୟର ଆରମ୍ଭ କରିଥିବା ଆକ୍ଟ୍ରେସ୍ ଜ୍ୟାକ୍‌ଲିନ୍ ମଧ୍ୟ ଆଲବମ୍ ସଙ୍ଗ୍ ସହିତ ଅନେକ ହିଟ୍ ଫିଲ୍ମରେ କାମ କରିସାରିଲେଣି।

# ସିଦ୍ଧାର୍ଥଙ୍କୁ ପରିଚୟ ଦେଇଥିଲା 'ବାଳିକା ବଧୂ'


ସିଦ୍ଧାର୍ଥ ଶୁକ୍ଳା

**ମୁମ୍ବାଇ:** ଯୁବ ଅଭିନେତା ସିଦ୍ଧାର୍ଥ ଶୁକ୍ଲାଙ୍କ ପରଲୋକ ବଲିଉଡ୍‌ରେ ଶୋକର ଛାୟା ଖେଳାଇଦେଇଛି। ଖୁବ୍ କମ୍ ସମୟରେ ବି–ଟାଉନ୍‌ରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ସିଦ୍ଧାର୍ଥ ୧୯୮୦ ଡିସେମ୍ବର ୧୨ରେ ସିଦ୍ଧାର୍ଥ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ। ଇଣ୍ଟେରିୟର ଡିଜାଇନ୍‌ରେ ସ୍ନାତକ ଡିଗ୍ରୀ ହାସଲ ସେ ମଡେଲିଂରେ ପାଦ ରଖିଥିଲେ। ୨୦୦୪ରେ ଗ୍ଲାଡାର୍ଗସ୍ ମ୍ୟାନହଣ୍ଟ ଆଣ୍ଡ ମେଗା ମଡେଲ ପ୍ରତିଯୋଗିତାର ରନର୍ସ ଅପ୍ ହୋଇଥିଲେ। ୨୦୦୫ରେ ତୁର୍କୀରେ ଆୟୋଜିତ ୱାର୍ଲ୍ଡସ୍ ବେଷ୍ଟ ମଡେଲ ପ୍ରତିଯୋଗିତାରେ ପ୍ରଥମ ଭାରତୀୟ ଓ ଏସୀୟ ଭାବେ ଭାବେ ଭାଗ ନେବା ସହ ଏହାର ଟାଇଟଲ ହାସଲ କରିଥିଲେ। ୨୦୦୮ରେ ସିଦ୍ଧାର୍ଥ ସୋନି ଟିଭି ଶୋ 'ବାବୁଲ କା ଆଙ୍ଗନ୍ ଛୁଟେନା'ରେ ଡେବ୍ୟୁ କରିଥିଲେ। ୨୦୦୯ରେ ସେ ଷ୍ଟାର ୱାନ୍‌ରେ ପ୍ରସାରିତ 'ଜାନି ପେହ୍‌ଚାନି ସି.. ୟେ ଅଜ୍‌ନବି' ଏବଂ ୨୦୧୧ରେ ଷ୍ଟାର ପ୍ଲସ୍‌ରେ ଲଭ୍ ୟୁ ଜିନ୍ଦେଗୀରେ ଅଭିନୟ କରିଥିଲେ। ୨୦୧୨ରେ କଲର୍ସ ଟିଭି ଶୋ 'ବାଳିକା ବଧୂ' ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ୨୦୧୩ରେ ଡ୍ୟାନ୍ସ ରିଅଲିଟି ଶୋ 'ଝଲକ୍ ଦିଖ୍‌ଲା ଜା'ରେ ସିଦ୍ଧାର୍ଥଙ୍କୁ ଦେଖିବାକୁ ମିଳିଥିଲା। ୨୦୧୪ରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ରୋମାଣ୍ଟିକ୍ କମେଡି 'ହମ୍ପ୍ଟି ଶର୍ମା କି ଦୁଲ୍‌ହନିଆ'ରେ ସେ ସପୋର୍ଟିଂ ଆକ୍ଟର ଭାବେ କାମ କରିଥିଲେ। ପରବର୍ତ୍ତୀ ସମୟରେ ସାବ୍‌ଧାନ ଇଣ୍ଡିଆ, ଇଣ୍ଡିଆସ୍ ଗଟ୍ ଟ୍ୟାଲେଣ୍ଟ ଆଦି ଶୋ' ହୋଷ୍ଟ କରିଥିଲେ ସିଦ୍ଧାର୍ଥ। ୨୦୧୬ରେ ଷ୍ଟଣ୍ଟ ରିଅଲିଟି ଶୋ' 'ଫିଅର ଫାକ୍ଟର: ଖତ୍‌ରୋଁ କା ଖିଲାଡ଼ି–୭'ର ସେ ବିଜେତା ହୋଇଥିଲେ। ୨୦୧୭ରେ ଦିଲ୍ ସେ ଦିଲ୍ ତକ୍ ସିରିଜ୍ କରିଥିଲେ। ୨୦୧୯ରେ ରିଅଲିଟି ଶୋ' ବିଗ୍ ବସ୍ ସିଜନ୍–୧୩ ବିଜେତା ହୋଇଥିଲେ। ଏହାପରେ ତାଙ୍କ ଲୋକପ୍ରିୟତା ଆହୁରି ବଢ଼ିଯାଇଥିଲା। ଭୁଲା ଦୁଙ୍ଗା, ଦିଲ୍ କୋ କରାର ଆୟା ଆଦି ଦୁଇଟି ମ୍ୟୁଜିକ୍ ଭିଡିଓରେ ତାଙ୍କୁ ଦେଖିବାକୁ ମିଳିଥିଲା ଏବଂ ତାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ୨୦୨୧ରେ ସେ ଓଟିଟି ପ୍ଲାଟଫର୍ମରେ ମଧ୍ୟ ଡେବ୍ୟୁ କରିଥିଲେ। ତାଙ୍କ ରୋମାନ୍ସ ୱେବସିରିଜ୍ 'ବ୍ରୋକେନ ବଟ୍ ବିୟୁଟିଫୁଲ୍' ଏଲ୍‌ଟିବାଲାଜୀ ଏବଂ ଏମ୍‌ଏକ୍ସ ପ୍ଲେୟରରେ ଷ୍ଟ୍ରିମିଂ ହୋଇଥିଲା। ଅଭିନେତ୍ରୀ ଶେହନାଜ୍ ଗିଲ୍‌ଙ୍କୁ ସିଦ୍ଧାର୍ଥ ଡେଟ୍ କରୁଥିଲେ ବୋଲି ଚର୍ଚ୍ଚା ହେଉଥିଲା। ସିଦ୍ଧାର୍ଥଙ୍କ ମୃତ୍ୟୁ ଖବର ପାଇବା ପରେ ସେ ଶୁଟିଂ ଅଧାରେ ଛାଡ଼ି ଘରକୁ ଫେରିଛନ୍ତି। ସେ ମାନସିକସ୍ତରରେ ଭାଙ୍ଗି ପଡ଼ିଥିବା ଶେହନାଜଙ୍କ ବାପା ସୂଚନା ଦେଇଛନ୍ତି।

# ଡ୍ରାଗନ୍‌ର ମହାକାଶ ବିଜୟ ଲକ୍ଷ୍ୟ



**ବେଜିଂ:** ପୃଥିବୀର କକ୍ଷପଥରେ ବହୁ କିଲୋମିଟରର ବ୍ୟାପି ଏକ ବିଶାଳ ସହର ନିର୍ମାଣ ଯୋଜନା ଏବେ ଚାଇନା ପକ୍ଷରୁ କରାଯାଇଛି। ଏନେଇ ବିଶାଳକାୟ ମୂଳଦୁଆ ନିର୍ମାଣ ଲାଗି ଡ୍ରାଗନ ଜୋରସୋର୍ ପ୍ରସ୍ତୁତି ଆରମ୍ଭ କରିଛି। ଏହି ଉଡ଼ନ୍ତା ସହର ଦ୍ୱାରା ମହାକାଶ ଜୟ କରିବାକୁ ଚାଇନା ଲକ୍ଷ୍ୟ ରଖିଛି। ଏହି ସହରରେ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର, ପର୍ଯ୍ୟଟନ କମ୍ପ୍ଲେକ୍ସ, ଗ୍ୟାସ ଷ୍ଟେସନ ଠାରୁ ଆରମ୍ଭ କରି ଆଷ୍ଟେରଏଡରେ ଖଣି ଖନନ ଆଦି ସୁବିଧା ରଖାଯିବ। ଚାଇନାର ଜାତୀୟ ପ୍ରାକୃତିକ ବିଜ୍ଞାନ ଫାଉଣ୍ଡେସନ ପକ୍ଷରୁ ଏନେଇ ୫ ବର୍ଷିଆ ଯୋଜନା ଘୋଷଣା କରିଛି। ଏହା ସହିତ ଗବେଷକଙ୍କୁ ଆବଶ୍ୟକ ଟେକ୍ନୋଲୋଜିର ବିକାଶ ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ସହର ନିର୍ମାଣରେ ହାଲୁକା ଓଜନ ସାମଗ୍ରୀ ବ୍ୟବହାର କରାଯିବ। ଯାହା ଦ୍ୱାରା ରକେଟ ସହାୟତାରେ ଏହାକୁ ପୃଥିବୀର କକ୍ଷପଥରେ ଅବତରଣ କରାଯାଇପାରିବ। ସହରର ପ୍ରଥମ ପ୍ରକଳ୍ପ ପାଇଁ ୨୦୩୫ ସୁଦ୍ଧା ଚାଇନା ଏକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ। ଏହି କେନ୍ଦ୍ରର ୧ ମାଇଲ ପରିମିତ ମହାକାଶରେ ନିର୍ମାଣ ହେବ। ଏହି ବିଦ୍ୟୁତ୍ କେନ୍ଦ୍ର ଚାଇନାର ଗ୍ରୀଡକୁ ଶକ୍ତି ଯୋଗାଇବ। ସେହିପରି ଅନ୍ୟାନ୍ୟ ପ୍ରକଳ୍ପରେ ୧ ମାଇଲରୁ ଅଧିକ ବଡ଼ ଅର୍ବିଟାଲ ପ୍ଲାଟଫର୍ମ ନିର୍ମାଣ କରାଯିବ। ଏହା ନିକଟରେ ଅନ୍ତର୍ଜାତୀୟ ସ୍ପେସ ଷ୍ଟେସନ ରହିବ। ସ୍ପେସ ଷ୍ଟେଶନର ପ୍ରସ୍ଥ ୩୫୦ ଫୁଟ ପର୍ଯ୍ୟନ୍ତ ବିସ୍ତାରିତ ହେବ। ଏଭଳି ଯୋଜନା ମାଧ୍ୟମରେ ଚାଇନା ଆମେରିକାର ନାସାକୁ ଚ୍ୟାଲେଞ୍ଜ କରିବାକୁ ଚାହୁଁଥିବା ନେଇ ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚା ହେଉଛି। ନାସା ଅନ୍ୟାନ୍ୟ ୟୁରୋପୀୟ ଦେଶମାନଙ୍କ ସହଯୋଗରେ ଆନ୍ତର୍ଜାତୀୟ ସ୍ପେସ ଷ୍ଟେସନ ଚଳାଉଛି। ବର୍ତ୍ତମାନ ଏହି ସ୍ପେସ ଷ୍ଟେସନରେ ୭ ଜଣ ମହାକାଶଚାରୀ ଅଛନ୍ତି।

# ୨୬ ବର୍ଷ ପରେ ମିଶାଇଲା ଇନ୍‌ଷ୍ଟାଗ୍ରାମ

ଆମେରିକାର ଜଣେ ୨୬ ବର୍ଷୀୟ ଯୁବକ ତାଙ୍କ ପ୍ରକୃତ ପିତାଙ୍କ ପରିଚୟ ପାଇଛନ୍ତି। ସୋସିଆଲ ମିଡିଆରେ ଚାଟ କରୁକରୁ ସେ ପିତାଙ୍କ ପରିଚୟ ପାଇଛନ୍ତି। ଜୁନ ୨୦୨୦ରେ କେମରୁନ୍ ନାମକ ଯୁବକଙ୍କୁ ଯେତେବେଳେ ୨୬ ବର୍ଷ ହୋଇଥିଲା ସେ ଜଣେ ବ୍ୟକ୍ତିଙ୍କୁ ସୋସିଆଲ ମିଡିଆରେ ଦେଖିଥିଲେ। ଯିଏ କି ତାଙ୍କ ପ୍ରକୃତ ପିତା। ଏହା ପରେ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ମେସେଜ କରିଥିଲେ। ଦୁହିଁଙ୍କ ମଧ୍ୟରେ ଫଟୋ ଆଦାନ ପ୍ରଦାନ ହୋଇଥିଲା। ଏହା ପରେ ଦୁହେଁ ଦୁହିଁଙ୍କ ପରିଚୟ ପାଇଥିଲେ। କେମରୁନ ଟୁଇଟରରେ ନିଜର କାହାଣୀ ଶେୟାର କରିଛନ୍ତି। ସେ ଜୁନ୍‌ରେ ପ୍ରକୃତ ପିତାଙ୍କ ସହିତ ଯେଉଁ ଚାଟ କରିଥିଲେ ତାହାର ସ୍କ୍ରିନ ଶଟ ପୋଷ୍ଟ କରିଛନ୍ତି। ଏଥିସହିତ ତାଙ୍କ ପ୍ରକୃତ ପିତାଙ୍କ ସହ ହୋଇଥିବା ସାକ୍ଷାତ ସମୟର ଏକ ଫଟୋ ବି ଶେୟାର କରିଛନ୍ତି।

# ଯାଆଁଳା ଶାବକ ଜନ୍ମ ଦେଲା 'ସୁରଙ୍ଗୀ'

## 'ପିନାୱାଲା ହାତୀ ଅନାଥାଳୟ' ଇତିହାସରେ ପ୍ରଥମ

**କଲମ୍ବୋ:** ଶ୍ରୀଲଙ୍କାର ସର୍ବବୃହତ୍ତମ ହାତୀ ଅନାଥାଳୟରେ ମଙ୍ଗଳବାର ଦେଖିବାକୁ ମିଳିଛି ବିରଳ ଘଟଣା। ଏଠାରେ ରହି ଆସୁଥିବା ମାଈ ହାତୀ 'ସୁରଙ୍ଗୀ' ଯାଆଁଳା ଶାବକ ଜନ୍ମ ଦେଇଛି। ୧୯୪୧ ମସିହା ପରେ ଦେଶରେ ହାତୀ ଅନାଥାଳୟ ଏହା ପ୍ରଥମ ଘଟଣା ବୋଲି ହସ୍ତୀ ବିଶେଷଜ୍ଞ ଜୟନ୍ତ ଜୟବର୍ଦ୍ଧନେ ସୂଚନା ଦେଇଛନ୍ତି। ଉଭୟ ଶାବକ ଏବଂ ମା' ସୁସ୍ଥ ଅଛନ୍ତି। ଯାଆଁଳା ଶାବକ ହୋଇଥିବାରୁ ଦୁଇ ଅଣ୍ଡିରା ହାତୀ ଛୁଆ ଆକାରରେ ଅପେକ୍ଷାକୃତ ଛୋଟ। ତଥାପି ସେମାନେ ସ୍ୱାସ୍ଥ୍ୟବାନ୍ ବୋଲି 'ପିନାୱାଲା ଏଲିଫ୍ୟାଣ୍ଟ ଅର୍ଫାନେଜ୍'ର ମୁଖ୍ୟ ରେଣୁକା ଭଣ୍ଡାରନାଇକେ କହିଛନ୍ତି।

୨୦୦୯ରେ 'ସୁରଙ୍ଗୀ' ଗର୍ଭରୁ ଏକ ଅଣ୍ଡିରା ଶାବକ ଜନ୍ମ ହୋଇଥିଲା। ଦ୍ୱିତୀୟ ଗର୍ଭରେ ସେ ଜମଜ ଶାବକଙ୍କୁ ଜନ୍ମ ଦେଇଛି। 'ସୁରଙ୍ଗୀ'ର ଆନୁମାନିକ ବୟସ ୨୫ ବର୍ଷ। ହାତୀ ଆଶ୍ରୟସ୍ଥଳରେ ରହୁଥିବା ଆନୁମାନିକ ୧୭ ବର୍ଷୀୟ ଦନ୍ତା 'ପାଣ୍ଡୁ' ସହିତ ତା'ର ମିଳନ ହୋଇଥିଲା। ପରିତ୍ୟକ୍ତ ଏବଂ ବେସାହାରା ହୋଇପଡୁଥିବା ହାତୀଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ୧୯୭୫ରେ ପ୍ରତିଷ୍ଠା ହୋଇଥିଲା 'ପିନାୱାଲା ଏଲିଫ୍ୟାଣ୍ଟ ଅର୍ଫାନେଜ୍'। ୮୧ ହାତୀ ଥିବା ଏହି କେନ୍ଦ୍ର ପର୍ଯ୍ୟଟକଙ୍କ ଲାଗି ପ୍ରମୁଖ ଆକର୍ଷଣ ପାଲଟିଛି। ତେବେ କରୋନା ଭାଇରସ୍ ସଂକ୍ରମଣ ଯୋଗୁ ପର୍ଯ୍ୟଟକଙ୍କ ଲାଗି ଏହି ହସ୍ତୀ ଅନାଥାଳୟ ବନ୍ଦ ରଖାଯାଇଛି। ଅନ୍ୟପଟେ ଶ୍ରୀଲଙ୍କାର ବନ୍ୟପ୍ରାଣୀ ଅଧିକାରୀଙ୍କ କହିବା କଥା, ଦେଶରେ ଏଥି ପୂର୍ବରୁ ଯାଆଁଳା ହାତୀ ଶାବକ ଜନ୍ମ ହେବା ଦୃଷ୍ଟିଗୋଚର ହୋଇଛି। 'ମିନ୍ନେରିୟା' ଅଭୟାରଣ୍ୟରେ ଗତବର୍ଷ ଏକ ହାତୀ ଯାଆଁଳା ଛୁଆ ଜନ୍ମ ଦେଇଥିବା ଠାବ କରାଯାଇଥିଲା।

ସରକାରୀ ତଥ୍ୟ ଅନୁଯାୟୀ, ଶ୍ରୀଲଙ୍କାରେ ୨୦୦ ପାଳିତ ହାତୀ ଏବଂ ୭୫୦୦ ବଣୁଆ ହାତୀ ରହିଛନ୍ତି। ଏହି ବୌଦ୍ଧ ଧର୍ମାବଲମ୍ବୀ ବହୁଳ ରାଷ୍ଟ୍ରରେ ହାତୀଙ୍କ ସ୍ଥାନ ସ୍ୱତନ୍ତ୍ର। ଦେଶରେ ବାସ କରୁଥିବା ବୌଦ୍ଧ ଭିକ୍ଷୁ, ଧନୀକ ଗୋଷ୍ଠୀ ହାତୀଙ୍କୁ ପୋଷ୍ୟ ଗ୍ରହଣ କରିଥାଆନ୍ତି। ହେଲେ ହାତୀ ଭଳି ବିଶାଳକାୟ ପ୍ରାଣୀଙ୍କୁ ପାଳିବା ଅନେକ ସମୟରେ କଷ୍ଟକର ହୋଇଯାଏ। ତେଣୁ ସେମାନେ ଖାଦ୍ୟାଭାବ ଏବଂ ଜଟିଳ ସ୍ୱାସ୍ଥ୍ୟଜନିତ ସମସ୍ୟା ଭୋଗିଥାଆନ୍ତି। ଆର୍ଥିକ ବୋଝ ବଢ଼ିଲେ ମାଲିକମାନେ ହାତୀକୁ ପରିତ୍ୟାଗ କରିଦେଉଥିବା ନଜିର ରହିଛି। ଏଭଳି ଘଟଣାରେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ହାତୀଙ୍କୁ ନିର୍ଯାତନା ଦେଉଥିବା ପ୍ରମାଣିତ ହେଲେ ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବା ବ୍ୟବସ୍ଥା କରାଯାଇଛି। ଏଥିସହ ହାତୀକୁ ଉଦ୍ଧାର କରି ଶେଲଟର ହୋମ୍‌ରେ ରହିବା ବନ୍ଦୋବସ୍ତ କରାଯାଇଥାଏ। ସେହିପରି ଜଙ୍ଗଲରୁ ହାତୀ ଧରିବା ଦଣ୍ଡନୀୟ ଅପରାଧ। ଏଭଳି କ୍ଷେତ୍ରରେ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବା ପ୍ରାବଧାନ ରହିଛି। ତଥାପି ଅଭୟାରଣ୍ୟରୁ ଅର୍ଥଲୋଭୀ ଶିକାରୀମାନେ କୌଶଳକ୍ରମେ ହାତୀ ଶାବକ ଚୋରି କରୁଛନ୍ତି। ସମ୍ପ୍ରତି ଜଟିଳ ଆର୍ଥିକ ସମସ୍ୟା ବୋଝ ତଳେ ଦବି ଯାଇଥିବା ଶ୍ରୀଲଙ୍କାରେ ହାତୀଙ୍କ ସୁରକ୍ଷା ଚ୍ୟାଲେଞ୍ଜ ପାଲଟିଥିବା ବିଶେଷଜ୍ଞମାନେ କହିଛନ୍ତି।



ମନେ ପଡ଼ନ୍ତି
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆମର ପିତା ଶ୍ରୀ ପ୍ରେମାନନ୍ଦ ମହାନ୍ତି, ଅବସରପ୍ରାପ୍ତ ସେକ୍ସନ ଅଫିସର ଗତ ତା ୨୫।୦୮।୨୦୨୧ରିଖ ବୁଧବାର ଦିବା ପ୍ରାତଃ ୫ଘଟିକା ୧୫ମିନିଟ ସମୟରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୨ବର୍ଷ ହୋଇଥିଲା । ପିତାଙ୍କ ଅବର୍ତ୍ତମାନରେ ଆମେ ମର୍ମାହତ । ସେ ଜଣେ ସରଳ, କର୍ତ୍ତବ୍ୟନିଷ୍ଠ ଏବଂ ନୀତିବାନ୍ ବ୍ୟକ୍ତି ଥିଲେ । ମୃତ୍ୟୁ ସମୟରେ ତାଙ୍କ ନିକଟରେ ପୁତ୍ର ମନୋରଞ୍ଜନ, ସରୋଜ ଏବଂ ଦୁଇ ପୁତ୍ରବଧୂ, କନ୍ୟା, ଜାମାତା: ସୁଧାଂଶୁ, ଦୀପ୍ତି, ପୁତୁରା/ଭଣଜା, ଶାଳକ ଏବଂ ନାତୁଣୀ ଙ୍କାଇଁ ଇତ୍ୟାଦି ଉପସ୍ଥିତ ଥିଲେ । ତାଙ୍କର ଅମର ଆତ୍ମା ସଦ୍‌ଗତି ପ୍ରାପ୍ତ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।
–:ଶୋକସନ୍ତପ୍ତ ପରିବାରବର୍ଗ:–
ଧ–୨୧୫୧୮

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନୀୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
7579874068

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476
9953557897

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରଥମ ଅଲିମ୍ପିକ୍ ବକ୍ସିଂ ମେଡାଲିଷ୍ଟ


ରମେଶ ସାହୁ

ବିଜେନ୍ଦର ସିଂଙ୍କୁ ଭାରତୀୟ ବକ୍ସିଂର ପ୍ରଥମ ନାୟକ କହିଲେ ଭୁଲ୍ ହେବ ନାହିଁ। ବେଜିଂ ଅଲିମ୍ପିକ୍ସରେ ସେ ବ୍ରୋଞ୍ଜ ଜିତି ଦେଶ ପାଇଁ ବକ୍ସିଂରେ ପ୍ରଥମ ପଦକ ହାସଲ କରିଥିଲେ। ଏହା ବକ୍ସିଂରେ ଏକପ୍ରକାର ବିପ୍ଲବ ସୃଷ୍ଟି କରିଥିଲା ଓ ଯୁବ ପିଢି ବକ୍ସିଂ ପ୍ରତି ଆକର୍ଷିତ ହୋଇଥିଲେ। ତାଙ୍କଠାରୁ ପ୍ରେରଣା ପାଇ ଭାରତୀୟ ବକ୍ସରମାନେ ଅଲିମ୍ପିକ୍ ସମେତ ସବୁ ଅନ୍ତର୍ଜାତୀୟ ଇଭେଣ୍ଟରେ ସଫଳତା ହାସଲ କରୁଛନ୍ତି....

ଟୋକିଓ ଅଲିମ୍ପିକ୍ସ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ବକ୍ସର ଲଭଲିନା ବୋରଗୋହେନ ବ୍ରୋଞ୍ଜ ପଦକ ଜିତି ଏହି କ୍ରୀଡ଼ାର ଗୌରବମୟ ଗରିମାକୁ ଆଗକୁ ବଢ଼ାଇଛନ୍ତି। ଏହି ଅବସରରେ ମନେ ପଡ଼ନ୍ତି ତାରକା ବକ୍ସର ବିଜେନ୍ଦର ସିଂ। ବିଜେନ୍ଦର ହିଁ ହେଉଛନ୍ତି ଭାରତୀୟ ବକ୍ସିଂ କ୍ରୀଡ଼ାର ନାୟକ। କାରଣ ତାଙ୍କର ପ୍ରଥମ ଅଲିମ୍ପିକ୍ ପଦକ ଭାରତୀୟ ବକ୍ସିଂରେ ନବ ଜାଗରଣ ସୃଷ୍ଟି କରିଥିଲା। ଯୁବ ସମାଜରେ ମୁଷ୍ଟିଯୁଦ୍ଧ କ୍ରୀଡ଼ା ପ୍ରତି ଆଗ୍ରହ ଜନ୍ମାଇବା ସହିତ ଦେଶରେ ନୂଆ ନୂଆ ବକ୍ସିଂ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ୨୦୦୮ ବେଜିଂ ଅଲିମ୍ପିକ୍ ବକ୍ସିଂ ମିଟ୍‌ରେ ବିଜେନ୍ଦର ଜିତିଥିଲେ ବ୍ରୋଞ୍ଜ ପଦକ। ଏହି ପଦକଟି ଥିଲା ଭାରତର ପ୍ରଥମ ଅଲିମ୍ପିକ୍ ବକ୍ସିଂ ସଫଳତା। ହରିୟାଣାର ବକ୍ସର ବିଜେନ୍ଦର ସିଂ। ଲାଇଟ୍ ୱେଟ୍ ଗ୍ରୁପ୍‌ରେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ଜାତୀୟ ସ୍ତରରେ ପ୍ରବେଶ କରିବା ପରେ ୱେଲଟର୍ ୱେଟ୍‌କୁ ଆସିଥିଲେ। ତାଙ୍କ ପୂରା ନାମ ବିଜେନ୍ଦର ସିଂ ବେନିୱାଲ୍ ଯିଏକି, ତିନୋଟି ଅଲିମ୍ପିକ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ସେ ଆଜିର ଦିନରେ ଜଣେ ସଫଳ ଆନ୍ତର୍ଜାତିକ ପେସାଦାର ମୁଷ୍ଟିଯୋଦ୍ଧା। ସୌଖୀନସ୍ତରୀୟ ବକ୍ସିଂରେ ଏସିଆନ୍ ଗେମ୍ସ, ଏସିଆନ୍ ଚାମ୍ପିୟନ୍‌ଶିପ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଅଲିମ୍ପିକ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ପଦକ ବିଜେତା। ୨୦୦୯ ମସିହାରେ ସେ ଥିଲେ ବିଶ୍ୱର ଟପ୍ ର୍ୟାଙ୍କିଙ୍ଗ୍ ମିଡିଲୱେଟ ବକ୍ସର। ବକ୍ସିଂରେ ଶ୍ରେଷ୍ଠତ୍ୱ ହାସଲ କରି ବିଶ୍ୱରେ ଭାରତର ସୁନାମ କରିଥିବାରୁ ୨୦୧୦ ମସିହାରେ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରାଯାଇଥିଲା। ସେ ୧୯୯୭ ମସିହାରେ ସୌଖୀନ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ତାହା ଲମ୍ବିଥିଲା ୨୦୧୪ ମସିହା ଯାଏ। ୨୦୧୫ ମସିହାରେ ପେସାଦାର ବକ୍ସିଂ ଜଗତରେ ପ୍ରବେଶ କରିଥିଲେ। ଏବେ ସେ ଆମେରିକାର କୁଇନ୍ସବେରୀ ପ୍ରମୋସନ୍ସ କମ୍ପାନୀ ଅଧୀନରେ ପେସାଦାର ବକ୍ସିଂ ଲଢୁଛନ୍ତି। ଜାଠ୍ ସଂପ୍ରଦାୟର ବିଜେନ୍ଦର ୧୯୮୫, ଅକ୍ଟୋବର୨୯ ଦିନ ହରିୟାଣାର ଭିୱାନୀ ଜିଲା ଅନ୍ତର୍ଗତ କାଲ୍‌ୱାସ୍ ଗ୍ରାମରେ ଭୂମିଷ୍ଠ ହୋଇଥିଲେ। ଗାଁଠାରୁ ଭିୱାନୀ ସହରର ଦୂରତା ମାତ୍ର ୫ କି.ମି.। ତାଙ୍କ ବାପା ମହିପାଲ ସିଂ ବେନିୱାଲ୍ ଥିଲେ ହରିୟାଣା ଷ୍ଟେଟ୍ ରୋଡୱେଜ୍‌ର ବସ୍ ଡ୍ରାଇଭର। ତେବେ ମହିପାଲଙ୍କ ସୀମିତ ରୋଜଗାର ଯୋଗୁ ଦୁଇ ପୁଅ ମନୋଜ ଓ ବିଜେନ୍ଦରଙ୍କୁ କଷ୍ଟ କରିବାକୁ ପଡ଼ିଥିଲା।

କିଶୋର ବୟସରେ ବଡ଼ଭାଇ ମନୋଜ ବି ଥିଲେ ଜଣେ ଉଦୀୟମାନ ବକ୍ସର। ତେବେ ବିଜେନ୍ଦରଙ୍କ ବକ୍ସିଂ ପ୍ରତିଭା ଦେଖି ତାଙ୍କୁ ସହଯୋଗ କରିବା ଲାଗି ମନୋଜ ବକ୍ସିଂ ଛାଡ଼ିଥିଲେ। ଏହା ୧୯୯୮ ମସିହାର କଥା।

୧୯୯୬ ମସିହା ବେଳକୁ ବିଜେନ୍ଦର ହୋଇଯାଇଥିଲେ ଭିୱାନୀ ବକ୍ସିଂ କ୍ଲବ୍‌ର ଛାତ୍ର। ପ୍ରଥମେ ଲାଇଟ୍ ୱେଟ୍ ଗ୍ରୁପ୍‌ରେ ଥିଲେ। ତତ୍କାଳୀନ ଜାତୀୟସ୍ତରୀୟ ବକ୍ସର ଜଗଦୀଶ ସିଂଙ୍କ ନଜରରେ ରହି ତାଲିମ ନେଉଥିଲେ। ହରିୟାଣା ରାଜ୍ୟ ବକ୍ସିଂ ଚାମ୍ପିୟନ୍‌ଶିପ୍ ଥିଲା ତାଙ୍କର ପ୍ରଥମ ଆନୁଷ୍ଠାନିକ ପ୍ରତିଦ୍ୱନ୍ଦ୍ୱିତା। ପ୍ରଥମ ବାଉଟ୍‌ରେ ହିଁ ସେ କମାଲ କରିଥିଲେ। ତେବେ ୧୯୯୭ ସବ୍ ଜୁନିୟର ନ୍ୟାଶନାଲ୍ ଖେଳି ଜାତୀୟ ସ୍ତରକୁ ଆସିଥିଲେ। ଏଥିରେ ସେ ଫାଇନାଲ୍ ହାରି ରନର୍ସ ଅପ୍ ହୋଇଥିଲେ। ୨ ହଜାର ମସିହାରେ ନ୍ୟାଶନାଲ୍ ଚାମ୍ପିୟନ୍ ହୋଇଥିଲେ। କିନ୍ତୁ ୨୦୦୩ ଆଫ୍ରୋ-ଏସିଆନ୍ ଗେମ୍ସ ତାଙ୍କ ବକ୍ସିଂ ଦୃଷ୍ଟିଭଙ୍ଗୀ ବଦଳାଇ ଦେଇଥିଲା। ଏହି କ୍ରୀଡ଼ା ମହାକୁମ୍ଭରେ ସେ ମୁକାବିଲା କରି ରୌପ୍ୟ ପଦକ ହାସଲ କରିଥିଲେ। ଏଇଠୁ ଆରମ୍ଭ ହୋଇଥିଲା ବିଜେନ୍ଦରଙ୍କ ଅନ୍ତର୍ଜାତୀୟ କ୍ୟାରିୟର।

ବିଜେନ୍ଦରଙ୍କ ଅଲିମ୍ପିକ୍ ଅଭିଯାନ ଆରମ୍ଭ ହୋଇଥିଲା ୨୦୦୪ ମସିହା ଏଥେନ୍ସ ଅଲିମ୍ପିକ୍ସରୁ। ଏଥିରେ ସେ ପ୍ରଥମ ବାଉଟ୍‌ରେ ତୁର୍କୀର ମୁସ୍ତାଫା କରାଗଲୁଙ୍କୁ କଡ଼ା ମୁକାବିଲା କରି ୨୫-୨୦ ପଏଣ୍ଟ ବ୍ୟବଧାନରେ ହାରି ଯାଇଥିଲେ। ୨୦୦୬ ମେଲବୋର୍ନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇଂଲଣ୍ଡର ନୀଲ୍ ପର୍କିନ୍ସଙ୍କୁ ସେମି ଫାଇନାଲରେ ମାତ୍ ଦେଇ ଫାଇନାଲକୁ ଉଠିଥିଲେ। ହେଲେ ଏହି ଚୂଡ଼ାନ୍ତ ମୁକାବିଲାରେ ଦକ୍ଷିଣ ଆଫ୍ରିକାର ବଙ୍ଗାନି ସୀଲେଜ୍‌ଙ୍କଠାରୁ ହାରିଯାଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହେଲେ। ମାତ୍ର ୨୦୦୬ ଦୋହା ଏସିଆନ୍ ଗେମ୍ସରେ ପ୍ରଥମ ଥର ମିଡିଲ ୱେଟ (୭୫କେ.ଜି) ରେ ଭାଗନେଇ ସେମି ଫାଇନାଲକୁ ଉଠିଥିଲେ। ଏହି ଫାଇଟ୍‌ରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ କାଜାଖସ୍ତାନର ବକ୍ତିଆର ଅତାୟେଭ୍। ତାଙ୍କଠାରୁ ହାରିଯାଇ କାଂସ୍ୟ ପଦକ ପାଇବା ସହ ବିଜେନ୍ଦର ୨୦୦୮ ବେଜିଂ ଅଲିମ୍ପିକ୍ସ ପାଇଁ ଏସିଆ ମହାଦେଶରୁ ଯୋଗ୍ୟତା ହାସଲ କରିଥିଲେ।

ବେଜିଂ ଅଲିମ୍ପିକ୍ସରେ ସଫଳତା ପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ପ୍ରାକ୍ ପ୍ରସ୍ତୁତି ପାଇଁ ସେ ଜର୍ମାନୀ ଯାଇଥିଲେ। ଅଲିମ୍ପିକ୍ସ ଗେମ୍ସର ଠିକ୍ ପୂର୍ବରୁ ବିଶ୍ୱ ଚାମ୍ପିୟନ୍‌ଶିପ (ପ୍ରେସିଡେଣ୍ଟ କପ୍) ଅନୁଷ୍ଠିତ ହୁଏ। ଏହାର କ୍ୱାର୍ଟର ଫାଇନାଲରେ ବକ୍ତିଆର ଅତାୟେଭ୍‌ଙ୍କୁ ପରାସ୍ତ କରି ବିଜେନ୍ଦର ଦୋହା ପରାଜୟର ପ୍ରତିଶୋଧ ନେଇଥିଲେ।

ବିଜେନ୍ଦର ବେଜିଂ ଅଲିମ୍ପିକ୍ ବକ୍ସିଂର ପ୍ରଥମ ବାଉଟ୍‌ରେ ସୁଇଜରଲାଣ୍ଡର ବର୍ଦୌ ଜେକ୍‌ଙ୍କୁ ସାମ୍ନା କରିଥିଲେ। ଜେକ୍ ଦୁର୍ବଳ ପ୍ରମାଣିତ ହୋଇଥିଲେ। ବାଉଟ୍ ନଂ୨ରେ ଥାଇଲାଣ୍ଡର ଅଙ୍ଗଖାନ୍ ଚମ୍ପୁଫୁଆଙ୍ଗ୍‌ଙ୍କୁ ୧୩-୩ରେ ସେ ହରାଇଥିଲେ। କ୍ୱାର୍ଟରରେ ଇକ୍ୱେଡର୍‌ର କାରଲସ୍ ଗଙ୍ଗରାଙ୍କୁ ୯-୪ରେ ପରାସ୍ତ କରି ସେମିଫାଇନାଲ ପ୍ରବେଶ କରି ବ୍ରୋଞ୍ଜ ପଦକ ପକ୍କା କରିଥିଲେ, ଯାହା ଭାରତ ପାଇଁ ଥିଲା ପ୍ରଥମ ଅଲିମ୍ପିକ୍ ବକ୍ସିଂ ପଦକ। ୨୦୦୮, ଅଗଷ୍ଟ୨୨ରେ ସେହି ଐତିହାସିକ ସେମି ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ବିଜେନ୍ଦର କ୍ୟୁବାର ଏମିଲିଓ କୋରିଆଙ୍କଠାରୁ ୮-୫ ବ୍ୟବଧାନରେ ହାରିଯାଇଥିଲେ। ଏମିଲିଓ ଅଲିମ୍ପିକ୍ ଚାମ୍ପିୟନ୍ ହୋଇଥିଲେ। ବିଜେନ୍ଦରଙ୍କ କାଂସ୍ୟ ପଦକ ଭାରତୀୟ ଯୁବପିଢ଼ିଙ୍କ ମନରେ ଉତ୍ସାହ ଭରିଦେଇଥିଲା।

ତାଙ୍କୁ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଭାରତର ଏହି ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ଜିତିବାରେ ବିଜେନ୍ଦର ଥିଲେ ପ୍ରଥମ ବକ୍ସର। ତାଙ୍କୁ ହରିୟାଣା ପୋଲିସ ବିଭାଗରେ ଡିଏସପି ପଦବୀ ମିଳିଥିଲା। ବିଜେନ୍ଦରଙ୍କ ଏକ ଉଲ୍ଲେଖନୀୟ ମ୍ୟାଚ ହେଲା ୨୦୦୯ ମିଲାନ୍ ବିଶ୍ୱ ଚାମ୍ପିୟନଶିପ୍ ସେମିଫାଇନାଲ। ଏହି ଚର୍ଚ୍ଚିତ ମ୍ୟାଚ୍‌ରେ ସେ ଉଜବେକିସ୍ତାନର ଅବସ୍ ଅତାୟେଭ୍‌ଙ୍କଠାରୁ ହାରିଯାଇ କାଂସ୍ୟ ପଦକ ପାଇଥିଲେ ଏବଂ ବିଶ୍ୱର ଟପ୍ ର୍ୟାଙ୍କ୍ ହାସଲ କରିଥିଲେ।

୨୦୧୦ରେ ତାଙ୍କୁ ମିଳିଥିଲା ପଦ୍ମଶ୍ରୀ ଉପାଧି। ଉକ୍ତ ବର୍ଷ ଚାଇନାରେ ଚାମ୍ପିୟନ୍ ଅଫ୍ ଚମ୍ପିଆନ୍ସ ବକ୍ସିଂ ମିଟ୍‌ରେ ସ୍ଥାନୀୟ ବକ୍ସର ଝାଙ୍ଗ୍ ଜିନ୍ ଟିଙ୍ଗ୍‌ଙ୍କ ସହ ଲଢ଼ି ୬-୦ରେ ହାରିଯାଇ ରୌପ୍ୟ ପଦକ ପାଇଥିଲେ। ୨୦୧୦ ମାର୍ଚ୍ଚ ୧୮ରେ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ ବକ୍ସିଂ ଚାମ୍ପିୟନ୍‌ଶିପ୍‌ର ଚୂଡ଼ାନ୍ତ ମ୍ୟାଚ୍‌ରେ ଇଂଲଣ୍ଡର ଫ୍ରାଙ୍କ୍ ବୁଗ୍‌ଲିଅନିଙ୍କୁ ୧୩-୩ ପଏଣ୍ଟରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ମାତ୍ର, ୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବିଜେନ୍ଦର ସେମିଫାଇନାଲରେ ଜିତିବା ଅବସ୍ଥାରେ ହାରିଯାଇଥିଲେ। ଏହାର ମାସେ ପରେ ୨୦୧୦ ଏସିଆନ୍ ଗେମ୍ସ ଫାଇନାଲରେ ବିଜେନ୍ଦର ଅତୟେଭ୍‌ଙ୍କୁ ୭-୦ରେ ହରାଇ ସ୍ୱର୍ଣ୍ଣ ପଦକ ଜିତବା ସହ ନିଜ ପରାକ୍ରମ ଦେଖାଇଥିଲେ। ସେତେବେଳକୁ ଅତୟେଭ୍ ଦୁଇଥର ବିଶ୍ୱ ଚାମ୍ପିୟନ୍ ହୋଇସାରିଥିଲେ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ପ୍ରଥମ ବାଉଟ୍‌ରେ ବିଜେନ୍ଦର କାଜାଖସ୍ତାନ୍‌ର ଦାନାବେକ୍ ସୁଝାନୋଭ୍‌ଙ୍କୁ ୧୪-୧୦ରେ ହରାଇଥିଲେ। ଦ୍ୱିତୀୟ ବାଉଟରେ ଆମେରିକାର ଟେରେଲ ଗୋସାଙ୍କ ସହ ଲଢ଼ି ୧୬-୧୫ରେ ଜିତି କ୍ୱାର୍ଟର ଫାଇନାଲକୁ ଉଠିଥିଲେ। କ୍ୱାର୍ଟର ଫାଇନାଲରେ ବିଜେନ୍ଦର ପୁଣି ଥରେ ଅବସ୍ ଅତୟେଭ୍‌ଙ୍କୁ ଭେଟିଥିଲେ। ମାତ୍ର ୧୭-୧୩ ପଏଣ୍ଟରେ ହାରିଯାଇଥିଲେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବକ୍ସିଂ ଫାଇନାଲରେ ସେ ଇଂଲଣ୍ଡର ଆଣ୍ଟୋନୀ ଫୋଲାରଙ୍କଠାରୁ ହାରିଯାଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।

୨୦୧୫, ଅକ୍ଟୋବର ୧୦ରେ ବିଜେନ୍ଦର ଲଢ଼ିଥିଲେ ପ୍ରଥମ ପେସାଦାର ବକ୍ସିଂ। ଏଥିରେ ସେ ସୋନୀ ହ୍ୱିଟିଙ୍ଗ୍‌ଙ୍କୁ ଧରାଶାୟୀ (ନକ୍ ଆଉଟ୍) କରି ଏସିଆ ପାଶିଫିକ୍ ଟାଇଟଲ ବିଜେତା ହୋଇଥିଲେ।

ତେବେ ପ୍ରଫେଶନାଲ କ୍ୟାରିୟରର ପୂର୍ବାଲୋକନ କରିବା ପୂର୍ବରୁ ପ୍ରଥମ ୧୨ଟି ବିଜୟ ପରେ ୧୩ତମ ମ୍ୟାଚରେ ଭୋଗିଥିବା ପରାଜୟ ସମ୍ପର୍କରେ ଜାଣିବା। ୨୦୨୧, ମାର୍ଚ୍ଚ ୧୯ଦିନ ଗୋଆରେ ବିଜେନ୍ଦର ଭେଟିଲେ ରୁଷିଆର ଯୁବ ବକ୍ସର ଅର୍ତିଶ୍ ଲପସାନ୍‌ଙ୍କୁ। ଏହା ଛଅ ରାଉଣ୍ଡ ବିଶିଷ୍ଟ ଫାଇଟ୍ ଥିଲା। ପ୍ରଥମ ରାଉଣ୍ଡରେ ବିଜେନ୍ଦର ନିଜ ଖ୍ୟାତି ମୁତାବକ ମୁକାବିଲା କରିଥିଲେ। ତେବେ ସେ ୫ମ ରାଉଣ୍ଡରେ ନକ୍ ଆଉଟ୍ ହୋଇ ପରାସ୍ତ ହୋଇଥିଲେ। ଫଳରେ ବିଜେନ୍ଦରଙ୍କ ୧୨ ବିଜୟ ରେକର୍ଡରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏହି ୧୨ ବିଜୟରୁ ୮ ନକ୍ ଆଉଟ୍, ୪ ପଏଣ୍ଟ ଆଧାରିତ ବିଜୟ। ସେଥିରୁ ଗୋଟିଏ ମ୍ୟାଚ୍ ସ୍ମରଣୀୟ। ୨୦୧୭, ଅଗଷ୍ଟ ୫ରେ ବିଜେନ୍ଦର ବିଶ୍ୱ ବକ୍ସିଂ ସଂଗଠନର ଓରିଏଣ୍ଟାଲ ସୁପର ମିଡିଲୱେଟ୍ ଚାମ୍ପିୟନ ଚାଇନାର ଜୁଲିପିକର୍ ମାଇମୈତିଆଲ୍‌ଙ୍କୁ ଭେଟିଥିଲେ। ଭାରତ ବିରୋଧରେ ଚାଇନାର ବୈରୀଭାବ ପରିପ୍ରେକ୍ଷୀରେ ଏହି ମ୍ୟାଚ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ମୁମ୍ବାଇର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଇନ୍‌ଡୋର ଷ୍ଟାଡିୟମରେ ମ୍ୟାଚ ୧୦ ରାଉଣ୍ଡ ପର୍ଯ୍ୟନ୍ତ ଚାଲିଥିଲା। ଶେଷରେ ଜୁଲପିକରଙ୍କୁ ହରାଇ ବିଜେନ୍ଦର ତାଙ୍କ ଏସିଆ ପାଶିଫିକ୍ ଟାଇଟଲ୍ ବଜାୟ ରଖିବା ସହ ଓରିଏଣ୍ଟାଲ ଟାଇଟଲ କରାୟତ୍ତ କରିଥିଲେ।



ବିଜେନ୍ଦର ସିଂ

### ସଂକ୍ଷେପରେ...

ପୂରା ନାମ: ବିଜେନ୍ଦର ସିଂ ବେନିୱାଲ
ୱେଟ: ସୁପର ମିଡଲ ୱେଟ୍
ଉଚ୍ଚତା: ୬ ଫୁଟ
ଜନ୍ମ: ୨୯ ଅକ୍ଟୋବର ୧୯୮୫, ହରିୟାଣା
ବୟସ: ୩୫

**ମେଡାଲ ରେକର୍ଡ**
ଅଲିମ୍ପିକ୍ସ: ୨୦୦୮ ବେଜିଂ (ବ୍ରୋଞ୍ଜ)
ବିଶ୍ୱ ଚାମ୍ପିୟନଶିପ୍: ୨୦୦୯ ମିଲାନ (ବ୍ରୋଞ୍ଜ୍)

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**
୨୦୦୬ ମେଲବୋର୍ନ: ରୌପ୍ୟ
୨୦୧୪ ଗ୍ଲାସ୍‌ଗୋ: ରୌପ୍ୟ
୨୦୧୦ ଦିଲ୍ଲୀ: ବ୍ରୋଞ୍ଜ୍

**ଏସିଆନ ଗେମ୍ସ**
୨୦୧୦ ଗୁଆଙ୍ଗ୍‌ଝୌ: ସ୍ୱର୍ଣ୍ଣ
୨୦୦୬ ଦୋହା: ବ୍ରୋଞ୍ଜ

**ଏସିଆନ ଚାମ୍ପିୟନଶିପ୍**
୨୦୦୭ ଉଲାନବାତୋର: ରୌପ୍ୟ
୨୦୦୯ ଝୁହାଇ: ବ୍ରୋଞ୍ଜ୍

# ରୋନାଲ୍ଡୋ ରେକର୍ଡ

ପର୍ତ୍ତୁଗାଲ ଫୁଟବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଏବେ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ ସ୍କୋରର ହେବାର ଗୌରବ ଅର୍ଜନ କରିଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ସେ ୨ଟି ଗୋଲ ସ୍କୋର କରି ପର୍ତ୍ତୁଗାଲକୁ ଜିତାଇବା ସହ ବିଶ୍ୱ ରେକର୍ଡ କରିଛନ୍ତି...

ଅଭିଜ୍ଞ ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ ସ୍କୋର କରିବାରେ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେ ପର୍ତ୍ତୁଗାଲ ପାଇଁ ୧୮୦ ମ୍ୟାଚ୍ ଖେଳିବା ସହ ମୋଟ୍ ୧୧୧ଟି ଗୋଲ ସ୍କୋର କରି ଏହି କୀର୍ତ୍ତିମାନ ହାସଲ କରିଛନ୍ତି। ଏହି କ୍ରମରେ ସେ ଇରାନର ଅଲି ଦେଇଙ୍କୁ ପଛରେ ପକାଇଛନ୍ତି। ଅଲି ୧୦୯ଟି ଗୋଲ ସ୍କୋର କରିଥିବା ବେଳେ ସେ ଅଧିକ ଦୁଇଟି ଗୋଲ ଦେଇଛନ୍ତି। ବୁଧବାର ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ସେ ଦୁଇଟି ଗୋଲ ସ୍କୋର କରି ପର୍ତ୍ତୁଗାଲକୁ ୨-୧ ଗୋଲରେ ବିଜୟୀ କରାଇଛନ୍ତି। ରୋନାଲ୍ଡୋ ହେଡ ଜରିଆରେ ଦୁଇଟି ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ରୋନାଲ୍ଡୋଙ୍କୁ ବାଦ୍ ଦେଲେ ଏବେ ସକ୍ରିୟ ଥିବା କୌଣସି ଫୁଟବଲର ୧୦୦ ଗୋଲ ସ୍କୋର କରିପାରିନାହାନ୍ତି।

ବିଶ୍ୱ ଫୁଟବଲରେ ଟପ୍ ୫ ଗୋଲ ସ୍କୋରରଙ୍କ ମଧ୍ୟରେ ରୋନାଲ୍ଡୋ ଏକମାତ୍ର ସକ୍ରିୟ ଫୁଟବଲର ଭାବେ ସାମିଲ ରହିଛନ୍ତି। ଗତ ୨୦୨୦ ୟୁରୋକପ୍‌ରେ ସେ ଅଲିଙ୍କ ରେକର୍ଡ (୧୦୯ ଗୋଲ)ର ସମକକ୍ଷ ହୋଇଥିଲେ। ୩୬ ବର୍ଷୀୟ ରୋନାଲ୍ଡୋ ୟୁରୋକପ୍‌ରେ ମଧ୍ୟ ସବୁଠାରୁ ଅଧିକ ଗୋଲ ସ୍କୋର କରିଛନ୍ତି। ସେ ଏହି କ୍ରମରେ ଫ୍ରାନ୍ସର ମାଇକେଲ ପ୍ଲାଟିନିଙ୍କ ୯ ଗୋଲ ରେକର୍ଡକୁ ପଛରେ ପକାଇଥିଲେ। ୨୦୦୪ରେ ରୋନାଲ୍ଡୋ ୟୁରୋକପ୍‌ରେ ଡେବ୍ୟୁ କରିଥିଲେ। ମୋଟ ଉପରେ ୫ଟି ୟୁରୋକପ୍ ଖେଳି ସେ ସର୍ବାଧିକ ୧୪ଟି ଗୋଲ ସ୍କୋର କରିଛନ୍ତି।

ବିଶ୍ୱକପ୍ କ୍ୱାଲିଫାୟରରେ ରୋନାଲ୍ଡୋ ସବୁଠାରୁ ଅଧିକ ୩୩ଟି ଗୋଲ ସ୍କୋର କରିଛନ୍ତି। ସେହିଭଳି ୟୁରୋ କ୍ୱାଲିଫାୟରରେ ସେ ସର୍ବାଧିକ ୩୧ଟି ଗୋଲ ସ୍କୋର କରିଛନ୍ତି। ଅନ୍ତର୍ଜାତୀୟ ଫ୍ରେଣ୍ଡଲି ମ୍ୟାଚ୍‌ରେ ସେ ୧୯ ଓ ବିଶ୍ୱକପ୍‌ରେ ୭, ୟୁଇଏଫ୍‌ଏ ନେଶନ୍ସ ଲିଗ୍‌ରେ ସେ ୫ ଓ କନଫେଡେରେଶନ କପ୍‌ରେ ୨ଟି ଗୋଲ ଦେଇଛନ୍ତି।

ଲିଓନେଲ ମେସି ରୋନାଲ୍ଡୋଙ୍କଠାରୁ ୩୫ ଗୋଲ ପଛରେ ରହି ଅଷ୍ଟମସ୍ଥାନରେ ରହିଛନ୍ତି। ମେସି ଏପର୍ଯ୍ୟନ୍ତ ୧୫୧ଟି ମ୍ୟାଚ୍ ଖେଳି ୭୬ ଗୋଲ ସ୍କୋର କରିଛନ୍ତି। ସେହିପରି ଭାରତର ସୁନୀଲ ଛେତ୍ରୀ ୭୪ ଗୋଲ ସ୍କୋର କରି ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଚାମ୍ପିୟନ୍ସ ଲିଗ୍‌ରେ ସେ ସର୍ବାଧିକ ୧୩୪ ଗୋଲ ଦେଇଛନ୍ତି। ରିୟଲ ମାଡ୍ରିଡ ପାଇଁ ସେ ରେକର୍ଡ ୪୫୧ ଗୋଲ ଦେଇଛନ୍ତି। ପର୍ତ୍ତୁଗାଲ ପାଇଁ ଗତ ୪୭ଟି ମ୍ୟାଚ୍‌ରେ ସେ ଦୃଷ୍ଟାନ୍ତମୂଳକ ୪୯ ଗୋଲ ସ୍କୋର କରିଛନ୍ତି।


କ୍ରିଷ୍ଟିଆନୋ ରୋନାଲ୍ଡୋ

# ତାଲିବାନ୍‌ର କ୍ରିକେଟ ପ୍ରେମ



କଠୋରପନ୍ଥୀ ଇସ୍‌ଲାମିକ ସଂଗଠନ ତାଲିବାନ ସମ୍ପୂର୍ଣ୍ଣ ଭାବେ ଆଫଗାନିସ୍ତାନକୁ ନିଜ ହାତକୁ ନେଇଛି। ଆମେରିକୀୟ ସୈନ୍ୟ ଫେରିଯିବା ପରେ ତାଲିବାନକୁ ୱାକଓଭର ମିଳିଥିଲା ଓ ଏହି ସଂଗଠନ ଆଫଗାନିସ୍ତାନର ଶାସନ ହାତକୁ ନେଇଛି। ତାଲିବାନ ଶାସନରେ କ୍ରୀଡ଼ାର ସ୍ଥିତି କ'ଣ ହେବ ସେ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଖାସ୍ କରି କ୍ରିକେଟର ଭବିଷ୍ୟତ ନେଇ ବିଭିନ୍ନ ନକାରାତ୍ମକ ଆକଳନ ପ୍ରକାଶ ପାଇଥିଲା। ତେବେ ତାଲିବାନ ଏହାକୁ ଭୁଲ୍ ପ୍ରମାଣିତ କରିଛି। କ୍ରିକେଟକୁ ତାଲିବାନ ସବୁଜ ସଙ୍କେତ ଦେଇଛି। ବିଭିନ୍ନ ସ୍ପୋର୍ଟିଂ ଇଭେଣ୍ଟକୁ ଚାଲୁକରିବା ଓ ଆୟୋଜନ ନେଇ ତାଲିବାନ ଅନୁକୂଳ ମନୋଭାବ ପୋଷଣ କରିଛି। ଫଳରେ ଚଳିତବର୍ଷ ଆଫଗାନିସ୍ତାନ କ୍ରିକେଟ ଦଳର ଅଷ୍ଟ୍ରେଲିଆ ଗସ୍ତ ହେବା ନେଇ ସ୍ଥିତି ସ୍ପଷ୍ଟ ହୋଇଛି। ଏହି ଗସ୍ତରେ ଆଫଗାନିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଟେଷ୍ଟ ଖେଳାଯିବ। ଆସନ୍ତାବର୍ଷ ମଧ୍ୟ ଆଫଗାନିସ୍ତାନ ଟେଷ୍ଟ ସିରିଜ ଖେଳିବାକୁ ଭାରତ ଗସ୍ତ କରିବ ବୋଲି ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହମିଦ ସିନୱାରୀ କହିଛନ୍ତି।

ତାଲିବାନ କ୍ରିକେଟକୁ ସମର୍ଥନ କରୁଛି ଓ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆମର ସବୁ ପ୍ରକାର କ୍ରିକେଟ କାର୍ଯ୍ୟକଳାପ ଚାଲୁ ରହିବ ବୋଲି ସେ କହିଛନ୍ତି। ତାଲିବାନ କଲଚରାଲ କମିଶନର ମୁଖପାତ୍ର ମଧ ଏ ସଂକ୍ରାନ୍ତରେ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ୨୦୨୨ର ପ୍ରଥମ କ୍ୱାର୍ଟରରେ ଭାରତ ଗସ୍ତରେ ଆଫଗାନିସ୍ତାନ କ୍ରିକେଟ ଦଳ ଯିବ ବୋଲି ସେନୱାରୀ କହିଛନ୍ତି। ନଭେମ୍ବର ୨୭ରୁ ଡିସେମ୍ବର ୧ ମଧ୍ୟରେ ହୋବାର୍ଟରେ ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ମଧ୍ୟରେ ଟେଷ୍ଟ ଖେଳାଯିବ। ଏହି ମ୍ୟାଚ୍ ଗତବର୍ଷ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ କୋଭିଡ୍-୧୯ କଟକଣା କାରଣରୁ ଏହା ଆୟୋଜିତ ହୋଇ ନ ଥିଲା। ଅଷ୍ଟ୍ରେଲିଆ ଗସ୍ତ କରିବା ପୂର୍ବରୁ ଆଫଗାନିସ୍ତାନ ୟୁଏଇରେ ଅକ୍ଟୋବର ୧୭ରୁ ନଭେମ୍ବର ୧୫ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ। ତେବେ ପାକିସ୍ତାନ ବିପକ୍ଷ ଦ୍ୱିପାକ୍ଷିକ ସିରିଜକୁ ଆସନ୍ତାବର୍ଷକୁ ଘୁଞ୍ଚାଇଦିଆଯାଇଛି। ତାଲିବାନ କ୍ରିକେଟକୁ ସମର୍ଥନ କରୁଛି ଓ ଏ ନେଇ ଆମେ ସବୁଜ ସଙ୍କେତ ମଧ୍ୟ ପାଇଛୁ। ତେଣୁ କେବଳ କ୍ରିକେଟ ନୁହେଁ ସମ୍ପୂର୍ଣ୍ଣ କ୍ରୀଡ଼ାକୁ ତାଲିବାନ ପରୋକ୍ଷରେ ସମର୍ଥନ କରୁଛି। ଏହା କ୍ରୀଡ଼ା ପାଇଁ ଏକ ଶୁଭ ସଙ୍କେତ। ତେବେ ମହିଳା କ୍ରିକେଟର ଭବିଷ୍ୟତ କ'ଣ ଏବେଠାରୁ କହିବା ମୁସ୍କିଲ। ଏ ନେଇ ସରକାର ଯାହା ନିଷ୍ପତ୍ତି ନେବେ ତାହାକୁ ମାନିବାକୁ ହେବ ବୋଲି ସେନୱାରୀ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୩/୨୦୨୧ Balasore, Friday, September 3/ 2021

# ପ୍ରମୋଦ ସେମିଫାଇନାଲରେ



ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଅବସରରେ ପ୍ରମୋଦ ଭଗତ।

**ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)**

ଟୋକିଓ ପାରାଲିମ୍ପିକ୍ସର ପୁରୁଷ ସିଙ୍ଗଲ୍ସ ଏସଏଲ୩ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତଙ୍କ ଜୟଯାତ୍ରା ଅବ୍ୟାହତ ରହିଛି। ବୁଧବାର ପ୍ରଥମ ରାଉଣ୍ଡରେ ନିଜ ଡବଲ୍ସ ପାର୍ଟନର ମନୋଜ ସରକାରଙ୍କୁ ହରାଇଥିବା ପ୍ରମୋଦ ଗୁରୁବାର ଦ୍ୱିତୀୟ ରାଉଣ୍ଡରେ ୟୁକ୍ରେନର ଓଲେକ୍ସାଣ୍ଡର ଚିରକୋଭଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ପ୍ରଥମ ଓଡ଼ିଆ ଭାବେ ଇତିହାସ ରଚିବାର ନିକଟତର ହୋଇଛନ୍ତି ପ୍ରମୋଦ। ବର୍ତ୍ତମାନର ବିଶ୍ୱଚାମ୍ପିୟନ ୩୩ ବର୍ଷୀୟ ପ୍ରମୋଦ ସିଧାସଳଖ ୨୧-୧୨, ୨୧-୯ ପଏଣ୍ଟରେ ଚିରକୋଭଙ୍କୁ ପରାସ୍ତ କରିଥିଲେ। ପ୍ରମୋଦଙ୍କ ପ୍ରଭାବୀ ପ୍ରଦର୍ଶନ ଆଗରେ ପ୍ରତିପକ୍ଷ ୟୁକ୍ରେନ ପ୍ରତିଦ୍ୱନ୍ଦ୍ୱୀ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ତେଣୁ ମ୍ୟାଚଟି ମାତ୍ର ୨୬ ମିନିଟରେ ଶେଷ ହୋଇ ଯାଇଥିଲା। ‘‘ଚିରକୋଭ ଜଣେ ଭଲ ଖେଳାଳି, କେତେକ ଶକ୍ତିଶାଳୀ

**ଟୋକିଓ ପାରାଲିମ୍ପିକ୍ସ**

ଷ୍ଟ୍ରୋକ୍ ମଧ୍ୟ ଖେଳିଥିଲେ। ମାତ୍ର ମୁଁ ଦକ୍ଷତା ଅନୁସାରେ ଖେଳି ସେମିଫାଇନାଲରେ ପ୍ରବେଶ କରିଥିବାରୁ ବହୁତ ଖୁସି’’ ବୋଲି ପ୍ରମୋଦ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଆଗକୁ ନକ୍‌ଆଉଟ ମ୍ୟାଚ ଥିବାରୁ ଏହାକୁ ଗମ୍ଭୀରତାର ସହ ନେଉଛନ୍ତି ପ୍ରମୋଦ। ସେ ପୁରୁଷ ସିଙ୍ଗଲ୍ସ ସମେତ ମିକ୍ସଡ ଡବଲ୍ସର ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଉପରେ ମଧ୍ୟ ଫୋକସ କରୁଛନ୍ତି ବୋଲି କହିଛନ୍ତି। ପଲକ କୋହଲିଙ୍କୁ ସାଥିକରି ମିକ୍ସଡ ଡବଲ୍ସ ଖେଳୁଥିବା ପ୍ରମୋଦ ପ୍ରଥମ ରାଉଣ୍ଡରେ ହାରି ଯାଇଥିଲେ। ତେଣୁ ଆଗକୁ ବଢ଼ିବାକୁ ହେଲେ ଉଭୟ ପ୍ରମୋଦ ଓ ପଲକଙ୍କ ପାଇଁ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଅତି ଗୁରୁତ୍ୱପୂର୍ଣ୍ଣ। ଏହି ଭାରତୀୟ ଯୋଡ଼ି ଶୁକ୍ରବାର ଦ୍ୱିତୀୟ ରାଉଣ୍ଡରେ ମାଲେସିଆର ସିରିପଙ୍ଗ ଟିମାରୋମ ଏବଂ ନିପାଦା ସିଅନସୁପାଙ୍କୁ ଭେଟିବେ।

## ବ୍ୟାଡମିଣ୍ଟନରେ ସୁହାସ, କ୍ରିଷ୍ଣା, ତରୁଣଙ୍କ ବିଜୟ ଅଭିଯାନ

**ଟୋକିଓ,୨।୯:** ଟୋକିଓ ପାରାଲିମ୍ପିକ୍ସରେ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳିମାନେ ବିଜୟରୁଅଭିଯାନ ଆରମ୍ଭ କରିଛନ୍ତି। ସୁହାସ ୟଥିରାଜ, ତରୁନ ଧିଲୋନ ଓ କ୍ରିଷ୍ଣା ନାଗର ପୁରୁଷ ସିଙ୍ଗଲ୍ସରେ ସେମାନଙ୍କର ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସୁହାସ ଓ ତରୁଣ ଯଥାକ୍ରମେ ଜର୍ମାନୀର ଜାନ ନିକ୍ଲାସ ପୋଟ ଓ ଥାଇଲାଣ୍ଡର ସିରିପୋଙ୍ଗ ଟିମାରୋମଙ୍କୁ ଏସ୍‌ଏଲ୪ କ୍ଲାସ୍‌ରେ ଅତି ସହଜରେ ହରାଇଛନ୍ତି। ସେହିପରି ଦ୍ୱିତୀୟ ସିଡ୍ କ୍ରିଷ୍ଣା ମାଲେସିଆର ତାରେସୋହ ଡିଡିନଙ୍କୁ ଏସ୍‌ଏଚ୍୬ କ୍ଲାସ୍‌ରେ ପରାସ୍ତ କରିଛନ୍ତି।

ସହିପରି ପଲକ କୋହଲି ତୁର୍କୀର ଜେହରା ବଗ୍ଲାର ଗ୍ରୁପ୍ ଏ’ରେ ତାଙ୍କ ଦ୍ୱିତୀୟ ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ହରାଇଛନ୍ତି। ୩୮ ବର୍ଷୀୟ ସୁହାସ ମାତ୍ର ୧୯ ମିନିଟ୍‌ରେ ପୋଟଙ୍କୁ ଗ୍ରୁପ୍ ଏ ମୁକାବିଲାରେ ୨୧-୯, ୨୧-୩ରେ ହରାଇଛନ୍ତି। ସେହିପରି ୨୭ ବର୍ଷୀୟ ତରୁଣ ଗ୍ରୁପ୍ ବି ମୁକାବିଲାରେ ଟିମାରୋମଙ୍କୁ ୨୧-୭, ୨୧-୧୩ରେ ମାତ୍ର ୨୩ ମିନିଟ୍‌ରେ ହରାଇଛନ୍ତି। ସେହିପରି କ୍ରିଷ୍ଣା ୩୩ ମିନିଟ୍‌ରେ ୨୨-୨୦, ୨୧-୧୦ରେ ଡିଡିନଙ୍କୁ ଗ୍ରୁପ୍ ବି ମୁକାବିଲାରେ ହରାଇ ଅଗ୍ରଗତି କରିଛନ୍ତି।

ସୁହାସ ଇଣ୍ଡୋନେସିଆର ହାରୀ ସୁସାନ୍ତୋଙ୍କୁ ଓ ପରେ ଫ୍ରାନ୍ସର ଟପ୍ ସିଡ୍ ଲୁକାସ ମାଜୁରଙ୍କ ଶୁକ୍ରବାର ଭେଟିବେ। ସେହିପରି ଦ୍ୱିତୀୟ ସିଡ ତରୁନ କୋରିଆର ଶିନ୍ କ୍ୟୁଙ୍ଗ ଓ ଇଣ୍ଡେଶନେସିଆର ଫ୍ରେଡି ସେଟିଓ୍ୱାନଙ୍କୁଭେଟିବେ।ଅନ୍ୟପଟେ ୨୨ ବର୍ଷୀୟ କ୍ରିଷ୍ଣା ବ୍ରାଜିଲର ଭିକ୍ଟର ଗୋନକାଲଭେସ୍‌ଙ୍କୁ ଶୁକ୍ରବାର ଭେଟିବେ।

**ମହିଳା ସିଙ୍ଗଲ୍ସରେ କୋହଲିଙ୍କୁ ମିଶ୍ର ସଫଳତା**

ମହିଳା ସିଙ୍ଗଲ୍ସ ଏସ୍‌ୟୁ୫ କ୍ଲାସ୍‌ରେ କୋହଲି ମାତ୍ର ୨୭ ମିନିଟ୍‌ରେ ଜେହରାଙ୍କୁ ୨୧-୧୨, ୨୧-୧୮ରେ ହରାଇଛନ୍ତି। ତେବେ ସେ ତାଙ୍କ ପ୍ରାରମ୍ଭିକ ମ୍ୟାଚ୍‌ରେ ଜାପାନର ଆୟାକୋ ସୁଜୁକିଙ୍କଠାରୁ ପରାସ୍ତ ହୋଇଥିଲେ। ଗ୍ରୁପ୍‌ବି ମହିଳା ଡବଲ୍ସ ଏସ୍‌ଏଲ୩- ଏସ୍‌ୟୁ୫ କ୍ଲାସ ମୁକାବିଲାରେ କୋହଲି ଓ ତାଙ୍କ ପାର୍ଟନର ୪୮ ବର୍ଷୀୟା ପରୁଲ ପାରମାର ୭-୨୧, ୫- ୨୧ରେ ଦ୍ୱିତୀୟ ସିଡ୍ ଚାଇନା ଯୋଡି ଚେଙ୍ଗ ହେଫାଙ୍ଗ ଓ ମା ହୁଇହୁଇଙ୍କୁଠାରୁ ପରାସ୍ତ ହୋଇଥିଲେ। ଶୁକ୍ରବାର ଏହି ଭାରତୀୟ ଯୋଡି ଫ୍ରାନ୍ସ ଯୋଡି ଲେନାଇଗ ମୋରିନ ଓ ଫାଉଷ୍ଟିନ ନୋଏଲଙ୍କୁ ଭେଟିବେ। ପୂର୍ବରୁ ଏସ୍‌ଏଲ୍୩ କ୍ଲସରେ ପରମାର ମହିଳା ସିଙ୍ଗଲ୍ସ ଗ୍ରୁପ୍ ଡି ମୁକାବିଲାରେ ଚାଇନାର ଚେଙ୍ଗ ହେଫାଙ୍ଗଠାରୁ ୮- ୨୧, ୨-୨୧ରେ ମାତ୍ର ୧୮ ମିନିଟ୍‌ରେ ପରାସ୍ତ ହୋଇଥିଲେ।

## ଆଫଗାନ୍ ବାଳିକା ଫୁଟ୍‌ବଲ ଖେଳାଳିଙ୍କୁ ଉଦ୍ଧାର ପ୍ରୟାସ

**ଓ୍ୱାଶିଂଟନ୍, ୨।୯ (ଏପି):** ଆଫଗାନିସ୍ତାନରେ ଅଟକ ରହିଥିବା ଦେଶର ବାଳିକା ଫୁଟ୍‌ବଲ ଦଳର ଖେଳାଳିମାନଙ୍କୁ ଉଦ୍ଧାର ପାଇଁ ଅନ୍ତର୍ଜାତୀୟ ପ୍ରୟାସ ଚାଲିଛି। ତାଲିବାନମାନେ ଦେଶର ଶାସନ କ୍ଷମତା ଦଖଲ କରିବା ପରେ ସେମାନେ ସୁରକ୍ଷିତ ମନେ କରୁନାହାନ୍ତି। ଫୁଟ୍‌ବଲ ସେମାନଙ୍କ ପ୍ରିୟ ଖେଳ ହୋଇଥିବାରୁ ଏହାକୁ ସେମାନେ ଜାରି ରଖିବାକୁ ଚାହାନ୍ତି। ଆଫଗାନିସ୍ତାନ ଜାତୀୟ ବାଳିକା ଫୁଟ୍‌ବଲ ଟିମ୍‌ର ସଦସ୍ୟ, ସେମାନଙ୍କ ପରିବାର ସଦସ୍ୟ ଓ ଫୁଟ୍‌ବଲ ମହାସଂଘର ଷ୍ଟାଫ୍‌ମାନେ ଦେଶଛାଡ଼ି ଚାଲିଯିବାକୁ ଚାହୁଁଛନ୍ତି। ମାତ୍ର ଗତ ସପ୍ତାହରେ ଏୟାର ଲିଫ୍ଟ ବେଳେ କାବୁଲ ବିମାନ ବନ୍ଦରରେ ଆତ୍ମଘାତୀ ବିସ୍ଫୋରଣ ଘଟି ୧୬୯ ଆଫଗାନ ଓ ୧୩ ଆମେରିକୀୟ ସୈନ୍ୟଙ୍କ ପ୍ରାଣହାନି ଘଟିଥିଲା। ଏହାଦ୍ୱାରା ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ବାଳିକା ଫୁଟ୍‌ବଲ ଖେଳାଳିମାନେ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତାଲିବାନମାନେ କହୁଛନ୍ତି, ସେମାନେ ପୂର୍ବଭଳି କଠୋର ନ ହୋଇ ମହିଳାଙ୍କ ପ୍ରତି କୋହଳ ନୀତି ଅବଲମ୍ବନ କରିବେ। ହେଲେ ତାଙ୍କ ପ୍ରତି ଭରସା ରହୁ ନାହିଁ। ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ଶାସନ କ୍ଷମତାରେ ଥିବାବେଳେ ବାଳିକା ଓ ମହିଳାଙ୍କୁ ସ୍କୁଲରେ ପାଠପଢ଼ିବା ଓ ଚାକିରି କରିବାରେ ବାରଣ ଥିଲା। ଆଫଗାନ ମହିଳା ଦଳର ଅଧିକାଂଶ ଖେଳାଳି ଗତ ସପ୍ତାହରେ ଅଷ୍ଟ୍ରେଲିଆ ପଳାୟନ କରିଛନ୍ତି। କିନ୍ତୁ ଦେଶରେ ରହିଥିବା ୧୪ରୁ ୧୬ ବର୍ଷର ବାଳିକା ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ତାଲିବାନମାନଙ୍କ ଟାର୍ଗେଟରେ ରହିପାରନ୍ତି ବୋଲି ଆଶଙ୍କା କରାଯାଉଥିବା ବର୍ତ୍ତମାନ କାନାଡ଼ାରେ ଅବସ୍ଥାନ କରୁଥିବା ଆଫଗାନିସ୍ତାନ ଜାତୀୟ ମହିଳା ଦଳର ଅଧିନାୟିକା ଫାର୍କୁନ୍ଦା ମୁହତାଜ୍ କହିଛନ୍ତି। ସେ ବାଳିକା ଖେଳାଳିମାନଙ୍କ ଯୋଗାଯୋଗରେ ଅଛନ୍ତି। ସେମାନଙ୍କୁ ସାନ୍ତ୍ୱନା ଓ ଆଶ୍ୱାସନା ମଧ୍ୟ ଦେଉଛନ୍ତି।

# ଭାରତ ୧୯୧ରେ ଅଲଆଉଟ

**ଲଣ୍ଡନ, ୨।୯**

ଓଭାଲ ଗ୍ରାଉଣ୍ଡରେ ଗୁରୁବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ୪ର୍ଥ କ୍ରିକେଟ ଟେଷ୍ଟରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଟିମ୍ ଇଣ୍ଡିଆ ପ୍ରଥମ ଇନିଂସରେ ୧୯୧ ରନ କରି ଅଲଆଉଟ ହୋଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୨୮ ରନ ମଧ୍ୟରେ ଦୁଇ ଓପନରଙ୍କ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ରୋହିତ ଶର୍ମା ୧୧ ଓ ଲୋକେଶ ରାହୁଲ ୧୭ ରନକରି ପ୍ୟାଭିଲିୟନ ଫେରିଥିଲେ। ଚେତେଶ୍ୱର ପୂଜାରା ମାତ୍ର ୪ ରନ କରିଥିଲେ। ଅଧିନାୟକ ବିରାଟ କୋହଲି ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ ହେଁ ଅନ୍ୟମାନଙ୍କ ବିଫଳତା ଯୋଗୁ ୧୨୭ ରନ ମଧ୍ୟରେ ଦଳ ୭ଟି ଉଇକେଟ ହରାଇଥିଲା। କୋହଲି ୯୬ ବଲ୍‌ରୁ ୮ ଚୌକା ସହାୟତାରେ ୫୦ ରନ କରିଥିବାବେଳେ ରବୀନ୍ଦ୍ର ଜାଡେଜା ୧୦, ଅଜିଙ୍କ୍ୟ ରାହାନେ ୧୪ ଓ ରିଷଭ ପନ୍ତ ୯ ରନ କରିବାକୁ ସକ୍ଷମ ହୋଇଥିଲେ। ଶେଷଭାଗରେ ଶାର୍ଦ୍ଦୁଳ ଠାକୁର ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଭାରତ ୨୦୦ ରନ ସ୍ପର୍ଶ କରିପାରି ନ ଥିଲା। ଶାର୍ଦ୍ଦୁଳ ୩୬ ବଲ୍‌ରୁ ୭ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୭ ରନ ସ୍କୋର କରିଥିଲେ। ଉମେଶ ଯାଦବ ୧୦ ରନ କରିଥିବାବେଳେ ଯଶପ୍ରୀତ୍ ବୁମ୍‌ରା ଖାତା ଖୋଲିବା ପୂର୍ବରୁ ରନ୍‌ଆଉଟ ହୋଇଥିଲେ। ମହମ୍ମଦ ସିରାଜ ୧ ରନରେ ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓ୍ୱକ୍ସ ୪ଟି, ଓଲି ରବିନସନ ୩ଟି ଏବଂ ଜେମ୍ସ ଆଣ୍ଡରସନ ଓ କ୍ରେଗ୍ ଓଭରଟନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବା ପରେ ଉଲ୍ଲସିତ କ୍ରିସ୍ ଓ୍ୱକ୍ସ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୧୯୧/ଅଲଆଉଟ (ଶାର୍ଦ୍ଦୁଳ ଠାକୁର-୫୭, ବିରାଟ କୋହଲି-୫୦, କ୍ରିସ୍ ଓ୍ୱକ୍ସ-୪/୫୫, ଓଲି ରବିନସନ-୩/୩୮, ଜେମ୍ସ ଆଣ୍ଡରସନ-୧/୪୧, କ୍ରେଗ୍ ଓଭରଟନ-୧/୪୯)।

## କୋହଲିଙ୍କ ରେକର୍ଡ

**ଲଣ୍ଡନ, ୨।୯ (ପି.ଟି.):** ଭାରତ ଅଧିନାୟକ ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ଦ୍ରୁତ ୨୩,୦୦୦ ରନ ସଂଗ୍ରହ କରିଛନ୍ତି। ସେ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟର ପ୍ରଥମ ଦିବସରେ ଏହି ସଫଳତା ହାସଲ କରିଛନ୍ତି। କୋହଲି ତାଙ୍କର ୪୯୦ତମ ଇନିଂସରେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଭାରତ ଅଧିନାୟକ ଅବଶ୍ୟ ୫୦ ରନ କରି ଓଲି ରବିନସନଙ୍କ ଦ୍ୱାରା ଆଉଟ ହୋଇଯାଇଥିଲେ। ଟେଷ୍ଟ କ୍ରିକେଟରେ ଏହା ହେଉଛି ତାଙ୍କର ୨୭ତମ ଅର୍ଦ୍ଧଶତକ। ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ଅଧିକ ରନ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ ହେଲେ ସଚିନ ତେନ୍ଦୁଲକର। ସେ ୩୪, ୩୫୭ ରନ କରିଛନ୍ତି। ତାଙ୍କ ପଛକୁ ପଛ ଯଥାକ୍ରମେ ରହିଛନ୍ତି କୁମାର ସଙ୍ଗକାରା (୨୮,୦୧୬) ଓ ରିକି ପଣ୍ଟିଂ (୨୭, ୪୮୩)। ଓଭରଅଲ ଷ୍ଟାଣ୍ଡିଂରେ କୋହଲି ୭ ନମ୍ବର ସ୍ଥାନରେ ରହିଛନ୍ତି। ରାହୁଲ ଦ୍ରାବିଡ୍‌ଙ୍କ ରେକର୍ଡ ୨୪୨୦୮ ରନର ସେ ନିକଟତର ହୋଇଛନ୍ତି। ୩୨ ବର୍ଷୀୟ କୋହଲିଙ୍କର ସମସ୍ତ ୩ଟି ଫର୍ମାଟରେ ଆଭରେଜ ୫୦ରୁ ଅଧିକ ରହିଛି। ସେ ୯୬ ଟେଷ୍ଟ ଖେଳି ୧୩, ୬୪୬ ରନ ସଂଗ୍ରହ କରିଥିବାବେଳେ ୨୫୪ ଅନ୍ତର୍ଜାତୀୟ ଦିନିକିଆରୁ ୧୩, ୦୬୧ ରନ ସଂଗ୍ରହ କରିଛନ୍ତି। ପୁନଶ୍ଚ ସେ ୮୯ ଅନ୍ତର୍ଜାତୀୟ ଟି୨୦ରୁ ୨୭୭୨ ରନ ସଂଗୟହ କରିଛନ୍ତି।

## ବ୍ଲାକ୍ ଆର୍ମବ୍ୟାଣ୍ଡ୍ ପିନ୍ଧିଲେ ଭାରତୀୟ ଖେଳାଳି

**ଲଣ୍ଡନ, ୨।୯ (ପି.ଟି.):** ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସ ଖେଳବେଳେ ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ ଜଣାଶୁଣା କ୍ରିକେଟର ଓ କୋଚ୍ ବାସୁ ପରାଞ୍ଜପେଙ୍କ ପ୍ରତି ସମ୍ମାନ ଜଣାଇବାକୁ ଯାଇ ବ୍ଲାକ୍ ଆର୍ମବ୍ୟାଣ୍ଡ ପରିଧାନ କରିଥିଲେ। ବିସିସିଆଇ ଏହାକୁ ଟୁଇଟ୍ କରିବା ସହ ଭାରତୀୟ ଖେଳାଳି ବ୍ଲାକ୍ ଆର୍ମବ୍ୟାଣ୍ଡ୍ ପିନ୍ଧି ଉଠାଇଥିବା ଏକ ଫଟୋ ପୋଷ୍ଟ କରିଛି। ପରାଞ୍ଜପେଙ୍କର ୮୨ ବର୍ଷ ବୟସରେ ଅଗଷ୍ଟ ୩୦ରେ ମୁମ୍ବାଇରେ ଦେହାନ୍ତ ହୋଇଯାଇଛି। ପରାଞ୍ଜପେଙ୍କ ବିୟୋଗରେ ବିସିସିଆଇ ଗଭୀର ଶୋକ ପ୍ରକାଶ କରିଥିଲା। କିମ୍ବଦନ୍ତୀ ସୁନିଲ ଗାଭାସ୍କର ଓ କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକରଙ୍କ ସମେତ ବହୁ ପୂର୍ବତନ ଖେଳାଳ ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ଇଣ୍ଟର ସର୍ଭିସେସ୍ ଆଥଲେଟିକ୍ସ ଉଦ୍‌ଘାଟିତ

**ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୭୦ତମ ଇଣ୍ଟର ସର୍ଭିସେସ ଆଥଲେଟିକ୍ସ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଘାଟିତ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଇଣ୍ଡିଆନ ନେଭି ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଆଇଏନ୍‌ଏସସିବି) ସମ୍ପାଦକ କ୍ୟାପଟେନ (ଆଇଏନ୍) ବିଜୟ କୁମାରଙ୍କ ସମେତ ଇଣ୍ଡିଆନ ଆର୍ମି, ଇଣ୍ଡିଆନ ଏୟାରଫୋର୍ସ ଓ ଇଣ୍ଡିଆନ ନେଭିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆର୍ମି ରେଡ୍, ଆର୍ମି ଗ୍ରୀନ୍, ଏୟାର ଫୋର୍ସ ଓ ନେଭି ଆଦି ୪ଟି ଦଳରେ ମୋଟ ୪୫୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ୨୪ଟି ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ହେବ। ଅନେକ ଅଲିମ୍ପିଆନ, ଅନ୍ତର୍ଜାତୀୟ ଖେଳାଳି ଏବଂ ଆୟୋଜକ କମିଟି ସଦସ୍ୟ କିଟ୍ ପକ୍ଷରୁ ଯୋଗାଇ ଦିଆଯାଇଥିବା ସୁବିଧା ସୁଯୋଗରେ ଖୁସି ବ୍ୟକ୍ତ କରିବା ସହ କଳିଙ୍ଗ ଷ୍ଟାଡିୟମରେ ପ୍ରତିଯୋଗିତା ଆୟୋଜନ ପାଇଁ ଅନୁମତି ଦେଇଥିବାରୁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୨୦ କିଲୋମିଟର ରେସ୍ ଓ୍ୱାକ୍, ୨୦୦ ମିଟର ଓ ୮୦୦ ମିଟରରେ ପଦକ ବିଜେତାଙ୍କୁ ଅଚ୍ୟୁତ ପୁରସ୍କାର ପ୍ରଦାନ କରିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ପୂର୍ବତଟ ରେଳପଥରେ ଅମିତଙ୍କୁ ନିଯୁକ୍ତି



ବିଦ୍ୟାଭୂଷଣଙ୍କ ସହ ଅମିତ ରୋହିଦାସ ଓ ଅନ୍ୟମାନେ।

**ଭୁବନେଶ୍ୱର,୨।୯**

ଗତ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଦଳର ପ୍ରମୁଖ ସଦସ୍ୟ ଅମିତ ରୋହିଦାସଙ୍କୁ ପୂର୍ବତଟ ରେଳପଥ ପକ୍ଷରୁ ସଂସ୍ଥାର ବରିଷ୍ଠ କ୍ରୀଡ଼ା ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ସେ ପଶ୍ଚିମ ରେଳପଥ ମୁମ୍ବାଇରେ ଅଫିସର ଅନ ସ୍ପେଶାଲ ଡ୍ୟୁଟି (ଓଏସଡି)- କ୍ରୀଡା ପଦବୀରେ କାର୍ଯ୍ୟ କରୁଥିଲେ। ଭାରତୀୟ ହକି ଦଳ ୪୧ ବର୍ଷ ପରେ ଅଲିମ୍ପିକ୍ସରେ ପଦକ ଜିତିଥିଲା। ଦଳ ଶେଷଥର ପାଇଁ ୧୯୮୦ରେ ମସ୍କୋ ଅଲିମ୍ପିକ୍ସରେ ପଦକ ଲାଭ କରିଥିଲା। ଅମିତଙ୍କ ଏହି ନୂତନ ଯୋଗଦାନ ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏବଂ ପୂର୍ବତଟ ରେଳପଥ କ୍ରୀଡା ସଂଗଠନର ସଭାପତି ଓ ସାଧାରଣ ସମ୍ପାଦକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଯୋଗଦାନ ପୂର୍ବତଟ ରେଳର ସମସ୍ତ କ୍ରୀଡାବିତ୍‌ଙ୍କୁ ନିଶ୍ଚିତ ଉତ୍ସାହିତ କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ପ୍ରକାଶ ଯୋଗ୍ୟ ଯେ, ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟ ପାଇଁ ଅମିତ ଓ ବୀରେନ୍ଦ୍ର ଲାକ୍ରାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨.୫୦ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବା ସହ ଓଡ଼ିଶା ପୋଲିସରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଡିଏସ୍‌ପି) ପଦବୀରେ ଅବସ୍ଥାପିତ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା।

## ପେନ୍‌ଚାକ୍ ସିଲାଟ ସଂଘ କର୍ମକର୍ତ୍ତା ନିର୍ବାଚନ

**ଭୁବନେଶ୍ୱର, ୨।୯ (କ୍ରୀଡ଼ା ପ୍ରତିନିଧି):** ଝାରସୁଗୁଡ଼ାସ୍ଥିତ ସରବାହାଲଠାରେ ପେନ୍‌ଚାକ୍ ସିଲାଟ ସଂଘର ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୁମନ ମୋଦି ନିର୍ବାଚନ ଅଧିକାରୀ ଏବଂ ମହମ୍ମଦ ଇକବାଲ ପର୍ଯ୍ୟବେକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ତାପସ କୁମାର ରାୟ ଚୌଧୁରୀ ସଭାପତି, ଅରବିନ୍ଦ ବାରିକ, ମନୋରଞ୍ଜନ ଭଞ୍ଜ(ଉଭୟେ ଉପସଭାପତି), ପ୍ରେମ୍ ସିଂ ଥାପ୍ପା ସମ୍ପାଦକ, ତପସ୍ୱିନୀ ନାୟକ, ସଙ୍ଗିତା ଥାପ୍ପା (ଉଭୟେ ଯୁଗ୍ମ ସମ୍ପାଦକ), ଭବାନୀ କୁମାରୀ ସାହୁ କୋଷାଧ୍ୟକ୍ଷ ଏବଂ ହରିଶ୍ଚନ୍ଦ୍ର ବେହେରା, ଶ୍ରୀଧର ସାହୁ, ଆଶୁତୋଷ ନାୟକ, ଶିବପ୍ରସାଦ ଭୋସାଗେର ଓ ରିଆଜତ ଖାଁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ (୨୦୨୧ରୁ ୨୦୨୫) ହୋଇଥିଲେ।

## ଭାରତ-ନେପାଳ ମ୍ୟାଚ ଡ୍ର

**କାଠମାଣ୍ଡୁ, ୨।୯ (ପି.ଟି.):** ଭାରତ ଓ ନେପାଳ ମଧ୍ୟରେ ଗୁରୁବାର ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଦଶରଥ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ନେପାଳ ତରଫରୁ ଅଞ୍ଜନ ବିସ୍ତା ୩୬ ତମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଅନିରୁଦ୍ଧ ଥାପ୍ପା ଗୋଲ ସ୍କୋର କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ।

# ସାବାଲେଙ୍କା, ସିତ୍‌ସିପାସ୍ ପରବର୍ତ୍ତୀ ରାଉଣ୍ଡରେ

**ନ୍ୟୁୟର୍କ, ୨।୯:** ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଆରିନା ସାବାଲେଙ୍କା ଚଳିତ ୟୁଏସ୍ ଓପନ ମହିଳା ସିଙ୍ଗଲ୍ସର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ସ୍ଲୋଭେନିଆର ତାମାରା ଜିଡାନ୍‌ସେକ୍‌ଙ୍କୁ ୬-୩, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ସେହିପର ୬୬ତମ ର୍‍ୟାଙ୍କିଂପ୍ରାପ୍ତ ସ୍ଲୋଏନ୍ ଷ୍ଟିଫେନ୍ସ ୨୧ତମ ସିଡ୍ କୋକୋ ଗଫ୍‌ଙ୍କୁ ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି।

ପୁରୁଷ ସିଙ୍ଗଲ୍ସରେ ୮ମ ସିଡ୍ ତଥା ନରଓ୍ୱେର କାସ୍ପର ରୁଡ୍‌ଙ୍କୁ ୩-୬, ୬-୪, ୬-୩, ୬-୪ ସେଟ୍‌ରେ ପରାସ୍ତ କରି କ୍ୱାଲିଫାୟର ବୋଟିକ୍ ଭାନ୍ ଜାଣ୍ଡସ୍କଲ୍ପ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ତାଙ୍କର ଏହା ହେଉଛି ଶ୍ରେଷ୍ଠ ପ୍ରଦର୍ଶନ।



ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଜିତିବା ପରେ ନିଜ ଦେଶର ପ୍ରତିଦ୍ୱନ୍ଦ୍ୱୀ କୋକୋ ଗଫ୍‌ଙ୍କୁ ପରାସ୍ତ କରିବା ପରେ ତାଙ୍କୁ ଅଲିଙ୍ଗନ କରୁଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ସ୍ଲୋଏନ୍ ଷ୍ଟିଫେନ୍ସ।

ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ ଷ୍ଟିଫାନୋସ ସିତ୍‌ସିପାସ୍ ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଗ୍ରୀକ୍ ଖେଳାଳି ୬-୩, ୬-୪, ୬-୭ (୪-୭) ୬-୦ ସେଟ୍‌ରେ ଆଡ୍ରିଆନ୍ ମାନାରିନୋଙ୍କୁ ହରାଇ ଦେଇଛନ୍ତି। କିନ୍ତୁ ମ୍ୟାଚ ମଝିରେ ଲମ୍ବା ସମୟ ଟଏଲେଟ୍ ବ୍ରେକ୍ ପାଇଁ ତାଙ୍କୁ ପୁଣି ସମାଲୋଚନାର ପାତ୍ର ହେବାକୁ ପଡ଼ିଛି। ପ୍ରଥମ ରାଉଣ୍ଡରେ ଆଣ୍ଡି ମୁରେ ସିତ୍‌ସିପାସ୍‌ଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଥିଲେ। ଆର୍ଜେଣ୍ଟିନାର ଡିଏଗୋ ସ୍କର୍ଜମାନ ମଧ୍ୟ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ